ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୩/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Tuesday, November 23/2021 | ★★★★★★

୪୭ଶ ଭାଗ ୩୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

# ବିଶ୍ୱବିଦ୍ୟାଳୟ ପାଇଁ ଏକକ ଗବେଷଣା ନୀତି

## ଏମ୍.ଫିଲ୍., ପିଏଚ୍.ଡି., ଡି.ଲିଟ୍ ଡିଗ୍ରୀ ଅପେକ୍ଷାର ଅନ୍ତ ହେବ

*ରାଜ୍ୟ ସରକାର ଉଚ୍ଚଶିକ୍ଷା ଗବେଷଣା କ୍ଷେତ୍ରରେ ଏକ ବଡ଼ ସଂସ୍କାର ଆଣିବାକୁ ଯାଉଛନ୍ତି। ଏମ୍.ଫିଲ୍., ପିଏଚ୍.ଡି., ଡି.ଲିଟ୍ ଭଳି ଗବେଷଣା ଡିଗ୍ରୀ ପାଇବାକୁ ଛାତ୍ରୀଛାତ୍ରଙ୍କୁ ଆଉ ବର୍ଷ ବର୍ଷ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ନିର୍ଦ୍ଧାରିତ ସମୟରେ ଗବେଷଣା ଶେଷ ହେବା ସହ ଡିଗ୍ରୀ ମିଳିବ।*

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

ରାଜ୍ୟର ସମସ୍ତ ୧୪ ବିଶ୍ୱବିଦ୍ୟାଳୟ ପାଇଁ ଏକକ ଗବେଷଣା ନୀତି କାର୍ଯ୍ୟକାରୀ ହେବ। ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ (ଓଏସ୍ଏଚ୍ଇସି) ପକ୍ଷରୁ ଏ ନେଇ ଚିଠା ଗବେଷଣା ନୀତି ଓ ପଦ୍ଧତି (ଏ କମନ୍ ରିସର୍ଚ୍ଚ ପଲିସି ଆଣ୍ଡ ପ୍ରୋସିଜ୍ୟୁର ଫର୍ ଷ୍ଟେଟ୍ ୟୁନିଭରସିଟିଜ୍ ଅଫ୍ ଓଡ଼ିଶା) ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି। ଏହା ଉପରେ ଶିକ୍ଷାବିତ୍‌ମାନଙ୍କର ମତାମତ ନେବା ପରେ ଚୂଡ଼ାନ୍ତ ନୀତି କାର୍ଯ୍ୟକାରୀ କରାଯିବ। ଏମ.ଫିଲ୍., ପିଏଚ୍.ଡି., ଡି.ଏସ୍‌ସି., ଡି.ଲିଟ୍, ଏଲ୍ଏଲ୍‌ଡି ଗବେଷଣା ଡିଗ୍ରୀ ପାଇଁ ଏହି ନୂତନ ନୀତି କାର୍ଯ୍ୟକାରୀ ହେବ। ବର୍ତ୍ତମାନ ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜ ଇଚ୍ଛା ଅନୁସାରେ ଉକ୍ତ ଡିଗ୍ରୀ ପାଇଁ ଗବେଷଣା ଓ ନୀତି କାର୍ଯ୍ୟକାରୀ କରୁଛନ୍ତି। ତେବେ ଗବେଷଣା କିଏ କେତେବେଳେ କରୁଛନ୍ତି ଓ କେତେବେଳେ କାହାକୁ ଡିଗ୍ରୀ ମିଳୁଛି ତା'ର କୌଣସି ସମୟ ସୀମା ନିର୍ଦ୍ଧାରଣ ହୋଇନାହିଁ। ଏପରି କି ଡିଗ୍ରୀ ପାଇବା ପାଇଁ ଛାତ୍ରୀଛାତ୍ରଙ୍କୁ ଅନେକ ବର୍ଷ ଲାଗିଯାଉଛି। ଏଥିଯୋଗୁ ସମୟ ବରବାଦ ହେବା ସହ ଗବେଷଣାର କୌଣସି ସୁଫଳ ମିଳିପାରୁ ନାହିଁ। ଏ ସବୁକୁ ବିଚାର କରି ସମସ୍ତ ଗବେଷଣାଭିତ୍ତିକ ଡିଗ୍ରୀକୁ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷ କରାଯିବ। ଏହାସହ ଉଚ୍ଚଶିକ୍ଷା ଗବେଷଣାର ବିକାଶ ପାଇଁ ରାଜ୍ୟ ସରକାର ଏହି ନୂତନ ନୀତି ଆଣିବାକୁ ଯାଉଛନ୍ତି। ଏହି ନୂତନ ନୀତିରେ ମଡେଲ ଗବେଷଣା ଗାଇଡ୍‌ଲାଇନ ପ୍ରସ୍ତୁତ ହେବ। କେଉଁ ସମୟରେ ସିନୋପ୍‌ସିସ ଦାଖଲ ଓ ପଞ୍ଜୀକରଣ କରାଯିବ, ପ୍ରାକ୍ ପିଏଚ୍.ଡି. ଥେସିସ୍ କିଭଳି ଉପସ୍ଥାପନ କରାଯିବ, ଚୂଡ଼ାନ୍ତ ଥେସିସ୍ କେତେବେଳେ ପ୍ରଦାନ କରାଯିବ ସେ ନେଇ ନୂତନ ନୀତିରେ ବିସ୍ତୃତ ଭାବେ ଉଲ୍ଲେଖ ରହିବ। ଏଥିସହିତ କେଉଁ ସମୟ ମଧ୍ୟରେ ଥେସିସ୍ ମୂଲ୍ୟାୟନ ହେବ। ମୂଲ୍ୟାୟନ ସମୟ କେତେ ରହିବ। ମୌଖିକ ପରୀକ୍ଷା କେବେ ହେବ। ଗାଇଡ୍‌ଶିପ୍ କିଭଳି ହେବ ଏବଂ କେଉଁ ସମୟ ମଧ୍ୟରେ ପିଏଚ୍.ଡି. ଡିଗ୍ରୀ ଓ ଡି.ଲିଟ୍ ଶେଷ ହେବ ସେ ସମସ୍ତ ବିଷୟ ନିର୍ଦ୍ଧାରିତ ହେବ।

ମିଳିଥିବା ସୂଚନା ଅନୁଯାୟୀ ଛାତ୍ରୀଛାତ୍ରମାନେ ପିଏଚ୍.ଡି., ଡି.ଲିଟ୍ କିମ୍ବା ଅନ୍ୟ ଡିଗ୍ରୀ ପାଇଁ ମନଇଚ୍ଛା ଥେସିସ୍ ଦାଖଲ କରିପାରିବେ ନାହିଁ। ଛାତ୍ରୀଛାତ୍ରମାନେ ଯେଉଁ ବିଷୟରେ ଗବେଷଣା କରିବାକୁ ଚାହୁଁଛନ୍ତି ସେମାନେ ☞ପୃଷ୍ଠା-୪

### ଆସିବ ନୂଆ ନିୟମାବଳୀ




# ଆଜି କ୍ୟାବିନେଟ୍

**ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅପରାହ୍ନ ୫ଟା ୪୫ ମିନିଟ୍ ସମୟରେ ମନ୍ତ୍ରୀ ପରିଷଦ ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହେବ। ୨୦୨୧-୨୨ ଆର୍ଥିକ ବର୍ଷ ଲାଗି ବିଧାନସଭା ଶୀତଅଧିବେଶନରେ ଆଗତ ହେବାକୁ ଥିବା ଅତିରିକ୍ତ ବଜେଟ୍ ସମ୍ପର୍କିତ ପ୍ରସ୍ତାବକୁ ମନ୍ତ୍ରୀ ପରିଷଦରେ ଅନୁମୋଦନ ଦିଆଯିବ। ଏହାପରେ ୬ଟା ସମୟରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। କ୍ୟାବିନେଟ୍‌ରେ ମୋଟ ୧୪ଟି ପ୍ରସ୍ତାବ ଉପରେ ମୋହର ବାଜିବ ବୋଲି ଜଣାପଡ଼ିଛି। ଏଥିରେ ୨୦୨୧-୨୨ ଆର୍ଥିକ ବର୍ଷ ଲାଗି ପ୍ରସ୍ତୁତ ହୋଇଥିବା ଅତିରିକ୍ତ ବଜେଟ୍ ସମ୍ପର୍କିତ ପ୍ରସ୍ତାବକୁ ମୋହର ବାଜିବ। ଏହା ବ୍ୟତୀତ ଅର୍ଥ, ପଞ୍ଚାୟତିରାଜ, ରାଜସ୍ୱ, ଆଇନ ଏବଂ ପୂର୍ତ୍ତ ବିଭାଗର କେତେଗୁଡ଼ିଏ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍‌ରେ ମଞ୍ଜୁରି ମିଳିବ ବୋଲି ଜଣାପଡ଼ିଛି।

# ନାବାଳିକା ବଳାତ୍କାରୀଙ୍କୁ ୩୫ ବର୍ଷ ଜେଲଦଣ୍ଡ

**ଜୟପୁର,୨୨।୧୧ (ନି.ପ୍ର.)**

ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲାର ଅଭିଯୁକ୍ତଙ୍କୁ ମିଳିଛି ୩୫ ବର୍ଷ ଜେଲଦଣ୍ଡ। କୋରାପୁଟ ଜିଲା ଜୟପୁର ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକ୍ସୋ କୋର୍ଟ ବିଚାରପତି ପ୍ରଦୀପ କୁମାର ସାସମଲ ସୋମବାର ଅଭିଯୁକ୍ତ ସୁନ୍ଦର ରୂପଙ୍କୁ ସଶ୍ରମ କାରାଦଣ୍ଡ ସହ ୩୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ କ୍ଷେତ୍ରରେ ଅଧିକ ୧୧ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ସ୍ପଷ୍ଟ କରିଛନ୍ତି। ମାମଲା ବିବରଣୀରୁ ପ୍ରକାଶ, ବୋରିଗୁମ୍ମା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅଭିଯୁକ୍ତ ସୁନ୍ଦର ଓ ଜଣେ ନାବାଳକ ବାଇକ୍‌ରେ ଉଠାଇ ନେଇଥିଲେ। ନାବାଳକଙ୍କ ଉପସ୍ଥିତିରେ ସୁନ୍ଦର ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏନେଇ ବୋରିଗୁମ୍ମା ଥାନାରେ ଅଭିଯୋଗ ହେବାରୁ ପୋଲିସ ସୁନ୍ଦରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଶୁଣାଣି କରିଛନ୍ତି। ଅଭିଯୁକ୍ତ ଜରିମାନା ଅର୍ଥ ପୈଠ କରିବା ପରେ ଏହା ପୀଡ଼ିତା ନାବାଳିକାଙ୍କୁ ପ୍ରଦାନ କରାଯିବ। ସରକାରଙ୍କ ତରଫରୁ ମଧ୍ୟ ପୀଡ଼ିତାଙ୍କୁ ୨ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସୁଧୀର ତ୍ରିପାଠୀ ପରିଚାଳନା କରୁଥିଲେ।

**ଆଜିର ସମ୍ପାଦକୀୟ** | ଝିଅଙ୍କ ପାଠ

# ଟ୍ରାଙ୍କୁଲାଇଜ ବିଫଳ: ଆକ୍ରମଣ କଲା ହାତୀ

**ଖୋର୍ଦ୍ଧା ଅଫିସ/ନିରାକାରପୁର/ଟାଙ୍ଗୀ,୨୨।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଗୟାବନ୍ଧ ନିକଟରେ ମଙ୍ଗଳବାର ଟ୍ରାଙ୍କୁଲାଇଜ ବେଳେ ହାତୀ ଆକ୍ରମଣରେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଭୂଷଣ୍ଡପୁର ଫରେଷ୍ଟର ସିଧୁ ଚରଣ ସିଂ, ବୈଷୟିକ ଟିମ୍‌ର ୨ଜଣ କର୍ମଚାରୀ ଓ ଏସିଏଫ୍ ଅରବିନ୍ଦ ମହାନ୍ତି। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲ ପଠାଯାଇଥିଲା। ସେଠାରେ ଫରେଷ୍ଟର ସିଂ ଚିକିତ୍ସାଧୀନ ରହିଥିବା ବେଳେ ଅନ୍ୟ ଆହତମାନେ ଚିକିତ୍ସିତ ହୋଇ ଫେରିଛନ୍ତି। ଅନ୍ୟପଟେ ହାତୀଙ୍କ ଶରୀରରେ ରେଡିଓ କଲାର ଲଗାଇବା କାର୍ଯ୍ୟ ସ୍ଥଗିତ ରଖାଯାଇଛି ବୋଲି ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ପୁନିଆ ପାଣ୍ଡିଆନ କହିଛନ୍ତି।

ସୂଚନା ମୁତାବକ, ଟାଙ୍ଗୀ ବନାଞ୍ଚଳରେ ଏକ ଦନ୍ତା ହାତୀ ଦୀର୍ଘଦିନ ଧରି କ୍ଷତି ଘଟାଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏପରିକି ଉକ୍ତ ହାତୀ ଆକ୍ରମଣରେ ଅନେକ ଲୋକଙ୍କ ମୃତ୍ୟୁ ଘଟିଛି। ହାତୀଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ସେମାନଙ୍କ ଶରୀରରେ ରେଡିଓ କଲାର ଲଗାଇବା ପାଇଁ ବନ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ହାତୀଙ୍କୁ ଟ୍ରାଙ୍କୁଲାଇଜ ପାଇଁ ଅନ୍ୟ ରାଜ୍ୟର ଏକ ବୈଷୟିକ ବିଶେଷଜ୍ଞ ଟିମ୍ ଟାଙ୍ଗୀ ବନାଞ୍ଚଳରେ ପହଞ୍ଚିଥିଲା। ପୂର୍ବରୁ ବନ ବିଭାଗ ପକ୍ଷରୁ ଉକ୍ତ ହାତୀର ଗତିବିଧି ଉପରେ ନଜର ରଖାଯାଇଥିଲା। ଏହି ହାତୀ ଗୟାବନ୍ଧ ନିକଟରେ ଥିବା ☞ପୃଷ୍ଠା-୪



- ଫରେଷ୍ଟରଙ୍କ ସମେତ ୪ ଆହତ
- ରେଡିଓ କଲାର ଲଗାଇବା କାର୍ଯ୍ୟ ସ୍ଥଗିତ





ଭୁବନେଶ୍ୱର ଏଡିଏମ୍ ଅଫିସ ସମ୍ମୁଖରେ ଗ୍ୟାସ୍ ସିଲିଣ୍ଡରକୁ କୋକେଇରେ ରଖି ବିଜେଡି ପକ୍ଷରୁ ଅଭିନବ ପ୍ରତିବାଦ।

# ଜୋର ଧରିଲା ମାଗଣା ରାଶନ ରାଜନୀତି

**ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)**

■ ଡିଏମ୍ଏଫ୍ ପାଣ୍ଠିରୁ ସାମଗ୍ରୀ ଦିଅ: ଭାଜପା
■ ଦୁର୍ବଳଶ୍ରେଣୀ ଲୋକଙ୍କ ସହ ଭାଜପା ନାହିଁ: ବିଜେଡି

କରୋନା ମହାମାରୀର ୧ମ ଓ ୨ୟ ଲହର ସମୟରେ ମୋଦି ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୧୫ ମାସ ପର୍ଯ୍ୟନ୍ତ ଦେଶବାସୀଙ୍କୁ ଚାଉଳ, ଡାଲି ଯୋଗାଇ ଦେଇଛନ୍ତି। କେବଳ ୨ୟ ଲହରରେ ୭ ମାସ ପାଇଁ ଚାଉଳ ଦିଆଯାଇଛି। ଓଡ଼ିଶାର ୩.୧୭ କୋଟି ହିତାଧିକାରୀଙ୍କୁ ୫,୨୧୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଚାଉଳ, ଡାଲି ସହାୟତା ଦେଇଛନ୍ତି। ଏନ୍ଏଫ୍ଏସ୍ଏରେ ୯୫୫.୧୭ କୋଟି ଟଙ୍କା ଓଡ଼ିଶାକୁ ଆବଣ୍ଟନ ହୋଇଥିଲା। ଦେଶର କିଛି ରାଜ୍ୟ ଏବେ ମଧ୍ୟ ନିଜସ୍ୱ ଅର୍ଥରେ ଗରିବ ଲୋକଙ୍କୁ ଚାଉଳ, ଗହମ ଓ ଡାଲି ଦେଇ ଉଦାହରଣ ସୃଷ୍ଟି କରିଛନ୍ତି। ବିଭିନ୍ନ ସମୟରେ ବହୁ ଉଦାହରଣ ସୃଷ୍ଟି କରୁଥିବାର ଡିଣ୍ଡିମ ପିଟୁଥିବା ରାଜ୍ୟ ସରକାର ଏଭଳି ସଙ୍କଟ ସମୟରେ ନିଜସ୍ୱ ଅର୍ଥରେ ରାଜ୍ୟବାସୀଙ୍କୁ ମାଗଣାରେ ଚାଉଳ, ଡାଲି କାହିଁକି ଯୋଗାଉନାହାନ୍ତି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରଶ୍ନ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ଏନ୍ଏଫ୍ଏସ୍ଏ ହିତାଧିକାରୀଙ୍କୁ ଆଉ ୮ ମାସର ଚାଉଳ ଯୋଗାଇଦେବା ଲାଗି ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଯେଉଁ ଅନୁରୋଧ କରିଛନ୍ତି ତାହା ହାସ୍ୟାସ୍ପଦ। ରାଜ୍ୟ ସରକାର ଜିଲା ଖଣିଜ ପାଣ୍ଠି (ଡିଏମ୍ଏଫ୍)ରୁ ୨୦୨୦-୨୧ ସୁଦ୍ଧା ରାଜସ୍ୱ ଆକାରରେ ୧୩,୭୨୮ କୋଟି ଟଙ୍କା ପାଇଛନ୍ତି। ମୁଖ୍ୟମନ୍ତ୍ରୀ ଡିଏମ୍ଏଫ୍ ଫଣ୍ଡକୁ ବିନା ଟେଣ୍ଡରରେ ଦଳୀୟ କାମରେ ଅପବ୍ୟବହାର କରୁଛନ୍ତି। ମାତ୍ର ସେ ଟଙ୍କାରୁ ଯଦି ହିତାଧିକାରୀଙ୍କୁ ମାଗଣାରେ ଖାଦ୍ୟ ସାମଗ୍ରୀ ଦିଅନ୍ତେ ତେବେ ଭଲ ହୁଅନ୍ତା ଓ ରାଜ୍ୟବାସୀ ଉପକୃତ ହୁଅନ୍ତେ ବୋଲି ସମୀର କହିଛନ୍ତି ।

ସମୀରଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଓଡ଼ିଶାର ଦୁର୍ବଳ ଶ୍ରେଣୀର ଲୋକଙ୍କ ସହିତ ଭାଜପା ରାଜ୍ୟ ସଭାପତି ନାହାନ୍ତି। ଅନ୍ୟଥା ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ଆଉ ୮ ମାସ ବଢ଼ାଇବା ସକାଶେ ମୁଖ୍ୟମନ୍ତ୍ରୀ ଯେଉଁ ଚିଠି ଲେଖିଛନ୍ତି ତାହା ଉପରେ ସେ ଆପତ୍ତି ଉଠାଇ ନ ଥାନ୍ତେ। କୋଭିଡ୍ ଯୋଗୁ ସମାଜର ଦୁର୍ବଳ ଶ୍ରେଣୀର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହି କାର୍ଯ୍ୟକ୍ରମ ଅଧୀନରେ ସେମାନଙ୍କୁ ୮ ମାସର ମାଗଣା ଚାଉଳ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଡ଼ିଶା ଭାଜପା ଦ୍ୱାରା ସମର୍ଥନ କରାଯିବା ଉଚିତ। ଭାଜପା ଆଉ ଗରିବ ଏବଂ ମଧ୍ୟବିତ୍ତଶ୍ରେଣୀ ପାଇଁ ଲଢୁନାହିଁ। ଗତ ୭ ବର୍ଷରେ ଇନ୍ଧନ ଏବଂ ରନ୍ଧନ ଗ୍ୟାସ୍‌ର ମୂଲ୍ୟ ୨ ଗୁଣରୁ ଅଧିକ ବୃଦ୍ଧି ପାଇଛି, ଯାହା ଗରିବ ଏବଂ ମଧ୍ୟବିତ୍ତ ଲୋକଙ୍କୁ ଗୁରୁତର ଭାବେ ବାଧୁଛି। ଏହି ମୂଲ୍ୟ ବୃଦ୍ଧି ପରିପ୍ରେକ୍ଷୀରେ ସେମାନେ ପିଏମ୍‌ଜିକେଏୱାଇ ଅଧୀନରେ ମାଗଣା ଚାଉଳ ଯୋଗାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ସହ ଏକମତ ହେବା ଉଚିତ । କେନ୍ଦ୍ରର ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ଓଡ଼ିଶାର ଚାଷୀଙ୍କଠାରୁ ଚାଉଳ କିଣାଯାଉ ନ ଥିବାବେଳେ ରାଜ୍ୟ ଭାଜପା ଏଥିପାଇଁ ଚିନ୍ତିତ ନୁହେଁ ବୋଲି ଲେନିନ୍ କହିଛନ୍ତି।

# ଗ୍ୟାସ୍ ଦର ବୃଦ୍ଧିର ପ୍ରତିବାଦ କଲା ବିଜେଡି

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

ମମିତା ମେହେର ହତ୍ୟା ମାମଲା ନେଇ ଭାଜପା ୪୦ରୁ ଅଧିକ ଦିନ ହେବ ରାଜ୍ୟ ସରକାରଙ୍କୁ ଘେରୁଥିବା ବେଳେ ରନ୍ଧନ ଗ୍ୟାସ୍ ଦରବୃଦ୍ଧିକୁ ହତିଆର କରିଛି ବିଜେଡି। ଏଥିଲାଗି କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କୁ ଦାୟୀକରି ସୋମବାରଠାରୁ ରାଜ୍ୟବ୍ୟାପୀ ବିଜେଡିର ଯୁବ, ଛାତ୍ର ଓ ମହିଳା ସଙ୍ଗଠନ ପକ୍ଷରୁ ପ୍ରତିବାଦ ଓ ଆନ୍ଦୋଳନ ଆରମ୍ଭ ହୋଇଛି। ଏହା ୩ଦିନ ଧରି ଚାଲିବ ବୋଲି ଦଳ ପୂର୍ବରୁ ସୂଚନା ଦିଆଯାଇଛି। ରାଜ୍ୟର ୩ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ଘେରାଉକରି ଆନ୍ଦୋଳନକୁ ବିଜେଡି ଓହ୍ଲାଇଛି। ଭୁବନେଶ୍ୱର ପଟିଆସ୍ଥିତ ଆଇଓସିଏଲ୍ ଅଫିସ୍ ସମ୍ମୁଖରେ ବିଜେଡିର ବହୁ ମହିଳା ନେତ୍ରୀ ଚୁଲିରେ କାଠ ଜାଳି ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି। କେନ୍ଦ୍ରାଞ୍ଚଳ ଆର୍‌ଡିସି ଅଫିସ୍ ସମ୍ମୁଖରେ ମଧ୍ୟ ବିକ୍ଷୋଭ କରାଯାଇଛି। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଆର୍‌ଡିସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେହିପରି କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନ ଅଧୀନ ସମସ୍ତ ବ୍ଲକରେ ମଧ୍ୟ ବିଜେଡି ବିକ୍ଷୋଭ ପ୍ରଦର୍ଶନ କରିଛି। ଅନ୍ୟପଟେ ରାଜଧାନୀରେ ମହିଳାମାନେ ଟ୍ରଲିରେ ଗ୍ୟାସ୍ ସିଲିଣ୍ଡରକୁ ମୃତଦେହ ଭାବେ ଶୁଆଇ ଏକ ଜୁଇ ପ୍ରସ୍ତୁତ କରି ସେଠାରେ ଦାହ ମଧ୍ୟ କରିଥିବା ଦେଖିବାକୁ ମିଳିଥିଲା। ଏନେଇ ବିଜେଡି ନେତ୍ରୀମାନେ କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନା ହାଏ ହାଏ କହି ରାଲିରେ ବାହାରିଥିଲେ। ଏହି ଅବସରରେ ବିଜେଡି ନେତ୍ରୀ ପ୍ରୀତି ନନ୍ଦ କହିଛନ୍ତି, ଭାଜପା ସରକାର ଉଜ୍ଜ୍ୱଳା ଯୋଜନା କରିଥିଲେ। ପ୍ରତ୍ୟେକ ପେଟ୍ରୋଲ ପମ୍ପରେ ମହିଳାଙ୍କ ଫଟୋ ଲଗାଇଥିଲେ। ହେଲେ ସେ ମହିଳାମାନଙ୍କ କଥା ଭାବୁନାହାନ୍ତି। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ଦାମ ବୃଦ୍ଧି କରି ଗରିବ ମହିଳାଙ୍କ ଚୁଲିକୁ କୁଠାରାଘାତ କରୁଛନ୍ତି। ଏହାକୁ ବିଜେଡି ଦୃଢ଼ ନିନ୍ଦା କରୁଥିବା ସେ କହିଛନ୍ତି।

## ମୋଦିଙ୍କୁ ଭେଟିବେ ମମତା

**କୋଲକାତା, ୨୨।୧୧**

ନୂଆଦିଲ୍ଲୀ ଗସ୍ତରେ ଯାଉଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ବିଏସ୍‌ଏଫ୍‌ର କାର୍ଯ୍ୟ ପରିସର ବୃଦ୍ଧି ପ୍ରସଙ୍ଗ ଏବଂ ତ୍ରିପୁରା ହିଂସା ଘଟଣାକୁ ନେଇ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ସୋମବାର କହିଛନ୍ତି। ସୀମାନ୍ତ ରାଜ୍ୟଗୁଡ଼ିରେ ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର କାର୍ଯ୍ୟ ପରିସର ବଢ଼ାଇବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିକଟରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲା। ଏହାକୁ ନେଇ ପଶ୍ଚିମବଙ୍ଗରେ ଶାସକ ତୃଣମୂଳ କଂଗ୍ରେସ ଏବଂ ଭାଜପା ମଧ୍ୟରେ ରାଜନୈତିକ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଏହା ବ୍ୟତୀତ ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଳବ ଦେବ ଓ ତାଙ୍କ ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା କରୁଛନ୍ତି। ଆଇନ ଅନୁଯାୟୀ ତ୍ରିପୁରା ସରକାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେ ଅଦାଲତଙ୍କ ଦ୍ୱାରସ୍ଥ ହେବେ ବୋଲି ମମତା କହିଛନ୍ତି।

## ଉପବାଚସ୍ପତିଙ୍କ କୁଶପୁତ୍ତଳିକା ଦାହ



ଅନୁଗୋଳ ଥାନା ଛକରେ ଭାଜପା ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯାଉଛି।

**ଅନୁଗୋଳ ଅଫିସ,୨୨।୧୧**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗତ ୨୦ ତାରିଖ ଅନୁଗୋଳ ସଭାରେ ସାଢ଼େ ୪ କୋଟି ଓଡ଼ିଆଙ୍କ ଠାକୁର କହିଥିବା ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଅନୁଗୋଳ ଥାନା ଛକଠାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଭାଜପା ଅନୁଗୋଳ ଶାଖା ପକ୍ଷରୁ ସୋମବାର ଏହି ବିରୋଧ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ପ୍ରଧାନ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କୁ ଦେବତା ଆଖ୍ୟା ଦେଇ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଭାବାତ୍ମକକୁ ଉପବାଚସ୍ପତି ଆଘାତ କରିଛନ୍ତି। ଏଥିପାଇଁ ସେ ରାଜ୍ୟବାସୀଙ୍କୁ କ୍ଷମା ମାଗନ୍ତୁ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜିଲା ମହିଳା ମୋର୍ଚ୍ଚା ସଭାପତି ବସନ୍ତ ମଞ୍ଜରୀ ପ୍ରଧାନ, ଜିଲା ସମ୍ପାଦକ ସୁଦୀପ ଗଡ଼ନାୟକ, ଜିଲା ଉପସଭାପତି ସୁଜାତା ଦାସ, ଜିଲା ସମ୍ପାଦିକା ନମିତା ଦଳବେହେରା, ଅନୁଗୋଳ ନଗର ମଣ୍ଡଳ ସଭାପତି ପ୍ରଦୀପ ରାଉତ ପ୍ରମୁଖ ବହୁ ନେତା, କର୍ମୀ ଉପସ୍ଥିତ ଥିଲେ।

## 'ଆକ୍ଷେପ ଉଦ୍ଦେଶ୍ୟମୂଳକ ନୁହେଁ'

**ଢେଙ୍କାନାଳ ଅଫିସ,୨୨।୧୧**

**ମୁହଁ ଖୋଲିଲେ ଢେଙ୍କାନାଳ ଏମ୍‌ପି**

ଢେଙ୍କାନାଳ ଷ୍ଟାଡିୟମରେ ଗତ ୨୦ ତାରିଖ ମୁଖ୍ୟମନ୍ତ୍ରୀଙ୍କ ସଭାରେ ଏମ୍‌ପି ମହେଶ ସାହୁ ବିରୋଧୀମାନଙ୍କ ପ୍ରତି ଦେଇଥିବା ଆକ୍ଷେପମୂଳକ ମନ୍ତବ୍ୟକୁ ଭାଜପା ଓ କଂଗ୍ରେସ ନେତୃବୃନ୍ଦଙ୍କ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଥିଲା। ଏହି ଘଟଣାରେ ସୋମବାର ଏମ୍‌ପି ସାହୁ ମୁହଁ ଖୋଲିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସେ ଜଣାଇଛନ୍ତି, ସାଧାରଣତଃ ଗଣତନ୍ତ୍ରରେ ବିରୋଧି ଦଳ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ତାହା ମଧ୍ୟ ଗଠନମୂଳକ ହେବା ଉଚିତ। ଉକ୍ତ ସଭାରେ ବିରୋଧୀ ଦଳକୁ ଆକ୍ଷେପ ଓ ସମାଲୋଚନା କରିବା ଉଦ୍ଦେଶ୍ୟ ନ ଥିଲା। ତଥାପି ଏହା ଯଦି କାହା ମନରେ ଆଘାତ ଦେଇଥାଏ, ସେଥିପାଇଁ ଚିନ୍ତିତ ଓ ବ୍ୟଥିତ। ଏହାକୁ ରାଜନୈତିକ ଖେଳୱାଡ଼ ମନୋବୃତ୍ତିରେ ସମସ୍ତେ ଭୁଲିଯିବା ଦରକାର ବୋଲି ଏମ୍‌ପି ଜଣାଇଛନ୍ତି।

# ଚନ୍ନି ନକଲି କେଜ୍‌ରିୱାଲ: ଦିଲ୍ଲୀ ମୁଖ୍ୟମନ୍ତ୍ରୀ

**ମୋଗା, ୨୨।୧୧:** ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନିଙ୍କୁ ଏଏପି ନେତା ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସମାଲୋଚନା କରିଛନ୍ତି। ପଞ୍ଜାବରେ ସେ ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତିକୁ ଚନ୍ନି ଦୋହରାଉଥିବାରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତାଙ୍କୁ ନକଲି କେଜ୍‌ରିୱାଲ ବୋଲି କହିଛନ୍ତି। ପଞ୍ଜାବର ମୋଗା ଜିଲାରେ ଏକ ସଭାକୁ ସମ୍ବୋଧିତ କରିବା ଅବସରରେ କେଜ୍‌ରିୱାଲ ଚନ୍ନିଙ୍କୁ ସମାଲୋଚନା କରିବା ସହ କହିଥିଲେ, ଏକମାତ୍ର ସେ ହିଁ ସାରା ଦେଶରେ ବିଦ୍ୟୁତ୍ ବିଲ୍ ଛାଡ଼ କରିପାରିବେ। କେଜ୍‌ରିୱାଲ ସୋମବାର ପଞ୍ଜାବର ମହିଳାଙ୍କ ପାଇଁ ଏକ କ୍ୟାସ୍ ଟ୍ରାନ୍ସଫର ଯୋଜନା ଘୋଷଣା କରିଛନ୍ତି। ଏଏପି କ୍ଷମତାକୁ ଆସିଲେ ୧୮ ବର୍ଷରୁ ଊର୍ଦ୍ଧ୍ୱ ସବୁ ମହିଳାଙ୍କୁ ମାସକୁ ୧,୦୦୦ ଟଙ୍କା ଲେଖାଏ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ଶିଶୁଭବନ ଛକ ରଣକ୍ଷେତ୍ର



ମମିତା ମେହେର ହତ୍ୟା ମାମଲାରେ ନବୀନ ନିବାସ ଘେରାଉ ଲାଗି ଯିବା ପୂର୍ବରୁ ଶିଶୁଭବନ ଛକରେ ଭାଜପା କର୍ମୀ-ପୋଲିସ ସହ ଧସ୍ତାଧସ୍ତି।

**ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)**

ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଓ ଗିରଫ ଦାବି ସହ ଘଟଣାର ସିବିଆଇ ତଦନ୍ତ ଦାବିରେ ବିରୋଧୀ ଲଗାତର ମାସେରୁ ଅଧିକ ଦିନ ହେବ ଗର୍ଜନ କରିଆସୁଛନ୍ତି। ମମିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବି ଓ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଭୁବନେଶ୍ୱର ଭାଜପା ପକ୍ଷରୁ ପ୍ରତିବାଦ କରାଯାଇଛି। ଏହି ଆନ୍ଦୋଳନର ନାଁ 'ହଲ୍ଲାବୋଲ' ରଖାଯାଇଛି। ସୋମବାର ଶତାଧିକ ଭାଜପା କର୍ମୀ ଶିଶୁଭବନ ଛକରୁ ନବୀନ ନିବାସ ଅଭିମୁଖେ ଯିବା ବେଳେ ପୋଲିସ ସେମାନଙ୍କ ବାଟ ଓଗାଳିବା ପରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ପୋଲିସ କେତେଜଣ ଭାଜପା କର୍ମୀଙ୍କୁ ସେଠାରୁ ଉଠାଇନେଇଥିଲା। କେତେଜଣ ଭାଜପା କର୍ମୀ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ମନ୍ତ୍ରୀ ପ୍ରତାପ ଜେନା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୁଖା ପିନ୍ଧି ନିଜ ହାତକୁ ଦୌଡ଼ିରେ ବାନ୍ଧି ଭିନ୍ନ ଢଙ୍ଗରେ ପ୍ରତିବାଦ କରିଥିଲେ। ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ମମିତା ମେହେର ହତ୍ୟା ମାମଲାରେ ଏବଂ ମାହାଙ୍ଗା ଡବଲ ମର୍ଡର ଘଟଣାରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ରହିଛି। ତେବେ ଏହାସତ୍ତ୍ୱେ କାହିଁକି ଏହି ୨ଜଣଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଏବଂ ତଦନ୍ତ ପରିସରଭୁକ୍ତ କରାଯାଉ ନାହିଁ ବୋଲି ଭାଜପା ପ୍ରଶ୍ନ ଉଠାଇଛି। ଏହା ନିର୍ଣ୍ଣାୟକ ଲଢ଼େଇ ହେବ ଏବଂ ସରକାରର ପତନ ଘଟିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ କହିଛନ୍ତି। ଅନ୍ୟପଟେ ନବୀନ ନିବାସ ଘେରାଉ ସମୟରେ ଏକାଧିକ ମହିଳା କର୍ମୀ ପୋଲିସ ଆକ୍ରମଣରେ ଆହତ ହୋଇ ଚିକିତ୍ସିତ ହୋଇଥିବା ନେଇ ମଧ୍ୟ ଭାଜପା ଅଭିଯୋଗ କରିଛି।

# ସମସ୍ତଙ୍କ ପଲିଗ୍ରାଫ୍ ଟେଷ୍ଟ ହେଲେ ସତ ସାମ୍ନାକୁ ଆସିବ: କଂଗ୍ରେସ

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

■ ଟୁଇଟର ଭିଡିଓ ମନ୍ତ୍ରୀ କେଉଁଠୁ ପାଇଲେ
■ ପ୍ରମାଣ ନଷ୍ଟ କରି ପ୍ରମାଣ ମାଗୁଛି ବିଜେଡି

ମମିତା ହତ୍ୟାକାଣ୍ଡର ୪୦ଦିନ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାର କାହିଁକି ତଦନ୍ତକୁ ତ୍ୱରାନ୍ୱିତ କରୁନାହାନ୍ତି। ନଭେମ୍ବର ୮ରେ ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ପୂର୍ବରୁ ମହିଳା ଓ ଶିଶୁ ବିଭାଗ ମନ୍ତ୍ରୀ ଟୁକୁନି ସାହୁ ଏକ ଟୁଇଟ୍ କରିଥିଲେ, ଯେଉଁଥିରେ ମମିତାଙ୍କ ବାପା ତଦନ୍ତରେ ସନ୍ତୁଷ୍ଟ ଥିବା ଓ ମୁଖ୍ୟମନ୍ତ୍ରୀଙ୍କ ଉପରେ ଭରସା ଅଛି ବୋଲି ଭିଡିଓରେ କହିଛନ୍ତି। ସେହି ଭିଡିଓରେ ଚାପ ପ୍ରୟୋଗ କରି କହିବା ପାଇଁ ବାଧ୍ୟ କରାଯାଇଥିବା କଂଗ୍ରେସ ଅଭିଯୋଗ କରିଛି। ଏଥିସହ ଏହି ଭିଡିଓ କେଉଁଠୁ ଆସିଲା ଓ ଶୁଟ୍ କରିଥିବା ଲୋକ କିଏ ପ୍ରଶ୍ନ ଉଠାଇଛି। ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ, ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ତାଙ୍କ ସହଯୋଗୀ, କଳାହାଣ୍ଡି ଓ ବଲାଙ୍ଗୀର ଏସ୍‌ପି, ଡିଆଇଜିଙ୍କ ସହ ବିଜେଡି ସାଙ୍ଗଠନିକ ସମ୍ପାଦକଙ୍କ ପଲିଗ୍ରାଫ ଟେଷ୍ଟ କରାଗଲେ ପ୍ରକୃତ ତଥ୍ୟ ସହ ପ୍ରମାଣ ମିଳିପାରିବ। ଏଥିସହ ସମସ୍ତଙ୍କ କଲ୍ ଡିଟେଲ୍ସ ଯାଞ୍ଚ କରିବାକୁ ସୋମବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ର ଦାବି କରିଛନ୍ତି। ସେ ପରୀ ହତ୍ୟା ଘଟଣାରେ ଏସ୍ଆଇଟି ମୁଖ୍ୟ ଅରୁଣ ବୋଥ୍ରାଙ୍କ ଖବରଦାତା ସମ୍ମିଳନୀର ଭିଡିଓ କ୍ଲିପିଂ ଦେଖାଇ କହିଥିଲେ, ତଦନ୍ତରେ କେବଳ ଅଭିଯୁକ୍ତ ସରୋଜ ଓ ତାଙ୍କ ପରିବାର ହିଁ ସହଯୋଗ କରୁ ନ ଥିଲେ। ସେହିଭଳି ଚିଟ୍‌ଫଣ୍ଡ ତଦନ୍ତ ବେଳେ ନବୀନ ନିବାସର ସରୋଜଙ୍କର ମଧ୍ୟ ସମାନ ଆଚରଣ ଥିଲା। ଉଭୟ ସରୋଜଙ୍କ ବ୍ୟବହାର ସହ ମମିତା ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ମିଶ୍ର ଓ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ବ୍ୟବହାର ମେଳ ଖାଉଛି। ବୋଧହୁଏ ଏମାନେ ତଥ୍ୟ ପ୍ରମାଣ ନଷ୍ଟ କରିଛନ୍ତି, ସେଥିପାଇଁ ଦମ୍ଭର ସହିତ ପ୍ରମାଣ ମାଗୁଛନ୍ତି ବୋଲି ମହାପାତ୍ର କହିଛନ୍ତି।




ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୫,୮୦,୪୭,୭୮୪ | ୫୧,୭୧,୪୨୯ | ୨୩,୩୫,୭୫,୧୬୩ |
| ଭାରତ | ୩,୪୫,୧୮,୯୦୧ | ୪,୬୫,୯୧୧ | ୩,୩୯,୩୪,୫୪୭ |
| ଓଡ଼ିଶା | ୧୦,୪୭,୧୭୪ | ୮୩୯୪(+୫୩) | ୧୦,୩୬,୭୪୬ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

**ସଂକ୍ଷେପରେ**

## ଲାଞ୍ଚ ନେଇ ଆଇସିଡିଏସ୍ ସୁପରଭାଇଜର ଗିରଫ

**ନୂଆପଡ଼ା ଅଫିସ,୨୨।୧୧:** ଅଙ୍ଗନୱାଡି କର୍ମୀ ନିଯୁକ୍ତି କରାଇ ଦେବା ପାଇଁ ୮୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସୋମବାର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି ନୂଆପଡା ଜିଲା ସିନାପାଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ନିରୀକ୍ଷିକା ହର୍ଷମଣି ଦେଈ। ଏହା ସହ ତାଙ୍କ ବୋଡେନ ବ୍ଲକ ଅଏଁଳାଭଟାସ୍ଥିତ ନିଜସ୍ୱ ବାସଗୃହ, ଖଡିଆଳରେ ଥିବା ଗୃହ, ସିନାପାଲି ଭଡ଼ାଘର ଓ କାର୍ଯ୍ୟାଳୟରେ ଏକା ସାଙ୍ଗରେ ଚଢ଼ାଉ କରିଛି ଭିଜିଲାନ୍ସ। ମଙ୍ଗଳବାର ତାଙ୍କୁ ଭିଜିଲାନ୍ସ କୋର୍ଟରେ ହାଜର କରାଯିବ। ସୂଚନାଯୋଗ୍ୟ ଯେ, ସିନାପାଲି ବ୍ଲକ ଚଟିଆଗୁଡା ସେକ୍ଟର ଅଧୀନ ସାଗୁନଭାଡ଼ି-୨ ଅଙ୍ଗନୱାଡି କେନ୍ଦ୍ରର ଅଙ୍ଗନୱାଡି କର୍ମୀ ନିଯୁକ୍ତି ପାଇଁ ଜଣେ ଆଶାୟୀ ମହିଳାଙ୍କ ଭାଇ ବିକାଶ ରଞ୍ଜନ ବାଗଙ୍କଠାରୁ ସୁପରଭାଇଜର ଦେଈ ୧ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଅଭିଯୋଗକାରୀ ବାଗ ୮୦ ହଜାର ଟଙ୍କା ଦେବାକୁ ରାଜି ହୋଇଥିଲେ। ଏ ନେଇ ସେ ପରେ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ସୋମବାର ସିନାପାଲି ବସ୍‌ଷ୍ଟାଣ୍ଡରେ ସୁପରଭାଇଜର ଲାଞ୍ଚ ଟଙ୍କ ଗ୍ରହଣ କରିଥିଲେ। ଏହି ସମୟରେ ପୂର୍ବରୁ ଜଗିରହିଥିବା ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। ତାଙ୍କ ନିକଟରୁ ରାସାୟନିକ ପ୍ରଲେପ ଥିବା ୧୬୦ଟି ୫ଶହ ଟଙ୍କିଆ ନୋଟ୍ ଜବତ ହୋଇଛି। ଚଢ଼ାଉରେ ନୂଆପଡା, ମାଲକାନଗିରି, ନବରଙ୍ଗପୁର ଓ ଜୟପୁରର ଭିଜିଲାନ୍ସ ଟିମ୍ ସାମିଲ ଥିଲେ। ଏ ନେଇ ଭିଜିଲାନ୍ସ ବିଭାଗ ଏକ ମାମଲା (ନଂ.୨୫/୨୧) ରୁଜୁ କରି ତଦନ୍ତ ଜାରି ରହିଛି।

# ସ୍ଥାନୀୟ ଶାସନ ବ୍ୟବସ୍ଥାର ଅଡିଟ୍ ହେବ: ସିଏଜି

## ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ନୂଆ କାର୍ଯ୍ୟାଳୟ ଶୁଭାରମ୍ଭ




ଭୁବନେଶ୍ୱରଠାରେ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ନୂଆ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରୁଛନ୍ତି ସିଏଜି ଗିରୀଶ ଚନ୍ଦ୍ର ମୁର୍ମୁ।

**ଭୁବନେଶ୍ୱର,୨୨।୧୧**

ପ୍ରାକୃତିକ ସମ୍ବଳ ଏବଂ ସ୍ଥାନୀୟ ଶାସନ ବ୍ୟବସ୍ଥାର ଅଡିଟ୍ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ (ସିଏଜି) କରିବେ। ଏଠାରେ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ନୂଆ କାର୍ଯ୍ୟାଳୟ ଶୁଭାରମ୍ଭ ଅବସରରେ ସିଏଜି ଗିରୀଶ ଚନ୍ଦ୍ର ମୁର୍ମୁ ସୋମବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଦେଶର ଖଣିଗୁଡ଼ିକରେ ପ୍ରାକୃତିକ ସମ୍ବଳ ଭରି ହୋଇ ରହିଛି। ଏହାକୁ ଖନନ କରିବା ଲାଗି ଅର୍ଥ ବ୍ୟୟ କରାଯାଉଛି। ଖଣିଗୁଡ଼ିକ ଲାଭଜନକ ସ୍ଥିତିରେ ରହୁଛନ୍ତି କି ନାହିଁ ସେ ଦିଗ ମଧ୍ୟ ଅଡିଟ ପରିସରରେ ଆସିବ। ସେହିଭଳି ସ୍ଥାନୀୟ ଶାସନ ବ୍ୟବସ୍ଥା ହେଉଥିବା ଖର୍ଚ୍ଚକୁ ସିଏଜି ଅଡିଟ୍ ପରିସରଭୁକ୍ତ କରାଯିବାକୁ ନିଷ୍ପତ୍ତି ହୋଇଛି। ବର୍ତ୍ତମାନ ଏଭଳି କାର୍ଯ୍ୟକୁ ରାଜ୍ୟ ସରକାର ଯାଞ୍ଚ କରୁଛନ୍ତି। ଏ କ୍ଷେତ୍ରରେ ସିଏଜି ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ। ଫଳରେ ରିଏଲ ଟାଇମ୍ ଭିତ୍ତିରେ ଏହାର ଅଡିଟ୍ ହୋଇପାରିବ ବୋଲି ମୁର୍ମୁ କହିଛନ୍ତି।

କେନ୍ଦ୍ର ସରକାର ବିଭିନ୍ନ ଯୋଜନାରେ ରାଜ୍ୟଗୁଡ଼ିକୁ ବୃହତ୍ ପରିମାଣର ଅର୍ଥ ଦେଉଥିବା ବେଳେ ଏହାର ଅଡିଟ୍ ହେଉଛି। ଫଳରେ ବିଭିନ୍ନ କ୍ଷେତ୍ରରେ ରହୁଥିବା ତ୍ରୁଟିରେ ସୁଧାର ଲାଗି ଏହା ମାଧ୍ୟମରେ ପରାମର୍ଶ ଦିଆଯାଉଛି। ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ପୂରଣ ଲାଗି ମଧ୍ୟ ଅନେକ ପଦକ୍ଷେପ ନିଆଯାଉଛି। ସେ ପୁଣି କହିଛନ୍ତି, ପ୍ରାକୃତିକ ସମ୍ପଦର ଆକାଉଣ୍ଟିଂ ଆରମ୍ଭ ହୋଇଛି। ଦେଶ ମଧ୍ୟରେ ଉପଲବ୍ଧ ସମସ୍ତ ସମ୍ପଦର ସୁବିନିଯୋଗ, ଉନ୍ନତୀକରଣ ଏବଂ ସମ୍ପଦର ଆବଶ୍ୟକତାକୁ ମଧ୍ୟ ବିଚାର କରିବାକୁ ହେବ। ସମ୍ବଳକୁ ଠିକ୍ ଭାବେ ବିନିଯୋଗ କରି ଦେଶର ବିକାଶକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଏପରି ହେଲେ ସମସ୍ତେ ଲାଭବାନ ହୋଇପାରିବେ ବୋଲି ମୁର୍ମୁ କହିଛନ୍ତି।

ଉଲ୍ଲେଖଯୋଗ୍ୟ, କେନ୍ଦ୍ର ପ୍ରାୟୋଜିତ ଯୋଜନାଗୁଡ଼ିକ ସ୍ଥାନୀୟ ଶାସନ ବ୍ୟବସ୍ଥା ଦ୍ୱାରା କାର୍ଯ୍ୟକାରୀ କରାଯାଉଛି। ପ୍ରତି ଟଙ୍କାର ହିସାବ ରଖିବାର ଆବଶ୍ୟକତା ରହିଛି। ଏହା କେବଳ ଅଡିଟ୍ ଦୃଷ୍ଟିକୋଣରୁ ନୁହେଁ ସରକାର ଏଭଳି ପ୍ରସଙ୍ଗ ସମ୍ପର୍କରେ ଅବଗତ ହେବାର ଗୁରୁତ୍ୱକୁ ବୁଝିବାକୁ ହେବ। ଏଫ୍‌ଏମ୍‌ଏସ୍, ଆଇଏଫ୍‌ଏମ୍‌ଏସ୍ ଏବଂ ପ୍ରିୟା ସଫ୍ଟକୁ ସମନ୍ୱିତ କରିବା ଲାଗି ସିଏଜି ପ୍ରୟାସ କରୁଛନ୍ତି। ଏହାଦ୍ୱାରା ଅର୍ଥର ପ୍ରବାହକୁ ଦେଖାଯାଇପାରିବ। ଏଭଳି ଆଇଟି ଭିତ୍ତିକ ପଦକ୍ଷେପ ଠିକ୍ ଭାବେ କାର୍ଯ୍ୟକ୍ଷମ ହେଲେ ଲୋକଙ୍କୁ ସଶକ୍ତ କରାଯାଇପାରିବ ବୋଲି ମୁର୍ମୁ ମତ ପ୍ରକାଶ କରିଛନ୍ତି।

# ଗ୍ୟାଙ୍ଗଷ୍ଟର ସୁଶାନ୍ତ ଧଳସାମନ୍ତ କଟକ ସ୍ଥାନାନ୍ତର

**ବଲାଙ୍ଗୀର ଅଫିସ, ୨୨।୧୧**

ବଲାଙ୍ଗୀର ଜିଲା କାରାଗାରରେ ବନ୍ଦୀ ଥିବା ଗ୍ୟାଙ୍ଗଷ୍ଟର ସୁଶାନ୍ତ ଧଳସାମନ୍ତଙ୍କୁ କଡା ସୁରକ୍ଷା ମଧ୍ୟରେ ସୋମବାର କଟକ ନିଆଯାଇଛି। ମଙ୍ଗଳବାର ତାଙ୍କୁ ହାଇକୋର୍ଟରେ ହାଜର କରାଯିବ ବୋଲି ଜଣାପଡିଛି। ବହୁ ଆପରାଧିକ ଘଟଣାରେ ଜଡିତ ସୁଶାନ୍ତ ୨୦୧୮ ମସିହାରୁ ବଲାଙ୍ଗୀର ଜେଲରେ ରହିଛନ୍ତି। କୋର୍ଟ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ଯାଇ ପୋଲିସ ତାଙ୍କୁ କଟକ ନେଇଛି। ବଲାଙ୍ଗୀର ଜେଲରେ ଥିବା ସମୟରେ ମଧ୍ୟ ସୁଶାନ୍ତ ବିଭିନ୍ନ ଘଟଣାକୁ ନେଇ ଚର୍ଚ୍ଚାରେ ରହି ଆସିଛନ୍ତି।




# ଶୀତ ଗାଏବ



**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

ରାଜ୍ୟରେ ଶୀତ ଗାଏବ ହୋଇଯାଇଛି। ପାରଦ ଉପରମୁହାଁ ରହିଛି। ଆକାଶ ମେଘାଚ୍ଛନ୍ନ ରହୁଥିବାରୁ ରାତ୍ରିର ସର୍ବନିମ୍ନ ତାପମାତ୍ରା ତଳକୁ ଖସୁନାହିଁ। ଓଡ଼ିଶା ଉପକୂଳରେ ଟ୍ରଫ୍‌ଲାଇନ ରହିଛି। ଏହାର ପ୍ରଭାବରେ ରାଜ୍ୟରେ ଆକାଶ ମେଘାଚ୍ଛନ୍ନ ରହିବା ସହ ଆସନ୍ତା ୨୬ ତାରିଖ ଯାଏ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ। ଦକ୍ଷିଣ ଓଡ଼ିଶାର କେତେକ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ହୋଇପାରେ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଏବଂ କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ, ମାଲକାନଗିରି ଜିଲାରେ ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହୋଇପାରେ। ରାଜ୍ୟର ଅନ୍ୟାନ୍ୟ ଭାଗରେ ପାଗ ଶୁଷ୍କଲା ରହିବ। ଟ୍ରଫ୍‌ଲାଇନ ଯୋଗୁ ଗତ ଦୁଇ ସପ୍ତାହ ହେବ ସର୍ବନିମ୍ନ ତାପମାତ୍ରା ଉପରମୁହାଁ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ ରହିଥିବା ବେଳେ ରାଜ୍ୟର ଅନ୍ୟାନ୍ୟ ଭାଗରେ ୨୦ରୁ ୨୮ ଡିଗ୍ରୀ ସେଲ୍‌ସିୟସ ରହିଛି।

# ଝରକା ଗ୍ରୀଲ୍ ତାଡ଼ି ୬ ଅନ୍ତେବାସୀ ଚମ୍ପଟ

## ତଦନ୍ତ କରାଯିବ: ଶିଶୁ ସୁରକ୍ଷା ଆୟୋଗ




ବାଳସୁଧାର ଗୃହ

**ବ୍ରହ୍ମପୁର ଅଫିସ,୨୨।୧୧**

ବାଳଅପରାଧୀଙ୍କୁ ସୁଧାରିବା ପାଇଁ ସରକାରଙ୍କ ଦ୍ୱାରା ପରିଚାଳିତ ବ୍ରହ୍ମପୁର ଜରଡ଼ା ବଙ୍ଗଳା ରାସ୍ତାରେ ଥିବା ବାଳସୁଧାର ଗୃହ ଏବେ ବିବାଦ ଘେରକୁ ଚାଲିଆସିଛି। ରବିବାର ବିଳମ୍ବିତ ରାତିରେ ଝରକା ଗ୍ରିଲ୍ ତାଡ଼ି ୬ ଅନ୍ତେବାସୀ ସୁଧାର ଗୃହରୁ ଖସି ପଳାଇଥିବା ସୂଚନା ମିଳିଛି। ଏ ନେଇ ଗୃହ ଅଧୀକ୍ଷକ ପି. ରମେଶ ରାଓ ବୈଦ୍ୟନାଥପୁର ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଅନ୍ତେବାସୀଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଚମ୍ପଟ ଅନ୍ତେବାସୀଙ୍କ ମଧ୍ୟରୁ ବ୍ରହ୍ମପୁରର ୨ ଜଣ, କୋରାପୁଟର ୨, ଗଜପତିର ଜଣେ ଓ ପୁରୀର ଜଣେ ଅନ୍ତେବାସୀ ରହିଛନ୍ତି।

ସୂଚନାଯୋଗ୍ୟ, ରବିବାର ରାତିରେ ଅନ୍ତେବାସୀମାନେ ଖାଇସାରି ୱାର୍ଡରେ ରହିଥିଲେ। ରାତି ପ୍ରାୟ ସାଢ଼େ ୨ଟା ବେଳେ କର୍ମଚାରୀମାନେ ଯାଞ୍ଚ କରୁଥିବା ବେଳେ ଗୋଟିଏ ନିର୍ଦ୍ଦିଷ୍ଟ ୱାର୍ଡରେ ୬ଜଣ ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ହେଡ୍ ୱାର୍ଡର ତୁରନ୍ତ ସୁଧାର ଗୃହ ଅଧୀକ୍ଷକଙ୍କୁ ଖବର କରିଥିଲେ। ଘଟଣାସ୍ଥଳକୁ ଯାଇ ଦେଖିବା ବେଳେ ସେହି ୱାର୍ଡରେ ରହୁଥିବା ୬ ଅନ୍ତେବାସୀ ସେଠାରୁ ଫେରାର ହୋଇଯାଇଥିଲେ। ସେହିପରି ୱାର୍ଡର ଝରକା ଗ୍ରିଲ୍ ତଡ଼ା ଯାଇଥିବା ଦେଖିବାକୁ ମିଳିଥିଲା। ଏଣୁ ଅନ୍ତେବାସୀମାନେ ଝରକା ଗ୍ରିଲ୍ ତାଡ଼ି ପାଚେରି ଡେଇଁ ଚମ୍ପଟ ମାରିଥିବା ଅନୁମାନ କରାଯାଉଛି। ତୁରନ୍ତ ଏ ନେଇ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପ୍ରତ୍ୟେକ ଅନ୍ତେବାସୀଙ୍କ ଘର ଠିକଣା ନେଇ ତଦନ୍ତ ଜାରି ରଖିଛି। ସେହିପରି ଖବର ପାଇ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତିଭାସନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡଙ୍ଗୀ ବାଳସୁଧାର ଗୃହରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗତବର୍ଷ ମେ ୧୯ରେ ୭ଅନ୍ତେବାସୀ ସୁଧାର ଗୃହରୁ ଚମ୍ପଟ ମାରିଥିଲେ। ତନ୍ମଧ୍ୟରୁ ୬ଜଣ ଧରାପଡ଼ିଥିଲେ। ଅନ୍ୟ ଜଣେ ବର୍ତ୍ତମାନ ସୁଦ୍ଧା ଧରାପଡ଼ି ନ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଚମ୍ପଟ ମାରିଥିବା ଅନ୍ତେବାସୀଙ୍କ ମଧ୍ୟରେ ଜଣେ ହତ୍ୟା ମାମଲାରେ ଜଡ଼ିତ ଥିବା ବେଳେ ଅନ୍ୟ ୫ଜଣ ଚୋରି ମାମଲାରେ ବିଚାରାଧୀନ ଥିଲେ ବୋଲି ଅଧୀକ୍ଷକ ରାଓ କହିଛନ୍ତି। ଦକ୍ଷିଣ ଓଡ଼ିଶା ପାଇଁ ବ୍ରହ୍ମପୁରରେ ବାଳସୁଧାର ଗୃହ ରହିଛି। ଏଠାରେ ୧୨ ଜିଲା ବାଳଅପରାଧୀଙ୍କୁ ରଖାଯାଇଥାଏ। ଏଠାରେ ୧୧୬ ଅନ୍ତେବାସୀ ଥିଲେ।

# ନିର୍ବାଚନ କମିଶନଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

## ପଞ୍ଚାୟତ ନିର୍ବାଚନ ସଂରକ୍ଷଣ ଚ୍ୟାଲେଞ୍ଜ ମାମଲା

**କଟକ ଅଫିସ,୨୨।୧୧**



ରାଜ୍ୟରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସଂରକ୍ଷଣ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଦାୟର ମାମଲାର ଶୁଣାଣି ସୋମବାର ହୋଇଛି। ଏହି ମାମଲାରେ ରାଜ୍ୟ ନିର୍ବାଚନ କମିଶନଙ୍କୁ ହାଇକୋର୍ଟ ଜବାବ ତଲବ କରିଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏବଂ ବିଚାରପତି ଏ.କେ.ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ଡିସେମ୍ବର ୨୦ ତାରିଖ ସୁଦ୍ଧା ସତ୍ୟପାଠ ଦାଖଲ କରିବା ପାଇଁ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି କି ନାହିଁ କୋର୍ଟ ଜାଣିବାକୁ ଚାହିଁଥିଲେ। ଏ ନେଇ ପରବର୍ତ୍ତୀ ଶୁଣାଣି ଡିସେମ୍ବର ୨୦ରେ ହେବ। ଏହି ମାମଲାକୁ ଆଇନଜୀବୀ ସୁକାନ୍ତ କୁମାର ଦଳେଇ ପରିଚାଳନା କରୁଛନ୍ତି। ସୂଚନା ଅନୁଯାୟୀ, ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ବୀରେନ୍ଦ୍ର ଦାସ ଏ ନେଇ ହାଇକେର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ସେ ତାଙ୍କ ପିଟିଶନରେ ଦର୍ଶାଇଥିଲେ, ଗତ ଜାନୁୟାରୀ ୧୦ରେ ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସରପଞ୍ଚ ପଦବୀ ସଂରକ୍ଷଣ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କେଉଁ ପଞ୍ଚାୟତ କେଉଁ ବର୍ଗଙ୍କ ପାଇଁ ସଂରକ୍ଷିତ ତାହା ଏହି ବିଜ୍ଞପ୍ତିରେ ଉଲ୍ଲେଖ ରହିଥିଲା। ତେବେ ପଞ୍ଚାୟତିରାଜ ଆଇନ ଅନୁଯାୟୀ, ଏଥିରେ ବିଭିନ୍ନ ବର୍ଗଙ୍କ ଲାଗି ସେମାନଙ୍କ ଜନସଂଖ୍ୟା ଅନୁପାତରେ ସଂରକ୍ଷଣ ରଖାଯିବା କଥା। କିନ୍ତୁ ଏହାକୁ ଅଣଦେଖା କରାଯାଇଛି। ତେଣୁ ଉକ୍ତ ବିଜ୍ଞପ୍ତିକୁ ରଦ୍ଦ କରାଯାଉ। ଏଥିସହ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଥିଲେ।



**ଆଜିର ମନ୍ତବ୍ୟ**

"କୃଷି ଆଇନ ପ୍ରତ୍ୟାହାର କରିବା ସହ କେନ୍ଦ୍ର ସରକାର କୃଷକମାନଙ୍କ କେତେକ ନ୍ୟାଯ୍ୟ ଦାବି ପୂରଣ କରନ୍ତୁ। ଏଥିସହ ଭାଜପା ନେତାମାନେ କୃଷି ଆଇନ ଉପରେ ଉତ୍ତେଜନା ସୃଷ୍ଟିକାରୀ ମନ୍ତବ୍ୟ ଦେବାରୁ ବିରତ ରହିବା ଉଚିତ।"
– ମାୟାବତୀ, ବିଏସ୍‌ପି ଅଧ୍ୟକ୍ଷା


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ପିହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟିକର ଭୂଇଁ ଚାଷ**
**ଟୋକାଙ୍କ ସଙ୍ଗେ ପରିହାସ**
**ସଖୀ ମନ୍ଦ ଏ।**

ବୟସ ବଢ଼ିବା ସହ ଯୁବତୀଙ୍କଠାରେ ସଣ୍ଢା ରଖିବା ଶୋଭନୀୟ ହୋଇଥାଏ। ଲଜ୍ଜାଶୀଳା ଗୁଣ ନାରୀର ଶ୍ରେଷ୍ଠ ଅଳଙ୍କାର ହୋଇଥିବାବେଳେ ତରୁଣୀ ବା ଯୁବତୀ କୌଣସି ପରପୁରୁଷ ସଙ୍ଗେ ହାସ୍ୟ ପରିହାସରେ ମାତିବା ଉଚିତ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟିକି ଟିକି ଟିକି**
**ଆଖିଠାରି ଦେଲେ ପାଣିକି ଯିବି**
**ଉଆଁଶାଳ ତଳେ ଥିବି।**

ଆଲୋକ ସନ୍ଧାନରେ ଯେମିତି କୀଟ ଉଡ଼ିଯାଏ ଅନେକ ଦୂର, ଠିକ୍ ସେମିତି ସୁଗନ୍ଧିତ ଫୁଲରୁ ମହୁ ଶୋଷିବା ପାଇଁ ଉଡ଼ିଆସନ୍ତି ଭଅଁର। ଇସାରାରେ ମଧ୍ୟ ପ୍ରେମ ନଈ ସୁଅ ଉଛୁଳି ଉଠେ। ଠରାଠରି ପ୍ରେମ ବା ଲୁଚାଛପା ପ୍ରେମ କରୁଥିବା ପ୍ରେମୀଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

### ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ ମହଙ୍ଗା ପଡ଼ିଲା

# ଠେଙ୍ଗାରେ ପିଟି ମାରିଦେଲେ

**ବାରିପଦା ଅଫିସ,୨୨।୧୧**

ଜନୈକା ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ ଘଟଣାକୁ ନେଇ ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ମଡାଉକା ଗ୍ରାମର ଏକ ପରିବାର ଜଣେ ବ୍ୟକ୍ତିଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ମୃତକ ହେଲେ ରଥ ଧଳ। ତାଙ୍କ ସ୍ତ୍ରୀ ବସୁମତୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ୨ମହିଳାଙ୍କ ସମେତ ୬ଜଣଙ୍କୁ ପୋଲିସ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୧୭୭/୨୧) ରୁଜୁ ହୋଇଛି। ଅଭିଯୁକ୍ତମାନେ ହେଲେ ରାଇଦାସ ବିନ୍ଧାଣି, ମାଳି ବିନ୍ଧାଣି,କୁମାର ବିନ୍ଧାଣି, ଫୁଲମଣି ବିନ୍ଧାଣି,ଗୁରୁବାରୀ ବିନ୍ଧାଣି ଓ ବିଶ୍ୱନାଥ ବିନ୍ଧାଣି।

ପୋଲିସ ସୂଚନାନୁଯାୟୀ, ରବିବାର ହାଟକୁ ଯାଇଥିବା ଜନୈକା ମହିଳାଙ୍କୁ ମୃତ ରଥ ଧଳ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ମହିଳାଙ୍କ ପରିବାର ଲୋକେ ବିଳମ୍ବିତ ରାତିରେ ସଂଘବଦ୍ଧ ଭାବେ ରଥଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଥାନାଧିକାରୀ ମିନି ଭୋଇ ପ୍ରକାଶ କରିଛନ୍ତି।


କଟକ ଏସ୍‌ସିବି ମେଡିକାଲ କଲେଜର ପ୍ଲାଟିନମ୍ ଜୁବ୍‌ଲି ପାଳନ ଅବସରରେ ମେଡିକାଲ କଲେଜ ପରିସରରେ ସ୍ଥାପିତ ହେଉଥିବା ବ୍ରାସ୍ ନିର୍ମିତ ଭାସ୍କର୍ଯ୍ୟ।

# ପିସିସି କର୍ମକର୍ତ୍ତାଙ୍କୁ ଜିଲା ଦାୟିତ୍ୱ ବଣ୍ଟନ

## ପଞ୍ଚାୟତ ନିର୍ବାଚନ ସଜବାଜ

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲା, ବ୍ଲକ ଓ ପଞ୍ଚାୟତ ସ୍ତରରେ ସଙ୍ଗଠନକୁ ସୁଦୃଢ଼ ତଥା କ୍ରିୟାଶୀଳ କରିବାକୁ ଲାଗିପଡିଛି କଂଗ୍ରେସ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଙ୍ଗଳବାର ଜିଲା କଂଗ୍ରେସ କମିଟି ଉପସଭାପତି, ସାଧାରଣ ସମ୍ପାଦକ, କାର୍ଯ୍ୟକାରୀ କମିଟି ସଦସ୍ୟଙ୍କୁ ଦାୟିତ୍ୱ ବଣ୍ଟନ କରିଛନ୍ତି।

ଅନୁଗୋଳ ଜିଲା ଦାୟିତ୍ୱ ସାଧାରଣ ସମ୍ପାଦକ ବିଶ୍ୱଭୂଷଣ ଦାସ ଓ ସମ୍ପାଦକ ସୁରେଶ ପାଣିଗ୍ରାହୀଙ୍କୁ ଦିଆଯାଇଥିବାବେଳେ ବାଲେଶ୍ୱର ପାଇଁ ସାଧାରଣ ସମ୍ପାଦକ ଅଶୋକ କୁମାର ଦାସ ଓ ସମ୍ପାଦକ ମନୋଜ କୁମାର ବିଶ୍ୱାଳ, ବରଗଡ଼ ଦାୟିତ୍ୱ ସାଧାରଣ ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ ଓ ସମ୍ପାଦକ ମାନସ ଆଚାର୍ଯ୍ୟ, ଭଦ୍ରକ ଦାୟିତ୍ୱ ସାଧାରଣ ସମ୍ପାଦକ ସତ୍ୟଶିବ ଦାସ ଓ ସମ୍ପାଦକ ସଗ୍ରାମ କେଶରୀ ଦାସଙ୍କୁ ଦିଆଯାଇଥିବାବେଳେ ଭୁବନେଶ୍ୱର ପାଇଁ ଉପସଭାପତିଭାବେ ଗଣେଶ୍ୱର ବେହେରା ଓ ସମ୍ପାଦକ ଶାନ୍ତାୟନ ମିଶ୍ର ରହିଛନ୍ତି। ସେହିପରି ବଲାଙ୍ଗୀର ପାଇଁ କାର୍ଯ୍ୟକାରୀ କମିଟି ସଭ୍ୟ ସତ୍ୟଭୂଷଣ ସାହୁ ଓ ସମ୍ପାଦକ ସୀମାଞ୍ଚଳ ଉଲ୍ଲାକା, ବୌଦ୍ଧ ପାଇଁ ସାଧାରଣ ସମ୍ପାଦକ ଆଶଫ ଖାନ, ସମ୍ପାଦକ ସୂର୍ଯ୍ୟକାନ୍ତି ବାଗ ଓ ଗୌର ନାୟକ, କଟକ ପାଇଁ ସାଧାରଣ ସମ୍ପାଦକ ସତ୍ୟପ୍ରକାଶ ନାୟକ, ସମ୍ପାଦକ ଉମେଶ ଜେନା ଓ ସମ୍ପାଦିକା ପ୍ରତିମା ମଲ୍ଲିକ, କଟକ ନଗର ଦାୟିତ୍ୱରେ ଉପସଭାପତି ଯଜ୍ଞେଶ୍ୱର ବାବୁ ଓ ସମ୍ପାଦିକା ଶ୍ରୀୟା ମହାନ୍ତି, ଦେବଗଡ଼ ଦାୟିତ୍ୱ ଉପସଭାପତି ରତ୍ନମଣି ଉଲ୍ଲାକା ଓ ସମ୍ପାଦକ ଦୁର୍ଗା ପାଢ଼ୀ, ଢେଙ୍କାନାଳ ପାଇଁ ଉପସଭାପତି ସୁରେଶ ମହାପାତ୍ର ଓ ସମ୍ପାଦକ ବିଜୟାନନ୍ଦ ଚାଉଳିଆ, ଗଜପତି ପାଇଁ ସାଧାରଣ ସମ୍ପାଦକଭାବେ ଲଲାଟେନ୍ଦୁ ମହାପାତ୍ର ଓ ସମ୍ପାଦକ ନଳିନୀ ସ୍ୱାଇଁ, ଗଞ୍ଜାମ (ବ୍ରହ୍ମପୁର ଲୋକସଭା) ପାଇଁ ଉପସଭାପତି ଶିବାନନ୍ଦ ରାୟ ଓ ସମ୍ପାଦକ ଲିଙ୍ଗରାଜ ସାହୁ, ଆସ୍କା ଲୋକସଭା ପାଇଁ ସାଧାରଣ ସମ୍ପାଦକ କିଶୋର ଜେନା ଓ ସମ୍ପାଦକ କୈଳାସ ମୁଖି ଓ ହେମରାଜ ବାଗଙ୍କୁ ଦାୟିତ୍ୱ ଦିଆଯାଇଛି।

ସେହିପରି ପିସିସି ସାଧାରଣ ସମ୍ପାଦକ ଚିନ୍ମୟ ସୁନ୍ଦର ଦାସଙ୍କୁ ଅଫିସ ପ୍ରୋଟୋକଲ, ସାଧାରଣ ସମ୍ପାଦିକା ମମତା ମାଢ଼ୀ ଓ ସମ୍ପାଦିକା ଅର୍ଚ୍ଚନା ନନ୍ଦିଙ୍କୁ ମହିଳା କଂଗ୍ରେସ ଏବଂ ବାକିସବୁ ଜିଲାର ଦାୟିତ୍ୱ ଅନ୍ୟ କର୍ମକର୍ତ୍ତାଙ୍କୁ ବଣ୍ଟନ କରାଯାଇଥିବା ପିସିସି ଉପସଭାପତି ଯଜ୍ଞେଶ୍ୱର ବାବୁ ସୂଚନା ଦେଇଛନ୍ତି।ଜିଲାସେହିପରି ଅନ୍ୟ କର୍ମକର୍ତ୍ତାଙ୍କୁ ବାକି ଜିଲାଗୁଡିକ ପାଇଁ ଦାୟୀତ୍ୱ ପ୍ରଦାନ କରାଯାଇଛି।

# କାର୍ଯ୍ୟବନ୍ଦ ନ ହେଲେ ଆନ୍ଦୋଳନ

## ନଦୀବନ୍ଧ କାଟି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପ୍ରସଙ୍ଗ

**ପୁରୁଣା ଭୁବନେଶ୍ୱର,୨୨।୧୧(ଡି.ଏନ୍.ଏ.)**

ରାଜ୍ୟ ସରକାର କୃଷି ଏବଂ କୃଷକଙ୍କ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ତେବେ କେତେଜଣ ବିଭାଗୀୟ ଅଧିକାରୀ ଓ ଅସାଧୁ କର୍ମଚାରୀଙ୍କ ପାଇଁ ଏହି ଯୋଜନା ଠିକ୍‌ଭାବେ କାର୍ଯ୍ୟକାରୀ ହେଉନାହିଁ। ଏହିକ୍ରମରେ ରାଜଧାନୀ ଉପକଣ୍ଠ ଉତ୍ତରା ଛକ ନିକଟ ନଦୀବନ୍ଧ କଣାସ ମାଇନର ଜିରୋରୁ ୭୦୦ ମିଟର ସଂଲଗ୍ନ ଧଉଳି ମାଇନର ନଦୀବନ୍ଧ କାନ୍ଧି କଟାଯାଇ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଉଛି। ଏହି ନିର୍ମାଣ କାର୍ଯ୍ୟ ବନ୍ଦ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କେତେକ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସୂଚନା ମୁତାବକ, ପ୍ରାୟ ୧୫୦ ମିଟର ଲମ୍ବ ନଦୀବନ୍ଧ କାନ୍ଧି କଟାଯାଇ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଉଛି। ପୂବା ଶାସନ ପଞ୍ଚାୟତ ପକ୍ଷରୁ ଏହାର କାର୍ଯ୍ୟାଦେଶ ୨୦୧୭ହୋଇଥିବାବେଳେ ଏହାକୁ ତରବରିଆ ଭାବେ ନିର୍ମାଣ କରାଯାଉଛି। ଏହି କାର୍ଯ୍ୟକୁ ରୋକା ନ ଗଲେ ବର୍ଷାଦିନେ କିମ୍ବା ନଈ ବଢି ବେଳେ ବନ୍ଧ ଭାଙ୍ଗିବ ବୋଲି ଆଶଙ୍କା କରାଯାଉଛି। ଏଥିରେ ଉତ୍ତରା ଶାସନ, ପୂବା ଶାସନ, ଗୋବିନ୍ଦପୁର, ସଙ୍ଗଳାଇ ଶାସନ, ଜଗନ୍ନାଥପୁର ପରି ୧୬ଟି ମୌଜା ପ୍ରଭାବିତ ହେବ। ଏହି ବେଆଇନ ନିର୍ମାଣ ରୋକାଯିବାକୁ ପୂବା ପଞ୍ଚାୟତର କେତେଜଣ ଗ୍ରାମବାସୀ ଜଳସେଚନ ବିଭାଗ ମୁଖ୍ୟ ସଚିବ, ପିପିଲି ବିଡିଓ, ଗ୍ରାମ ପଞ୍ଚାୟତ ଅଧିକାରୀ, ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତୁରନ୍ତ ସରକାର ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଆନ୍ଧ୍ରରୁ ୧୬ ଓଡ଼ିଆ ତୀର୍ଥଯାତ୍ରୀଙ୍କୁ ଉଦ୍ଧାରକଲା 'ଓଡ଼ିଶା-ମୋ ପରିବାର'

**ଭୁବନେଶ୍ୱର, ୨୨।୧୧ (ବ୍ୟୁରୋ)**

ଓଡ଼ିଶା ବାହାରେ ଦୁର୍ଦ୍ଦଶାଗ୍ରସ୍ତ ଓଡ଼ିଆଙ୍କ ପାଇଁ କାର୍ଯ୍ୟ କରୁଥିବା 'ଓଡ଼ିଶା-ମୋ ପରିବାର' ପୁଣି ସହଯୋଗର ହାତ ବଢାଇଛି। ଆନ୍ଧ୍ର ପ୍ରଦେଶରେ ବନ୍ୟା ବିପତ୍ତି ଯୋଗୁ ରାମେଶ୍ୱରମ୍ ଷ୍ଟେଶନରେ ଫସି ରହିଥିବା ୧୬ ଓଡ଼ିଆ ଯାତ୍ରୀଙ୍କୁ ଓଡ଼ିଶା-ମୋ ପରିବାର ଉଦ୍ଧାର କରି ବିମାନରେ ଭୁବନେଶ୍ୱରରେ ପହଞ୍ଚାଇବା ପରେ ନିଜ ଘରକୁ ପଠାଇବାର ବନ୍ଦୋବସ୍ତ କରିଛି। ସୋମବାର ଅପରାହ୍ନରେ ଇଣ୍ଡିଗୋ ବିମାନରେ ୮ଜଣ ଫେରିଥିବାବେଳେ ମଙ୍ଗଳବାର ଆଉ ୮ଜଣ ଫେରିବେ। ଉଦ୍ଧାର ଓଡ଼ିଆ ଯାତ୍ରୀଙ୍କ ମଧ୍ୟରେ ଅର୍ଦ୍ଧାଧିକ ବୟସ୍କ, ମହିଳା ଓ ଶିଶୁ ଅଛନ୍ତି।

କିଛିଦିନ ତଳେ ଓଡ଼ିଆ ତୀର୍ଥ ଯାତ୍ରୀ ଦଳ ତାମିଲନାଡୁର ପ୍ରସିଦ୍ଧ ରାମେଶ୍ୱରମ୍ ଭ୍ରମଣରେ ଯାଇଥିଲେ। ଗତ ଶନିବାର ଦିନ ଟ୍ରେନ୍ ଯୋଗେ ଓଡ଼ିଶା ଫେରିବାର ଥିଲା। ମାତ୍ର ଆନ୍ଧ୍ର ପ୍ରଦେଶରେ ପ୍ରବଳ ବନ୍ୟା ଯୋଗୁ ହଠାତ ସବୁ ଟ୍ରେନ୍ ବାତିଲ ହୋଇଯାଇଥିଲା। ଫଳରେ ରାମେଶ୍ୱରମ୍ ଷ୍ଟେଶନରେ ସେମାନେ ଅଟକି ରହି ନାନା ଦୁର୍ଦ୍ଦଶା ଭୋଗୁଥିଲେ। ନିହାରିକା ଦାଶ ନାମକ ଜଣେ ଯୁବତୀ ଏହି ଦୁର୍ଦ୍ଦଶା ସମ୍ପର୍କରେ ଗତ ୨୦ ତାରିଖ ସନ୍ଧ୍ୟାରେ 'ଓଡ଼ିଶା-ମୋ ପରିବାର' ଆବାହକ ଅରୂପ ପଟ୍ଟନାୟକଙ୍କୁ ଅବଗତ କରାଇଥିଲେ। ତାଙ୍କ ନିର୍ଦ୍ଦେଶରେ ସଂଗଠନର ଚେନ୍ନାଇ ପ୍ରତିନିଧି କ୍ଷୀରୋଦ ଜେନା ଓ ପଞ୍ଚାନନ ଜେନା ତୀର୍ଥଯାତ୍ରୀଙ୍କ ରହଣୀ, ଖାଇବା ଓ ଫେରାଇ ଆଣିବାର ସୁବନ୍ଦୋବସ୍ତ କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

### ବିଶ୍ୱବିଦ୍ୟାଳୟ ପାଇଁ ଏକକ...

ଏଥିପାଇଁ ନିଜକୁ କିଭଳି ପ୍ରସ୍ତୁତ କରୁଛନ୍ତି ସେ ସମସ୍ତ ବିଷୟକୁ ଅନୁଧ୍ୟାନ କରାଯିବ। ୨ ବର୍ଷ ପୂର୍ବରୁ ଗବେଷଣା ପାଇଁ ଥେସିସ୍ ଦାଖଲ କରିପାରିବେ ନାହିଁ। କେବଳ ଛାତ୍ରୀଛାତ୍ର ନୁହନ୍ତି, ଉଚ୍ଚଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ଶିକ୍ଷାଦାନ ପାଇଁ ବିଭିନ୍ନ ବିଷୟରେ ନିଯୁକ୍ତି ପାଇଥିବା ଅଧ୍ୟାପକମାନଙ୍କୁ ମଧ୍ୟ ରାଜ୍ୟ ସରକାର ପ୍ରୋତ୍ସାହନ ଯୋଗାଇ ଆସୁଛନ୍ତି। ୪୫ ବର୍ଷରୁ କମ୍ ବୟସର ଅଧ୍ୟାପକମାନଙ୍କୁ ଗବେଷଣା ପାଇଁ ରାଜ୍ୟ ସରକାର ୫ ଲକ୍ଷ ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଯୋଗାଇ ଦେଉଛନ୍ତି। ଗତ ୨ ବର୍ଷରେ ୮୦ ଜଣ ଅଧ୍ୟାପକଙ୍କୁ ଗବେଷଣା ପାଇଁ ପ୍ରୋତ୍ସାହନ ରାଶି ଦିଆଯାଇଛି। ଏହାଦ୍ୱାରା ସେମାନଙ୍କ ଦକ୍ଷତା ବୃଦ୍ଧି ହେବା ସହ ଶିକ୍ଷାନୁଷ୍ଠାନରେ ଗବେଷଣାର କ୍ଷେତ୍ର ପ୍ରଶସ୍ତ ହେବ ବୋଲି ଉଚ୍ଚ ଶିକ୍ଷା ପରିଷଦର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

### ଟ୍ରାଙ୍କୁଲାଇଜ ବିଫଳ...

ଖବରପାଇ ବନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଟ୍ରାଙ୍କୁଲାଇଜ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ମଙ୍ଗଳବାର ଭୋର ସମୟରେ ଏହି ହାତୀକୁ ଟ୍ରାଙ୍କୁଲାଇଜ କରାଯାଇଥିଲା। ଏହାପରେ ଟିମ୍ ହାତୀ ପାଖକୁ ଯାଇଥିଲେ। ହାତୀଟି ହଠାତ୍ ଉଠି ଏହି ଟିମ୍ ଉପରକୁ ଆକ୍ରମଣ କରିଥିଲା। ଫରେଷ୍ଟର ସିଂ, ଏସିଏଫ୍ ମହାନ୍ତି ଏବଂ ବୈଷୟିକ ଟିମ୍‌ର ୨ଜଣ କର୍ମଚାରୀ ଆହତ ହୋଇଥିଲେ। ପରେ ଟ୍ରାଙ୍କୁଲାଇଜ ଟିମ୍ କୌଶଳକ୍ରମେ ହାତୀ ମୁଖରୁ ଖସି ଆସିଥିଲେ। ଆହତଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲ ପଠାଯାଇଥିଲା। ଖବରପାଇ ଡିଏଫ୍‌ଓ ପହଞ୍ଚି ଘଟଣାର ସ୍ଥିତି ଅନୁଧ୍ୟାନ କରିଥିଲେ।

ସେପଟେ ଏହି ଘଟଣାକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ବନ ବିଭାଗ କାର୍ଯ୍ୟ ଉପରେ ପ୍ରଶ୍ନ କରିଛନ୍ତି। ରାତିରେ ଟ୍ରାଙ୍କୁଲାଇଜ କରିବା ପାଇଁ ନିୟମ ନ ଥିବା ବେଳେ ସେମାନେ କିପରି କରିଥିଲେ ତାହା ଏବେ ପ୍ରଶ୍ନବାଚୀ। ଯଦିଓ ସେମାନେ ଭୋର ସମୟରେ କରିଥିଲେ, କିନ୍ତୁ ସେ ସମୟରେ ଅନ୍ଧାର ଥିଲା, ଭଲରେ ଦିନ ହୋଇ ନ ଥିଲା। ବିଶେଷଜ୍ଞଙ୍କ କହିବାନୁସାରେ, ରାତିରେ ଜଙ୍ଗଲୀ ହାତୀଙ୍କୁ ଟ୍ରାଙ୍କୁଲାଇଜ କଲେ ହାତୀ ଉପରେ ନିଶ୍ଚେତକର ପ୍ରଭାବ କିପରି ପଡ଼ିଲା ତାହା ଅନ୍ଧାରରେ ଠିକ୍ ଭାବେ ଜାଣିବା କଷ୍ଟକର ହୋଇଥାଏ। ଦ୍ୱିତୀୟରେ ଟ୍ରାଙ୍କୁଲାଇଜ କରିବା ସମୟରେ ହାତୀର ବୟସ ତଥା ଓଜନକୁ ଅନୁମାନ କରିବା ପରେ ଠିକ ମାତ୍ରାର ନିଶ୍ଚେତକର ମାତ୍ରା ପ୍ରୟୋଗ କରିବା କଥା, କାରଣ ଠିକ ମାତ୍ରାର ନିଶ୍ଚେତକ ପ୍ରୟୋଗ ନ କରିପାରିଲେ ହାତୀକୁ କାବୁ କରିବା ଅସମ୍ଭବ। ଖୋର୍ଦ୍ଧାରେ ଠିକ ମାତ୍ରାର ନିଶ୍ଚେତକ ହୁଏତ ପ୍ରୟୋଗ କରାଯାଇ ନ ଥିଲା ବୋଲି ବିଶେଷଜ୍ଞମାନେ କହିଛନ୍ତି।

ଅନ୍ୟପକ୍ଷରେ ଭାଜପା କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି, ଚନ୍ଦକାରୁ ଆସିଥିବା ୨୮ଟିକିଆ ହାତୀପଲ ଖୋର୍ଦ୍ଧା ବନଖଣ୍ଡ ଅଞ୍ଚଳରେ ରହିଛନ୍ତି। ଏପିରକି ନିକଟରେ ୧୭ଟିକିଆ ହାତୀପଲ ଟାଙ୍ଗୀ ବନାଞ୍ଚଳର ରାମେଶ୍ୱର, ନିରାକାରପୁର, ଗୟାବନ୍ଧ ଆଦି ଅଞ୍ଚଳରେ ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ହାତୀ ନିୟନ୍ତ୍ରଣ ପାଇଁ ବନ ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ହାତୀ ଆକ୍ରମଣରେ ଅନେକ ଲୋକଙ୍କ ଜୀବନ ଯାଉଥିବା ସତ୍ତ୍ୱେ ଜିଲା ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଏଥିପ୍ରତି ଗୁରୁତ୍ୱ ଦିଆ ନ ଗଲେ, ଆଗାମୀ ଦିନରେ ଜନ ଆନ୍ଦୋଳନ ମୁଣ୍ଡ ଟେକିବା ଆଶଙ୍କା ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ବହୁତ ଦିନ ହେଲା ଲାଗିରହିଥିବା ପାରିବାରିକ ସମସ୍ୟା ବନ୍ଧୁଙ୍କ ମାଧ୍ୟମରେ ସମାଧାନ ହୋଇଯିବ। ପରିବାରରେ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। କୌଣସି ଗୁରୁତ୍ୱପୂର୍ଣ୍ଣକାମ କ୍ଷେତ୍ରରେ ପୂର୍ବରୁ ଥିବା ସମସ୍ୟାଗୁଡ଼ିକ ନେଇ ଚିନ୍ତା କରିପାରନ୍ତି।

**ବୃଷ** – ସାଧାରଣ କଥାକୁ କେନ୍ଦ୍ରକରି ସମ୍ପର୍କରେ ବୈରିମନୋଭାବ ନାହିଁ। ଜମିଜମା କାରବାରରେ ବନ୍ଧୁଙ୍କ ସହ କଳହ ତର୍କ ବିତର୍କର ସମ୍ମୁଖୀନ ହେବେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ମାଦକ ଦ୍ରବ୍ୟ ସେବନ କିମ୍ବା ନୀଚସଙ୍ଗରୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ** – କୌଣସି କାମ ଅଟକିବ ନାହିଁ। ଆଶା କରୁଥିବା ଦିଗରୁ ଅର୍ଥଲାଭ ହେବ। ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ କିନ୍ତୁ ଲକ୍ଷ୍ୟ ଅବଶ୍ୟ ପୂରଣ ହେବ। ରାଜନୀତି, କଳା, ସାହିତ୍ୟ, ଆନୁଷ୍ଠାନିକ କାମ ତଥା ସାଂଗଠନିକ କ୍ଷେତ୍ରରେ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଓ ପ୍ରଶଂସିତ ହେବେ।

**କର୍କଟ** – ଆଜି କୌଣସି ଶୁଭ ଖବର ପାଇ ମନ ସକାଳୁ ସକାଳୁ ଖୁସୀ ହୋଇଯିବ। ଭୋଗ ବିଳାସ, କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ଓ ମଉଜ, ମଜଲିସ୍ ସକାଶେ ମନ ବଳାଇବେ। କର୍ମକ୍ଷେତ୍ରରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ସିଂହ** – ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ଏବଂ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। କୌଣସି ନୂତନ କାର୍ଯ୍ୟାରମ୍ଭ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଅଫିସରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ବିବାଦୀୟ ଘଟଣାରେ ବିଜୟ ଲାଭ ଅବଶ୍ୟମ୍ଭାବୀ।

**କନ୍ୟା** – ପରିବାରରେ ଭୁଲ୍ ନିଷ୍ପତ୍ତି ନେଇ ପରେ ଅନୁତାପ କରିବାକୁ ପଡ଼ିପାରେ। ଶିକ୍ଷା, ସନ୍ତାନ କ୍ଷେତ୍ରରେ ସମସ୍ୟା ଦେଖାଦେବାର ସମ୍ଭାବନା ରହିଛି। ଖଳ ଲୋକମାନଙ୍କ ମିଥ୍ୟା ଗୁଜବରେ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ। କୌଶଳରେ କାମ ହାସଲ କରି ଆତ୍ମସନ୍ତୋଷ ଲାଭ କରିବେ ।

**ତୁଳା** – ବନ୍ଧୁଙ୍କ ସହ ସମ୍ପର୍କ ବୃଦ୍ଧି ପାଇବାକୁ ସନ୍ଦେହ କରି ଘରେ ବିଭିନ୍ନ ପ୍ରକାରର କଥା ଶୁଣିବାକୁ ପଡ଼ିପାରେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହଯୋଗରୁ ଉପକୃତ ହେବ। ସ୍ୱାସ୍ଥ୍ୟ ହାନି କାରଣରୁ କାମ ପାଇଁ ନିରୁତ୍ସାହତା ଦେଖାଦେବ। ମିଠା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିବାରେ ସମର୍ଥ ହେବେ।

**ବିଛା** – ପରିବାରରେ ବିରୋଧାଭାସ କାରଣରୁ ଯୋଜନା ସମ୍ପୂର୍ଣ୍ଣ ହେବ ନାହିଁ। ଅବହେଳାରୁ ଆଶା କରୁଥିବା ଦିଗରୁ ଅର୍ଥ ପାଇବା କଷ୍ଟକର ହୋଇପଡ଼ିବ। ବିଭିନ୍ନ ସମସ୍ୟା ଥିଲେ ମଧ୍ୟ ନିର୍ମାଣ, ପରିବହନ, ମରାମତି, ଜମିଜମା କାମରେ ସାହାଯ୍ୟ ଅବଶ୍ୟ ପାଇବେ। ଅଧିକାଂଶ ସମୟ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇପାରନ୍ତି।

**ଧନୁ** – ଆଜି ଆଶା କରୁଥିବା ଦିଗରୁ ଅର୍ଥ ଓ ଆବଶ୍ୟକୀୟ ସହଯୋଗ ଆଶା ଭଣ୍ଡୁର ହୋଇଯିବ। ଜମିଜମା କ୍ରୟବିକ୍ରୟ କ୍ଷେତ୍ରରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ନିଜର କେତେକ ବ୍ୟକ୍ତିଗତ କାରଣରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ଦୀର୍ଘଦିନର ପୁରୁଣା ରୋଗ ସକାଶେ ବିଶେଷ ଚିନ୍ତିତ ରହିବାକୁ ପଡ଼ିପାରେ।

**ମକର** – ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। ଆଗାମୀ ଆନୁଷ୍ଠାନିକ କାମ ସକାଶେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। କେତେକ ମନଗଢ଼ା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**କୁମ୍ଭ** – ଆଜି କର୍ମ କ୍ଷେତ୍ର ଓ ପରିବାରରେ ଅଶାନ୍ତ ପରିସ୍ଥିତି ଭିତର ଦେଇ କାମ ହାସଲ କରିବେ। ବୃଥା ଚିନ୍ତା କରି ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ। ଶିଳ୍ପ, ବାଣିଜ୍ୟ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସଫଳତା ହାସଲ କରିବେ। ପରିବାର ଭିତରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ।

**ମୀନ** – ଆଜି ଆଶାୟୀ ହୋଇ କୌଣସି କାମ ପାଇଁ ଆଗ୍ରହ ପ୍ରକାଶ କରିପାରନ୍ତି। ଅଧିକାଂଶ ସମୟ ବନ୍ଧୁମେଳରେ ସମୟ କଟାଇବାର ସୌଭାଗ୍ୟ ଲାଭ କରିବେ। ଆକସ୍ମିକ ଭାବେ ଦୂରଯାତ୍ରାଜନିତ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ସାଂଗଠନିକ କ୍ଷେତ୍ରରେ ଭାବୁଥିବା କାମଟିକୁ ଶେଷ କରିପାରିବେନି।


# classifieds

**Everyday**
**0674-2580101, 2549302**




**SALE**

**Bhubaneswar infocity-2 200ft. road side near Cancer Hospital ପାଖରେ sqft. 1300/- ପ୍ଲଟ୍ ମିଳୁଛି। 9337284117.** D-71741

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9439660381. D-22344

**Sum Hospital ପାଖ ଘଙ୍ଗାପାଟନାରେ ସ୍ଥିତିବାନ ପ୍ଲଟ୍ ୩୦ଫୁଟ ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। 7653997595.** D-71737

Land for sale at Gajapati Nagar Corner plot with boundary wall, Commercial type use, 120 decimal land (5227sqft.), budget: 10.5Cr. No negotiation and no broker. Contact: 8917520293. D-71905

**Bhubaneswar infocity-2 200' road side near NH-5 gharabari plot sqft. 1450/- Bank finance ଥାଇ ମିଳୁଛି। 7978230118, 9237480561, 8260722312.** D-71717

Bhubaneswar, ନଖରା, ତ୍ରିନାଥବଜାରରେ, ପ୍ରତାପନଗରୀରେ ପିଚୁରୋଡ୍‌କୁ ଲାଗି sqft.-499/-ରେ ପ୍ଲଟ୍ ଦିଆଯାଉଛି। 9776121547. D-22297

**ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300 mtr distance ସ୍ଥିତିବାନ ପ୍ଲଟ୍ ମିଳୁଅଛି । 8908122121.** D-71729

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71909

**BMC, RERA, SBI, approved 3BHK premium flats for sale at Surekha Orchid, Patia, ready to move within 3months. Price 1crore onwards. Contact: 9124000333/444/999.** D-71739




**To-Let 60000 sqft. Commercial Space between Cuttack and Bhubaneswar Highway. Contact 7008175963/9776050040.** D-22211




Ashirvaad Saloon and SPA get good massage for your health tha best therapy. 7077181074. D-71823

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

Newly open SPA Offer price @ 599/-, positively health benefits. 8455987557. D-71442

Refreshing your mind, your body with tha best therapy at Lotus SPA. 8018891951. D-71820

Refreshing your mind and body with the best therapy. 7873794731. D-71907

One hour any therapy by expert therapist @800 only. 9078484455. D-71437

Newly open full body massage ladies and gents. 8327740003. D-71822

Refreshments rejuvenation body massage therapy with experience therapists, Bhubaneswar. 9668374480. D-71904

Newly Open Saikrupa Panchakarma Spa positively health benefits with Expert. 8984068077. D-22247

**LOST**

ମୁଁ ଶ୍ରୀ ସନ୍ତୋଷ କୁମାର ଦାସ, ପିତା- ନିରଞ୍ଜନ ଦାସ, ସାଳନ୍ଦୀ ନଗର ବାଇପାସ, ଥାନା- ଭଦ୍ରକ ଟାଉନ୍, ଜିଲ୍ଲା- ଭଦ୍ରକ ମୋ ନାମରେ ଥିବା ଘରବାରି ଖତିଆନ ନଂ. 723/1428, ମୌଜା କୁଆଁସ ଗତ 30.10.2021 ଦିନ ବାଇପାସ ଛକ ନିକଟରେ ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ଏହା ପାଇଥିବେ ମୋର ମୋବାଇଲ ନଂ. 9437266480କୁ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୨୨୩୪୩

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଯୁବ ସମ୍ମିଳନୀର ଆକର୍ଷଣ

'ଧରିତ୍ରୀ' ପକ୍ଷରୁ ଆସନ୍ତା ୨୪ତାରିଖରେ ଭୁବନେଶ୍ୱରଠାରେ ଯୁବ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। 'କ୍ଲାଇମେଟ୍ ଚେଞ୍ଜ: ଫୋକସ୍ ଓଡ଼ିଶା' ବିଷୟବସ୍ତୁ ଉପରେ ଆଧାରିତ ଏହି ସମ୍ମିଳନୀରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଉଛନ୍ତି। ସେମାନେ ସ୍ୱକୀୟ ପ୍ରତିଭା ଓ କାର୍ଯ୍ୟ ଦକ୍ଷତା ପାଇଁ ସବୁଠି ପରିଚିତ। ଏଭଳି ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ଏହି ଉପସ୍ଥାପନା।

DHARITRI YOUTH CONCLAVE 2021 CLIMATE CHANGE: FOCUS ODISHA


ନିକ୍ ଲୋ

❑କୋଲକାତାରେ ବ୍ରିଟିଶ ଡେପୁଟି ହାଇ କମିଶନର ଭାବେ ନିକ୍ ଲୋ ଅବସ୍ଥାପିତ ଅଛନ୍ତି। ପଶ୍ଚିମବଙ୍ଗ, ଛତିଶଗଡ଼, ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ସିକ୍କିମ୍, ଆସାମ, ମେଘାଳୟ, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ମଣିପୁର, ମିଜୋରାମ ଓ ତ୍ରିପୁରା ଆଦି ୧୩ଟି ରାଜ୍ୟ ସହିତ କେନ୍ଦ୍ରଶାସିତ ଅଞ୍ଚଳ ଆଣ୍ଡାମାନ ଓ ନିକୋବରରେ ବ୍ରିଟେନ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।


କାବିସ୍ ସେଠ୍

❑ମୁମ୍ବାଇ ନିବାସୀ କାବିସ୍ ଏକାଧାରାରେ ଜଣେ କବି, ଗାୟକ, ଗୀତିକାର ଏବଂ ଜଣେ ଉଦ୍ଭାବକ। ସେ 'ନୋରି' ନାମକ ଏକ ବାଦ୍ୟଯନ୍ତ୍ର ତିଆରି କରିଛନ୍ତି। ସେ 'ଜୁବାନ୍' ନାମକ ଏକ ମ୍ୟୁଜିକ୍ ପ୍ରୋଜେକ୍ଟ କରିଛନ୍ତି। ଭାରତର ବିଭିନ୍ନ କୋଣରୁ ମୁକ୍ତ ସଙ୍ଗୀତ କଳାକାରଙ୍କ ମଧ୍ୟରେ ସହଯୋଗ ଆଣିବା ପାଇଁ ଏକ ପ୍ଲାଟ୍‌ଫର୍ମ ସୃଷ୍ଟି କରିବା ହେଉଛି ଏହି ପ୍ରୋଜେକ୍ଟର ଲକ୍ଷ୍ୟ।


ମୋନିକା ନେଲ୍‌ସନ୍

❑ୟୁନିସେଫ୍ (ୟୁନାଇଟେଡ୍ ନେସନ୍‌ସ ଚିଲ୍‌ଡ୍ରେନ୍‌ସ ଫଣ୍ଡ)ର ଓଡ଼ିଶା ମୁଖ୍ୟ ମୋନିକା ଜଣେ ଶିକ୍ଷା ବିଶେଷଜ୍ଞ। ଅନ୍ତର୍ଜାତୀୟ ସମ୍ପର୍କ, ନୀତି ବିଶ୍ଳେଷଣ, ପ୍ରଶିକ୍ଷଣ, ଲିଙ୍ଗଗତ ବିଶ୍ଳେଷଣରେ ସେ ଅତ୍ୟନ୍ତ ଦକ୍ଷ। ସେ ଆଙ୍ଗାଲିଆ ବିଶ୍ୱବିଦ୍ୟାଳୟରୁ ଲିଙ୍ଗ, ଶିକ୍ଷା ଏବଂ ସାମାଜିକ ବିକାଶ ବିଷୟ ଉପରେ ପି.ଏଚ୍.ଡି ଲାଭ କରିଛନ୍ତି।


ସୁଜିତ ମହାପାତ୍ର

❑ବକୁଳ ଫାଉଣ୍ଡେଶନର ସେ ପ୍ରତିଷ୍ଠାତା ସମ୍ପାଦକ। ପଢ଼ିବା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ପିଲାମାନଙ୍କ ମଧ୍ୟରେ କଳ୍ପନା ଏବଂ ସୃଜନଶୀଳତା ଉପରେ ଏହି ଫାଉଣ୍ଡେଶନ କାର୍ଯ୍ୟ କରୁଛି। ବିଭିନ୍ନ ସ୍ଥାନରେ ଲାଇବ୍ରେରି କରିବା ସହିତ ବିନା ମୂଲ୍ୟରେ ବହି ପଢ଼ିବାର ସୁଯୋଗ ଦେଉଛି। ଏଥିସହିତ ପରିବେଶ ତଥା ଜଳବାୟୁ ପରିବର୍ତ୍ତନ ଲଢ଼େଇରେ ମଧ୍ୟ ଫାଉଣ୍ଡେଶନ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥାଏ।


ପ୍ରଦୀପ କୁମାର ଜେନା

❑୧୯୮୮ ବ୍ୟାଚ୍‌ର ଆଇଏଏସ୍ ଅଫିସର ପ୍ରଦୀପ କୁମାର ଜେନା ଏବେ ଓଡ଼ିଶା ସରକାରଙ୍କ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅଛନ୍ତି। ଏଥି ସହିତ ସେ ସ୍ୱତନ୍ତ୍ର ରିଲିଫ୍ କମିଶନର ଦାୟିତ୍ୱ ମଧ୍ୟ ତୁଲାଉଛନ୍ତି।


ଡ.ମୃତ୍ୟୁଞ୍ଜୟ ମହାପାତ୍ର

❑ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି)ର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟରତ। ତାଙ୍କୁ 'ସାଇକ୍ଲୋନ୍ ମ୍ୟାନ୍ ଅଫ୍ ଇଣ୍ଡିଆ' ବୋଲି କୁହାଯାଇଥାଏ। ପାଣିପାଗ ବିଭାଗର ସାଇକ୍ଲୋନ୍ ୱାର୍ନିଂ ଡିଭିଜନ୍‌ରେ କାର୍ଯ୍ୟ କରୁଥିବା ବେଳେ ମହାପାତ୍ର ଓ ତାଙ୍କ ଟିମ୍ ବାତ୍ୟାକୁ ଠିକ୍ ଭାବେ ଆକଳନ କରି ପ୍ରଶଂସା ପାଇଛନ୍ତି। ପୂର୍ବ ଉପକୂଳରେ ମାଡ଼ ହୋଇଥିବା ଫାଇଲିନ୍, ହୁଦ୍‌ହୁଦ୍, ତିତ୍‌ଲି ଭଳି ବାତ୍ୟାକୁ ବି ସେ ଠିକ୍ ଭାବେ ଅନୁମାନ କରିଥିଲେ।


ସମ୍ବିଦ ପଟ୍ଟନାୟକ

❑ସେ ଜଣେ ମୁକ୍ତବିଚାର ସାମ୍ବାଦିକ ଏବଂ ଗବେଷକ। ଏହା ପୂର୍ବରୁ ସେ 'ଦି ଇଣ୍ଡିଆନ୍ ଏକ୍ସପ୍ରେସ' (ଦିଲ୍ଲୀ)ରେ ଆସିଷ୍ଟାଣ୍ଟ ଏଡିଟର୍ ଭାବେ କାମ କରିଛନ୍ତି। ସେ ରଏଟର୍ସ ଏବଂ ପିଆର୍‌ଏସ୍(ଦିଲ୍ଲୀ) ସହିତ ମଧ୍ୟ ଜଡ଼ିତ ଥିଲେ। ରାଜନୀତି ଏବଂ ଇତିହାସରେ ଅକ୍ସଫର୍ଡ ଏବଂ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରିଥିବା ସମ୍ବିଦ 'ଦି ଡିପ୍ଲୋମାଟ୍', 'ୱେୟାର', 'ସ୍କ୍ରଲ' ଭଳି ୱେବ୍‌ସାଇଟ୍‌ରେ ଲେଖି ଆସୁଛନ୍ତି।

## ଯୁବ ବକ୍ତା

ଯୁବ ସମ୍ମିଳନୀରେ ରାଜ୍ୟର ନାମକରା ଉଚ୍ଚ ଶିକ୍ଷାନୁଷ୍ଠାନରୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜର ବକ୍ତବ୍ୟ ରଖିବେ। ଏଥିରେ ସେମାନେ ଜଳବାୟୁ ପରିବର୍ତ୍ତନ ଆଜି ବିଶ୍ୱ ପାଇଁ କିଭଳି ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି, ସେ ସମ୍ବନ୍ଧରେ ନିଜର ମତ ଉପସ୍ଥାପନ କରିବେ।


ପଦ୍ମଜା

❑ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଥମ ବର୍ଷର ଛାତ୍ରୀ ଏବଂ ସେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେବାକୁ ଭଲପାଆନ୍ତି।


ପୂଜା ମହାନ୍ତି

❑ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ଜଣେ ଛାତ୍ରୀ। ସେ ଭବିଷ୍ୟତରେ ଲୋକଙ୍କ ସଶକ୍ତୀକରଣ ପାଇଁ କାର୍ଯ୍ୟ କରିବାକୁ ଚାହୁଁଛନ୍ତି।


ବିଶ୍ୱୋକଶେନ୍ ଦାସ

❑କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜିର ଆପ୍ଲାଏଡ୍ ଫିଜିକ୍ସର ଦ୍ୱିତୀୟ ବର୍ଷର ଛାତ୍ର। ସେ ସାହିତ୍ୟକୁ ପସନ୍ଦ କରନ୍ତି ଏବଂ ଏକ ଅନ୍ଧବିଶ୍ୱାସ ମୁକ୍ତ ସମାଜ ଚାହାନ୍ତି।


ଆରାଧନା ମନସ୍ୱିନୀ

❑ଭୁବନେଶ୍ୱରର ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ(ଏମ୍‌ସ)ର ଦ୍ୱିତୀୟ ବର୍ଷର ଛାତ୍ରୀ। ସେ ସଙ୍ଗୀତ, କଳା ଏବଂ ସାହିତ୍ୟ ସହିତ ମଧ୍ୟ ଜଡ଼ିତ ଅଛନ୍ତି।


ଶ୍ରୀଶିତା ପଟ୍ଟନାୟକ

❑କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ଶେଷ ବର୍ଷର ଛାତ୍ରୀ। ସେ କର୍ମ ଉପରେ ଦୃଢ଼ ବିଶ୍ୱାସ କରନ୍ତି।


ସଞ୍ଚିତା ଦାସ

❑ଭୁବନେଶ୍ୱରର ଜାଭିୟର୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟରେ ଏମ୍‌ବିଏ କରୁଛନ୍ତି। ବିଭିନ୍ନ ଜାତୀୟ ତଥା ଜାତୀୟସ୍ତରୀୟ ସମ୍ମିଳନୀରେ ଭାଗ ନେଇଛନ୍ତି।


ଶୁଚିସ୍ମିତା ସେନାପତି

❑ସାଇ ଇଣ୍ଟରନ୍ୟାଶନାଲ କଲେଜ ଅଫ୍ କମର୍ସ ଆଣ୍ଡ୍ ଇକୋନୋମିକ୍ସରେ ବିକମ୍ ପଢ଼ୁଛନ୍ତି। ବର୍ଜ୍ୟବସ୍ତୁକୁ ସାଜସଜ୍ଜା ସାମଗ୍ରୀରେ ପରିଣତ କରିବା ହେଉଛି ସୁଚିସ୍ମିତାଙ୍କ ହବି।


ସୋନାଲି ଗିରି

❑ଉତ୍କଳ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନର ଦ୍ୱିତୀୟ ବର୍ଷର ଛାତ୍ରୀ।


ବର୍ଷା ପ୍ରିୟଦର୍ଶିନୀ କର

❑ଭୁବନେଶ୍ୱରର କଲେଜ ଅଫ୍ ବେସିକ ସାଇନ୍ସର ମାଇକ୍ରୋବାୟୋଲୋଜିର ଛାତ୍ରୀ। ସେ ଜଣେ ତାଲିମପ୍ରାପ୍ତ ଓଡ଼ିଶୀ ନୃତ୍ୟଶିଳ୍ପୀ।


ପ୍ରେରଣା ମିଶ୍ର

❑ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟରେ ବି.ଟେକ୍ କରୁଛନ୍ତି। ସେ ଦ୍ୱିତୀୟ ବର୍ଷର ଛାତ୍ରୀ।

# ସ୍ତ୍ରୀଙ୍କୁ ହତ୍ୟାକରି ସମୁଦ୍ରକୂଳରେ ପୋଡ଼ିଦେଲେ

■ ଅଭିଯୋଗ ପରେ ସାଇଣ୍ଟିଫିକ ଟିମ୍‌ର ତଦନ୍ତ ଆରମ୍ଭ
■ଥାନାରେ ୩ ଅଟକ

ଭୋଗରାଇ, ୨୨।୧୧(ଡ଼ି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ମେରାଇନ ଥାନା ଅଧୀନ ସାନଡଭା ଗ୍ରାମରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିବା ପରେ ସମୁଦ୍ରକୂଳରେ ପୋଡିଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏନେଇ ମହିଳାଙ୍କ ବାପଘର ଲୋକେ ତାଳସାରୀ ମେରାଇନ ଥାନାରେ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଛି। ପୋଡିବାରେ ସହଯୋଗ କରିଥିବା ସନ୍ଦେହ କରି ପୋଲିସ ଗ୍ରାମର ୩ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସୋମବାର ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳର ଶିବୁ ନାୟକ ଦୀର୍ଘବର୍ଷ ଧରି ଭୋଗରାଇ ଅଞ୍ଚଳରେ ବସବାସ କରିଆସୁଥିଲେ। ସେ ଯାଜପୁର ଟାଉନ ଥାନା ବଡସୁଆର ଅଞ୍ଚଳର ସୁରେନ୍ଦ୍ର ପରିଡାଙ୍କ ଝିଅ ରାନୁଲତାଙ୍କୁ ଭଲ ପାଇ ଭୋଗରାଇ ଅଞ୍ଚଳକୁ ନେଇ ପଳାଇଆସିଥିଲେ। ତାଙ୍କର ଏକ ୬ବର୍ଷର ଶିଶୁକନ୍ୟା ଅଛନ୍ତି। ଶୁକ୍ରବାର ରାତିରେ ରାନୁଲତାଙ୍କ ମୃତ୍ୟୁ ହୋଇଥିବା ଜାଣିବା ପରେ ବାପଘର ଲୋକଙ୍କ ସନ୍ଦେହ ହୋଇଥିଲା। ମୃତା ମହିଳାଙ୍କ ଭଉଣୀ ଏନେଇ ଯାଜପୁର ଟାଉନ ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ସ୍ୱାମୀ ଶିବୁ ଘଟଣାପରଠାରୁ ଫେରାର ଥିବା ପୋଲିସ ସୂଚନା ଦେଇଛି।

# ବଧୂ ବେଶରେ ସ୍ୱାମୀଙ୍କ ଘର ଆଗରେ ଧାରଣା

ବ୍ରହ୍ମପୁର, ଅଫିସ, ୨୨।୧୧

ପ୍ରେମ ବିବାହ ଓ ପରେ ପ୍ରତାରଣାର ଶିକାର ହୋଇଥିବା ଜଣେ ମହିଳା ବଧୂ ବେଶରେ ବ୍ରହ୍ମପୁର ବ୍ରହ୍ମାନଗରସ୍ଥିତ ସ୍ୱାମୀଙ୍କ ଘର ଆଗରେ ସୋମବାର ଧାରଣା ଦେଇଛନ୍ତି। ପୋଲିସର ହସ୍ତକ୍ଷେପ ପରେ ମଧ୍ୟ ସମାଧାନ ହୋଇପାରିନାହିଁ। ପ୍ରକାଶ ଯେ, ଛତ୍ରପୁରର ଜଣେ ଯୁବତୀଙ୍କ ସହ ବ୍ରହ୍ମପୁରର ଜଣେ ଯୁବ ଡାକ୍ତରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ସେମାନେ ଗତବର୍ଷ କୋର୍ଟରେ ବିବାହ କରିବା ସହ ଏକାଠି ରହିଆସୁଥିଲେ। କିଛି ମାସ ହେବ ସ୍ୱାମୀ, ଶାଶୁ ଓ ଶ୍ୱଶୁର ମିଶି ନିର୍ଯାତନା ଦେଇଥିଲେ। ଏ ନେଇ ଯୁବତୀ ଜଣକ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ଏହା ପରେ ଡାକ୍ତରଙ୍କ ପରିବାର ଲୋକେ ଯୁବତୀଙ୍କୁ ମାମଲା ଉଠାଇବାକୁ ମନାଇବା ସହ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ବିବାହ ପାଇଁ ସୋମବାର ତାରିଖ ସ୍ଥିର ହୋଇଥିଲା। ହେଲେ ଡାକ୍ତରଙ୍କ ପରିବାର ଲୋକେ ବାହାଘର ପାଇଁ କୌଣସି ଆୟୋଜନ କରି ନ ଥିଲେ। ଫଳରେ ଯୁବତୀ ଜଣକ ଶଙ୍ଖୁଆଙ୍କୁ ଧରି ବଧୂ ବେଶରେ ଡାକ୍ତରଙ୍କ ଘରେ ପହଞ୍ଚିଥିଲେ। ମାମଲା ଅଦାଲତରେ ବିଚାରାଧୀନ ଅଛି। ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ପଦକ୍ଷେପ ନିଆଯିବ ବୋଲି ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର କହିଛନ୍ତି।

# ପୁରୀ-ପାଟନା ବିଶେଷ ଟ୍ରେନ ସେବାର ସମୟ ବୃଦ୍ଧି

ଭୁବନେଶ୍ୱର,୨୨।୧୧

ରେଳ ଯାତ୍ରୀ ମାନଙ୍କର ଦାବି ଓ ଚାହିଦାକୁ ଦୃଷ୍ଟିରେ ରଖି ୦୮୪୩୯-୦୮୪୪୦ ପୁରୀ-ପାଟନା-ପୁରୀ ବିଶେଷ ଟ୍ରେନର ସେବାକୁ ଡିସେମ୍ବର ମାସ ଶେଷ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପୁରୀ ଠାରୁ ପ୍ରତି ଶନିବାର ଅପରାହ୍ନ ୨ଘ.୫୫ମି. ରେ ଛାଡୁଥିବା ୦୮୪୩୯ ପୁରୀ-ପାଟନା ସ୍ପେଶାଲ୍ ୨୫ ଡିସେମ୍ବର ୨୦୨୧ ପର୍ଯ୍ୟନ୍ତ ଚଳାଚଳ କରିବ। ସେହିପରି ଫେରିବା ମାର୍ଗରେ ପାଟଣା ଠାରୁ ପ୍ରତି ରବିବାର ଅପରାହ୍ନ ୧ଘ.୪୫ମି.ରେ ଛାଡୁଥିବା ୦୮୪୪୦ ପାଟନା-ପୁରୀ ସ୍ପେଶାଲ୍ ୨୬ ଡିସେମ୍ବର ୨୦୨୧ ପର୍ଯ୍ୟନ୍ତ ଚଳାଚଳ କରିବ ବୋଲି ସୂଚନା ରେଳପଥ ଠାରୁ ସୂଚନା ମିଳିଛି। ସେହିଭଳି ବିଶାଖାପାଟଣାମ ଷ୍ଟେସନରେ ଏକ ଏଲଏଚବି ରେକ ଯାହା ବିଶାଖାପାଟଣାମ- କିରଣ୍ଡୁଲ- ବିଶାଖାପଶଟଣାମ ଦେଇ ଚଳାଚଳ କରିବ। ଉକ୍ତ ଟ୍ରେନର ଅତିରିକ୍ତ କୋଚ କୁ ଭାରତର ଉପରାଷ୍ଟ୍ରପତି ଏମ ଭେଙ୍କିଆ ନାଇଡୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ପୂର୍ବତଟ ରେଳପଥର ମୁଖ୍ୟ ପରିଚାଳକ ଅର୍ଚ୍ଚନା ଯୋଶୀଙ୍କ ସମେତ ରେଳପଥର ବହୁ ବରିଷ୍ଠ ଅଧିକାରୀ ଏବଂ ସ୍ଥାନୀୟ ଆନ୍ଧ୍ରପ୍ରଦେଶର ମନ୍ତ୍ରୀ, ବିଧାୟକ ଓ ଏମପିମାନେ ଉପସ୍ଥିତ ଥିଲେ।

# ପଥରରେ ଛେଚି ଯୁବକଙ୍କୁ ହତ୍ୟା

ଯୋଡ଼ା,୨୨।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ବାମେବାରୀ ଥାନା ଅଧୀନ ହାତୀଦରୀ-ଧାତିକା ରାସ୍ତାକଡ଼ରୁ ସୋମବାର ଜଣେ ଅଚିହ୍ନା ଯୁବକ(ପ୍ରାୟ ୩୦ ବର୍ଷ)ଙ୍କ ମୃତଦେହ ପୋଲିସ ଜବତ କରିଛି। ତାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ ଏକ ମାମଲା (ନଂ.୧୬୧/୨୧) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ବାମେବାରୀ ଥାନା ଏସ୍‌ଆଇ ବିଶ୍ୱଜିତ ବେହେରା କହିଛନ୍ତି। ୯୬ ଘଣ୍ଟା ଡାକ୍ତରଖାନାରେ ରଖିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ଏସ୍‌ଆଇ ବେହେରା କହିଛନ୍ତି।

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB H. E. PROJECT,**
**AT/P.O. : BARINIPUT; DIST. : KORAPUT (ODISHA) - 764006**
Telephone: 06854 – 242001 Fax: 06854 – 242092
Email ID: sgmel.ukhep@gmail.com; CIN : U40101OR1995SGC003963

**TENDER CALL NOTICE NO: UKHEP: 24/2021-22 Dated: 17.11.2021**

No. CAD-1921:- Sealed tenders are invited in single part i.e Techno-commercial bid in sealed envelopes from the Manufacturer/ Authorized Dealers/ Reputed supplier for the supply of the following materials to Upper Kolab Hydro Electric Project, Bariniput.

| Sl. No. | Name of the Work | Cost of Tender Paper (Non-refundable) in Rs. | EMD (₹) |
|---|---|---|---|
| 1 | Procurement of printing consumables for the printers of UKHEP, Bariniput | 7,08 (Rs 600/- + GST@ 18%) | 1% of the quoted value/ Bid Security Declaration as per Annexure 6 |

The sale of Tender Paper will be from :- 24.11.2021 13:00 Hrs to 08.12.2021 13:00 Hrs.
The last date & time of receipt of tender :- 08.12.2021 16:00 Hrs
The date and time of opening of tender :- 08.12.2021 16:30 Hrs
For details of tender documents, Terms & Conditions please visit our website www.ohpcltd.com.

C&P Head, Upper Kolab HEP,
OHPC Limited, Bariniput
OIPR-04002/11/0028/2122

**ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ପ୍ରଜ୍ଞାପୀଠ**
ସାମନ୍ତପୁର, ଭୁବନେଶ୍ୱର - ୭୫୧୦୧୩
Website- www.chseodisha.nic.in
ସଂଖ୍ୟା- ଦୂରଶିକ୍ଷା ପ୍ରଭାଗ-୧-/୦୬/୨୦୨୧/୫୮୦୦/ଉ.ମା.ଶି.ପ./୨୨.୧୧.୨୦୨୧/

**ବିଜ୍ଞପ୍ତି**

**୨୦୨୧-୨୨ ଶିକ୍ଷାବର୍ଷ +୨ ପତ୍ରବିନିମୟ ପାଠ୍ୟକ୍ରମ (Correspondence Course) ପ୍ରଥମ ବର୍ଷ ନାମଲେଖା ନିମନ୍ତେ ଆବେଦନ ।**

No. N-43:- ଏତଦ୍ୱାରା ସମସ୍ତ ମହାବିଦ୍ୟାଳୟ/ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟକ୍ଷା ତଥା ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଭୁବନେଶ୍ୱର ୨୦୨୧-୨୨ ଶିକ୍ଷାବର୍ଷ +୨ ପତ୍ରବିନିମୟ ପାଠ୍ୟକ୍ରମ (Correspondence Course) ପ୍ରଥମ ବର୍ଷ କଳା ଓ ବାଣିଜ୍ୟ ସ୍ରୋତରେ ନାମଲେଖା ନିମନ୍ତେ ଆବେଦନ ଆସନ୍ତା ତା୨୩.୧୧.୨୦୨୧ରିଖଠାରୁ ତା୦୭.୧୨.୨୦୨୧ରିଖ ଧାର୍ଯ୍ୟ କରାଯାଇଛି ।

ଏହାର ସବିଶେଷ ବିବରଣୀ www.chseodisha.nic.in/ www.samsodisha.gov.in ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି ।

ଅଧ୍ୟକ୍ଷଙ୍କ ଆଦେଶକ୍ରମେ
ସଚିବ
OIPR-11003/11/0003/2122

**The Odisha Small Industries Corporation Ltd.**
( A Government of Odisha Undertaking) )
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1

**TENDER CALL NOTICE**

Ref-OSIC/Comml-NB-RE/4869 Dt. 20.11.2021
No.CAD-1930
Tender Documents for "different Elect. / Civil / IT related works at different places namely Sundargarh, Jagatsinghpur, Attabira, Jaypatna, Dharmagarh, Koksara, SCBDCH, Cuttack& Titilagarh".

| | |
|---|---|
| Date of available of Bid Document in OSIC Website. | 20.11.2021 at 5.00 PM |
| Last date/Time of Submission of Bid | 10.12.2021 up to 03.00 PM |
| Date of opening of Bid Document | 10.12.2021 up to 03.30 PM |
| Opening of Price Bid | The date & time for opening of price bid shall be intimated to the eligible bidders over phone/mail. |

The authority reserves the right to accept or reject any one or all bids without assigning any reason thereof. Any changes, addition or alternation or modification of this bid shall be published only in the website of OSIC. The bid can be dropped in the tender box of OSIC.
**Place of receipt, opening of Bid & Address for Communication.:**
The Managing Director, Odisha Small Industries Corporation Ltd, Madhupatna, Industrial Estate, Cuttack-10, Tel: 0671-2341204.

By order of MD
Sd/-Joint Manager(Tech)
OIPR-14073/11/0058/2122

**ଦ. ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସି-ଆର୍‌ୱାୟ୍-ଏମ୍‌ସିଏଲ୍-ଏସ୍‌ଡିଜି-ସରଡେଗା, ତାରିଖ: ୧୮।୧୧।୨୦୨୧ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ସିଏସ୍‌ଟିଇ (ସିଓଏନ୍), ଦକ୍ଷିଣ ପୂର୍ବ ରେଳପଥ, ରାଉରକେଲା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । **କାର୍ଯ୍ୟର ବର୍ଣ୍ଣନା:** ଏମ୍‌ସିଏଲ୍ ବ୍ଲକ୍ କ୍ୟାବିନ୍‌ରୁ ବରପାଲି ମଧ୍ୟରେ ଦୋହରୀକରଣ କାର୍ଯ୍ୟ ଅନୁଯାୟୀ ୟାର୍ଡ ରିମଡେଲିଂ ସଂକ୍ରାନ୍ତରେ ବିଦ୍ୟମାନ ୱେଷ୍ଟରେସ୍ ମାର୍କ-୧ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମରେ ପରିବର୍ତ୍ତନ/ସଂଶୋଧନ ଦ୍ୱାରା ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ । ଏହି କାର୍ଯ୍ୟ ଏମ୍‌ସିଏଲ ସାଇଡିଂର ଏମ୍‌ସିଏଲ୍ ବ୍ଲକ୍ କ୍ୟାବିନ୍, ମାଳିଡିହି, ଲିଆକେରା, କେଚୋବାହାଲ ଏବଂ ବରପାଲିଠାରେ ଜଡ଼ିତ । **ଆନୁମାନିକ ମୂଲ୍ୟ:** ₹୯,୩୧,୬୭,୦୫୯.୦୭ । **ଅମାନତ ରାଶି:** ୦/- (ଶୂନ୍ୟ) । **ସମାପ୍ତି ଅବଧି:** ୧୨ ମାସ । **ବନ୍ଦ ହେବା ତାରିଖ:** ତା୧୫।୧୨।୨୦୨୧ରିଖ, ୧୨.୦୦ ଘଟିକା । (PR-430)

**ତହସିଲଦାର କାର୍ଯ୍ୟାଳୟ, ପୋଲସରା**
ବିଜ୍ଞାପନ ସଂଖ୍ୟା: 4937/ସୈରାତ ତା.୧୬.୧୧.୨୦୨୧

**ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ଇସ୍ତାହାର**

No. F-224:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ **ପୋଲସରା** ତହସିଲ ଇଲାକାରେ ଥିବା ୩ ଗୋଟି ପଥର ସୈରାତ ଉତ୍ସ (ନିମ୍ନରେ ପ୍ରଦତ୍ତ ବିବରଣୀ)ଗୁଡ଼ିକର ଆଗାମୀ ପାଞ୍ଚବର୍ଷ ନିମନ୍ତେ (ଦୀର୍ଘମିଆଦୀ) ଲିଜ୍ ପାଇଁ ଜଉମୁଦଦିଆ ଟେଣ୍ଡର ମାଧ୍ୟମରେ ସର୍ବସାଧାରଣରେ ନିଲାମ କରାଯିବ । ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଆବେଦନର ବିବରଣୀ ଓ ନିୟମାବଳୀ ଗଞ୍ଜାମ ଜିଲ୍ଲା ୱେବ୍‌ସାଇଟ୍ www.ganjam.nic.inରେ ଉପଲବ୍ଧ ଅଛି । ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି ପୋଲସରା ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟଦିବସରେ ଯୋଗାଯୋଗ କରିପାରନ୍ତି ।

ଦରଖାସ୍ତ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର ପୋଲସରାଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ପକାଇପାରିବେ । ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା **ତା.୧୭.୧୧.୨୦୨୧ରିଖଠାରୁ ତା.୦୬.୧୨.୨୦୨୧ରିଖ ଅପରାହ୍ନ ୫.୩୦ ଘଟିକା** ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି । ଧାର୍ଯ୍ୟ ସମୟ ଗତେ ଦରଖାସ୍ତ ଗ୍ରହଣୀୟ ହେବନାହିଁ ।

ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ **ତା.୦୭.୧୨.୨୦୨୧ରିଖ ୧୧.୦୦ ଘଟିକାରେ** ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୂଡ଼ାନ୍ତ କରାଯିବ । କୌଣସି କାରଣରୁ ନିଲାମ ନ ହୋଇପାରିଲେ **ଦ୍ୱିତୀୟ ତା.୨୨.୧୨.୨୦୨୧ରିଖ** ଏବଂ ଦ୍ୱିତୀୟ ତାରିଖରେ ନ ହୋଇପାରିଲେ **ତୃତୀୟ ତା.୨୯.୧୨.୨୦୨୧ରିଖରେ** ନିଲାମ କରାଯିବ । କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀ ଏବଂ ଜିଲ୍ଲାପାଳ, ଗଞ୍ଜାମଙ୍କର କ୍ଷମତା ପରିସରଭୁକ୍ତ ଅଟେ ।

**ସୈରାତ ଉତ୍ସର ବିବରଣୀ**

| କ୍ରମିକ ନଂ. | ସୈରାତ କେସ୍ ନଂ. | ମୌଜା | ଖାତା | ପ୍ଲଟ୍ | ରକବା ଏକରରେ | କିସମ | ଧାର୍ଯ୍ୟ ରୟାଲିଟିର ମୂଲ୍ୟ (ପ୍ରତି ଘନ ମି.) | ଅତିରିକ୍ତ ଦେୟ (ପ୍ରତି ଘନ ମି.) | ମୋଟ ଦେୟ (ପ୍ରତି ଘନ ମି.) | M.G.Q. ଅନୁସାରେ ବାର୍ଷିକ ସୈରାତର ପରିମାଣ | ଅଗ୍ରିମ ଦାଖଲ କରିଥିବା ଅମାନତ ରାଶିର ପରିମାଣ (ଟଙ୍କାରେ) | 5% ଅମାନତ ରାଶି ବାବଦକୁ ଦେୟ (ଟଙ୍କାରେ) |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | ବଡଦିଆପଲ୍ଲୀ ପଥରଖଣି | ବଡଦିଆପଲ୍ଲୀ | ୨୩ | ୧୨୭୯ | ୧୨.୦୦୦ | ପର୍ବତ | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୫୪୦୦ | ୧୦୦୦ | ୬୨,୧୦୦ |
| ୨ | ଜକର ପଥରଖଣି | ଜକର | ୧୬୧୨ | ୧୪୦୯୭ | ୭.୩୧୦ | ପର୍ବତ | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୮୧୯୦ | ୧୦୦୦ | ୯୪,୧୮୫ |
| ୩ | ବି. ପଙ୍କଲବାଡି ପଥରଖଣି | ପଙ୍କଲବାଡି | ୭୮୨ | ୪୯୩୭, ୫୧୨୦ | ୪.୭୨୫ | ପଥରକୁଦା ଓ ପର୍ବତ | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୫୪୦୦ | ୧୦୦୦ | ୬୨,୧୦୦ |

OIPR-24231/11/0001/2122
ସ୍ୱା./- ତହସିଲଦାର, ପୋଲସରା

No. B-649 **WORKS DEPARTMENT**
**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR , ROURKELA**
E-Mail Id – eepwdrkl@gmail.com
Government of Orissa "e" Procurement Notice

**Bid Identification No.: 38/ 2021-2022 Dated:17.11.2021**

1. Number of works: 25 (Twenty five) number of Works
2. Estimated cost: Rs.51.89 Lakhs to 99.99 Lakhs
3. Period of completion: 3 (Three) calendar months
4. Date & Time of availability of bid document in the portal: Dt 26.11.2021 at 11.00 A.M.
5. Last date/ Time for receipt of bids in the portal: Dt 03.12.2021 up to 05.00 P.M.
6. Date of opening of Bid: Dt.04.12.2021 at 11.30 A.M.
7. Name and Address of the Officer Inviting Bid: Superintending Engineer, (R & B) Division, Rourkela , Uditnagar.

Further details can be seen from the e-procurement portal http//tendersorissa.gov.in"

Sd./- Superintending Engineer, R & B Division , Rourkela
OIPR-34068/11/0017/2122

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KHARIAR**
Phone No.: 06671-224074; e-mail: eerwkhariar@gmail.com
**e-Procurement Notice**

**BID IDENTIFICATION NO.:- RWKHR-09/2021-22 (Online)**

**No.O-962:-** Bid documents consisting of work, Estimated Cost, EMD, Cost of tender Paper, Class of Contractor, Time of Completion and the set of terms and conditions of contract and other necessary documents can be seen in Govt. website i.e. **www.tendersodisha.gov.in**

1. Name of the Work:- Procurement & Fixation of Sign Boards
2. Total No. of Works:- 1 No.
3. Estimated Cost:- 38.23 lakhs
4. Period of Completion:- 1 (One) Calendar Month
5. Other details:-

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & time of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division, Khariar | RWKHR-09/ 2021-22 (Online) | 24.11.2021 At 10.00 AM | 30.11.2021 Upto 5.00 PM | 29.11.2021 Upto 5.00 PM | 01.12.2021 At 11.00 AM |

Further details can be seen from the website: **www.tendersodisha.gov.in**

Sd./- Superintending Engineer,
Rural Works Division, Khariar
OIPR-25152/11/0005/2122

No.B-644 **OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION No.III, BHUBANESWAR**
E-mail: bbsrrandb03@yahoo.com

**INVITATIONS FOR BIDS THROUGH e-PROCUREMENT**
**No.-7413 Date- 18.11.2021**
**Bid Identification No.- C.C. (R&B)-03**
**e-Procurement Notice No. (31) of 2021-22**

1. The Superintending Engineer, Bhubaneswar (R&B) Division No.-III, Bhubaneswar on behalf of Governor of Odisha invites **Percentage** Rate Bids in **Single Cover** system (**Online**) for the works as detailed in table below from **Registered and reputed interior decorator having experience in supply and installation of modular kitchen appliances and kitchenware.**

| Sl. No. | Name of the Work | Approximate Estimated Cost put to Tender (Rs.) | Cost of Bid Documents Rs. | Period of Completion in calendar months |
|---|---|---|---|---|
| 1 | Supply & installation of kitchen equipments for 2 Nos. of Floor (Ground Floor & First Floor) for Extension & renovation of Old GCPE Hostel inside Kalinga Stadium Sports Complex Bhubaneswar for the year 2021-2022 | Rs. 43,16,282.00 | 6,000/- (To be paid online) | 1 (One) Calendar Month |

The bidder have to participate in ONLINE bidding only. The website for "ONLINE BIDDING" is http://tendersorissa.gov.in.
**Bid documents will be available in above Website from 25.11.2021 to 03.12.2021 at 17.30 Hours.**
Bids of the above work shall be opened **at 11.00 hours** on **04.12.2021**.
The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from DTCN in the e-Procurement website **www.tendersorissa.gov.in**
**N.B.: Subsequent corrigendum/ addendum if required shall be available in the website as indicated above.**

Sd./- Superintending Engineer
Bhubaneswar (R&B) Division No.III, BBSR
OIPR-34089/11/0015/2122

ଆମେ ନିଜକୁ ଭାଗ୍ୟବାନ ମନେକରିବା ଉଚିତ। କାରଣ, ଭଗବାନ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି। ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ- ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା। -ଶ୍ରୀମା



# ଝିଅଙ୍କ ପାଠ

କୋଭିଡ୍-୧୯କୁ ଦୁଇବର୍ଷ ପୂରିବାକୁ ଯାଉଥିବା ବେଳେ ବିଶ୍ୱସାରା ଛାତ୍ରୀଛାତ୍ରଙ୍କ ପାଠପଢ଼ା ଘୋର ପ୍ରଭାବିତ ହୋଇଛି। ଅନ୍‌ଲାଇନ୍ ଶିକ୍ଷା ଯଦିଓ ମହାମାରୀ ସମୟରେ ଭାରସାଯୋଗ୍ୟ ମାଧ୍ୟମ ହୋଇପାରିଛି, ତଥାପି ଏହା କୌଣସି ଭାବେ ଶ୍ରେଣୀକକ୍ଷ ପଢ଼ା ସହ ସମକକ୍ଷ ନୁହେଁ ବୋଲି ସମସ୍ତେ ହୃଦ୍‌ବୋଧ କରୁଛନ୍ତି। ସ୍କୁଲରେ ପଢ଼ା ସହିତ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରକାର ବିକାଶ ଘଟିବାର ସୁଯୋଗ ଥିବାବେଳେ କରୋନା ଯୋଗୁ ସେସବୁ ସଙ୍କୁଚିତ ହୋଇଯାଇଛି। ତେବେ ନିକଟରେ ଜାତିସଂଘ ଶିକ୍ଷା, ବୈଜ୍ଞାନିକ ଓ ସାଂସ୍କୃତିକ ସଙ୍ଗଠନ (ୟୁନେସ୍କୋ) ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି, ଦୀର୍ଘଦିନ ସ୍କୁଲ ବନ୍ଦ ରହିବା ଯୋଗୁ କେବଳ ଯେ ପିଲାମାନଙ୍କ ପାଠପଢ଼ାରେ କ୍ଷତି ପହଞ୍ଚିଛି ତାହା ନୁହେଁ, ଲିଙ୍ଗଗତ ସମାନତା ପ୍ରତି ବିପଦ ସୃଷ୍ଟି କରିଛି। ପୁଅମାନଙ୍କୁ ଅନ୍‌ଲାଇନ୍ ପଢ଼ା ଲାଗି ସମସ୍ତ ସାଧନ ଯୋଗାଇ ଦିଆଯାଇଥିବା ବେଳେ ଝିଅମାନଙ୍କୁ ସେଭଳି ଗୁରୁତ୍ୱ ଦିଆଯାଇ ନାହିଁ। ଏପରି କି ସେମାନଙ୍କୁ ଘରକାମରେ ବେଶି ନିୟୋଜିତ କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି।

କରୋନା ମହାମାରୀ ଶୀର୍ଷରେ ପହଞ୍ଚିଥିବା ବେଳେ ୧୯୦ ଦେଶର ୧୬୦ କୋଟି ଛାତ୍ରୀଛାତ୍ରଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଥିଲା। ଅନେକ ସ୍ଥାନରେ ଇଣ୍ଟରନେଟ୍ ସୁବିଧା ଉପଲବ୍ଧ ନ ହେବାରୁ ପିଲାମାନେ ଅନ୍‌ଲାଇନ୍ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ଏହି ସମୟ ମଧ୍ୟରେ ସ୍କୁଲ ଡ୍ରପ୍‌ଆଉଟ୍ ସଂଖ୍ୟା ବଢ଼ିଛି। ପିଲାମାନେ ମହାମାରୀ ଯୋଗୁ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୋଇଥିବା ବେଳେ ଝିଅପିଲାଙ୍କ ସୁରକ୍ଷା ବଡ଼ ଆହ୍ୱାନ ସୃଷ୍ଟି କରିଛି। ଅନ୍ୟପକ୍ଷରେ ପୁଅ ପିଲାମାନେ ଆୟ ଅର୍ଜନକାରୀ କାର୍ଯ୍ୟକଳାପରେ ନିଜକୁ ନିୟୋଜିତ କରିଥିବା ଦେଖିବାକୁ ମିଳିଛି। ଅନେକ ଝିଅଙ୍କର ଡିଜିଟାଲ ଦକ୍ଷତା କମ୍ ରହିଥିବା ବେଳେ କେତେକ ସ୍ଥାନରେ ସାଂସ୍କୃତିକ ନିୟମ ଯୋଗୁ ପ୍ରଯୁକ୍ତିବିଦ୍ୟାସମ୍ପନ୍ନ ଯନ୍ତ୍ର ବ୍ୟବହାର ଉପରେ କଟକଣା ରହିଥିବା ଆଲୋଚନା ହୋଇଥାଏ। ପୂର୍ବରୁ କୁହାଯାଉଥିଲା ଶାରୀରିକ ଗଠନ ଦୃଷ୍ଟିରୁ ଝିଅମାନେ ସବୁ କାର୍ଯ୍ୟ କରିପାରି ନ ଥାଆନ୍ତି। ସେଥିଲାଗି ସେମାନଙ୍କୁ ସଫ୍ଟ ବା ହାଲୁକା କାର୍ଯ୍ୟ ଦିଆଯାଇଥାଏ। କିନ୍ତୁ ଏକବିଂଶ ଶତାବ୍ଦୀରେ ଝିଅମାନେ ପୁଅଙ୍କ ପରି ସମାନ କାର୍ଯ୍ୟ କରିପାରୁଛନ୍ତି। ଲିଙ୍ଗଗତ ସମାନତା ଶତାବ୍ଦୀର ଆହ୍ୱାନ ହୋଇଥିବା ବେଳେ କୋଭିଡ୍-୧୯ ସମୟରେ ମାତାପିତା ଓ ଅଭିଭାବକମାନେ ଝିଅମାନଙ୍କ ପ୍ରତି ପକ୍ଷପାତିତା ପ୍ରଦର୍ଶନ କରିବା ଗ୍ରହଣୀୟ ହେଉନାହିଁ। ଯଦିଓ ୟୁନେସ୍କୋ ଅଧ୍ୟୟନରେ ନିର୍ଦ୍ଦିଷ୍ଟ ଭାବେ କେଉଁ ଅର୍ଥନୈତିକ ପରିବାରର ଝିଅମାନଙ୍କୁ ଘର କାମରେ ନିୟୋଜିତ କରାଯାଉଛି ବୋଲି ଦର୍ଶାଯାଇ ନାହିଁ, ତଥାପି ଗରିବ ଓ ନିମ୍ନମଧ୍ୟବିତ୍ତ ବର୍ଗର ଲୋକମାନେ ଏଭଳି ନିଷ୍ପତ୍ତି ନେବାରେ ଆଗରେ ରହିଥାଇପାରନ୍ତି। ବାସ୍ତବତା ହେଲା ଯଦି କରୋନା ମହାମାରୀ ନ ଆସି ସବୁକିଛି ସ୍ୱାଭାବିକ ଭାବେ ଜୀବନ ଚାଲିଥାଆନ୍ତା ଓ ଝିଅମାନେ ନିୟମିତ ସ୍କୁଲ ଯାଇପାରୁ ଥାଆନ୍ତେ, ତାହାହେଲେ ଏଭଳି ଲିଙ୍ଗଗତ ଅସମାନତାକୁ ପ୍ରଶ୍ରୟ ମିଳିପାରି ନ ଥାଆନ୍ତା। ମାତାପିତା ଓ ଅଭିଭାବକମାନେ ଏହି ବିଷୟକୁ ହୃଦୟଙ୍ଗମ କରିବା ଦରକାର।

ପୃଥିବୀବ୍ୟାପୀ ମାନସିକତା ରହିଛି ଯେ, କୌଣସି ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହେଲେ ଲୋକେ ଅସ୍ତବ୍ୟସ୍ତ ହୋଇପଡ଼ନ୍ତି। ତେବେ ମହାମାରୀ ଅନେକ ସକାରାତ୍ମକ ବିଷୟରେ ମଣିଷକୁ ସଚେତନ କରାଇଛି। ଯଦି ପିଲାଙ୍କ ପାଠପଢ଼ାକୁ ଦେଖାଯାଏ, ତେବେ ଶିକ୍ଷକମାନଙ୍କୁ ଅଧିକ ପ୍ରଶିକ୍ଷଣ ଦିଆଯାଇ ଶିକ୍ଷା ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବାକୁ ହେବ। ଭାରତରେ ଏକ ନିର୍ଦ୍ଦିଷ୍ଟ ପଦ୍ଧତିରେ ପିଲାଙ୍କୁ ବିକଶିତ କରାଯିବା ଦରକାର। ଲିଙ୍ଗଗତ ସମାନତା ବିଷୟ ପୁସ୍ତକ ଭିତରେ ସୀମିତ ରହିଲେ ହେବ ନାହିଁ, ସେଥିପାଇଁ ଶିକ୍ଷକଙ୍କଠାରୁ ଆରମ୍ଭକରି ମାତାପିତା ଓ ଅଭିଭାବକଙ୍କୁ ସଚେତନ ହେବାକୁ ପଡ଼ିବ।

# ଚାଷୀଙ୍କ ମୃତ୍ୟୁ ପାଇଁ ଦାୟୀ କିଏ



ଡ. ସନ୍ତୋଷ କୁମାର ମହାପାତ୍ର

ନିକଟରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସମ୍ବୋଧିତ କରି ୩ଟି କୃଷି ଆଇନ ପ୍ରତ୍ୟାହାର କରାଗଲା ବୋଲି ଘୋଷଣା କରିଛନ୍ତି। ସାମ୍ବିଧାନିକ ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବ ବୋଲି ଆଶ୍ୱାସନା ଦେବା ସହିତ ଆନ୍ଦୋଳନ ଛାଡ଼ି ଘରକୁ ଯିବାକୁ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଦେଶବାସୀଙ୍କୁ କହିଛନ୍ତି- ''କୃଷିରେ ସୁଧାର ଏବଂ କୃଷକଙ୍କ କଲ୍ୟାଣ ପାଇଁ ୩ ନୂଆ କୃଷି ଆଇନ ଅଣାଯାଇଥିଲା। କ୍ଷୁଦ୍ର ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ଏହା ଅଣାଯାଇଥିଲା। ବର୍ଷ ବର୍ଷ ଧରି ଦେଶର କୃଷକ, ବିଶେଷଜ୍ଞ ଓ ଅର୍ଥଶାସ୍ତ୍ରୀମାନେ ଏହି ଆଇନ ଆଣିବାକୁ ଦାବି କରିଆସୁଥିଲେ। ସରକାର ଦେଶର କୃଷକଜଗତ ଓ ଗରିବଙ୍କ ହିତ ପାଇଁ ଏହି ଆଇନ ଆଣିଥିଲେ। ହେଲେ ଆମେ କିଛି ଗୋଷ୍ଠୀଙ୍କୁ ବୁଝାଇବାରେ ବିଫଳ ହେଲୁ। ତେଣୁ କୃଷକଙ୍କ ବିରୋଧକୁ ଦୃଷ୍ଟିରେ ରଖି ନୂଆ କୃଷି ଆଇନ ପ୍ରତ୍ୟାହାର କରାଗଲା। ଯାହାବି କରୁଛି ଦେଶର କଲ୍ୟାଣ ପାଇଁ କରୁଛି।'' ପ୍ରଧାନମନ୍ତ୍ରୀ ମଧ୍ୟ କହିଲେ, ସତ୍ୟ ଓ ଅନାବିଳ ହୃଦୟରେ ମୁଁ ଭାରତବାସୀଙ୍କୁ କ୍ଷମା ମାଗୁଛି।

ବାସ୍ତବରେ ୨୦୧୪ ମେ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁର୍ନୀତି କଳାଟଙ୍କା ବିରୋଧରେ ସ୍ଲୋଗାନ ଦେଇ, ଭଲଦିନ ଆସୁଛି ବୋଲି କହି କ୍ଷମତାକୁ ଆସିଲେ। କିନ୍ତୁ ତା'ପରେ କିପରି କ୍ଷମତା ବଜାୟ ରଖାଯାଇପାରିବ ତାହାହିଁ କଲେ । କର୍ପୋରେଟଙ୍କୁ ଖୁସି କରିବା ପରି କର୍ପୋରେଟ ଟିକସ ହ୍ରାସ କରିବା ସହିତ ଅନେକ ଜନବିରୋଧୀ ପଦକ୍ଷେପ ନେଇଛନ୍ତି। ବିଶେଷକରି ଯେଉଁ ତିନୋଟି କୃଷି ଆଇନ ପ୍ରଣୟନ କରିଛନ୍ତି, ତାହା କୃଷକଙ୍କ ସ୍ୱାର୍ଥରେ ନୁହେଁ ବରଂ କର୍ପୋରେଟ ବ୍ୟବସାୟୀଙ୍କ ସ୍ୱାର୍ଥରେ କରାଯାଇଥିଲା। ଏଣୁ କ୍ଷୁଦ୍ର ହେଉ ବା ବଡ଼ ଚାଷୀ, ସମସ୍ତେ ଏହି କୃଷି ଆଇନ ପ୍ରତ୍ୟାହାର ପାଇଁ ଲଗାତର ୧ ବର୍ଷରୁ ଊର୍ଦ୍ଧ୍ୱ ହେବ ଆନ୍ଦୋଳନ କରୁଛନ୍ତି।

ବାସ୍ତବରେ ଯେଉଁ ଆନ୍ଦୋଳନରେ ନିଷ୍ଠା ଥାଏ, ତ୍ୟାଗ ଥାଏ ଏବଂ ଉଦ୍ଦେଶ୍ୟ ମହତ୍ ଥାଏ , ସେ ଆନ୍ଦୋଳନକୁ ଚାପିଦେବା ସହଜ ହୁଏନା। ଆମ ସ୍ୱାଧୀନତା ସଂଗ୍ରାମରେ ଏହା ଦେଖିଥିଲୁ। ଏବେ ଚାଷୀ ଆନ୍ଦୋଳନରେ ମଧ୍ୟ ଦେଖିଲୁ। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ହୋଇଥିବା ଆନ୍ଦୋଳନ ନିକଟରେ ଯେପରି ଇଂଲଣ୍ଡ ହାର ମାନିଥିଲା, ସେହିପରି ଦୀର୍ଘ ୧ବର୍ଷରୁ ଊର୍ଦ୍ଧ୍ୱ ଧରି ଚାଲିଥିବା ଆନ୍ଦୋଳନ ନିକଟରେ ଶାସକ ଶ୍ରେଣୀର ଗର୍ବ, ଅହଂକାର ଚୂର୍ମାର ହୋଇଗଲା। ତିନୋଟି କୃଷି ଆଇନ ପ୍ରତ୍ୟାହାର କରାଯିବାର ପ୍ରଶ୍ନ ଉଠୁନାହିଁ ବୋଲି କେନ୍ଦ୍ର ସରକାର ବାରମ୍ବାର କହୁଥିଲେ ମଧ୍ୟ କୃଷକ ଆନ୍ଦୋଳନ ଦ୍ୱାରା ତାଙ୍କର ଜନପ୍ରିୟତା ହ୍ରାସ ପାଇଲା, ଯାହା ନିକଟରେ ଅନୁଷ୍ଠିତ ଉପନିର୍ବାଚନରେ ପ୍ରତିଫଳିତ ହୋଇଛି। ଆଗାମୀ ବର୍ଷରେ ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶରେ ହେବାକୁ ଥିବା ନିର୍ବାଚନରେ ସମ୍ଭାବ୍ୟ ପରାଜୟର ଆଶଙ୍କା ଶାସକ ଶ୍ରେଣୀଙ୍କୁ ଏପରି ଭୟଭୀତ କରିଦେଲା ଯେ ଅନିଚ୍ଛା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ୩ଟି କୃଷି ଆଇନକୁ ପ୍ରତ୍ୟାହାର କରିବାକୁ ବାଧ୍ୟ ହେଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୃଷି ଆଇନଗୁଡ଼ିକୁ ପ୍ରତ୍ୟାହାର କରିବା ନେଇ ଘୋଷଣା କରିବା ପରେ ତୁରନ୍ତ ଆନ୍ଦୋଳନ ପ୍ରତ୍ୟାହାର ହେବନି ବୋଲି ଚାଷୀ ନେତା ରାକେଶ ଟିକାୟତ କହିଛନ୍ତି। ସଂସଦରେ ଆଇନ ପ୍ରତ୍ୟାହର ନ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବୁ। ସରକାର ଏମ୍‌ଏସ୍‌ପି ସହ ଚାଷୀଙ୍କର ଥିବା ଅନ୍ୟ ସମସ୍ୟା ଉପରେ ଆଲୋଚନା କରନ୍ତୁ ବୋଲି ଟିକାୟତ କହିଛନ୍ତି। ଗାଜିପୁର ସୀମାରେ ଆନ୍ଦୋଳନରେ ସାମିଲ ଥିବା ସଂଯୁକ୍ତ କିଷାନ ମୋର୍ଚ୍ଚାର ପ୍ରବକ୍ତା ଜଗତାର ସିଂ ବାଜୱା କହିଛନ୍ତି, ଏହା କୃଷକ ଓ ଶ୍ରମିକ ସଂଗଠିତ ହେବାର ଫଳ। ସଂଯୁକ୍ତ କିଷାନ ମୋର୍ଚ୍ଚାର ନେତୃତ୍ୱ କହିଛନ୍ତି କି ଏହା କୌଣସି ହାରିବା କି ଜିତିବାର କଥା ନୁହେଁ, ଅନ୍ନଦାତାମାନେ କର୍ପୋରେଟ ସରକାରଠାରୁ ଦେଶକୁ ରକ୍ଷା କରିବାରେ ସଫଳ ହୋଇଛନ୍ତି। ଚାଷୀଙ୍କ ମୁଖ୍ୟ ସମସ୍ୟା କେବଳ ଏହି ୩ଟି କୃଷି ଆଇନ ନୁହେଁ, ବରଂ ତାଙ୍କ ଉତ୍ପାଦିତ ଦ୍ରବ୍ୟର ପ୍ରକୃତ ମୂଲ୍ୟ ପ୍ରାପ୍ତ ହେବା। ବିରୋଧୀ ଦଳଗୁଡ଼ିକ ଏହାକୁ ସରକାରଙ୍କର ନୁହେଁ, ବରଂ ଜଣେ ଏକଚ୍ଛତ୍ରବାଦୀ ଶାସକଙ୍କର ପରାଜୟ ବୋଲି କହୁଥିବା ବେଳେ କେହି କେହି ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଭାଜପା ଏଭଳି ପ୍ରତିଶ୍ରୁତି ଦେଉଛି ବୋଲି ସନ୍ଦେହ କରୁଛନ୍ତି। ବାମପନ୍ଥୀମାନେ ଏହାକୁ ଏକ ଐତିହାସିକ ବିଜୟ ଭାବେ ଅଭିହିତ କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହାକୁ ନେଇ ଟୁଇଟ୍ କରି କହିଛନ୍ତି ଯେ, ଦେଶର ଅନ୍ନଦାତାଙ୍କ ଆନ୍ଦୋଳନରେ ଅହଂକାର ମୁଣ୍ଡ ତଳକୁ ହୋଇଯାଇଛି।

ପ୍ରଫେସର ଅରବିନ୍ଦ ପାନାଗରିଆଙ୍କ ପରି କେତେଜଣ ଅର୍ଥନୀତିଜ୍ଞ ସରକାରଙ୍କ ଏହି ସିଦ୍ଧାନ୍ତକୁ ବିରୋଧ କରିବା ସହିତ ଏହା ସଂସ୍କାର ବିରୋଧୀ ବୋଲି କହିଛନ୍ତି। କିନ୍ତୁ ସଂସ୍କାରର ପ୍ରକୃତ ଅର୍ଥ ହେଉଛି ପୂର୍ବ ସ୍ଥିତିରେ ଉନ୍ନତି ଆଣିବା, କର୍ପୋରେଟ, ଧନିକ ଶ୍ରେଣୀଙ୍କ ସ୍ୱାର୍ଥ ହାସଲ ପାଇଁ ନୁହେଁ। ତା'ପରେ କିଛି ବଡ଼ ଚାଷୀଙ୍କ ପାଖରେ ସମ୍ବଳ ଥିଲା ବୋଲି ସେମାନେ ଏତେଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିପାରିଥିଲେ। ନଚେତ୍ ସରକାର ସମ୍ପୂର୍ଣ୍ଣ ଦମନ କରିଦେଇଥାନ୍ତେ। ଆଶ୍ଚର୍ଯ୍ୟର ବିଷୟ, ଏହି ଆଇନ ପ୍ରଣୟନ ବେଳେ ଯେଉଁମାନେ ଏହାକୁ ଐତିହାସିକ ବୋଲି କହୁଥିଲେ, ସେମାନେ ଏହାର ପ୍ରତ୍ୟାହାର ସିଦ୍ଧାନ୍ତକୁ ମଧ୍ୟ ଐତିହାସିକ କହୁଛନ୍ତି। ଏଥିରୁ ଜଣାପଡୁଛି କିପରି ଲୋକମାନଙ୍କୁ ଭ୍ରମିତ କରାଯାଉଛି।

ପ୍ରଧାନମନ୍ତ୍ରୀ କହିଲେ, କୃଷକମାନେ ଏହି ଆଇନର ଭଲ ଦିଗ ନ ବୁଝିବାରୁ ଏବଂ ଏହି ଆଇନକୁ ବିରୋଧ କରିବାରୁ ସେ ଏହାକୁ ପ୍ରତ୍ୟାହାର କଲେ। କିନ୍ତୁ ତାଙ୍କ ଶାସନର ୭ ବର୍ଷରେ ସେ ଅନେକ ଜନବିରୋଧୀ ସିଦ୍ଧାନ୍ତ ନେଇଛନ୍ତି। ସେଗୁଡ଼ିକ ହେଲା- କ୍ରୂର ବିମୁଦ୍ରୀକରଣ, ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି ପ୍ରଚଳନ, ପେଟ୍ରୋଲିୟମ ସାମଗ୍ରୀ ଉପରେ ଏକ୍ସାଇଜ୍ ଟ୍ୟାକ୍ସ ବୃଦ୍ଧି, ଗ୍ୟାସ ମୂଲ୍ୟ ଦୁଇଗୁଣିତ ବୃଦ୍ଧି, କର୍ପୋରେଟ ଟିକସ ହ୍ରାସ, ଅତ୍ୟାବଶ୍ୟକ ସେବାଗୁଡ଼ିକର ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟସେବାର ବ୍ୟାପକ ଘରୋଇକରଣ, ରାଷ୍ଟ୍ରାୟତ୍ତ ଶିଳ୍ପରୁ ପୁଞ୍ଜି ପ୍ରତ୍ୟାହାର ବା ତାହାର ଘରୋଇକରଣ, ଶ୍ରମିକଙ୍କ ସ୍ୱାର୍ଥହାନି ହେଲାପରି ଶ୍ରମ ଆଇନରେ ପରିବର୍ତ୍ତନ କରିବା, ପୂର୍ବ ସରକାର ଅମଳରେ ଗଢ଼ି ଉଠିଥିବା ଭିତ୍ତିଭୂମିକୁ ଲିଜ୍‌ରେ ଘରୋଇ ସଂସ୍ଥାକୁ ଦେବା। ଯଦି କୃଷି ଆଇନକୁ ବିରୋଧ ଯୋଗୁ ପ୍ରତ୍ୟାହାର କଲେ, ତେବେ ଏହିସବୁ ସିଦ୍ଧାନ୍ତକୁ କୋଟି କୋଟି ଶ୍ରମିକ, ଜନତା, ବୁଦ୍ଧିଜୀବୀ ବିରୋଧ କରିବା ସତ୍ତ୍ୱେ ସରକାର କାହିଁକି ପ୍ରତ୍ୟାହାର କଲେ ନାହିଁ ? କାରଣ ହେଲା ଚାଷୀମାନେ ଆନ୍ଦୋଳନ ଦ୍ୱାରା କ୍ଷମତା ହରାଇବାର ସ୍ଥିତିକୁ ସରକାରଙ୍କୁ ଠେଲିଦେଲେ, ଯାହା ଅନ୍ୟମାନେ କରିପାରିଲେ ନାହିଁ।

କ୍ଷମତା ବଜାୟ ରଖିବା ପାଇଁ ପ୍ରଧାନମନ୍ତ୍ରୀ ଚାଷୀମାନଙ୍କୁ କ୍ଷମା ମାଗୁଛନ୍ତି। ଏହାକୁ ଅନେକେ ପ୍ରଶଂସା କରୁଛନ୍ତି। ତାଙ୍କର ମହନୀୟତା ବୋଲି କହୁଛନ୍ତି। ଏକ ବର୍ଷରୁ ଊର୍ଦ୍ଧ୍ୱହେବ ସେ କ'ଣ କରୁଥିଲେ ? କୃଷକମାନଙ୍କୁ ଖରା, ବର୍ଷା, ଶୀତରେ ଯେଉଁ ଯନ୍ତ୍ରଣା ଦେଇଛନ୍ତି, ତାହା ସେମାନେ କେବେ ଭୁଲିବେ ନାହିଁ କି ସରକାରଙ୍କୁ ବିଶ୍ୱାସକୁ ନେଇପାରିବେ ନାହିଁ। ଯେଉଁମାନେ ଏହାକୁ ମୋଦିଙ୍କ ମାଷ୍ଟର ଷ୍ଟ୍ରୋକ୍ ବୋଲି କହୁଛନ୍ତି, ସେମାନେ ଜାଣିବା ଉଚିତ ଯେ କୃଷକ ଏବଂ ଲୋକମାନେ ଏ ସରକାରଙ୍କ କୃଷକ ବିରୋଧୀ, ଜନବିରୋଧୀ ଚରିତ୍ରକୁ ଭୁଲିପାରିବେ ନାହିଁ। ଚାଷୀଙ୍କ ସଂଗ୍ରାମକୁ ଦୁର୍ବଳ କରିବା ପାଇଁ ଯେଉଁ ଗାଳିଗୁଲଜ, ନିନ୍ଦା ଏବଂ ଅପବାଦ କରାଗଲା, ତାକୁ ଚାଷୀମାନେ କିପରି ଭୁଲିବେ? ଆନ୍ଦୋଳନର ପ୍ରତ୍ୟେକ ପର୍ଯ୍ୟାୟରେ ଚାଷୀମାନଙ୍କୁ ହଇରାଣ କରାଯାଇଛି।

ଭାଜପା ନେତା ଏବଂ ସେମାନଙ୍କ ସମର୍ଥକମାନେ ଖୋଲାଖୋଲି ଆନ୍ଦୋଳନରତ କୃଷକଙ୍କୁ ଖାଲିସ୍ତାନୀ, ପାକିସ୍ତାନୀ ଆତଙ୍କବାଦୀ, ଦେଶଦ୍ରୋହୀ, ଗୁଣ୍ଡା ବୋଲି କହିବାକୁ ପଛେଇନାହାନ୍ତି। ପ୍ରଧାନମନ୍ତ୍ରୀ ସେମାନଙ୍କୁ 'ଆନ୍ଦୋଳନଜୀବୀ' ବୋଲି କହୁଥିବାବେଳେ କେତେକ ସେମାନଙ୍କୁ ଗିରଫ କରିବା ପାଇଁ ଦାବି କରୁଥିଲେ। ଆନ୍ଦୋଳନକୁ ଦମନ କରିବା ପାଇଁ ପୋଲିସକୁ ବ୍ୟବହାର କରାଗଲା। କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କ ପୁଅ ଉତ୍ତରପ୍ରଦେଶର ଲଖିମପୁର ଖେରିରେ ଚାଷୀଙ୍କ ଉପରେ ଗାଡ଼ି ଚଢ଼େଇଦେବା ଏବଂ ୮ ଜଣଙ୍କ ମୃତ୍ୟୁ ହେବା ଘଟଣା କେହି ଭୁଲିବେ ନାହିଁ। ଅବଶ୍ୟ ଆସ୍ତେ ଆସ୍ତେ ସମସ୍ତେ ସବୁ ଭୁଲି ଯାଇପାରନ୍ତି, କିନ୍ତୁ ଆନ୍ଦୋଳନ ସମୟରେ ଯେଉଁ ଚାଷୀମାନେ ମୃତ୍ୟୁବରଣ କରିଛନ୍ତି, ସେମାନଙ୍କ କଥା ତାଙ୍କ ପରିବାର କେବେ ଭୁଲିପାରିବେ ନାହିଁ। ସେହି ଚାଷୀଙ୍କ ମୃତ୍ୟୁ ପାଇଁ କିଏ ଦାୟୀ ରହିବେ?

Email: skmohapatra67@gmail.com
ମୋ:୯୪୩୭୨୦୮୭୬୨

# ଏକ ବିରଳ ବ୍ୟକ୍ତିତ୍ୱ



ଡ. ଶୁଭ୍ରାଂଶୁ ପଟ୍ଟନାୟକ

୧୨୦ ବର୍ଷ ତଳେ ଏହି ମାଟିରେ ଜନ୍ମ ନେଇଥିଲେ ଜଣେ ଋଷି ଜନକ ଯୋଗନିଷ୍ଠ ମହାନ୍ ନବକୃଷ୍ଣ ଚୌଧୁରୀ (ବାପି)। ଆମେ ଜାଣୁ ଋଷି ଜନକ ଏକାଧାରରେ ରାଜା ଓ ଋଷି ଥିଲେ। କିନ୍ତୁ ଆମେ ଜାଣିବାରେ ନବକୃଷ୍ଣ ଚୌଧୁରୀ ଆଧୁନିକ ରାଜର୍ଷି ଜନକ। ସେହି ଯୋଗଜନ୍ମା ବାପି ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମ ନେଇ ମଧ୍ୟ ଆଜୀବନ ଦୁଃଖ ଦାରିଦ୍ର୍ୟର କଷାଘାତରେ ନିତିଦିନ ଜଳି ପୋଡ଼ି ମରୁଥିବା ଏ ମାଟିର ଅନେକ ନିଷ୍ପେଷିତ, ଦଳିତ, ଘୃଣିତଙ୍କ ପାଇଁ ସେବା କରୁଥିଲେ। ଜଗତ୍‌ସିଂହପୁର ଜିଲାର ଖେରସ୍ ଗ୍ରାମର ବିଶିଷ୍ଟ ଜମିଦାର ଗୋକୁଳାନନ୍ଦ ଚୌଧୁରୀଙ୍କର ସେ ଦ୍ୱିତୀୟ ପୁତ୍ର। କୁହାଯାଏ ମାଟିରେ ମହାକବି ସାରଳା ଦାସଙ୍କ ବଂଶଧର। ଏଠାରେ ବିରଳ ଦେଖିବାକୁ ମିଳେ ଯେ ଭାରତ ବର୍ଷରେ ଗୋଟିଏ ଗୋଟିଏ ପରିବାରର ଜଣେ ବା ପରିବାରର କିଛି ବ୍ୟକ୍ତି ଆନ୍ଦୋଳନରେ ଯୋଗଦେଇଥିବା ବେଳେ ଏଠାରେ ଗୋଟାଯାକ ପରିବାର ଆନ୍ଦୋଳନ, ଦେଶ ସେବା ତଥା ରଚନାତ୍ମକ କାର୍ଯ୍ୟକ୍ରମରେ ନିଜକୁ ଉତ୍ସର୍ଗ କରିଛନ୍ତି। ଗୋପବନ୍ଧୁ ଚୌଧୁରୀ, ରମାଦେବୀ (ଗୋପବନ୍ଧୁଙ୍କ ପତ୍ନୀ), ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ (ନବକୃଷ୍ଣଙ୍କ ପତ୍ନୀ), ଭଉଣୀ ଅନ୍ନପୂର୍ଣ୍ଣା ମହାରଣା ସମସ୍ତେ ସମାଜ ସେବାରେ ଉତ୍କର୍ଷର ପରିଚୟ ଦେଇଛନ୍ତି ଓ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି, ରମାଦେବୀ ଥିଲେ ମାଜିଷ୍ଟ୍ରେଟ ଗୋପାଳ ବଲ୍ଲଭଙ୍କ କନ୍ୟା ତଥା ଉତ୍କଳର ମୁକୁଟବିହୀନ ସମ୍ରାଟ ମଧୁସୂଦନ ଦାସଙ୍କ ଝିଆରୀ। ମାଳତୀ ସେନ୍ ଥିଲେ ବିଶ୍ୱଭାରତୀର କୃତୀ ଛାତ୍ରୀ ଓ କଲିକତାର ପ୍ରଖ୍ୟାତ ବାରିଷ୍ଟର କୁମୁଦନାଥ ସେନ୍‌ଙ୍କ କନ୍ୟା। ବାପି ଥିଲେ ଗାନ୍ଧିବାଦୀ।

ନବକୃଷ୍ଣ ଚୌଧୁରୀ (ବାପି) ୧୯୫୦ରୁ ୧୯୫୬ ଯାଏ ସ୍ୱାଧୀନ ଓଡ଼ିଶାର ପ୍ରଥମ ନିର୍ବାଚିତ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ଭାଳିଛନ୍ତି, ଏହା ପୂର୍ବରୁ ୧୯୪୬ ରୁ ୧୯୪୮ ଯାଏ ରାଜସ୍ୱ, ଯୋଗାଣ, ପରିବହନ, ଆଇନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀରୂପେ କାର୍ଯ୍ୟ କରିଛନ୍ତି। ତାଙ୍କ ସମୟରେ ହୋଇଥିବା ଐତିହାସିକ କାର୍ଯ୍ୟଗୁଡ଼ିକ ହେଲା- ଜମିଜମା ସଂସ୍କାର ଆଇନ, ଅଞ୍ଚଳ ସଂସ୍କାର, ଆଇନ, ଭାଗଚାଷ ଆଇନ, ଜମିଦାରି ପ୍ରଥା ଉଚ୍ଛେଦ ଇତ୍ୟାଦି। ଓଡ଼ିଆ ଭାଷା ଆଇନ ପ୍ରଚଳନ, ରାଜପଥ ଜାତୀୟକରଣ, ସିନେମା ଅଟୋଗ୍ରାଫି ସଂସ୍କାର। ନିଶା ନିବାରଣ, ଶ୍ରୀମନ୍ଦିର ସଂସ୍କାର ଆଦି ଯୁଗାନ୍ତକାରୀ ନିଷ୍ପତ୍ତି ଓଡ଼ିଶା ଇତିହାସରେ ତାଙ୍କୁ ସବୁଦିନ ପାଇଁ ଅମର କରି ରଖିଥିବ। ତାଙ୍କ ଶାସନ କାଳରେ ରାଉରକେଲାରେ ଥିବା ଇସ୍ପାତ କାରଖାନା, ହୀରାକୁଦ ବନ୍ଧ ଯୋଜନା, କଟକଠାରେ ଆଇ.ଟି.ଆଇ. ପ୍ରତିଷ୍ଠା, ଓଡ଼ିଶାରେ କୃଷି ଓ ଗୋପାଳନ ଶିକ୍ଷାର ବିକାଶ ପାଇଁ ଗଠିତ ବିଶ୍ୱବିଦ୍ୟାଳୟ, ପଶୁଚିକିତ୍ସାଳୟ, ବୁର୍ଲାର ଇଂଜିନିୟରିଂ କଲେଜ ପ୍ରତିଷ୍ଠା ହୋଇଥିଲା। ସେ ନିଜକୁ ଭ୍ରଷ୍ଟାଚାର, ଲାଞ୍ଚ, ଦୁର୍ନୀତିଠାରୁ ବହୁ ଦୂରରେ ରଖୁଥିଲେ। ଗୃହ ଭିତରେ ଓ ବାହାରେ ବିରୋଧୀମାନଙ୍କୁ ସମ୍ମାନ ଜଣାଉଥିଲେ। ମୁଖ୍ୟମନ୍ତ୍ରୀ ହେବା ସମୟରେ କେନ୍ଦୁପତ୍ରର କ୍ରୟ ଓ ବିକ୍ରୟ ଉପରେ ଗୁରୁତ୍ୱ ଦେଇଥିଲେ। ଏହା ସହିତ ୧୯୫୬ରେ ମୁଖ୍ୟମନ୍ତ୍ରୀ ପଦରୁ ସେ ଇସ୍ତଫା ଦେଇ ବାଜିରାଉତ ଛାତ୍ରାବାସରେ ରହିଲେ। କିନ୍ତୁ ତାଙ୍କର କାର୍ଯ୍ୟ ଶେଷ ହୋଇ ନ ଥିଲା। ସକ୍ରିୟ ରାଜନୀତିରୁ ବିଦାୟ ନେବାପରେ ନିଜକୁ ସର୍ବୋଦୟ ଆନ୍ଦୋଳନରେ ସାମିଲ କରିଥିଲେ। ୧୯୭୫ ଜରୁରୀ ପରିସ୍ଥିତିରେ ତାଙ୍କୁ ଗିରଫ କରାଯାଇଥିଲା। ଜାତିପ୍ରଥା ଓ ଛୁଆଁ ଅଛୁଆଁ ଦୂର ପାଇଁ ଦଳିତ ଓ ନିମ୍ନବର୍ଗର ଲୋକଙ୍କୁ ନେଇ ଶାରଳା ମନ୍ଦିର, ନିଆଳିରେ ଥିବା ମାଧବ ମନ୍ଦିରରେ ପ୍ରବେଶ କରିଥିଲେ। କଶ୍ମୀର ସମସ୍ୟାର ସମାଧାନ ପାଇଁ ନେହେରୁଙ୍କ ଆଦେଶରେ ଜଣେ ଶାନ୍ତିଦୂତ ହିସାବରେ ଯାଇ ସେଠାରେ ଶାନ୍ତିପ୍ରତିଷ୍ଠା କରିଥିଲେ। ଆଦିବାସୀ ହରିଜନଙ୍କ ପାଇଁ 'ନବଜୀବନ ମଣ୍ଡଳ' ନାମରେ ଅନୁଷ୍ଠାନ ଅନୁଗୋଳଠାରେ ଗଠନ କରିଥିଲେ। ବାପି ସଦାସର୍ବଦା ଅନ୍ଧବିଶ୍ୱାସକୁ ବିରୋଧ କରୁଥିଲେ। ଆଜି ଆମକୁ ସେହି ଯୋଗଜନ୍ମା ମହାପୁରୁଷଙ୍କର ତ୍ୟାଗ, ସରଳ ଜୀବନଯାପନ, ଆନ୍ତରିକତା, ବଳିଦାନ ମନେପକେଇବାକୁ ହେବ। ତାଙ୍କର ସେହି ପ୍ରେରଣା ଆମ ଯୁବପିଢ଼ିକୁ ଉତ୍ସାହିତ କରୁ। ସ୍କୁଲ କଲେଜ ପାଠ୍ୟ ପୁସ୍ତକରେ ଏହି ମହାନ୍ ସଂଗ୍ରାମୀ ମଣିଷଙ୍କର କୃତିତ୍ୱ ସ୍ଥାନ ପାଉ। ଆଜିର ଡିଜିଟାଲ ଦୁନିଆର ସେହିମାନଙ୍କର ଆତ୍ମକଥା ଘୂରିବୁଲୁ; ଫଳରେ ଏହା ଦିଗହରା ମାନବକୁ ଠିକ୍ ରାସ୍ତା ଦେଖାଇବ।



ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଉପଲକ୍ଷେ

ନବକୃଷ୍ଣ ଚୌଧୁରୀ ସବୁବେଳେ ଶିକ୍ଷାର ସଂସ୍କାର କଥା କହୁଥିଲେ। ଶିକ୍ଷାକୁ ଗୁରୁତ୍ୱ ଦେଇ ଚମ୍ପତିମୁଣ୍ଡାଠାରେ ଯଦୁମଣି ମହାନ୍ତିଙ୍କ ନେତୃତ୍ୱରେ ଏକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ସେ ଜାଣିଥିଲେ ଯେ ଭାରତର ଭବିଷ୍ୟତ ଏହି ସ୍କୁଲରୁ ହିଁ ଆରମ୍ଭ ହୁଏ। ସେ 'ସାରଥି' ନାମକ ଏକ ସାପ୍ତାହିକ ପତ୍ରିକା ପ୍ରଚଳନ କରିଥିଲେ। ମନନ ଓ ଚିନ୍ତନରେ ଉଗ୍ର ବୈପ୍ଲବିକ ଭାବଧାରା, ଦାର୍ଶନିକ ଅନୁଶୀଳନ ଏବଂ ବୈଜ୍ଞାନିକ ପ୍ରୟୋଗ ତାଙ୍କୁ ଏ ଦେଶରେ ଏକ ସ୍ୱତନ୍ତ୍ର ବୌଦ୍ଧିକ ପରିଚୟ ପ୍ରଦାନ କରିଥିଲା। ସେ ଥିଲେ ଜଣେ ଜ୍ଞାନଯୋଗୀ କର୍ମଯୋଗୀର ସମ୍ମିଳିତ ପ୍ରତିନିଧି। ସେ ଉଭୟ ଗାନ୍ଧିବାଦୀ ଓ ମାର୍କ୍ସବାଦୀ। ସେ ଯାହା କହୁଥିଲେ ତାହା କରୁଥିଲେ, ଯାହା ଆଜିକାଲି ନେତାମାନଙ୍କ ପାଖରେ ଦେଖାଯାଏ ନାହିଁ । ଯାହା ଚିନ୍ତା କରୁଥିଲେ ନିର୍ଭୀକ ଭାବରେ ପ୍ରକାଶ କରୁଥିଲେ ଓ ତାଙ୍କୁ କାର୍ଯ୍ୟରେ ରୂପାନ୍ତରିତ କରୁଥିଲେ। ତାଙ୍କ ଜୀବନ ଦର୍ଶନ ସମାଜର ସାମ୍ୟ ପ୍ରତିଷ୍ଠା ଓ ମଣିଷ ମଧ୍ୟରେ ଭେଦଭାବ ଦୂର ପାଇଁ ଉଦ୍ଦିଷ୍ଟ ଥିଲା।

୧୯୮୪ ଜୁନ୍ ୨୪ରେ ଅନୁଗୋଳରେ ଥିବା ଆଶ୍ରମରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ଦେଶ, ସମାଜ, ଦଳିତ ଜନସାଧାରଣଙ୍କର ଓ ସର୍ବୋପରି ଉତ୍କଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଚେଷ୍ଟା କରୁଥିଲେ। ସେ ସମସ୍ତ ପ୍ରକାର ବାଧାବିଘ୍ନକୁ ଏଡ଼ାଇ ତ୍ୟାଗ, ନିଷ୍ଠା ଓ କର୍ତ୍ତବ୍ୟ ପରାୟଣତାର ଚରମ ପରାକାଷ୍ଠା ପ୍ରଦର୍ଶନ କରିବା ସହ ନିଜର ପରିକଳ୍ପିତ ଯୋଜନାକୁ କାର୍ଯ୍ୟକାରୀ କରାଉଥିଲେ। ସେଥିପାଇଁ ସେହି ମହାପୁରୁଷ ଚିରସ୍ମରଣୀୟ, ଚିରନମସ୍ୟ ଓ ଚିରବନ୍ଦନୀୟ। ତାଙ୍କର ସେହି ଆଦର୍ଶ ଗୁଣାବଳୀଗୁଡ଼ିକ ଯୁଗଯୁଗକୁ ନୂତନ ପିଢ଼ିର ନୂତନ ଦାୟାଦଙ୍କ ପାଇଁ ଅନୁକରଣୀୟ ହୋଇ ରହିଥିବ।

ଅଧ୍ୟାପକ, ମୋ: ୭୯୭୮୫୯୭୫୨୭

## ଏଇ ଭାରତରେ

ଅନ୍ୟର ଦୁଃଖ ବୁଝିଲେ ନିଜ ଦୁଃଖ କମିଯାଏ। ଅନ୍ୟର ସେବା କଲେ ଦୁର୍ବଳତା ଓ ପୀଡ଼ା ବିରୋଧରେ ଲଢ଼ିବାକୁ ଶକ୍ତି ମିଳେ। ଜୁନାଗଡ଼ର ଏମିତି ଦୁଇ ଭଉଣୀ ନିଜ ଯନ୍ତ୍ରଣାକୁ ଭୁଲି ୧୦ ବର୍ଷ ଧରି ମାନସିକ ସ୍ତରରେ ଦୁର୍ବଳ ଥିବା ଝିଅମାନଙ୍କ ସେବାରେ ଲାଗିଛନ୍ତି । ନିଲମ ବେନ୍ ଓ ରେଖା ବେନ୍ ପରମାର 'ସାନ୍ତ୍ୱନ ବିକଳାଙ୍ଗ ବିକାଶ ମଣ୍ଡଳ' ସଂସ୍ଥା ଜରିଆରେ ଏହି କାର୍ଯ୍ୟ କରୁଛନ୍ତି। ବଡ଼ କଥା ହେଉଛି, ନିଲମ ପିଲାଦିନରୁ ୮୦% ଦିବ୍ୟାଙ୍ଗ। ଏହା ସତ୍ତ୍ୱେ ସେ ମାନସିକ ସ୍ତରରେ ଦୁର୍ବଳ ୪୦ ଝିଅଙ୍କ ସାହାରା ପାଲଟିଛନ୍ତି। ୨୦୦୯ରେ ରାଜସ୍ଥାନର ଏକ ହସ୍ପିଟାଲରେ ନିଲମ ଚିକିତ୍ସିତ ହେଉଥିବାବେଳେ ଦୁଇ ଭଉଣୀ ଏହି ସେବା କରିବା ଲାଗି ନିଷ୍ପତ୍ତି ନେଇଥିଲେ। ପରେ ୨୦୧୨ରୁ ଦୁହେଁ ଘରଛାଡ଼ି ଏହି ପିଲାଙ୍କ ସହ ରହି ସେମାନଙ୍କ ସେବା କରିଆସୁଛନ୍ତି। ଲୋକଙ୍କ ଦାନରେ ପିଲାମାନଙ୍କର ପଢ଼ାଠାରୁ ଆରମ୍ଭ କରି ସବୁ ଖର୍ଚ୍ଚ ଏମାନେ ବହନ କରୁଛନ୍ତି । ତାଙ୍କ ପିତାଙ୍କର ଜୁନାଗଡ଼ରେ ଏକ ଗ୍ୟାରେଜ ଅଛି। ଦୁଇ ଭଉଣୀ ପ୍ରଥମେ ଜୁନାଗଡ଼ ସହରରେ ଦୌଲତପାରା ଅଞ୍ଚଳରେ ଘରଭଡ଼ା ନେଇ ସେଠାକାର ବସ୍ତିର ଦୁଇ ଦିବ୍ୟାଙ୍ଗ ଝିଅଙ୍କୁ ରଖିଥିଲେ। ନିଲମ ଘରେ ଟ୍ୟୁଶନ କରନ୍ତି ଓ ରେଖା ଜୁନାଗଡ଼ର ଏକ କମ୍ପାନୀରେ କାମ କରି ସେଥିରେ ସେମାନଙ୍କ ଖର୍ଚ୍ଚ ତୁଲାଉଥିଲେ। ପରେ ଜୁନାଗଡ଼ ନିକଟରେ ବଡାଲା ଗାଁରେ ଏକ ଘର ନେଇ ସେବା ଆରମ୍ଭ କରିବା ପରେ ମାନସିକ ସ୍ତରରେ ଦୁର୍ବଳ ଝିଅମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା। ଏଥିପାଇଁ ଲୋକମାନେ ତାଙ୍କୁ ସହଯୋଗ କରିବାରେ ଲାଗିଲେ। ଏବେ ସୁରଟର ହରିଭାଇ ଚାରିଟେବଲ ଟ୍ରଷ୍ଟ ସେମାନଙ୍କ ନିର୍ମାଣ ପାଇଁ ୫୦ ଲକ୍ଷ ଟଙ୍କା ଖର୍ଚ୍ଚରେ ଗୋଟିଏ ଭବନ ନିର୍ମାଣ କରିଦେଇଛି। ବର୍ତ୍ତମାନ ତାଙ୍କ ସଂସ୍ଥାରେ ୧୫ ଜଣ କାମ କରୁଛନ୍ତି।

## ଚିରନ୍ତନୀ

''ଯୁଦ୍ଧାୟ କୃତନିଶ୍ଚୟ, ଶୁଣ ଡାକ କେ ଦିଏ
ପ୍ରାଚୀନ ଗ୍ରନ୍ଥ ଛିଡ଼ିଗଲା ଏବେ ବିପ୍ଳବୀ ହେ!''
ବିଶ୍ୱ ବିରାଟ ବକ୍ଷଥଳରେ ବାଜିଲା ଗୁଳି
ଖସିଲା ଉଲ୍‌କା ଜଳିଉଠେ ମହା ଚିତାର ଚୁଲୀ।
-(ରକ୍ତ-ସ୍ରୋତ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୨୩ ନଭେମ୍ବର ୧୯୯୬

- ପାକିସ୍ତାନର ନୋବେଲ ପୁରସ୍କାର ବିଜେତା ପଦାର୍ଥବିତ୍ ଅବଦୁସ୍ ସଲାମଙ୍କ ୭୦ ବର୍ଷ ବୟସରେ ପରଲୋକ।
- କଂଗ୍ରେସ ସଭାପତି ସୀତାରାମ କେସରୀ ଅପ୍ରତ୍ୟାଶିତ ଭାବେ ଏଆଇସିସିର ୩ ଜଣ ସାଧାରଣ ସମ୍ପାଦକଙ୍କୁ ଦଳୀୟ ପଦରୁ ବରଖାସ୍ତ କରିଛନ୍ତି।
- ବିଶ୍ୱସୁନ୍ଦରୀ ପ୍ରତିଯୋଗିତା ଉପରେ କର୍ଣ୍ଣାଟକ ହାଇକୋର୍ଟ ପକ୍ଷରୁ ଜାରି କରାଯାଇଥିବା କଟକଣା ଉପରେ ସୁପ୍ରିମ୍‌କୋର୍ଟଙ୍କ ରହିତାଦେଶ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | 7 | | | 3 | |
| | 8 | 7 | 3 | | | | | |
| 3 | | | | 9 | | | 4 | 6 |
| | | 3 | | | | 9 | | 4 |
| 5 | | | 8 | | | | | |
| 9 | 2 | | | | | | | |
| | | 4 | | 8 | | | 7 | 9 |
| | | | | | 7 | | | |
| 8 | | 6 | | | | 1 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 5 | 1 | 8 | 4 | 2 | 6 | 7 |
| 1 | 6 | 8 | 7 | 9 | 2 | 4 | 3 | 5 |
| 2 | 4 | 7 | 5 | 6 | 3 | 8 | 1 | 9 |
| 8 | 1 | 4 | 6 | 7 | 5 | 9 | 2 | 3 |
| 6 | 7 | 3 | 4 | 2 | 9 | 1 | 5 | 8 |
| 5 | 9 | 2 | 8 | 3 | 1 | 7 | 4 | 6 |
| 4 | 2 | 9 | 3 | 5 | 8 | 6 | 7 | 1 |
| 3 | 8 | 6 | 2 | 1 | 7 | 5 | 9 | 4 |
| 7 | 5 | 1 | 9 | 4 | 6 | 3 | 8 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଆ ଭାଷାକୁ ଅବହେଳା

ମହାଶୟ,

ଚଳିତ ବର୍ଷ ଓଡ଼ିଶା ସରକାର OSSSC ଦ୍ୱାରା ବିଭିନ୍ନ ଗ୍ରୁପ-ସିର ୨୮୪୧ ପୋଷ୍ଟ ପାଇଁ ନିଯୁକ୍ତି ସୂଚନା ଦେଇଥିଲେ। ଏହା ଏକ ଉତ୍ତମ ପଦକ୍ଷେପ। ଏହା ଦ୍ୱାରା ଚାକିରି ପାଇଁ ଅନେକ ଆଶାୟୀ ଉପକୃତ ହୋଇପାରିବେ। ଏହା ଓଡ଼ିଶା ଲାଗି ଏକ ଗୌରବର ବିଷୟ। ଏହିସବୁ ପଦବୀ ପାଇଁ ଏକକ ପରୀକ୍ଷା କରାଯିବ ବୋଲି ନୋଟିସରେ ଉଲ୍ଲେଖ କରାଯାଇଛି। ଉକ୍ତ ପରୀକ୍ଷାରେ ଇଂରାଜୀ, ପାଟୀଗଣିତ, ସାଧାରଣ ଜ୍ଞାନ ଓ କମ୍ପ୍ୟୁଟର ପାଇଁ ପ୍ରତ୍ୟେକ ବିଷୟକୁ ୪୦ ମାର୍କ ଲେଖାଏଁ ରଖାଯାଇଥିବା ବେଳେ ଓଡ଼ିଆ ଭାଷାରେ ମାତ୍ର ୨୦ ମାର୍କ ରଖି ସର୍ବମୋଟ ୧୮୦ ମାର୍କ ପରୀକ୍ଷା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଫଳରେ ଓଡ଼ିଆ ଭାଷା ପ୍ରତି ସରକାରଙ୍କ ଅବହେଳା ଦୃଷ୍ଟି ଗୋଚର ହେଉଛି। ଏଥିରେ ଅନେକ ସାହିତ୍ୟ ପ୍ରେମୀ ଦୁଃଖ ପ୍ରକାଶ କରିଛନ୍ତି। ସରକାର ଓଡ଼ିଆ ଭାଷାରେ ୨୦ ବଦଳରେ ୪୦ ମାର୍କ ରଖି ସର୍ବମୋଟ ୨୦୦ ମାର୍କ ପରୀକ୍ଷା କରିବା ଆବଶ୍ୟକ।

– ବିକାଶ ନାୟକ, କଇଁପୁର, ମୟୂରଭଞ୍ଜ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଜନଧନ ଖାତାରୁ ୧୬୪ କୋଟି ଟ୍ରାଞ୍ଜାକଶନ ଶୁଳ୍କ ଆଦାୟ

**ନୂଆଦିଲ୍ଲୀ,୨୨।୧୧:** ଦେଶର ସାଧାରଣ ଲୋକଙ୍କୁ ବ୍ୟାଙ୍କ ସେବା ସହ ଯୋଡ଼ିବା ଲାଗି କେନ୍ଦ୍ର ସରକାର ଜନଧନ ଯୋଜନାରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ ଯୋଜନା ଆଣିଥିଲେ। ମାତ୍ର ମାସରେ ୪ରୁ ଅଧିକ ଥର ଡିଜିଟାଲ କାରବାର ଉପରେ ଏସ୍‌ବିଆଇ ପ୍ରତିଥର ୧୭.୭୦ ଟଙ୍କା ଆଦାୟ କରିଛି। ୨୦୧୭ରୁ ୨୦୧୯ ମଧ୍ୟରେ ବ୍ୟାଙ୍କ ଏହି ବାବଦକୁ ୧୬୪ କୋଟି ଟଙ୍କା ଆଦାୟ କରିଥିବା ଆଇଆଇଟି ବମ୍ବେର ରିପୋର୍ଟରେ ପ୍ରକାଶ ପାଇଛି। ଶୁଳ୍କ ଆଦାୟ କରିବା ସମୟରେ ଜନଧନ ଖାତା ସହିତ ଜଡ଼ିତ ନିୟମ ଉଲ୍ଲଘଂନ କରାଯାଇଥିବା ବ୍ୟାଙ୍କ ବିରୋଧରେ ଅଭିଯୋଗ ଆସିଛି। ଆକାଉଣ୍ଟ ସହ ନୂଆ ସେବା ଯୋଗାଣ କ୍ଷେତ୍ରରେ ନ୍ୟାୟ୍ ସଙ୍ଗତ ଚାର୍ଜ ଲାଗୁ କରିବା ଲାଗି ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶ ଦେଇଥିଲେ ମଧ ଏହାକୁ ମଧ ଅବମାନନା କରାଯାଇଛି।

### ପିଏମ୍‌ସି ବ୍ୟାଙ୍କ ଅଧିଗ୍ରହଣ ଲାଗି ଡ୍ରାଫ୍ଟ ସ୍କିମ୍

**ନୂଆଦିଲ୍ଲୀ,୨୨।୧୧:** ପଞ୍ଜାବ ଆଣ୍ଡ ମହାରାଷ୍ଟ୍ର କୋଅପରେଟିଭ (ପିଏମ୍‌ସି) ବ୍ୟାଙ୍କକୁ ଦିଲ୍ଲୀ ଭିତ୍ତିକ ୟୁନିଟି ସ୍ମଲ ଫାଇନାନ୍ସ ବ୍ୟାଙ୍କ (ୟୁଏସ୍‌ଏଫ୍‌ବି) ଅଧିଗ୍ରହଣ କରିବ। ଏଥି ଲାଗି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ପକ୍ଷରୁ ସୋମବାର ଏକ ଡ୍ରାଫ୍ଟ ସ୍କିମ ଜାରି କରାଯାଇଛି। ଉଭୟ ଆସେଟ, ଲାଏବିଲିଟି ଏବଂ ଜମା ଅଧିଗ୍ରହଣ ନେଇ ଡ୍ରାଫ୍ଟ ନିୟମରେ ଉଲ୍ଲେଖ ରହିଛି। ଫଳରେ ଏହା ଦ୍ୱାରା ଜମାକାରୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦିଆଯାଇପାରିବ। ୟୁଏସ୍‌ଏଫ୍‌ବି ୧୧୦୦ କୋଟି ଟଙ୍କାର ମୂଳ ପୁଞ୍ଜିରେ ଆରମ୍ଭ ହୋଇଛି।

# ନିବେଶକଙ୍କ କ୍ଷତି ୭.୮୬ ଲକ୍ଷ କୋଟି

**ନୂଆଦିଲ୍ଲୀ,୨୨।୧୧**



ସପ୍ତାହର ପ୍ରଥମ ଦିନରେ ଦେଶର ପୁଞ୍ଜି ବଜାରରେ ବଡ ଧରଣର ହ୍ରାସ ଦେଖାଯାଇଛି। ସୋମବାର ବମ୍ବେ ଷ୍ଟକ ବଜାରର ସୁଚକାଙ୍କ (ସେନ୍‌ସେକ୍ସ) ୧୧୭୦ ପଏଣ୍ଟ ଖସିବା ଯୋଗୁ ନିବେଶକଙ୍କୁ ୭.୮୬ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡିଛି। ସୂଚକାଙ୍କ ୧.୯୬% ହ୍ରାସ ହୋଇ ୫୮,୪୬୫ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ନିଫ୍ଟି) କାରବାର ୩୪୮ ପଏଣ୍ଟ(୧.୯୬%) ହ୍ରାସ ହେବା ଯୋଗୁ ୧୭,୪୧୬ ପଏଣ୍ଟରେ ବନ୍ଦ ହୋଇଛି। ସୂଚୀଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜୀକରଣ ୭.୮୬ଲକ୍ଷ କୋଟି ଟଙ୍କା ହ୍ରାସ ହୋଇଛି। ଗୁରୁବାର ଏହା ୨୬୯.୨୦ ଲକ୍ଷ କୋଟି ଟଙ୍କା ଥିବା ବେଳେ ସୋମବାର ୨୬୦.୯୮ ଲକ୍ଷ କୋଟି ଟଙ୍କାକୁ ଖସି ଆସିଛି।

ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଶେୟାର କାରବାର ପ୍ରଭାବିତ ରହିବା ଯୋଗୁ ଶେୟାର ବଜାରକୁ ଏହାର ଝଟକା ଲାଗିଛି। କମ୍ପାନୀର ଶେୟାର କାରବାର ୪.୩୬% ହ୍ରାସ ହୋଇ ୨୩୬୫ ଟଙ୍କା ରହିଛି। ସୋମବାର ସକାଳେ ବଜାର ୬୮ ପଏଣ୍ଟ ଉଚ୍ଚରେ ରହି ୫୯୭୭୮ ପଏଣ୍ଟ ସ୍ତରରେ ବନ୍ଦ ଖୋଲିଥିଲା। ମାତ୍ର ୫ ମିନିଟରେ ବଜାର ୫୦୦ ପଏଣ୍ଟ ହ୍ରାସ ଘଟିଲା। ଥରକରେ ୧୬୬୫ ପଏଣ୍ଟ ଖସିବା ଯୋଗୁ ଏହା ୫୮,୦୦୧ ପଏଣ୍ଟକୁ ଖସି ଆସିଥିଲା। କାରବାର ସୁଧୁରିବା ଯୋଗୁ ସେନସେକ୍ସରେ କାରବାର ୪୭୫ ପଏଣ୍ଟ ସୁଧାର ହୋଇଥିଲା। ପ୍ରାୟ ୧୧୭୦ ପଏଣ୍ଟ ହ୍ରାସ ହୋଇ ଏହା ସେଟେଲ ହୋଇଛି। କେବଳ ୪ ଶେୟାର ଭଲ କାରବାର କରିଥିବା ବେଳେ ୨୬ ଶେୟାରର କାରବାର କ୍ଷତିଗ୍ରସ୍ତ ରହିଛି।

**୧୧୭୦ ପଏଣ୍ଟ ଖସିଲା ସେନ୍‌ସେକ୍ସ**

### ରିଲାଏନ୍ସ ବଜାର ପୁଞ୍ଜୀକରଣ ୭୦ ହଜାର କୋଟି କମିଲା

ସୋମବାର ରିଲାଏନ୍ସର ବଜାର ପୁଞ୍ଜୀକରଣ ୭୦ ହଜାର କୋଟି ଟଙ୍କା ହ୍ରାସ ଘଟିଛି। ଗତ ଗୋଟିଏ ସପ୍ତାହରେ ଏହାର ଶେୟାର ପ୍ରାୟ ୧୦% ହ୍ରାସ ହୋଇଛି। ସାଉଦି ଆରାମକୋ ସହ ଏହାର ହେବାକୁ ଥିବା ଡିଲ୍ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକିଛି। ଏଥିଲାଗି ପୁଣି ଥରେ ଭାଲ୍ୟୁଏଶନ କରାଯିବ। କମ୍ପାନୀର ଏଭଳି ସ୍ପଷ୍ଟୀକରଣ ପରେ ଏହାର ପ୍ରଭାବ ପୁଞ୍ଜୀବଜାର କାରବାର ଉପରେ ପଡ଼ିଛି। ରିଲାଏନ୍ସର ଅଏଲଟୁ କେମିକାଲ ବିଜନେସରେ ସାଉଦି ଆରାମକୋ ୨୦% ଅଂଶଧନ କ୍ରୟ କରିବାକୁ ଚାହୁଁଛି। ୧୫ ବିଲିୟନ ଡଲାରରେ ଏହି ଡିଲ ହେବାର ଥିଲା। ୨୦୧୯ ଅଗଷ୍ଟରେ ପ୍ରଥମ ଥର ଲାଗି ଏହି ଡିଲ୍ ସମ୍ପର୍କରେ ଆଲୋଚନା ହୋଇଥିଲା। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଶେୟାର କାରବାର ଗୋଟିଏ ମାସର ନିମ୍ନ ସ୍ତରରେ ରହିଛି।

# ଅନ୍ତର୍ଜାତୀୟ ରିସର୍ଚ୍ଚ ଜର୍ନାଲ କଭରରେ କରୋନିଲ୍




**ନୂଆଦିଲ୍ଲୀ,୨୨।୧୧**

ପତଞ୍ଜଳି ଆୟୁର୍ବେଦ ପକ୍ଷରୁ ପ୍ରସ୍ତୁତ କରୋନିଲ ଅନ୍ତର୍ଜାତୀୟ ରିସର୍ଚ୍ଚ ଜର୍ନାଲ ଜର୍ନାଲ ଅଫ ସେପାରେଶନ ସାଇନ୍ସର କଭର ପୃଷ୍ଠାରେ ସ୍ଥାନିତ ହୋଇଛି। ଜର୍ମାନୀରୁ ଏହି ଜର୍ନାଲଟି ପ୍ରକାଶିତ ହେଉଛି। କୌଣସି ଜର୍ନାଲର ପ୍ରଥମ ପୃଷ୍ଠାରେ ପ୍ରଥମ ଥର ଲାଗି ଆୟୁର୍ବେଦିକ ମେଡିସିନ ସ୍ଥାନିତ ହୋଇଛି। ଏଭଳି ସଫଳତା ଲାଗି ଅନୁଷ୍ଠାନ ପକ୍ଷରୁ ଅଂଶୀଦାରଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି, କରୋନା ମହାମାରୀ ସମୟରେ କରୋନୀଲ ଅନେକଙ୍କ ଜୀବନ ରକ୍ଷା କରିବାରେ ସହାୟକ ହୋଇଛି। ଲୋକଙ୍କୁ ଭୟ ଏବଂ ମାନସିକ ଉଦବିଗ୍ନତାଠାରୁ ମଧ ଏହା ରକ୍ଷା କରିଛି। କରୋନିଲର ପ୍ରସ୍ତୁତି ମାନବ ଜାତି ଲାଗି ଏକ ବଡ ସଫଳତା। କାରଣ ଏହି ଆୟୁର୍ବେଦିକ ମେଡିସିନକୁ ବୈଜ୍ଞାନିକ ଗବେଷଣା ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏହା ବିଶ୍ୱ ସ୍ତରୀୟ ପ୍ରତିଷ୍ଠା କରିବାରେ ସହାୟକ ହେବ। ଉଭୟ ମୂଲ୍ୟ ଏବଂ ଗୁଣବତ୍ତା ଦୃଷ୍ଟିକୋଣରୁ ଏହି ମେଡିସିନକୁ ପ୍ରସ୍ତୁତ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

# ଗ୍ରାଜିଆ ୧୨୫ ରେପ୍‌ସଲ୍ ହୋଣ୍ଡା ଟିମ୍ ଏଡିସନ୍

**ନୂଆଦିଲ୍ଲୀ,୨୨।୧୧**



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଭାରତରେ ଗ୍ରାଜିଆ ୧୨୫ ରେପ୍‌ସଲ୍ ହୋଣ୍ଡା ଟିମ୍ ଏଡିସନ୍‌କୁ ଉନ୍ମୋଚନ କରାଯାଇଛି। ରେପ୍‌ସଲ୍ ହୋଣ୍ଡା ଟିମ୍‌ର ଏହି ମେଶିନ ସ୍ୱତନ୍ତ୍ର ଏଡିସନ୍‌ର ଗ୍ରାଫିକ୍ସ ଓ ଡିଜାଇନରୁ ଅନୁପ୍ରାଣିତ। ଏଥିରେ କମଳା ରଙ୍ଗର ହ୍ୱିଲ୍ ରିମ୍ ରହିଛି। ହୋଣ୍ଡାର ରେସିଂ ଡିଏନ୍ଏ ବିଷୟରେ ଆଲୋଚନାକରି କମ୍ପାନୀର ସିଇଓ ଆତସୁସି ଓଗାତା କହିଛନ୍ତି , ରେସ୍ ଟ୍ରାକ୍‌ରେ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ସ୍ଥିତିରେ ପ୍ରତିଦ୍ୱନ୍ଦ୍ୱିତା କରିବାର ଭାଗ ଜାଗ୍ରତ କରିଛି ରେପ୍‌ସଲ୍ ହୋଣ୍ଡା ରେସିଂ ଟିମ୍। ରେସିଂରେ ହୋଣ୍ଡାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପଥ ପ୍ରଦର୍ଶନ କରିବାର ସମୃଦ୍ଧ ପରମ୍ପରାକୁ ନେଇ ଆମେ ଖୁସିର ସହ ଭାରତରେ ରେସିଂପ୍ରେମୀଙ୍କ ପାଇଁ ଗ୍ରାଜିଆ ୧୨୫ ରେପ୍‌ସଲ୍ ହୋଣ୍ଡା ଟିମ୍ ଏଡିସନ୍‌କୁ ଉନ୍ମୋଚନ କରିଛୁ। ଗ୍ରାଜିଆ ୧୨୫ରେ ରହିଛି ପିଜିଏମ୍-ଏଫ୍ଆଇ ଇଞ୍ଜିନ, ଆଇଡିଲିଂ ଷ୍ଟପ୍ ସିଷ୍ଟମ୍, ଏନ୍‌ହାନ୍ସଡ୍ ସ୍ମାର୍ଟ ପାୱାର, ଏଲ୍ଇଡି ଡିସି ହେଡ୍‌ଲ୍ୟାମ୍ପ, ମଲ୍ଟି ଫଙ୍କସନ୍ ସୁଇଚ୍, ଇଣ୍ଟିଗ୍ରେଟେଡ୍ ପାସିଂ ସୁଇଚ୍, ସାଇଡ ଷ୍ଟାଣ୍ଡ ଇଣ୍ଡିକେଟର ସହିତ ଇଞ୍ଜିନ କଟ୍ ଅଫ୍, ଇଣ୍ଟେଲିଜେଣ୍ଟ ଇନ୍‌ଷ୍ଟ୍ରୁମେଣ୍ଟ ଡିସ୍‌ପ୍ଲେ, ୩ଷ୍ଟେପ୍ ଆଡଜଷ୍ଟ ହୋଇପାରୁଥିବା ପଛ ସସ୍‌ପେନ୍‌ସନ୍ ଏବଂ ସାମ୍ନାରେ ଟେଲିସ୍କୋପିକ୍ ସସ୍‌ପେନ୍‌ସନ୍, ସ୍ପ୍ଲିଟ୍ ଏଲ୍ଇଡି ପୋଜିସନ୍ ଲ୍ୟାମ୍ପ ଆଦି ସୁବିଧା ରହିଛି। ଗ୍ରାଜିଆ ୧୨୫ ରେପ୍‌ସଲ ହୋଣ୍ଡା ଟିମ୍ ଏଡିସନ୍‌ର ଏକ୍ସ ଶୋ'ରୁମ୍ ମ୍ୟଲ୍ୟ ୮୭,୧୩୮ ଟଙ୍କା ରହିଛି।

# ଭାଇଜସ୍‌ର ନୂଆ ଏକ୍ସଟେନସନ ସେଣ୍ଟର

**ଭୁବନେଶ୍ୱର,୨୨।୧୧**

ମଡ୍ୟୁଲାର ଫର୍ନିଚର ବ୍ରାଣ୍ଡ ଭାଇଜସ୍ ଇଣ୍ଟେରିଓ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଭୁବନେଶ୍ୱରର ଲକ୍ଷ୍ମୀସାଗରଠାରେ ଦ୍ୱିତୀୟ ଏକ୍ସଟେନ୍‌ସନ ସେଣ୍ଟର ଖୋଲାଯାଇଛି। ଓଲିଉଡ୍ ଅଭିନେତ୍ରୀ ଅନୁ ଚୌଧୁରୀ ଓ କମ୍ପାନୀର ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦାସ ଓ ରାଖାଲ ନାୟକ ଉପସ୍ଥିତ ରହି ନୂଆ ସେଣ୍ଟରକୁ ଶୁଭାରମ୍ଭ କରିଥିଲେ। ଏଠାରେ ମଡ୍ୟୁଲାର ଉତ୍ପାଦର ବ୍ୟାପକ ବର୍ଗମାଳାକୁ ପ୍ରଦର୍ଶିତ କରାଯାଉଛି। ଭାଇଜସ୍‌ର ସମସ୍ତ ଉତ୍ପାଦକୁ ଉଚ୍ଚ ଗୁଣାତ୍ମକ ମାନର ଇଟାଲିଆନ୍ ଓ ଜର୍ମାନୀ ମେଶନ ତଥା ପ୍ରଯୁକ୍ତିରେ ପ୍ରସ୍ତୁତ କରାଯାଇଥିବା ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦାସ କହିଛନ୍ତି।

# ଉପଯୁକ୍ତ ଇକ୍ୱିଟି ପୋର୍ଟଫୋଲିଓ ଚିହ୍ନଟ ଏକ ଆହ୍ୱାନ

**ନୂଆଦିଲ୍ଲୀ,୨୨।୧୧**



ରାଘବ ଆୟାଙ୍ଗର

ମ୍ୟୁଚୁଆଲ ଫଣ୍ଡ ନିବେଶକମାନଙ୍କ ଲାଗି ଅଭିବୃଦ୍ଧିକୁ ସର୍ବାଧିକ ବଢ଼ାଇବା ପାଇଁ ଉପଯୁକ୍ତ ଇକ୍ୱିଟି ପୋର୍ଟଫୋଲିଓ ଚିହ୍ନଟ କରିବା ଏକ ଆହ୍ୱାନ ବୋଲି ଆକ୍ସିସ ଏଏମ୍‌ସିର ସିବିଓ ରାଘବ ଆୟାଙ୍ଗର କହିଛନ୍ତି। ଛୋଟ ବଡ଼ ପୋର୍ଟଫୋଲିଓରେ ପ୍ରବେଶ କରିବା ଅଭିଜ୍ଞ ମ୍ୟୁଚୁଆଲ ଫଣ୍ଡ ନିବେଶକମାନଙ୍କ ଲାଗି ମଧ କଷ୍ଟକର ରହିଥାଏ। ଏକକ ଇକ୍ୱିଟି ସମାଧାନ ଚାହୁଁଥିବା ନିବେଶକମାନଙ୍କ ପାଇଁ ଫ୍ଲେକ୍ସି କ୍ୟାପ୍ ଓ ମଲ୍ଟି କ୍ୟାପ୍ ବର୍ଗ ହେଉଛି ସମାଧାନ। ଏକ ଉପଯୁକ୍ତ ଦୃଶ୍ୟପଟରେ ନିବେଶକମାନେ ପରିବର୍ତ୍ତନଶୀଳ ବଜାରରେ ନିଜର ଆବଣ୍ଟନକୁ ପ୍ରତ୍ୟକ୍ଷ ଭାବେ ପରିଚାଳନା ପାଇଁ ଏକ ବ୍ୟାପକ ଫ୍ଲେକ୍ସି କ୍ୟାପ୍ ଓ ମଲ୍ଟି କ୍ୟାପ୍ ବଜାର ଖୋଜନ୍ତି ବୋଲି ଆୟାଙ୍ଗର କହିଛନ୍ତି।

**ପ୍ରଥମ ଜନ୍ମଦିନର ଶୁଭେଚ୍ଛା**




ପ୍ରିୟାଂଶୀ (ପିହୁ)
ଧଳାବନ୍ଧ, ବାରବାଟି, ନୟାଗଡ଼
ଆଜି ପ୍ରଥମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ।
ଶୁଭେଚ୍ଛା ସହ: ପ୍ରଭାକର, ପ୍ରକାଶ, ପ୍ରଫୁଲ୍ଲ, ବାପି, ଶୁଭ, ପାୟଲ, ପ୍ରାଚୀ, ଗାୟତ୍ରୀ, ସୋନୁ, ରୂପାଲି, ରାକ୍ସୁ, ଅଜା, ଆଈ ଓ ମହାପାତ୍ର ପରିବାର
ଧ-୨୨୩୦୫

**ଫୁର୍‌ସତ୍**

# ଦାଢ଼ିରେ ମହିଳାଙ୍କୁ ଉଠାଇ ବିଶ୍ୱ ରେକର୍ଡ



**ନୂଆଦିଲ୍ଲୀ:** ନିକଟରେ ଗିନିଜ ୱାର୍ଲଡ ରେକର୍ଡ ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିବା ପରେ ଏବେ ଏହା ଭାଇରାଲ ହୋଇଛି । ଜଣେ ବ୍ୟକ୍ତି ୬୩ କିଲୋଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ଦାଢିରେ ଉଠାଉଥିବା ଦେଖାଯାଇଛି। ଉକ୍ତ ବ୍ୟକ୍ତିଙ୍କ ନାଁ ଏଣ୍ଟାନାସ କଣ୍ଟ୍ରିମାସ । ସେ ତାଙ୍କ ଦାଢିରେ ମହିଳାଙ୍କୁ ଉଠାଇ ବିଶ୍ୱ ରେକର୍ଡ କରିଛନ୍ତି । ଏବେ ଏହି ଭିଡିଓ ଦେଖି ଲୋକେ ଭିନ୍ନ ଭିନ୍ନ କମେଣ୍ଟ ଦେଉଛନ୍ତି । କେହି କେହି ଏଣ୍ଟାନାସଙ୍କ କଷ୍ଟକଥା କହିଥିବା ବେଳେ ଆଉ କେହି କେହି ଏହି ଭିଡିଓକୁ ଦେଖି ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ନିକଟରେ ଗିନିଜ ୱାର୍ଲଡ ରେକର୍ଡସ ଆଉ ଏକ ଭିଡିଓ ଶେୟାର କରିଥିଲା, ଯେଉଁଥିରେ ଜଣେ ମହିଳା ତାଙ୍କ ବାଇସେପ ମାଧ୍ୟମରେ ସେଓ ଭାଙ୍ଗି ଦେଉଥିଲେ ।

# ସ୍ତ୍ରୀଙ୍କୁ ତାଜମହଲ ଭଳି ଘର ଉପହାର ଦେଲେ



**ଭୋପାଳ:** ମଧ୍ୟପ୍ରଦେଶରେ ରହୁଥିବା ଶିକ୍ଷାବିତ୍ ଆନନ୍ଦ ପ୍ରକାଶ ଚକ୍ସି ତାଙ୍କ ସ୍ତ୍ରୀଙ୍କୁ ଏକ ଘର ଉପହାର ଦେଇଛନ୍ତି। ଏହି ଘରଟି ଦେଖିବାକୁ ତାଜମହଲ ପରି। ମଧ୍ୟପ୍ରଦେଶର ଐତିହାସିକ ସହର ବୁରହାନପୁରର ବାସିନ୍ଦା ଆନନ୍ଦ ପ୍ରକାଶଙ୍କ କହିବାନୁସାରେ, ସେ ଦୀର୍ଘ ସମୟ ଧରି ଏପରି ଘର କରିବାକୁ ଚିନ୍ତା କରିଥିଲେ। ଆଜି ତାଙ୍କର ସ୍ୱପ୍ନ ସାକାର ହୋଇଛି।

ସେ ସ୍ତ୍ରୀ ମଞ୍ଜୁଷାଙ୍କ ପାଇଁ ଏହି ଘର ନିର୍ମାଣ କରିଥିଲେ। ଏଥିରେ ଶୟନ କକ୍ଷ, ରୋଷେଇ ଘର, ଲାଇବ୍ରେରୀ ଏବଂ ଯୋଗ କକ୍ଷ ଅଛି। ଘର ନିର୍ମାଣ ପାଇଁ ୩ ବର୍ଷ ଲାଗିଥିଲା। ଏହାକୁ ତିଆରି କରିବା ପାଇଁ ଅନେକ ରାଜ୍ୟର କାରିଗରମାନଙ୍କଠାରୁ ସାହାଯ୍ୟ ନିଆଯାଇଛି। ଗୃହ ନିର୍ମାଣ ଦାୟିତ୍ୱ ନେଇଥିବା ଇଞ୍ଜିନିୟରଙ୍କ କହିବା ଅନୁଯାୟୀ, ଆନନ୍ଦ ତାଙ୍କୁ ଏକ କଠିନ ଦାୟିତ୍ୱ ଦେଇଥିଲେ। ଏହାର ଉଚ୍ଚତା ୨୯ ଫୁଟ ଉଚ୍ଚ। ବେଙ୍ଗଲ ଏବଂ ଇନ୍ଦୋରର କାରିଗରମାନଙ୍କୁ ଘର ଖୋଦନ ପାଇଁ ଡକାଯାଇଥିଲା। ରାଜସ୍ଥାନର ମାକ୍ରାନାର କାରିଗରମାନେ ଘରର ଚଟାଣ କରିସାରିଛନ୍ତି। ଘରେ ଥିବା ଆସବାବପତ୍ର ସୁରଟ ଏବଂ ମୁମ୍ବାଇର କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ବୁରହାନପୁରକୁ ଆସୁଥିବା ପର୍ଯ୍ୟଟକମାନେ ଆନନ୍ଦଙ୍କ ଘର ଦେଖି ଆଶ୍ଚର୍ଯ୍ୟ ପ୍ରକାଶ କରୁଛନ୍ତି।

**CLASSIFIED DISPLAY** ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**BALAJI FINANCE**
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ) ୧୯୮୨ ରୁ ଆପଙ୍କର ସେବାରେ ୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଉଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9953557897 / 9432985505
Whatsapp : 9953557897

**କେମିତି ମଦ ଛାଡିବେ**
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବୃନ୍ଦାବନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ୍, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୁଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଛାଡ଼ପତ୍ର ପରେ 'ଲଭ୍ ଲେଟର' ଲେଖିଲେ ନାଗା ଚୈତନ୍ୟ



**ମୁମ୍ବାଇ:** ଦକ୍ଷିଣ ଅଭିନେତା ନାଗା ଚୈତନ୍ୟ ତାଙ୍କ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନ ପାଇଁ ଆଜିକାଲି ଚର୍ଚ୍ଚାରେ ଅଛନ୍ତି। ସୋସିଆଲ ମିଡିଆରେ ତାଙ୍କ ହାଶ୍‌ଟ୍ୟାଗ ବହୁତ ଟ୍ରେଣ୍ଡ କରୁଛି। ଏହା ପଛର କାରଣ ହେଉଛି ତେଲୁଗୁ ସିନେମା ପରେ ନାଗା ଚୈତନ୍ୟ ଓଟିଟି ପ୍ଲାଟଫର୍ମରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଅନ୍ୟପକ୍ଷରେ, ସାମନ୍ଥା ରୁଥ ପ୍ରଭୁଙ୍କ ଠାରୁ ଛାଡପତ୍ର ନେବା ପରେ ନାଗା ସୋସିଆଲ ମିଡିଆରେ ପ୍ରଥମ ପୋଷ୍ଟ ଶେୟାର କରିଛନ୍ତି। ଏହାପୂର୍ବରୁ ଅକ୍ଟୋବର ୨ରେ, ସେ ଏକ ପୋଷ୍ଟ ଶେୟାର କରି ଛାଡପତ୍ର ବିଷୟରେ ସୂଚନା ଦେଇଥିଲେ। ଏବେ ନାଗା ତାଙ୍କ ପୋଷ୍ଟରେ ଏକ ବହିର ଫଟୋ ଶେୟାର କରିଛନ୍ତି। ଏହାର କ୍ୟାପସନରେ ସେ ଲେଖିଛନ୍ତି, ଜୀବନ ପାଇଁ ଏକ ପ୍ରେମ ଚିଠି। ତାଙ୍କ ପୋଷ୍ଟରେ ମଧ ସେ @officially mcconaughey ଙ୍କୁ ଟ୍ୟାଗ କରି ଧନ୍ୟବାଦ ଦେଇଛନ୍ତି। ଏହି ପୁସ୍ତକଟି ତାଙ୍କ ପାଇଁ ଗ୍ରୀନ ଲାଇଟ୍ ସଦୃଶ ବୋଲି ସେ କହିଛନ୍ତି। ନାଗା ଚୈତନ୍ୟ ୪୫ ଦିନ ହେବ ଇନଷ୍ଟାଗ୍ରାମରୁ ଦୂରରେ ଥିଲେ। ନାଗା ସୋସିଆଲ ମିଡିଆରେ ଏତେ ସକ୍ରିୟ ନ ଥାନ୍ତି। ସେ ସୋସିଆଲ ମିଡିଆରେ ସକ୍ରିୟ ହେବାକୁ ପସନ୍ଦ କରନ୍ତି ନାହିଁ ବୋଲି ଅନେକ ସାକ୍ଷାତକାରରେ କହିଛନ୍ତି। କାରଣ ସେ ତାଙ୍କର ପ୍ରିଭେସି ବଜାୟ ରଖିବାକୁ ଚାହାନ୍ତି। ଏପର୍ଯ୍ୟନ୍ତ ସେ ନିଜ ଇନଷ୍ଟାଗ୍ରାମରେ କେବଳ ୫୨ଟି ଫଟୋ ଶେୟାର କରିଛନ୍ତି।

Invitation to become a Health Partner of
TATA 1mg
Join India's trusted e-Health platform to spread the message of Tata 1mg to your community and earn on every order you help generate.
Visit: 1mg.com/healthpartner to know more & apply
9311124394
affiliate@1mg.com

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ.ମନୋରମା ତ୍ରିପାଠୀ
ଗ୍ରାମ: ଜରିପାଟଣା, ବରିମୁଣ୍ଡ, ଭୁବନେଶ୍ୱର
ଆବିର୍ଭାବ-୨୬।୦୨।୧୯୪୦
ତିରୋଧାନ- ୦୪।୧୨।୨୦୨୦
ମା, ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଆମେ ଅନୁଭବ କରୁଛୁ ଓ କରୁଥିବୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିଥାଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ।
-ଶୋକସନ୍ତପ୍ତ-
ପୁତ୍ର ଓ ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀ ଓ ବନ୍ଧୁ ଓ ପରିବାରବର୍ଗ ।
ଧ-୨୨୩୫୭

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ.ପ୍ରଦୀପ୍ତ କୁମାର ତ୍ରିପାଠୀ
ଗ୍ରାମ: ଜରିପାଟଣା, ବରିମୁଣ୍ଡ, ଭୁବନେଶ୍ୱର
ଆବିର୍ଭାବ-୦୪।୦୭।୧୯୬୪
ତିରୋଧାନ- ୦୪।୧୨।୨୦୨୦
ଆପଣଙ୍କ ତିରୋଧାନରେ ଆମେ ସମସ୍ତେ ମର୍ମାହତ। ଆପଣଙ୍କ କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ କାର୍ଯ୍ୟଦକ୍ଷତା ଆମ୍ଭମାନଙ୍କର ପାଥେୟ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜଣାଉଛୁ।
-ଶୋକସନ୍ତପ୍ତ-
ତୁମର ହତଭାଗିନୀ ପତ୍ନୀ: ପୁତ୍ର-ପୁତ୍ରବଧୂ, ଭାଇ-ଭାଇବୋହୂ, ଭଉଣୀ-ଭିଣୋଇ, ଭଣଜା-ଭାଣିଜୀ, ପୁତୁରା ଓ ପୁତୁରା ଝିଆରୀ, ବନ୍ଧୁ ଓ ପରିବାରବର୍ଗ
ଧ-୨୨୩୫୧

# ତାମିଲନାଡୁକୁ ଟାଇଟଲ

**ନୂଆଦିଲ୍ଲୀ, ୨୨।୧୧ (ପି.ଟି.)**

ଅନ୍ତିମ ବଲ୍‌ରେ ଏମ୍. ଶାହାରୁଖ ଖାନ୍‌ଙ୍କ ଛକା ସହାୟତାରେ ତାମିଲନାଡୁ ଫାଇନାଲରେ କର୍ନାଟକକୁ ୪ ଉଇକେଟରେ ପରାସ୍ତ କରି ସୟଦ ମୁସ୍ତାକ ଅଲି ଟ୍ରଫି ଟି୨୦ ଟୁର୍ନାମେଣ୍ଟ ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇଛି। ସୋମବାର ଖେଳାଯାଇଥିବା ଏହି ରୋମାଞ୍ଚକ ମ୍ୟାଚରେ ବିଜୟ ପାଇଁ

## ସୟଦ ମୁସ୍ତାକ ଅଲି ଟ୍ରଫି

ତାମିଲନାଡୁ ଅନ୍ତିମ ଓଭରରେ ୧୬ ରନ ଆବଶ୍ୟକ କରୁଥିଲା। ଶେଷ ଓଭରରେ ପ୍ରତୀକ ଜୈନ ବୋଲିଂ କରୁଥିଲେ। ପାୱାର ହିଟର ଶାହାରୁଖ ଚାପରେ ରହିଥିଲେ ମଧ୍ୟ ବିଚଳିତ ହୋଇ ନ ଥିଲେ। ଶେଷ ବଲ୍‌କୁ ସେ ଡିପ୍ ସ୍କୋୟର ଲେଗ୍ ଅଞ୍ଚଳକୁ ଏକ ଛକା ମାରିଥିଲେ। ଫଳରେ ତାମିଲନାଡୁ ୧୫୩/୬ ସ୍କୋର କରିବା ସହ ମ୍ୟାଚ ଜିତି ନେଇଥିଲା। ୨୬ ବର୍ଷୀୟ ଡାହାଣହାତୀ ଶାହରୁଖ ୩୩ ରନ (୧୫ବଲ୍, ୧ ଚୌକା ଓ ୩ ଛକା) ଏବଂ ଆର. ସାଇ କିଶୋର ୬ରନ (୩ବଲ୍ ୧ ଚୌକା) କରି ନଟ୍‌ଆଉଟ ରହିଥିଲେ। ସୋମବାର ଏହି ବିଜୟ ଦ୍ୱାରା ତାମିଲନାଡୁ ୨୦୧୯ରେ କର୍ନାଟକ ବିପକ୍ଷ ଫାଇନାଲର ପ୍ରତିଶୋଧ ନେଇ ପାରିଛି। ପ୍ରଥମେ ବ୍ୟାଟିଂ କରିଥିବା କର୍ନାଟକ ଏକଦା ୬ ଓଭରରେ ୩ ଉଇକେଟ ବିନିମୟରେ ମାତ୍ର ୩୨ରନ କରି ସଙ୍କଟରେ ପଡ଼ିଥିଲା। ଏହା ସତ୍ତ୍ୱେ ପରବର୍ତ୍ତୀ ବ୍ୟାଟ୍ସମ୍ୟାନମାନେ ଆକ୍ରମଣାତ୍ମକ ବ୍ୟାଟିଂ କରି ଦଳର ସ୍ଥିତିରେ ସୁଧାର ଆଣିଥିଲେ। ଅଭିନବ ମନୋହର (୩୭ ବଲ୍‌ରୁ ୪୬ ରନ, ୪ଚୌକା ଓ ୨ ଛକା), ପ୍ରବୀଣ ଦୁବେ (୨୫ବଲ୍‌ରୁ ୩୩, ୩ ଚୌକା ଓ ୧ ଛକା) ଓ ଜେ ସୁଚିତ (୭ବଲ୍‌ରୁ ୧୮ରନ, ୧ ଚୌକା ଓ ୧ ଛକା)ଙ୍କ ଆକର୍ଷଣୀୟ ବ୍ୟାଟିଂ ଯୋଗୁ ଦଳ ନିର୍ଦ୍ଧାରିତ ଓଭରରେ ୭ଉଇକେଟ ବିନିମୟରେ ୧୫୧ ରନ କରିଥିଲା। ତାମିଲନାଡୁର ସାଇ କିଶୋର ୩ ଉଇକେଟ ନେଇଥିଲେ। ବିଜୟ ଲକ୍ଷ୍ୟ ପିଛା କରି ତାମିଲନାଡୁ ଭଲ ଆରମ୍ଭ କରିଥିଲା। ଓପନର ସି. ହରି ନିଶାନ୍ତ ରନ ଆଉଟ ହେବା ପୂର୍ବରୁ ୧୨ ବଲ୍‌ରୁ ୨୩ ରନ (୧ ଚୌକା ଓ ୨ଛକା) କରିଥିଲେ। ଅନ୍ୟ ଓପନର ଏନ୍. ଜଗଦୀଶନ ୪୧ ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

କର୍ନାଟକ: ୨୦ ଓଭରରେ ୧୫୧/୪ (ଅଭିନବ ମନୋହର–୪୬, ପ୍ରବୀଣ ଦୁବେ–୩୩, ଆର୍. ସାଇ କିଶୋର ୩/୧୨)। ତାମିଲନାଡୁ: ୨୦ ଓଭରରେ ୧୫୩/୬ (ଏନ. ଜଗଦୀଶନ–୪୧, ଶାହାରୁଖ ଖାନ୍–୩୩*, କେ. ସି. କାରିୟାପ୍ପା–୨/୨୨)।



ଚାମ୍ପିୟନ ତାମିଲନାଡୁ ଦଳ ଟ୍ରଫି ସହ।

# ଶ୍ରୀଲଙ୍କା ସ୍ପିନରଙ୍କ ପ୍ରଭାବୀ ବୋଲିଂ

**କଲମ୍ବୋ, ୨୨।୧୧ (ଏପି):** ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଶ୍ରୀଲଙ୍କା ସ୍ପିନ ବୋଲର ରମେଶ ମେଣ୍ଡିସ ଓ ପ୍ରବୀଣ ଜୟବିକ୍ରମା ପ୍ରଭାବୀ ବୋଲିଂ କରିଛନ୍ତି। ଫଳରେ ସୋମବାର ଦ୍ୱିତୀୟ ଦିବସ ଖେଳରେ ଭ୍ରମଣକାରୀ ଦଳର ସ୍କୋର ୧୧୩/୬ରେ ସୀମିତ ରହିଛି। ଅଫ୍ ସ୍ପିନର ମେଣ୍ଡିସ ତାଙ୍କ ବୋଲିଂରେ କ୍ରେଗ୍ ବ୍ରାଥୱେଟ୍ (୪୧), ସାଇ ହୋପ୍ (୧୦) ଓ ରଷ୍ଟନ ଚେଜ୍ (୨)ଙ୍କ ଉଇକେଟର ପତନ ଘଟାଇଥିଲେ। ଦ୍ୱିତୀୟ ଦିବସରେ ତାଙ୍କ ବୋଲିଂ ଫିଗର ୩/୨୩ ରହିଥିଲା। ଜୟବିକ୍ରମାଙ୍କ ବୋଲିଂ ଫିଗର ୨/୨୫ ରହିଥିବା ବେଳେ ପତନ ଘଟିଥିବା ଅନ୍ୟ ଉଇକେଟଟିକୁ ସାଥୀ ସ୍ପିନର ଲସିଥ ଏମ୍ବୁଲଡେନିୟା ନେଇଥିଲେ। ଷ୍ଟମ୍ପରେ କାଇଲ ମେୟର୍ସ ୨୨ ଓ ଜାସନ ହୋଲ୍ଡର ୧ରନ କରି ଅପରାଜିତ ରହିଛନ୍ତି। ସକାଳେ ପୂର୍ବଦିନର ଅସମାପ୍ତ ସ୍କୋର ୨୬୭/୩ରୁ ଖେଳ ଆରମ୍ଭ କରିଥିବା ଶ୍ରୀଲଙ୍କା ଆଉ ମାତ୍ର ୧୧୯ରନ ଯୋଗ କରି ଏହାର ଅବଶିଷ୍ଟ ୭ ଉଇକେଟ ହରାଇଥିଲା। ଦଳ ୩୮୬ରେ ଅଲଆଉଟ ହୋଇଥିଲା। ରବିବାର ୧୩ତମ ଟେଷ୍ଟ ଶତକ ହାସଲ କରିଥିବା ଶ୍ରୀଲଙ୍କା ଅଧିନାୟକ ଦିମୁଥ କରୁଣାରତ୍ନେ ଚେଜ୍‌ଙ୍କ ବଲ୍‌ରେ ଆଉଟ ହୋଇଥିଲେ। ସେ ୧୪୭ ରନ କରିଥିଲେ।

# ପାକିସ୍ତାନର କ୍ଲିନ୍ ସୁଇପ୍

**ଢାକା, ୨୨।୧୧ (ଏପି):** ବାଂଲାଦେଶ ବିପକ୍ଷରେ ସୋମବାର ଖେଳାଯାଇଥିବା ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ପାକିସ୍ତାନ ୫ ଉଇକେଟରେ ବାଂଲାଦେଶକୁ ପରାସ୍ତ କରିଛି। ଏଥିସହିତ ଦଳ ୩ ମ୍ୟାଚବିଶିଷ୍ଟ ସିରିଜ ୩–୦ରେ କ୍ଲିନ୍ ସୁଇପ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ମାତ୍ର ୧୨୪ ରନ କରିଥିଲା। ଦଳ ପକ୍ଷରୁ ଓପନର ମହମ୍ମଦ ନାଇମ୍ ସର୍ବାଧିକ ୪୭ରନ କରିଥିଲେ। ପାକିସ୍ତାନର ମହମ୍ମଦ ୱାସିମ ଜୁନିୟର (୨/୨୫) ଓ ଉସ୍‌ମାନ କାଦିର (୨/୩୬) ଦୁଇଟି ଲେଖାଏ ଉଇକେଟ ପାଇଥିଲେ। ଶେଷ ୬ଟି ବଲ୍‌ରେ ବିଜୟ ପାଇଁ ୮ ରନ ଆବଶ୍ୟକ କରୁଥିଲା। ମହମୁଦୁଲ୍ଲା ତାଙ୍କର ଏକମାତ୍ର ଓଭର ବୋଲିଂ କରିବାକୁ ଆସିଥିଲେ। ସେ ତାଙ୍କର ଲଗାତର ଦୁଇଟି ବଲ୍‌ରେ ସର୍ଫରାଜ ଅହମ୍ମଦ ଓ ହାଇଦର ଅଲିଙ୍କୁ ଆଉଟ କରିଥିଲେ। ଚତୁର୍ଥ ବଲ୍‌ରେ ଇଫ୍‌ତିଖର ଅହମ୍ମଦ ଏକ ବିଶାଳ ଛକା ଲଗାଇବାରୁ ବାଂଲାଦେଶ ଅଧିନାୟକ ହ୍ୟାଟ୍ରିକ୍‌ରୁ ବଞ୍ଚିତ ହୋଇଥିଲେ। ଶେଷ ଦୁଇ ବଲ୍‌ରେ ୨ ରନ ଆବଶ୍ୟକ ପଡୁଥିଲା। ଇଫ୍‌ତିଖର ଏକ ବଡ଼ ଶଟ ମାରିବାକୁ ଯାଇ କ୍ୟାଚ୍ ଆଉଟ ହୋଇଯାଇଥିଲେ। ନୂଆ ବ୍ୟାଟର ମହମ୍ମଦ ନୱାଜ ଏକ୍ସ୍‌ଟ୍ରା କଭର ଅଞ୍ଚଳକୁ ଏକ ଚୌକା ମାରି ପାକିସ୍ତାନକୁ ଜିତାଇଥିଲେ। ପାକିସ୍ତାନ ଇନିଂସରେ ହାଇଦର ଅଲି ସର୍ବାଧିକ ୪୫ରନ ଏବଂ ଓପନର ମହମ୍ମଦ ରିଜୱାନ ୪୦ରନ କରିଥିଲେ। ଭ୍ରମଣକାରୀ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ୧୨୭ରନ କରି ମ୍ୟାଚ ଜିତଥିଲା।

# ଡବ୍ଲ୍ୟୁବିବିଏଲ୍ ଟିମ୍‌ରେ ହରମନପ୍ରୀତ୍

**ଆଡିଲେଡ୍, ୨୨।୧୧ (ପି.ଟି.)**

ଚଳିତ ସିଜନରେ ମେଲବୋର୍ନ ରେନିଗେଡ୍ସ ତରଫରୁ ପ୍ରଭାବୀ ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଭାରତୀୟ ଟି୨୦ କ୍ରିକେଟ ଦଳର ଅଧିନାୟିକା ହରମନପ୍ରୀତ କୌରଙ୍କୁ ଓମେନ୍ସ ବିଗ୍ ବାଶ୍ ଲିଗ୍‌ର ଅଫିସିଆଲ 'ଟିମ୍ ଅଫ୍ ଦି ଟୁର୍ନାମେଣ୍ଟ'ରେ ସ୍ଥାନ ମିଳିଛି। କୌର ରେନିଗେଡ୍ସ ତରଫରୁ ଉଭୟ ବଲ୍ ବ୍ୟାଟ୍‌ରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେ ୩ ଅର୍ଦ୍ଧଶତକ ସହ ୩୯୯ରନ ସ୍କୋର କରିଛନ୍ତି। ତାଙ୍କ ଷ୍ଟ୍ରାଇକ୍‌ରେଟ୍ ୧୩୫.୨୫ ଓ ଆଭରେଜ ୬୬.୫ ରହିଛି। ଗତ ସପ୍ତାହରେ ସିଡ୍‌ନୀ ଥଣ୍ଡର ବିପକ୍ଷ ମ୍ୟାଚ୍‌ରେ ସେ ୮୧ରନ କରି ଅପରାଜିତ ରହିଥିଲେ। ଏହା ତାଙ୍କର ସର୍ବୋଚ୍ଚ ସ୍କୋର ରହିଛି। ଏପର୍ଯ୍ୟନ୍ତ ସେ ପ୍ରତିଯୋଗିତାରେ ସବୁଠାରୁ ଅଧିକ ୧୮ଟି ଚୌକା ଲଗାଇଛନ୍ତି। ଦଳର ଷ୍ଟାର ଲେଗ୍ ସ୍ପିନର ଜିଓର୍ଜିଆ ୱାରେହାମ୍‌ଙ୍କ ଇଞ୍ଜୁରି ପରେ ସେ ତାଙ୍କର ଅଭାବ ଅନେକାଂଶ ପୂରଣ କରିପାରିଛନ୍ତି।



ହରମନପ୍ରୀତ କୌର

ସେ ଇତିମଧ୍ୟରେ ୧୫ଟି ଉଇକେଟ ଅକ୍ତିଆର କରିସାରିଛନ୍ତି। ତାଙ୍କର ଶ୍ରେଷ୍ଠ ଫିଗର ୩/୨୨ ରହିଛି। ସ୍ମୃତି ମନ୍ଧାନାଙ୍କ ଭଳି ଖେଳାଳିଙ୍କ ଉଚ୍ଚକୋଟୀର ପ୍ରଦର୍ଶନ ସତ୍ତ୍ୱେ କୌର୍ ଏକମାତ୍ର ଭାରତୀୟ ଭାବେ ଡବ୍ଲ୍ୟୁବିବିଏଲ୍‌ର ଶ୍ରେଷ୍ଠ ଏକାଦଶ ଦଳରେ ସ୍ଥାନ ପାଇଛନ୍ତି। ମନ୍ଧାନା ପ୍ରଥମ ଭାରତୀୟ ଖେଳାଳି ଭାବେ ଲିଗ୍‌ରେ ଶତକ ହାସଲ କରିଛନ୍ତି। ସେ ୧୧୪ରନ କରି ଅପରାଜିତ ରହିବା ସହ ଲିଗ୍‌ର ଏକ ରେକର୍ଡ ସମକକ୍ଷ ହୋଇଛନ୍ତି। କୌରଙ୍କ ବ୍ୟତୀତ ଶ୍ରେଷ୍ଠ ଏକାଦଶରେ ସ୍ଥାନ ପାଇଁ ଅନ୍ୟ ଏକମାତ୍ର ଅନ୍ତର୍ଜାତୀୟ ଖେଳାଳି ହେଲେ ପର୍ଥ ସ୍କଚର୍ସର ନ୍ୟୁଜିଲାଣ୍ଡ ଅଲରାଉଣ୍ଡର ସୋଫି ଡିଭାଇନ୍। ଡବ୍ଲ୍ୟୁବିବିଏଲ୍‌ର ଶ୍ରେଷ୍ଠ ଏକାଦଶ ବାଛିବା ପାଇଁ କ୍ରିକେଟ ଡଟ୍ କମ୍ ଡଟ୍ ଏୟୁ ଜର୍ନାଲିଷ୍ଟ ଲାଉରା ଜୋଲି, ଅଷ୍ଟ୍ରେଲିଆର ପୂର୍ବତନ ଖେଳାଳି ଲିସା ଷ୍ଟାଲେକର ଓ ମେଲ ଜୋନ୍ସ ଏବଂ ଅଷ୍ଟ୍ରେଲିଆର ଜାତୀୟ ଚୟନକର୍ତ୍ତା ଶ୍ୱାନ ଫ୍ଲେଜଲରଙ୍କୁ ନେଇ ଏକ ପ୍ୟାନେଲ ଗଠନ କରାଯାଇଥିଲା। ରେନିଗେଡ୍ସ ଗୁରୁବାର ଦି ଚ୍ୟାଲେଞ୍ଜର୍ସ ଦଳକୁ ଭେଟିବା କାର୍ଯ୍ୟକ୍ରମ ରହିଛି।

# ରାଜ୍ୟ ର୍‌ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଆରମ୍ଭ

**ଭୁବନେଶ୍ୱର, ୨୨।୧୧(କ୍ରୀଡ଼ା ପ୍ରତିନିଧି)**

କଟକ ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ମାଷ୍ଟର୍ସ, ସିନିୟର, ଜୁନିୟର ର୍‌ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ସୋମବାର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରତିଯୋଗିତାରେ ପାଖାପାଖି ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। କଟକ ସିଏମ୍‌ସି କମିଶନର ଅନନ୍ୟା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସମ୍ପାଦକ ନିଲେନ କୁମାର, ଆୟୋଜକ ଆସୋସିଏଶନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଦାସ, ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟ ର୍‌ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାଗ ନେଇଥିବା ପ୍ରତିଯୋଗିମାନେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୩/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Tuesday, November 23/2021 | ପୃଷ୍ଠା-୧




**ବିବେକ ସାଗରଙ୍କ ଟାର୍ଗେଟ**

୨୦୧୬ର ପ୍ରଦର୍ଶନକୁ ଦୋହରାଇ ଜୁନିୟର ହକି ବିଶ୍ୱକପରେ ଟାଇଟଲ ବଜାୟ ରଖିବା ମୁଖ୍ୟ ଲକ୍ଷ୍ୟ ବୋଲି କହିଛନ୍ତି ଭାରତୀୟ ଦଳର ଅଧିନାୟକ ବିବେକ ସାଗର ପ୍ରସାଦ।


୦୮



୦୨


**ଆଧୁନିକ ଶିକ୍ଷା କେବଳ ଉପଯୋଗିତା ଯୋଗ୍ୟ**

ଆଧୁନିକ ଶିକ୍ଷାର ପ୍ରକୃତି କେବଳ ଉପଯୋଗିତା ଯୋଗ୍ୟ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍. ଭି. ରମନା କହିଛନ୍ତି।





ନଭେମ୍ବର ୨୪ରୁ ଆରମ୍ଭ ହେବାକୁ ଯାଉଥିବା ଏଫ୍ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ ଆୟୋଜନ ପାଇଁ ପ୍ରସ୍ତୁତ କଳିଙ୍ଗ ଷ୍ଟାଡିୟମ।

# ‘ହାତ ପାଆନ୍ତାରେ ଚିକିତ୍ସା ସୁବିଧା’

**ଫୁଲବାଣୀ ଅଫିସ, ୨୨।୧୧**

ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍ଥ କାର୍ଡ ବଣ୍ଟନ ଆରମ୍ଭ ହୋଇଛି। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କନ୍ଧମାଳ ଗସ୍ତରେ ଆସି ହେଲ୍ଥ କାର୍ଡ ବଣ୍ଟନ ଶୁଭାରମ୍ଭ କରିଛନ୍ତି। ଏଥିସହ ୧୯୯.୩୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ୬୩୯ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସ୍ମାର୍ଟ ହେଲ୍ଥ କାର୍ଡ ସାରା ରାଜ୍ୟରେ ଲାଗୁ ହେବ। କେହି ସ୍ୱାସ୍ଥ୍ୟଜନିତ ସମସ୍ୟାରେ ପଡ଼ିଲେ ଅସୁବିଧା ଭୋଗିବେନି। ଚିକିତ୍ସା ସୁବିଧା ଏବେ ସମସ୍ତଙ୍କ ହାତପାଆନ୍ତାରେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ଯୋଜନାରେ ଜିଲାର ୧ ଲକ୍ଷ ୬୫ ହଜାର ୯୭ ଜଣ ହିତାଧିକାରୀ ଉପକୃତ ହେବେ। ସ୍ମାର୍ଟ ହେଲ୍ଥ କାର୍ଡ ବଳରେ ହିତାଧିକାରୀ ଦେଶର ୨୦୦ ବଡ଼ ବଡ଼ ଡାକ୍ତରଖାନାରେ ଚିକିତ୍ସା ସୁବିଧା ପାଇପାରିବେ।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ସାଢ଼େ ୧୧ଟାରେ ହେଲିକପ୍ଟରରେ ଆସି ଫୁଲବାଣୀ ଷ୍ଟାଡିୟମରେ ଓହ୍ଲାଇ ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ସ୍ମାର୍ଟ ହେଲ୍ଥ କାର୍ଡ ବଣ୍ଟନ କରିଥିଲେ। ଜୈବିକ ହଳଦୀ ସହିତ ଇକୋ ଟୁ୍ୟରିଜମ ପାଇଁ କନ୍ଧମାଳ ଜିଲା ଆଜି ସମଗ୍ର ଦେଶରେ ଏକ ଆକର୍ଷଣର କେନ୍ଦ୍ର ପାଲଟିଛି। ରାଜ୍ୟ ସରକାର ଏହି ଦୁଇ କ୍ଷେତ୍ର ପ୍ରତି ଗୁରୁତ୍ୱ ଦେଇ କାମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ସେହିପରି ଜିଲାରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। ଫୁଲବାଣୀଠାରେ ୫୦୪ କୋଟି ଟଙ୍କା ବ୍ୟୟରେ ସ୍ଥାପନ ହେବାକୁ ଯାଉଥିବା ୫୦୦ ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜର ନିର୍ମାଣ କାର୍ଯ୍ୟ ଠିକ୍ ସମୟରେ ସାରିବା ପାଇଁ ନିର୍ଦ୍ଦେଶ ଦେଇଥିବା କହିଥିଲେ। ଜିଲାରେ ବିଜୁ ସେତୁ ଯୋଜନାରେ ୧୨୦ କୋଟି ବିନିଯୋଗରେ ୬୯ ଗ୍ରାମପଞ୍ଚାୟତକୁ ଯୋଗାଯୋଗ ବ୍ୟବସ୍ଥା ବିକାଶ କରାଯାଇଛି। ବାଲିଗୁଡାରେ ୨୨୦/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେଶନ ନିର୍ମାଣ କାମ ଚାଲିଛି। ମେଗା ପାନୀୟ ଜଳ ପ୍ରକଳ୍ପ କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ସୂଚନା ଦେଇଥିଲେ।

ଜିଲାରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିବା ୧୯୯.୩୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ମଧ୍ୟରେ ଫୁଲବାଣୀଠାରେ ୨୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଜରାନିବାସ, ଜି. ଉଦୟଗିରିଠାରେ ୪୦ କୋଟି ବ୍ୟୟରେ ନିର୍ମିତ ବିଦ୍ୟୁତ୍ ସବ୍‌ଷ୍ଟେଶନ ସହିତ ୬୬ କୋଟି ଟଙ୍କାର ରାସ୍ତା, ୧୩ କୋଟି ଟଙ୍କାର ସେତୁ, ୨୧ କୋଟି ଟଙ୍କାର ବିଦ୍ୟାଳୟ ଗୃହ ଆଦି ରହିଛି। ଅନ୍ୟପକ୍ଷରେ ୫୬୮.୪୪ କୋଟି ଟଙ୍କାର ମେଗା ପାନୀୟ ଜଳ ପ୍ରକଳ୍ପ, ☞ପୃଷ୍ଠା-୬



ଜଣେ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ମାର୍ଟ ହେଲ୍ଥ କାର୍ଡ ପ୍ରଦାନ କରୁଛନ୍ତି।

- **କନ୍ଧମାଳରେ ସ୍ମାର୍ଟ ହେଲ୍ଥ କାର୍ଡ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**
- **୧୯୯.୩୦ କୋଟିର ପ୍ରକଳ୍ପ ଶୁଭାରମ୍ଭ, ୬୩୯ କୋଟିର ଭିତ୍ତିପ୍ରସ୍ତର**

# ୧୮୭୨ କୋଟିର ୮ ପ୍ରକଳ୍ପକୁ ଅନୁମୋଦନ

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

ରାଜ୍ୟ ସରକାର ୧୮୭୨.୧୧କୋଟି ଟଙ୍କାର ୮ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ସୋମବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍ଏଲ୍ଏସ୍‌ଡବ୍ଲୁସିଏ) ବୈଠକରେ ଅନୁମୋଦନ ଦିଆଯାଇଛି। ଏହି ସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୩୪୬୧ ଜଣଙ୍କ ନିମନ୍ତେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ପ୍ରକଳ୍ପଗୁଡିକ ମୁଖ୍ୟତଃ ଖାଦ୍ୟ ପ୍ରକ୍ରିୟାକରଣ, କୃଷି, ପଶୁପାଳନ ଏବଂ ଡାଉନଷ୍ଟ୍ରିମ୍ ସେକ୍ଟର ଅନ୍ତର୍ଭୁକ୍ତ।

ବୈଠକରେ ଅନୁମୋଦିତ ହୋଇଥିବା ପ୍ରକଳ୍ପ ମଧ୍ୟରେ ଶ୍ୟାମ୍ ମେଟାଲିକ୍ସ ଯାଜପୁର ଜିଲା କଳିଙ୍ଗନଗରଠାରେ ୩୨୮.୭୫ କୋଟି ଟଙ୍କା ବ୍ୟୟରେ ୫୦ ମେଗାୱାଟ କ୍ଷମତାବିଶିଷ୍ଟ ଫେରୋଆଲଏଜ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବ। ଏଥିରେ ୩୩୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ଜିନ୍ଦଲ କୋକ ଲିଃ କଳିଙ୍ଗନଗରଠାରେ ୪୭୦ କୋଟି ଟଙ୍କା ବ୍ୟୟରେ କୋକ୍ ଏବଂ ପେଟ୍ରୋଲିୟମ୍ ୟୁନିଟ୍ ସମ୍ପ୍ରସାରଣ ପ୍ଲାଣ୍ଟ ସ୍ଥାପନ କରିବ। ଏଥିରେ ୨୭୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଜି.ଭି. ମାଇନ୍ସ ଏବଂ ମିନେରାଲ୍ସ କେନ୍ଦୁଝର ଜିଲାରେ ୧୦୪.୪୮ କୋଟି ଟଙ୍କା ପୁଞ୍ଜି ବିନିଯୋଗରେ ଆଇରନ୍ ଓର୍ ପାଇପ୍ କନ୍‌ଭେ ସିଷ୍ଟମ୍ ସ୍ଥାପନ କରିବ। ସେଥିରେ ୨୩୮ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଗ୍ରିନ୍‌ଟେକ୍ ବାୟୋ ଏନର୍ଜି ବରଗଡ଼ ଜିଲାରେ ୨୫୦ କୋଟି ଟଙ୍କା ବ୍ୟୟରେ ଇଥାନଲ୍ ପ୍ଲାଣ୍ଟ ସ୍ଥାପନ କରିବ। ଏଥିରେ ୨୦୨ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ବାୟୋ-ଆଗ୍ରୋ ଏନର୍ଜି ଲିଃ ସୋନପୁର ଜିଲାରେ ୨୨୮.୫୫ କୋଟି ଟଙ୍କା ବ୍ୟୟରେ ଇଥାନଲ୍ ପ୍ଲାଣ୍ଟ ସ୍ଥାପନ କରିବ। ଏଥିରେ ୩୩୭ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳି ପାରିବ। ଭାରତୀୟ ପଟାସ୍ ଲିଃ କଳାହାଣ୍ଡି ଜିଲାରେ ୨୧୯ କୋଟି ବ୍ୟୟରେ ଶସ୍ୟଭିତ୍ତିକ ଇଥାନଲ୍ ପ୍ଲାଣ୍ଟ ସ୍ଥାପନ କରିବ। ଏହି ପ୍ଲାଣ୍ଟରେ ୨୩୮ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଝାରସୁଗୁଡ଼ା ଜିଲାରେ ଏନର୍ଜି ଇଣ୍ଡ୍ରୋ ୨୦୫ କୋଟି ଟଙ୍କା ବ୍ୟୟରେ ଶସ୍ୟଭିତ୍ତିକ ଡିଷ୍ଟିଲାରି ୟୁନିଟ୍ ସ୍ଥାପନ କରିବ। ଏଥିରେ ୧୯୬ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଆବିସ ଏକ୍ସପୋର୍ଟସ୍ ମୟୂରଭଞ୍ଜ ଜିଲାରେ ୬୬.୩୩ କୋଟି ବ୍ୟୟରେ ମେକାନାଇଜଡ୍ ହାଚେରୀ ୟୁନିଟ୍ ସ୍ଥାପନ କରିବ। ଏଥିରେ ☞ପୃଷ୍ଠା-୬

**ଏସ୍ଏଲ୍ଏସ୍‌ଡବ୍ଲୁସିଏ ବୈଠକ**

- **ସୃଷ୍ଟି ହେବ ୩୪୬୧ ନିଯୁକ୍ତି ସୁଯୋଗ**
- **ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍‌କୁ କଞ୍ଚାମାଲ ଯୋଗାଇବାକୁ ନିର୍ଦ୍ଦେଶ**



ଅଭିନନ୍ଦନ ବର୍ଦ୍ଧମାନଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବୀର ଚକ୍ର ପ୍ରଦାନ କରୁଛନ୍ତି।

# ଅଭିନନ୍ଦନଙ୍କୁ ବୀର ଚକ୍ର

**୨ ଜଣଙ୍କୁ କୀର୍ତ୍ତି ଚକ୍ର, ୧୦ଙ୍କୁ ଶୌର୍ଯ୍ୟଚକ୍ର ପ୍ରଦାନ କଲେ ରାଷ୍ଟ୍ରପତି**

**ନୂଆଦିଲ୍ଲୀ, ୨୨।୧୧:** ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପଟେନ ଅଭିନନ୍ଦନ ବର୍ଦ୍ଧମାନଙ୍କୁ ସୋମବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ବୀର ଚକ୍ର ପୁରସ୍କାରରେ ସମ୍ମାନିତ କରିଛନ୍ତି। ପରମବୀର ଚକ୍ର, ମହାବୀର ଚକ୍ର ପରେ ବୀର ଚକ୍ର ହେଉଛି ଭାରତର ତୃତୀୟ ସର୍ବୋଚ୍ଚ ଯୁଦ୍ଧ ସମୟର ସାହସିକ ପୁରସ୍କାର। ୨୦୧୯ ଫେବୃୟାରୀ ୨୭ରେ ନିୟନ୍ତ୍ରଣ ରେଖା (ଏଲ୍ଓସି) ନିକଟରେ ପାକିସ୍ତାନର ଯୁଦ୍ଧବିମାନ ଏଫ୍-୧୬କୁ ଖସାଇଥିବା ଅଭିନନ୍ଦନଙ୍କୁ ରାଷ୍ଟ୍ରପତି ଭବନରେ ଆୟୋଜିତ ☞ପୃଷ୍ଠା-୬

# ବିଶ୍ୱରେ ବିପଦମୁହାଁ ଗଣତନ୍ତ୍ର

**ବ୍ରୁସେଲ୍ସ, ୨୨।୧୧**

ବିଶ୍ୱର ଅଧିକାଂଶ ଦେଶରେ ଗଣତାନ୍ତ୍ରିକ ମୂଲ୍ୟବୋଧ ହ୍ରାସ ପାଇବାରେ ଲାଗିଛି। ଗଣତନ୍ତ୍ର ଶାସନ ଥିବା ବହୁ ରାଷ୍ଟ୍ରର ସରକାର ଅଗଣତାନ୍ତ୍ରିକ ଉପାୟରେ ବିଭିନ୍ନ ପଦକ୍ଷେପ ତଥା କାର୍ଯ୍ୟକଳାପ ଆପଣାଉଛନ୍ତି। କୋଭିଡ୍-୧୯ ମହାମାରୀ କଟକଣାକୁ ଏ ଦିଗରେ ଢାଲ କରାଯାଉଛି। ୨୦୨୧ ଅଗଷ୍ଟ ସୁଦ୍ଧା ୬୪ ପ୍ରତିଶତ ଦେଶ ମହାମାରୀକୁ ରୋକିବା ପାଇଁ ଅନାବଶ୍ୟକ ଏବଂ ବେଆଇନ ପଦକ୍ଷେପ ନେଇଛନ୍ତି। ଅଗଣତାନ୍ତ୍ରିକ ଆଚରଣକୁ ନକଲ ଏବଂ ସମାଜକୁ ଭାଗ କରିବା ପାଇଁ ଭୁଲ୍ ସୂଚନାର ପ୍ରଚାର କରାଯାଉଥିବା ଷ୍ଟକ୍‌ହୋମସ୍ଥିତ ଆନ୍ତଃସରକାରୀ ସଙ୍ଗଠନ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଡେମୋକ୍ରାସି ଆଣ୍ଡ ଇଲେକ୍ଟୋରାଲ ଆସିଷ୍ଟାନ୍ସ (ଆଇଡିଇଏ) ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ରିପୋର୍ଟରେ ଭାରତ କଥା ମଧ୍ୟ ଉଠିଛି। ସରକାରୀ ନୀତିକୁ ବିରୋଧ କରୁଥିବା ଲୋକଙ୍କ ଉପରେ ଭାରତ ସରକାର ମାମଲା ରୁଜୁ କରିବା ସହ କାର୍ଯ୍ୟାନୁଷ୍ଠାନ ନେଇଥିବା ଦର୍ଶାଯାଇଛି।

୧୯୭୫ରୁ ସଂଗୃହୀତ ତଥ୍ୟ ଆଧାରରେ ଆଇଡିଇଏ ପ୍ରକାଶ କରିଥିବା ଏହି ରିପୋର୍ଟରେ ଏସିଆ ସମ୍ବନ୍ଧରେ ମଧ୍ୟ ଉଲ୍ଲେଖ ରହିଛି। ଆଫଗାନିସ୍ତାନ, ହଂକଂ, ମ୍ୟାନମାରକୁ ‘ନିରଙ୍କୁଶତାର ଲହର’ ସାମ୍ନା କରିଥିବା ଏଥିରେ ଦର୍ଶାଯାଇଛି। ଗତ ଅଗଷ୍ଟରେ ତାଲିବାନ୍ ଆଫଗାନିସ୍ତାନକୁ କବ୍‌ଜା କରିନେବା ଚଳିତ ବର୍ଷର ସବୁଠାରୁ ନାଟକୀୟ ଘଟଣା ଥିଲା। ସେହିପରି ମ୍ୟାନ୍‌ମାରରେ ଗଣତାନ୍ତ୍ରିକ ସରକାରକୁ ହଟାଇ ଗତ ଫେବୃୟାରୀରେ ସେନା ଶାସନ ଦଖଲ କରିଛି। ୨୦୨୦ରୁ ମାଲିରେ ଦୁଇ ଥର ସେନା ବିଦ୍ରୋହ ହୋଇସାରିଲାଣି। ଟ୍ୟୁନିସିଆ ରାଷ୍ଟ୍ରପତି ପାର୍ଲାମେଣ୍ଟ ଭଙ୍ଗ କରି ଜରୁରିକାଳୀନ ଭିତ୍ତିରେ ଶାସନ କ୍ଷମତା ହାତକୁ ନେଇଛନ୍ତି। ବ୍ରାଜିଲ, ଆମେରିକା ଭଳି ବଡ଼ ଗଣତାନ୍ତ୍ରିକ ଦେଶରେ ରାଷ୍ଟ୍ରପତିମାନେ ନିର୍ବାଚନ ଫଳାଫଳ ଉପରେ ପ୍ରଶ୍ନ ଉଠାଇଛନ୍ତି। ଭାରତରେ ବି ଗଣତାନ୍ତ୍ରିକ ମୂଲ୍ୟବୋଧ ହ୍ରାସ ପାଇଛି। ସରକାରଙ୍କ ନୀତିକୁ ସମାଲୋଚନା ତଥା ବିରୋଧ କରୁଥିବା ଲୋକ ଏବଂ ଗୋଷ୍ଠୀଙ୍କ ଉପରେ ମାମଲା ରୁଜୁ କରାଯାଇଛି। ଶ୍ରୀଲଙ୍କା, ଫିଲିପାଇନ୍ସରେ ମଧ୍ୟ ଗଣତନ୍ତ୍ର ବିପଦ ଆଡ଼କୁ ଗତି କରୁଛି। ୟୁରୋପୀୟ ଦେଶ ହଙ୍ଗେରୀ, ପୋଲାଣ୍ଡ, ସ୍ଲୋଭେନିଆ ଏବଂ ସର୍ବିଆରେ ଡେମୋକ୍ରାସି ସର୍ବାଧିକ ହ୍ରାସ ପାଇଛି। ୨୦୧୦ରୁ ୨୦୨୦ ମଧ୍ୟରେ ତୁର୍କୀରେ ସବୁଠାରୁ ଅଧିକ ମାତ୍ରାରେ ଗଣତନ୍ତ୍ର କ୍ଷତିଗ୍ରସ୍ତ ହୋଇଛି। ଗଣତାନ୍ତ୍ରିକ ମୂଲ୍ୟବୋଧକୁ ନଷ୍ଟ କରିବାରେ ଚାଇନାର ବ୍ୟାପକ ପ୍ରଭାବ ☞ପୃଷ୍ଠା-୬



- **ଆଇଡିଇଏର ଚେତାବନୀ**
- **ନିରଙ୍କୁଶ କ୍ଷମତା ଲୋଭ ବଢୁଛି**
- **ସମାଲୋଚକଙ୍କ ଉପରେ ମାମଲା କରିଛି ଭାରତ**






ଅଭିନେତା ତଥା ଏମ୍‌ଏନ୍‌ଏମ୍ ଦଳ ଅଧ୍ୟକ୍ଷ କମଲ ହାସନ କରୋନାରେ ସଂକ୍ରମିତ ହୋଇଛନ୍ତି। ଏ ନେଇ ସେ ଟୁଇଟ କରି ଜଣାଇଛନ୍ତି। ଆମେରିକାରୁ ଫେରିବା ପରେ ତାଙ୍କୁ ଥଣ୍ଡା କାଶ ହୋଇଥିଲା। ଟେଷ୍ଟ କରିବା ପରେ ସେ କରୋନା ପଜିଟିଭ୍ ଥିବା ଜଣାପଡ଼ିଥିଲା। ଏକ ହସ୍ପିଟାଲରେ ସେ ଆଇସୋଲେସନରେ ଅଛନ୍ତି। ମହାମାରୀ ଏବେ ବି ଶେଷ ହୋଇନାହିଁ। ତେଣୁ ସଭିଏଁ ସୁରକ୍ଷିତ ରହିବାକୁ ସେ ପରାମର୍ଶ ଦେଇଛନ୍ତି।

## ସଂକ୍ଷେପରେ

### ଆନ୍ଧ୍ରପ୍ରଦେଶର ୩ ରାଜଧାନୀ ବିଲ୍ ପ୍ରତ୍ୟାହୃତ

**ବିଜୟୱାଡ଼ା, ୨୨।୧୧:** ଆନ୍ଧ୍ରପ୍ରଦେଶ ସରକାର ରାଜ୍ୟରେ ୩ ରାଜଧାନୀ ସ୍ଥାପନ ପ୍ରସ୍ତାବରୁ ଓହରି ଯାଇଛନ୍ତି। ୩ ରାଜଧାନୀ ବିଲ୍ ପ୍ରତ୍ୟାହାର କରିନେବାକୁ ସୋମବାର ରାଜ୍ୟ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ଆଡଭୋକେଟ ଜେନେରାଲ (ଏଜି) ଏସ୍. ସୁବ୍ରମଣ୍ୟମ୍ ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କୁ ଜଣାଇ ଦେଇଛନ୍ତି। ଏନେଇ ସବିଶେଷ ସତ୍ୟପାଠ ଦାଖଲ କରିବା ଲାଗି ମୁଖ୍ୟ ବିଚାରପତି ପି.କେ. ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜଧାନୀ ବିକେନ୍ଦ୍ରୀକରଣ ରାଜ୍ୟ ପାଇଁ ଅଧିକ ଉପଯୋଗୀ ହେବ ବୋଲି ବିଶ୍ୱାସ କରାଯାଉଥିଲା। ୨୦୨୦ ଜାନୁୟାରୀରେ ବିଧାନସଭାରେ ଏନେଇ ବିଲ୍ ଆସିଥିଲା। ଏଥିରେ ରାୟଲସୀମା ଅଞ୍ଚଳରେ କୁର୍ନୁଲରେ ନ୍ୟାୟପାଳିକା ରାଜଧାନୀ, ଉତ୍ତର ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ କାର୍ଯ୍ୟନିର୍ବାହୀ ରାଜଧାନୀ ଏବଂ ଉପକୂଳ ଆନ୍ଧ୍ରର ଅମରାବତୀରେ ବ୍ୟବସ୍ଥାପକ ରାଜଧାନୀ ନିର୍ମାଣ ଲାଗି ପ୍ରସ୍ତାବ ରହିଥିଲା। ବିରୋଧୀ ଦଳଗୁଡ଼ିକ ସମେତ କୃଷକ ସଂଗଠନ ଏହାକୁ ବିରୋଧ କରିଥିଲେ। କ୍ୟାପିଟାଲ ବିଲ୍‌କୁ ଚ୍ୟାଲେଞ୍ଜ କରି ସେମାନେ ହାଇକୋର୍ଟରେ ଏକାଧିକ ପିଟିଶନ ଦାଏର କରିଥିଲେ। ଉକ୍ତ ବିଲ୍ ବିଧାନସଭାରେ ଗୃହୀତ ହୋଇଥିଲେ ହେଁ ବିଧାନ ପରିଷଦରେ ଅଟକି ରହିଥିଲା। ବିଲ୍ ପ୍ରତ୍ୟାହାର କରିନିଆଯିବା ସହ ତ୍ରୁଟିଶୂନ୍ୟ ନୂତନ ବିଲ୍ ଆଗତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ କହିଛନ୍ତି।

### ଦିଲ୍ଲୀ ବାୟୁ ପ୍ରଦୂଷଣ

### ନିର୍ମାଣ କାର୍ଯ୍ୟ ଉପରୁ ନିଷେଧାଦେଶ ଉଠିଲା



**ନୂଆଦିଲ୍ଲୀ, ୨୨।୧୧(ପି.ଟି.):** ଦିଲ୍ଲୀ ବାୟୁ ପ୍ରଦୂଷଣ ସ୍ଥିତିରେ ଉନ୍ନତି ଆସିବା ସହ ଶ୍ରମିକମାନଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ନିର୍ମାଣ କାର୍ଯ୍ୟ ଉପରେ ଲଗାଇଥିବା ନିଷେଧାଦେଶକୁ ସୋମବାର ଉଠାଇ ଦେଇଛନ୍ତି। ସ୍କୁଲ୍, କଲେଜ ସମେତ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଖୋଲିବା ସମ୍ପର୍କରେ ୨୪ ତାରିଖରେ ସରକାର ନିଷ୍ପତ୍ତି ନେବେ ବୋଲି ଦିଲ୍ଲୀ ପରିବେଶ ମନ୍ତ୍ରୀ ଗୋପାଳ ରାୟ୍ କହିଛନ୍ତି। ବୁଧବାର ବୈଠକରେ ସରକାରୀ କର୍ମଚାରୀ ଘରୁ କାର୍ଯ୍ୟ କରିବା ନିଷ୍ପତ୍ତିର ସମୀକ୍ଷା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏଥିସହିତ ବାୟୁ ସ୍ଥିତିରେ ଯଦି ଉନ୍ନତି ଜାରି ରହେ ତେବେ ସିଏନ୍‌ଜିରେ ଚାଲୁଥିବା ଟ୍ରକ ଅଣଅତ୍ୟାବଶ୍ୟକ ସାମଗ୍ରୀ ନେଇ ଦିଲ୍ଲୀରେ ପ୍ରବେଶ କରିବ କି ନାହିଁ ତାହା ଉପରେ ଆଲୋଚନା କରାଯିବ। ଅଣଅତ୍ୟାବଶ୍ୟକ ସାମଗ୍ରୀ ପରିବହନ କରୁଥିବା ଟ୍ରକ୍ ଦିଲ୍ଲୀରେ ପ୍ରବେଶ ଉପରେ ନିଷେଧାଦେଶକୁ ଗତ ରବିବାର ରାତିରେ ଦିଲ୍ଲୀ ସରକାର ୨୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ।

## ମହାକାଶରୁ ବାର୍ତ୍ତା ଆଣିବ ଲେଜର ବିମ୍

ଚନ୍ଦ୍ରକୁ ଯିବାକୁ ବୈଶ୍ୱିକ ମିଶନ, ମଙ୍ଗଳ ଗ୍ରହକୁ ଯାତ୍ରା ପାଇଁ ପ୍ରାଇଭେଟ କମ୍ପାନୀଗୁଡ଼ିକ ପକ୍ଷରୁ ଚାଲିଥିବା ଦୌଡ଼ରେ କ୍ରମାଗତ ଭାବେ ଯୋଗାଯୋଗ ରକ୍ଷା ଆନ୍ତଃଗ୍ରହ ମିଶନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏଥିପାଇଁ ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ରେଡିଓ ଫ୍ରିକ୍ୱେନ୍ସି ବଦଳରେ ଲେଜର ବିମ୍ ଟେକ୍ନୋଲୋଜି ବ୍ୟବହାର କରିବାକୁ ଯାଉଛି। ଆସନ୍ତା ଡିସେମ୍ବର ୪ରେ ନାସା ଲେଜର କମ୍ୟୁନିକେଶନ ରିଲେ ଡେମୋନଷ୍ଟ୍ରେଶନ (ଏଲ୍‌ସିଆର୍‌ଡି) ଲଞ୍ଚ କରିବ। ସ୍ପେସ୍ ଟେଷ୍ଟ ପ୍ରୋଗ୍ରାମ ସାଟେଲାଇଟ୍-୬ ଯୋଗେ ମିଶନ ଆରମ୍ଭ ହେବ। ଅଦୃଶ୍ୟ ଲେଜର ବିମ୍ ଦ୍ୱାରା ମହାକାଶରୁ ବିଭିନ୍ନ ସୂଚନା ଅତି କମ୍ ସମୟ ମଧ୍ୟରେ ପୃଥିବୀରେ ପହଞ୍ଚିପାରିବ। ଏହି ତଥ୍ୟଗୁଡ଼ିକ ଉପରେ ପାଣିପାଗ ପରିବର୍ତ୍ତନ, ହ୍ୟାକର୍ସ କିମ୍ବା ରେଡିଓ ଫ୍ରିକ୍ୱେନ୍ସିର ପ୍ରଭାବ ପଡ଼ିପାରିବ ନାହିଁ। ଏହା ରେଡିଓ ଫ୍ରିକ୍ୱେନ୍ସି ଟେକ୍ନୋଲୋଜିଠାରୁ ୧୦ରୁ ୧୦୦ ଗୁଣା କାର୍ଯ୍ୟକ୍ଷମ। ଏଥିରେ ଏଣ୍ଡ-ଟୁ-ଏଣ୍ଡ ଅପ୍ଟିକାଲ ରିଲେ ରହିବ ଯାହାକୁ ପ୍ରଭାବିତ କରିବା କଷ୍ଟକର ବୋଲି ନାସା ପକ୍ଷରୁ କୁହାଯାଇଛି।



## ଚରିତ୍ର ଗଠନ କରିପାରିବନି ଆଧୁନିକ ଶିକ୍ଷା

ଆଧୁନିକ ଶିକ୍ଷାର ପ୍ରକୃତି ଉପଯୋଗିତା ଯୋଗ୍ୟ କିନ୍ତୁ ଏହା ପିଲାଙ୍କ ଚରିତ୍ର ଗଠନ କିମ୍ବା ନୈତିକ ମୂଲ୍ୟବୋଧ ପ୍ରଦାନ ଦିଗରେ ଉପଯୁକ୍ତ ନୁହେଁ। ପ୍ରକୃତ ଶିକ୍ଷାରେ ବ୍ୟକ୍ତିର ସାମଗ୍ରିକ ବିକାଶ ଅନ୍ତର୍ଭୁକ୍ତ ହେବା ଉଚିତ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍. ଭି. ରମନା କହିଛନ୍ତି। ସୋମବାର ଆନ୍ଧ୍ରପ୍ରଦେଶସ୍ଥିତ ଶ୍ରୀ ସତ୍ୟସାଇ ଇନ୍‌ଷ୍ଟିଚ୍ୟୁଟର ଏକ କାର୍ଯ୍ୟକ୍ରମରେ ଯୋଗ ନେଇ ଜଷ୍ଟିସ୍ ରମନା କହିଛନ୍ତି, ଆଧୁନିକ ଶିକ୍ଷା କେବଳ ଉପଯୋଗ କେନ୍ଦ୍ରିକ। ପ୍ରକୃତ ଶିକ୍ଷା ଧୈର୍ଯ୍ୟ, ବୁଝାମଣା, କ୍ଷମା, ପରସ୍ପରକୁ ସମ୍ମାନ, ମାନବିକତା, ନିଃସ୍ୱାର୍ଥପରତା ଆଦି ଶିଖାଇଥାଏ। ହେଲେ ଆଜି ପିଲାଙ୍କୁ ଏସବୁ ସହ ସାମାଜିକ ଚେତନା ଏବଂ ଦାୟିତ୍ୱବାନ ହେବାର ଶିକ୍ଷା ପ୍ରଦାନ କରା ନ ଯିବା ଦୁର୍ଭାଗ୍ୟଜନକ। ଶିକ୍ଷା ନିଶ୍ଚିତ ଭାବରେ ଚରିତ୍ର ଗଠନ ଏବଂ ଚିନ୍ତାଧାରାକୁ ବିସ୍ତାର କରିବା ଆବଶ୍ୟକ। ଜୀବନରେ କଠିନ ସମୟର ସମ୍ମୁଖୀନ ହେବାବେଳେ ଏହା ଠିକ୍ ନିଷ୍ପତ୍ତି ନେବାକୁ ସକ୍ଷମ କରିବ ବୋଲି ସେ କହିଥିଲେ।



ଏନ୍. ଭି. ରମନା

# କ୍ଷମା ନୁହେଁ, ସମାଧାନ ଚାହୁଁ

### କିଷାନ ମହାପଞ୍ଚାୟତରେ ଟିକାଏତ୍‌ଙ୍କ ଆହ୍ୱାନ

**ଲକ୍ଷ୍ନୌ, ୨୨।୧୧**

ବିବାଦୀୟ ୩ କୃଷି ଆଇନ ପ୍ରତ୍ୟାହାର ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘୋଷଣା ସତ୍ତ୍ୱେ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପକ୍ଷରୁ ସୋମବାର ଲକ୍ଷ୍ନୌରେ କିଷାନ ମହାପଞ୍ଚାୟତ ଅନୁଷ୍ଠିତ ହୋଇଯାଇଛି। ଆନୁଷ୍ଠାନିକ ଭାବେ ଆଇନ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କୃଷକ ନେତାମାନେ କହିଛନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଗ୍ୟାରେଣ୍ଟି ପ୍ରଦାନ ଲାଗି ଆଇନ ଆଣିବା ଏବଂ ଲଖିମପୁର ଖେରି ହିଂସା ପାଇଁ ଦାୟୀ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କୁ ବହିଷ୍କାର କରିବା ଲାଗି ମହାପଞ୍ଚାୟତରେ କୃଷକ ସଂଗଠନଗୁଡ଼ିକ ଦାବି କରିଥିଲେ। କୃଷି ଆଇନ ପ୍ରତ୍ୟାହାର ଘୋଷଣା ହୋଇଥିଲେ ହେଁ ଚାଷୀମାନଙ୍କର ଅନେକ ସମସ୍ୟା ସମାଧାନ ପାଇଁ ବାକି ରହିଛି ବୋଲି ଭାରତୀୟ କିଷାନ ୟୁନିୟନ ନେତା ରାକେଶ ଟିକାଏତ୍ କହିଛନ୍ତି। ଦେଶବ୍ୟାପୀ ଶାନ୍ତିପୂର୍ଣ୍ଣ ଚାଷୀ ଆନ୍ଦୋଳନ ଜାରି ରହିବ। ସରକାର ଆଲୋଚନାକୁ ଆସି ବାସ୍ତବ ଅର୍ଥରେ ଆଇନ ପ୍ରତ୍ୟାହାର ହେଲା ବୋଲି ସ୍ପଷ୍ଟ କରନ୍ତୁ। ଏହା ପରେ ଆନ୍ଦୋଳନସ୍ଥଳରୁ କୃଷକମାନେ ଫେରିଯିବେ। ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୃଷି ଆଇନ ପ୍ରତ୍ୟାହାର କରାଯିବ ବୋଲି ଘୋଷଣା କରିବା ବେଳେ କ୍ଷମା ମାଗିଥିଲେ। କ୍ଷମା ମାଗିବା ଆବଶ୍ୟକ ନାହିଁ, ଚାଷୀଙ୍କ ସମସ୍ୟାର ସମାଧାନ ହେବା ଜରୁରୀ ବୋଲି ଟିକାଏତ୍ କହିଛନ୍ତି।

ଏସ୍‌କେଏମ୍ ରବିବାର ପ୍ରଧାନମନ୍ତ୍ରୀଙ୍କୁ ଏକ ଖୋଲି ଚିଠି ଲେଖି ଚାଷୀମାନଙ୍କ ଅନ୍ୟ ୬ଟି ଦାବିର ସମାଧାନ ପାଇଁ ପୁଣିଥରେ ଆଲୋଚନା ଆରମ୍ଭ କରିବାକୁ ଅନୁରୋଧ କରାଯାଇଥିଲା। ସେମାନେ ଏମ୍‌ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି, କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ବହିଷ୍କାର, ଚାଷୀଙ୍କ ବିରୋଧରେ ରୁଜୁ ମାମଲାଗୁଡ଼ିକୁ ପ୍ରତ୍ୟାହାର କରିନେବା ଆଦି ଦାବି କରିଛନ୍ତି।



### ୩ ଆଇନ ପ୍ରତ୍ୟାହାର ପାଇଁ ଆସିବ ଗୋଟିଏ ବିଲ୍

- ଚାଷୀଙ୍କ ସହ ଆଲୋଚନା କରୁ କେନ୍ଦ୍ର
- ଏମ୍‌ଏସ୍‌ପି ଆଇନ, ମନ୍ତ୍ରୀ ଅଜୟ ମିଶ୍ରା ବହିଷ୍କାର ଦାବି ଜୋର ଧରିଲା

କୃଷି ଆଇନ ପ୍ରତ୍ୟାହାର ପାଇଁ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଜାରି ରହିଥିବାବେଳେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅନୁମୋଦନକୁ ଅପେକ୍ଷା କରାଯାଇଛି। ୩ଟି ଆଇନ ପ୍ରତ୍ୟାହାର ଲାଗି ଗୋଟିଏ ବିଲ୍ ଅଣାଯିବ। ଏମ୍‌ଏସ୍‌ପି ପ୍ରସଙ୍ଗର ସମାଧାନ ପାଇଁ କୃଷି ମନ୍ତ୍ରଣାଳୟ କାର୍ଯ୍ୟ କରୁଛି। ୩ କୃଷି ଆଇନକୁ ନେଇ ଗଢ଼ାଯାଇଥିବା ସମସ୍ତ ବୋର୍ଡକୁ ବନ୍ଦ କରିଦେବା ଲାଗି ପ୍ରସ୍ତାବିତ ବିଲ୍‌ରେ ବ୍ୟବସ୍ଥା ରହିବ। ସେହିପରି ଉକ୍ତ ଆଇନ ଅଧୀନରେ ନିଆଯାଇଥିବା ସମସ୍ତ ନିଷ୍ପତ୍ତି ମଧ୍ୟ ରଦ୍ଦ ହୋଇଯିବ। ବିବାଦୀୟ କୃଷି ଆଇନକୁ ନେଇ ବର୍ଷେରୁ ଉର୍ଦ୍ଧ୍ୱ ସମୟ ଚାଷୀ ଆନ୍ଦୋଳନ ଜାରି ରହିବା ପରେ ଉକ୍ତ ଆଇନକୁ ପ୍ରତ୍ୟାହାର କରିନେବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ଆଗକୁ ଉତ୍ତରପ୍ରଦେଶ, ପଞ୍ଜାବ ସମେତ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ହାତରୁ କ୍ଷମତା ଖସିଯିବା ଆଶଙ୍କାରେ ସରକାର ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି।

## ସେନା କ୍ୟାଣ୍ଟନମେଣ୍ଟ ନିକଟରେ ବିସ୍ଫୋରଣ

### ପଠାନକୋଟ୍‌ରେ ରେଡ୍ ଆଲର୍ଟ

**ପଠାନକୋଟ, ୨୨।୧୧(ପି.ଟି.)**

ପଞ୍ଜାବର ପଠାନକୋଟ୍‌ସ୍ଥିତ ସେନା କ୍ୟାଣ୍ଟନମେଣ୍ଟ ଗେଟ୍ ନିକଟରେ ରବିବାର ରାତିରେ ଗ୍ରେନେଡ୍ ବିସ୍ଫୋରଣ ହୋଇଛି। କେତେଜଣ ଦୁର୍ବୃତ୍ତ ମୋଟରସାଇକେଲରେ ଆସି ଧୀରପୁଲ ନିକଟ ତ୍ରିବେଣୀଦ୍ୱାରଠାରେ ଥିବା ସେନା କ୍ୟାଣ୍ଟନମେଣ୍ଟ ସମ୍ମୁଖରେ ବିସ୍ଫୋରଣ ଘଟାଇଥିଲେ। ଏଥିରେ କେହି ମୃତାହତ ହୋଇନାହାନ୍ତି। ଏହି ଘଟଣା ପରେ ଉକ୍ତ ସୀମାନ୍ତ ଜିଲାରେ ରେଡ୍ ଆଲର୍ଟ ଜାରି କରାଯାଇଛି। ଉକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭିର ଫୁଟେଜ୍‌କୁ ଅନୁଧ୍ୟାନ କରାଯାଉଛି ବୋଲି ପଠାନକୋଟ୍‌ର ବରିଷ୍ଠ ଏସ୍‌ପି ସୁରେନ୍ଦ୍ର ଲାମ୍ବା କହିଛନ୍ତି। ଫୋରେନ୍‌ସିକ ଟିମ୍ ବିସ୍ଫୋରଣ ସ୍ଥଳରୁ ଗ୍ରେନେଡ୍‌ର କିଛି ଅଂଶ ସଂଗ୍ରହ କରିଛି। ଜିଲାର ସମସ୍ତ ଚେକ୍ ପଏଣ୍ଟରେ ଯାନଗୁଡ଼ିକର ଯାଞ୍ଚ କରାଯାଉଛି। ଅମୃତସର ସୀମାନ୍ତ ଜୋନ୍ ଏବଂ ଜଳନ୍ଧର ଜୋନ୍‌ର ବରିଷ୍ଠ ଅଧିକାରୀମାନଙ୍କ ବୈଠକ ମଙ୍ଗଳବାର ଡକାଯାଇଥିବା ଉପମୁଖ୍ୟମନ୍ତ୍ରୀ ସୁଖଜିନ୍ଦର ସିଂ ରାନ୍ଧୱା କହିଛନ୍ତି। ସୂଚନାଯୋଗ୍ୟ ୫ ବର୍ଷ ପୂର୍ବେ ପଠାନକୋଟ୍‌ସ୍ଥିତ ବାୟୁସେନା ଘାଟି ଉପରେ ଆତଙ୍କବାଦୀ ଆକ୍ରମଣ କରିଥିଲେ।

## ଗିରଫ ହେବେନି ପରମବୀର

### ଅନ୍ତରୀଣ ସୁରକ୍ଷା ଦେଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୨।୧୧**

ସୁପ୍ରିମକୋର୍ଟ ସୋମବାର ମୁମ୍ବାଇର ପୂର୍ବତନ ପୋଲିସ କମିଶନର ପରମବୀର ସିଂଙ୍କୁ ଗିରଫଦାରିରୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ବାରମ୍ବାର ୱାରେଣ୍ଟ ଜାରି ସତ୍ତ୍ୱେ ସେ ତଦନ୍ତ ପାଇଁ ହାଜର ନ ହେବାରୁ ମୁମ୍ବାଇର ଏକ ମାଜିଷ୍ଟ୍ରେଟ୍ କୋର୍ଟ ତାଙ୍କୁ ପଳାତକ ଘୋଷଣା କରିଥିଲେ। ସେ ଫେରାର ହୋଇନାହାନ୍ତି, ଭାରତରେ ରହିଛନ୍ତି ବୋଲି ସୋମବାର ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଥିଲେ। ତେବେ ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ଲୁଚି ରହିଥିବା କହିଥିଲେ। ସେ ୪୮ ଘଣ୍ଟା ମଧ୍ୟରେ ସିବିଆଇରେ ହାଜର ହେବାକୁ ପ୍ରସ୍ତୁତ ଥିବା ଓକିଲ ମାଧ୍ୟମରେ ଜଣାଇବା ପରେ ତାଙ୍କ ସୁରକ୍ଷା ଆବେଦନକୁ ଅଦାଲତ ମଞ୍ଜୁର କରିଛନ୍ତି। ଏଥିସହିତ ତଦନ୍ତରେ ସହଯୋଗ କରିବା ଲାଗି ଅଦାଲତ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରମବୀରଙ୍କ ଆବେଦନର ଶୁଣାଣି କରିବା ଲାଗି ଜଷ୍ଟିସ୍ ଏସ୍.କେ. କୌଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ରାଜି ହେବା ସହ ମହାରାଷ୍ଟ୍ର ସରକାର ଏବଂ ସିବିଆଇକୁ ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୬କୁ ଧାର୍ଯ୍ୟ କରାଯାଇଛି।

ସୂଚନାଯୋଗ୍ୟ, ପରମବୀରଙ୍କ ସୁରକ୍ଷା ଆବେଦନକୁ ସୁପ୍ରିମକୋର୍ଟ ଗୁରୁବାର ଖାରଜ କରିଦେଇଥିଲେ। ତୁମେ କେଉଁଠି ଅଛ ନ ଜାଣିବା ପର୍ଯ୍ୟନ୍ତ ଶୁଣାଣି ହୋଇପାରିବ ନାହିଁ କି ସୁରକ୍ଷା ଦିଆଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେବା ସହ ରହିଥିବା ସ୍ଥାନର ଠିକଣା ଜଣାଇବାକୁ ପରମବୀରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖ ଏବଂ ପରମବୀରଙ୍କ ମଧ୍ୟରେ ଶତ୍ରୁତା ଲାଗିରହିଥିବାରୁ ଏହାକୁ ନେଇ ଅଦାଲତ ଚିନ୍ତାବ୍ୟକ୍ତ କରିଛନ୍ତି।



ଓଡ଼ିଆ ବାୟୁସେନା ଅଫିସର ଏୟାର ମାର୍ଶାଲ ଦିଲୀପ କୁମାର ପଟ୍ଟନାୟକଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସୋମବାର ଅତିବିଶିଷ୍ଟ ସେବା ମେଡାଲରେ ସମ୍ମାନିତ କରୁଛନ୍ତି। ଦିଲୀପ ୧୯୮୪ ଜୁନ୍ ୮ରେ ଭାରତୀୟ ବାୟୁସେନାରେ ଯୋଗ ଦେଇଥିଲେ। ଏବେ ସେ ଇଷ୍ଟର୍ନ ଏୟାର କମାଣ୍ଡର କମାଣ୍ଡିଂ ଇନ୍-ଚିଫ୍ ଅଛନ୍ତି।

## ତ୍ରିପୁରା ପୋଲିସ କାର୍ଯ୍ୟାନୁଷ୍ଠାନ ବିରୋଧରେ ଦିଲ୍ଲୀରେ ବିକ୍ଷୋଭ

- ଟିଏମ୍‌ସି ଏମ୍‌ପିଙ୍କୁ ଭେଟିଲେ ଶାହା
- ସୁପ୍ରିମକୋର୍ଟରେ ଶୁଣାଣି ଆଜି

**ନୂଆଦିଲ୍ଲୀ, ୨୨।୧୧**

ତ୍ରିପୁରାରେ ଟିଏମ୍‌ସିର ଯୁବନେତ୍ରୀଙ୍କ ଉପରେ ପୋଲିସର ବର୍ବରତା ଓ ଗିରଫଦାରି ପ୍ରତିବାଦରେ ସୋମବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବାହାରେ ଦଳର ଏମ୍‌ପିମାନେ ଧାରଣାରେ ବସିଛନ୍ତି। ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ତ୍ରିପୁରାରେ ଘଟିଥିବା ହିଂସାକାଣ୍ଡ ପାଇଁ ଆମେ ମୋଦି ଓ ଶାହାଙ୍କଠାରୁ ଜବାବ ଚାହୁଁ ବୋଲି ଟିଏମ୍‌ସି ନେତା ସୁଖେନ୍ଦୁ ଶେଖର ରାୟ କହିଛନ୍ତି। ପରେ ଅମିତ ଶାହା ଏମ୍‌ପିମାନଙ୍କ ପ୍ରତିନିଧି ଦଳକୁ ଭେଟି ସେମାନଙ୍କ ସହ ଆଲୋଚନା କରିଛନ୍ତି।

ଶନିବାର ରାତିରେ ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବ ଏକ ସଭାରେ ଯୋଗ ଦେଇଥିବାବେଳେ ଅଭିନେତ୍ରୀରୁ ଟିଏମ୍‌ସି ନେତ୍ରୀ ପାଲଟିଥିବା ସାୟନୀ ଘୋଷ ସେଠାରେ ଖେଲା ହୋବେ ସ୍ଲୋଗାନ ଦେବା ସହ ସଭାକୁ ଭଣ୍ଡୁର କରିବାକୁ ଉଦ୍ୟମ କରିଥିଲେ। ଏହା ପରେ ରାଜ୍ୟ ପୋଲିସ ତାଙ୍କୁ ଗିରଫ କରିବା ସହ ତାଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ଲଗାଇଛି। ଏହା ପରେ ଦଳୀୟ କର୍ମୀମାନେ ଥାନା ବାହାରେ ରୁଣ୍ଡ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ତ୍ରିପୁରାରେ ପୌର ନିର୍ବାଚନ ପ୍ରଚାର ଚାଲିଥିବାବେଳେ ବିରୋଧୀ ଦଳଗୁଡ଼ିକ ପ୍ରତି ହିଂସା ଘଟଣା ରୋକିବାରେ ସରକାର ବିଫଳ ହୋଇଛନ୍ତି। ନଭେମ୍ବର ୧୧ରେ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ବଢ଼ିଚାଲିଛି। ସରକାରଙ୍କ ବିରୋଧରେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଟିଏମ୍‌ସି ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏ.ଏସ୍. ବୋପାନ୍ନାଙ୍କ ଖଣ୍ଡପୀଠ ମଙ୍ଗଳବାର ଏହାର ଶୁଣାଣି କରିବାକୁ ରାଜି ହୋଇଛନ୍ତି।

# ସିଂହଭୂମ ପୃଥିବୀର ପ୍ରଥମ ବେଳାଭୂମି

- ନୂଆ ଅଧ୍ୟୟନରେ ଦାବି
- ୩୨୦ କୋଟି ବର୍ଷ ପୂର୍ବେ ସମୁଦ୍ରରୁ ବାହାରିଥିଲା
- ପୁରୁଣା ଥିଓରିକୁ ଚ୍ୟାଲେଞ୍ଜ

**ସିଂହଭୂମ, ୨୨।୧୧**

ପୃଥିବୀର ସର୍ବପୁରାତନ ଇତିହାସ ମଧ୍ୟରୁ ସବୁଠୁ ଅଧିକ ରହସ୍ୟ ଓ ରୋମାଞ୍ଚକର କଥା ହେଉଛି କିପରି ଏବଂ କେବେ ପୃଥିବୀ ପ୍ରଥମ ଥର ପାଇଁ ପାଣି ଭିତରୁ ବାହାରିଥିଲା। ଟେକ୍ଟୋନିକ୍ ପ୍ଲେଟ୍ ଗତିବିଧି ଯୋଗୁ ଜଳମଗ୍ନ ପୃଥିବୀରୁ ମହାଦ୍ୱୀପଗୁଡ଼ିକ ମୁକ୍ତ ହୋଇଥିଲେ ବୋଲି ବିଶ୍ୱାସ କରାଯାଏ। ତେବେ ସଦ୍ୟ ଅଧ୍ୟୟନର ନୂଆ ଆବିଷ୍କାର ଏହି ପୁରୁଣା ଥିଓରି ଓ ଦାବିକୁ ଚ୍ୟାଲେଞ୍ଜ କରିଛି। ଜଳପ୍ରଳୟ ଯୋଗୁ ଆମ ପୃଥିବୀ ସମ୍ପୂର୍ଣ୍ଣ ଭାବେ ପାଣିରେ ବୁଡ଼ିଯାଇଥିବାବେଳେ ପ୍ରାୟ ୨୫୦ କୋଟି ବର୍ଷ ପୂର୍ବେ ସମୁଦ୍ରରୁ ପ୍ରଥମ ମହାଦ୍ୱୀପ ମୁକୁଳିଥିଲା ବୋଲି ଦାବି କରାଯାଉଥିଲା। କିନ୍ତୁ ନୂଆ ରିପୋର୍ଟ ପୂର୍ବ ଥିଓରି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବୈଜ୍ଞାନିକମାନଙ୍କୁ ଭାରତରୁ ମିଳିଥିବା ଏକ ଶିଳା ନମୁନା ପ୍ରାୟ ୩୨୦କୋଟି ବର୍ଷ ପୁରୁଣା ବୋଲି ଜଣାପଡ଼ିଛି। ଝାଡ଼ଖଣ୍ଡର ସିଂହଭୂମ ଜିଲାରୁ ଉକ୍ତ ପଥର ନମୁନା ମିଳିଥିବାରୁ ସିଂହଭୂମ ପୃଥିବୀର ପ୍ରଥମ ବେଳାଭୂମି ବୋଲି ଭାରତ, ଦକ୍ଷିଣ ଆଫ୍ରିକା ଏବଂ ଅଷ୍ଟ୍ରେଲିଆ ଗବେଷକଙ୍କ ଦ୍ୱାରା ହୋଇଥିବା ଗବେଷଣାରୁ ଜଣାପଡ଼ିଛି। ପିଏନ୍‌ଏସ୍ ଜର୍ନାଲରେ ପ୍ରକାଶିତ ଏହି ଅନୁସନ୍ଧାନ ରିପୋର୍ଟ ପୃଥିବୀକୁ ବୁଝିବାର ଦୃଷ୍ଟିକୋଣକୁ ସମ୍ପୂର୍ଣ୍ଣ ବଦଳାଇଦେଇପାରେ ବୋଲି କୁହାଯାଉଛି।

ଅଷ୍ଟ୍ରେଲିଆର ମୋନାଶ ବିଶ୍ୱବିଦ୍ୟାଳୟର ମୁଖ୍ୟ ଗବେଷକ ଡ. ପ୍ରିୟଦର୍ଶୀ ଚୌଧୁରୀ କହିଛନ୍ତି, ପୃଥିବୀର କେଉଁ ଭାଗ ପ୍ରଥମେ ସମୁଦ୍ରରୁ ବାହାରିଥିଲା ତାହା ଉପରେ ଅଧ୍ୟୟନ ଚାଲିଥିଲା। ସିଂହଭୂମ ଜିଲାରୁ ମିଳିଥିବା ବିଶେଷ ଧରଣର ବାଲୁଆ ପଥରର ବୟସ ଜାଣିବାକୁ ପରୀକ୍ଷା କରାଯାଇଥିଲା।



ୟୁରାନିୟମ ଏବଂ ଛୋଟ ଖଣିଜ ପଦାର୍ଥର ବିଶ୍ଳେଷଣ ପରେ ପଥରଗୁଡ଼ିକ ୩୨୦ କୋଟି ବର୍ଷରୁ ଅଧିକ ପୁରୁଣା ବୋଲି ଜଣାପଡ଼ିଛି। ଏପରି ଶିଳା ବହୁ ପ୍ରାଚୀନ ନଦୀ ଉପକୂଳ ଏବଂ ଗଭୀର ସମୁଦ୍ରରେ ସୃଷ୍ଟି ହୋଇଥିଲା। ପୃଥିବୀର ବୟସ ପ୍ରାୟ ୪୫୪.୩ କୋଟି ବର୍ଷ। ପ୍ରାରମ୍ଭରେ ଏହା ବହୁତ ଗରମ ଥିଲା। ଲକ୍ଷ ଲକ୍ଷ ବର୍ଷ ପରେ ଥଣ୍ଡା ହୋଇଥିଲା ଏବଂ ଏଠାରେ ଜଳ ସୃଷ୍ଟି ହେଲା। ଧୂମକେତୁଗୁଡ଼ିକ ଯୋଗୁ ସମୁଦ୍ର ସୃଷ୍ଟି ହେଲା। ଭୌଗୋଳିକ ପରିବର୍ତ୍ତନ ଯୋଗୁ ପୃଥିବୀରେ ପ୍ରଥମେ ସିଂହଭୂମ ମହାଦ୍ୱୀପ ସୃଷ୍ଟି ହୋଇଥିଲା। କ୍ରମେ ବାୟୁମଣ୍ଡଳରେ ଅମ୍ଳଜାନ ମାତ୍ରା ବୃଦ୍ଧି ପାଇଲା ଏବଂ ଫସ୍‌ଫରସ୍ ଓ ଅନ୍ୟାନ୍ୟ ଖଣିଜ ପଦାର୍ଥ ସମୁଦ୍ରରେ ସୃଷ୍ଟି ହେବାରେ ଲାଗିଥିଲା ବୋଲି ଏଥିରେ କୁହାଯାଇଛି। ତେଣୁ ସିଂହଭୂମ ୩୨୦ କୋଟି ବର୍ଷ ତଳେ ସମୁଦ୍ରରୁ ବାହାରି ଆସିଥିଲା ବୋଲି ସେ ପ୍ରକାଶ କରିଛନ୍ତି। ଏଥିସହ ପ୍ରାଚୀନତମ ଭୂମିର କିଛି ଭାଗ ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକାରେ ମଧ୍ୟ ଦେଖିବାକୁ ମିଳିଛି। ସଦ୍ୟ ଗବେଷଣା ପୃଥିବୀର ସର୍ବପୁରାତନ ମହାଦେଶ ଗଠନ ଏବଂ ଆମ ଜଳବାୟୁ, ବାୟୁମଣ୍ଡଳ, ମହାସାଗର ଗଠନ ଦିଗରେ ଅଧିକ ଅନୁସନ୍ଧାନ ସହାୟକ ହେବ।

### ବହୁ ବର୍ଷ ଧରି ଆଗ୍ନେୟଗିରି ଉଦ୍‌ଗିରଣ

ଗବେଷକମାନେ ସିଂହଭୂମ ଅଞ୍ଚଳର ଭୂତଳ ସୃଷ୍ଟି କରିଥିବା ଗ୍ରାନାଇଟ୍‌ର ଅଧ୍ୟୟନ କରିଥିଲେ। ଏହି ଗ୍ରାନାଇଟ ପଥରଗୁଡ଼ିକ ୩୧୦ରୁ ୩୫୦ କୋଟି ବର୍ଷ ପୁରୁଣା। ଏହା ଆଗ୍ନେୟଗିରି ଉଦ୍‌ଗିରଣ ଦ୍ୱାରା ସୃଷ୍ଟି ହୋଇଥିଲା। ପୃଥିବୀ ଭିତରେ ବିସ୍ଫୋରଣ ହୋଇଥଲା ଏବଂ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ତାହା ଜାରି ଥିଲା। ପରେ ପୃଥିବୀର ମାଗ୍‌ମା କଠିନ ହେବାରେ ଲାଗିଲା ଏବଂ ୪୫ କିଲୋମିଟର ଘନତାର ସ୍ଥଳଭାଗ ସୃଷ୍ଟି ହେବା ପରେ ତାହା ସମୁଦ୍ର ଭିତରୁ ଉପରକୁ ଉଠିଥିଲା ବୋଲି ଅନୁସନ୍ଧାନ ରିପୋର୍ଟରେ କୁହାଯାଇଛି।

ଆୟୁର୍ବେଦ ଅନୁଯାୟୀ ପତଳା ଶରୀରଧାରୀ ବ୍ୟକ୍ତିମାନଙ୍କୁ ହୀନମନ୍ୟତାଗ୍ରସ୍ତ ବ୍ୟକ୍ତିମାନଙ୍କ ଶ୍ରେଣୀରେ ଶ୍ରେଣୀଭୁକ୍ତ କରାଯାଇଥାଏ। ପତଳାପଣ ଏକ ରୋଗ ନୁହେଁ ବରଂ ଭୁଲ୍ ଖାଦ୍ୟ-ପାନୀୟ ଏବଂ ଅସଂଯମତାର ପରିଣାମ ମାତ୍ର। ପତଳାପଣର ଅନେକ କାରଣ ଅଛି, କିନ୍ତୁ ବ୍ୟସ୍ତ ହୁଅନ୍ତୁ ନାହିଁ। ଆୟୁର୍ବେଦରେ ଅନେକ ବିଶେଷ ଜଡ଼ି-ବୁଟିର ବର୍ଣ୍ଣନା ରହିଛି, ଯାହା ଶରୀର ପତଳାପଣ ଭଳି ସମସ୍ୟାର ନିଦାନରେ ସହାୟକ ଅଟେ।

## କ'ଣ ଆପଣଙ୍କୁ ମଧ୍ୟ ହ୍ୟାଙ୍ଗର ସହ ତୁଳନା କରାଯାଉଛି ?

ପତଳାପଣ ଅର୍ଥାତ୍ ସ୍ୱାଭାବିକରୁ କମ୍ ଓଜନବିଶିଷ୍ଟ ବ୍ୟକ୍ତିଙ୍କୁ ପତଳା କୁହାଯାଇଥାଏ। ଯେଉଁ ବ୍ୟକ୍ତି ଅଧିକ ପତଳା ହୋଇଥାନ୍ତି, ସେ ଯେକୌଣସି କାମ କରିବାରେ ଶୀଘ୍ର ଥକିଯାଇଥାନ୍ତି। ଏପରି ବ୍ୟକ୍ତିମାନଙ୍କ ଶରୀରରେ ରୋଗ ପ୍ରତିରୋଧକ କ୍ଷମତା କମ୍ ହୋଇଥାଏ। ଏହା ଅତିରିକ୍ତ ପାଚନ ଶକ୍ତି ଗୋଳମାଳ, ମାନସିକ, ଭାବନାତ୍ମକ ଚାପ, ଚିନ୍ତା କାରଣରୁ ମଧ୍ୟ ବ୍ୟକ୍ତି ପତଳାପଣ ସମସ୍ୟାର ସମ୍ମୁଖୀନ ହୋଇପାରେ। ଅଗ୍ନିମାନ୍ଦ୍ୟ କିମ୍ବା ଜଠରାଗ୍ନି ମାନ୍ଦା ହେବା ହିଁ ପତଳାପଣର ପ୍ରମୁଖ କାରଣ ଅଟେ । ଅଗ୍ନିମାନ୍ଦ୍ୟ କାରଣରୁ ବ୍ୟକ୍ତି ସ୍ୱଳ୍ପ ମାତ୍ରାରେ ଭୋଜନ କରିଥାନ୍ତି, ଯାହାଦ୍ୱାରା ଆହାର ରସ ବା ରସ ଧାତୁର ନିର୍ମାଣ ମଧ୍ୟ ସ୍ୱଳ୍ପ ମାତ୍ରାରେ ହୁଏ, ଯାହାର ଫଳସ୍ୱରୂପ ବ୍ୟକ୍ତି ନିରନ୍ତର ପତଳା ହେବାରେ ଲାଗିଥାନ୍ତି। ପ୍ରତ୍ୟେକ ବ୍ୟକ୍ତି ଶାରୀରିକ ରୂପେ ଫିଟ୍ ରହିବା ପସନ୍ଦ କରିଥାନ୍ତି, କିନ୍ତୁ ଆବଶ୍ୟକତାରୁ ଅଧିକ ମୋଟା ହେବାକୁ ମଧ୍ୟ ଚାହିଁ ନ ଥାନ୍ତି। ପ୍ରାୟତଃ ଦେଖାଯାଏ ଯେ କେତେକ ଲୋକ




ମୋଟା ହେବା ଉଦ୍ଦେଶ୍ୟରେ ବିନା କୌଣସି ସୂଚନା ଓ ପରାମର୍ଶରେ ଇଂରେଜୀ ଓ ବିଦେଶୀ ଉତ୍ପାଦ ପ୍ରୟୋଗ କରିବା ଆରମ୍ଭ କରିଦେଇଥାନ୍ତି, ଶରୀର ଉପରେ ସେହି ଉତ୍ପାଦର କି ପ୍ରଭାବ ପଡ଼ିବ ସେ ସମ୍ପର୍କରେ ସେମାନେ ଅଜ୍ଞ ଥାଆନ୍ତି। ଆୟୁର୍ବେଦରେ ଅନେକ ଖାସ୍ ଜଡ଼ି-ବୁଟିର ବର୍ଣ୍ଣନା ରହିଛି, ଯାହା ଆପଣଙ୍କ ଶରୀରର ପତଳାପଣ ସମସ୍ୟାରୁ ମୁକ୍ତି ଦେବାରେ ସହାୟକ ଅଟେ। ଏଇଥିପାଇଁ ଦିବିସା ହର୍ବାଲ୍ କେୟାର୍ କମ୍ପାନୀ ଆକ୍ୟୁମାସ୍ ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ପ୍ରସ୍ତୁତ କରିଛି, ଯାହା ୧୮ ଖାସ୍ ଆୟୁର୍ବେଦିକ ଜଡ଼ି-ବୁଟିର ସନ୍ତୁଳିତ ମିଶ୍ରଣରେ ତିଆରି ହୋଇଛି। ଆକ୍ୟୁମାସ୍ ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ୧୦୦% ଆୟୁର୍ବେଦିକ ଏବଂ ସୁରକ୍ଷିତ ଅଟେ। ଏହା ଓଜନ ବୃଦ୍ଧି କରିବା ଏବଂ ଆତ୍ମବିଶ୍ୱାସ ବଢ଼ାଇବା, ଉଭୟରେ ଅତି ସହାୟକ।

ଆକ୍ୟୁମାସ୍ ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଆପଣଙ୍କ ଓଜନ ବଢ଼ାଇବା ସହିତ ଆପଣଙ୍କ ଶରୀରରେ ଜରୁରୀ ପୋଷକ ତତ୍ତ୍ୱର ଅଭାବକୁ ମଧ୍ୟ ଦୂର କରିଥାଏ। ଏହା ଅତିରିକ୍ତ ଯଦି ଆପଣଙ୍କୁ ଅଧିକ ସୂଚନା ଆବଶ୍ୟକ ତେବେ **8556809999** ନମ୍ବରରେ କଥା ହୋଇପାରନ୍ତି ।




**ପତଳାପଣର ଲକ୍ଷଣ:** ହୀନମନ୍ୟତାର ଶିକାର ହେବା । ସର୍ବଦା ଦୁଶ୍ଚିନ୍ତାଗ୍ରସ୍ତ ରହିବା। ପାଚନ ଶକ୍ତି ଗୋଳମାଳିଆ ହେବା। ସର୍ବଦା ମାନସିକ, ଭାବନାତ୍ମକ ଚାପ କିମ୍ବା ଚିନ୍ତାଗ୍ରସ୍ତ ରହିବା। ହର୍ମୋନ୍ ଅସନ୍ତୁଳିତ ହେବା କାରଣରୁ ମଧ୍ୟ ଶରୀରରେ ପତଳାପଣ ସମସ୍ୟା ଦେଖାଦେଇଥାଏ।


# ପୁରୀରେ ଖୁବ୍‌ଶୀଘ୍ର ଗ୍ରୀନ୍‌ ଫିଲ୍ଡ ବିମାନବନ୍ଦର

## ଝାର୍‌ସୁଗୁଡ଼ାରେ ଆର୍‌ସିଏସ୍ ଉଡ଼ାନ ଯୋଜନାର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ

ଝାରସୁଗୁଡ଼ା ଅଫିସ,୨୨।୧୧

ପୁରୀରେ ଖୁବ୍‌ଶୀଘ୍ର ଗ୍ରୀନ୍‌ଫିଲ୍ଡ ବିମାନ ବନ୍ଦର ନିର୍ମାଣ ହେବ। ଏ ନେଇ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ସହଯୋଗ ଲୋଡ଼ିଛନ୍ତି। ରାଜ୍ୟ ସରକାରଙ୍କଠାରୁ ଆବଶ୍ୟକ ଜବାବ ମିଳିବା ପରେ ପୁରୀ ଠାରେ ବିମାନ ବନ୍ଦର ନିର୍ମାଣ କରାଯିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି। ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ (ଭିଏସ୍ଏସ୍) ବିମାନ ବନ୍ଦର ପରିସରରେ ସୋମବାର କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ତରଫରୁ ରାଷ୍ଟ୍ରୀୟସ୍ତରୀୟ ଉଡ଼ାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ସିନ୍ଧିଆ ରିଜିଓନାଲ କମ୍ୟୁନିକେଶନ ସ୍କିମ୍ (ଆର୍‌ସିଏସ୍) ଉଡ଼ାନ ଯୋଜନାକୁ ଲୋକାର୍ପିତ କରିଥିଲେ। ପରେ ସେ ବନ୍ଦର ପରିସରରେ ପ୍ରଦର୍ଶିତ ସମ୍ବଲପୁରୀ ବାନ୍ଧକଳା, ହସ୍ତତନ୍ତ ଓ ଚିତ୍ରକଳା ପରିଦର୍ଶନ କରିଥିଲେ।

ଏହି ଅବସରରେ ବନ୍ଦର ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ର ମନ୍ତ୍ରୀ ସିନ୍ଧିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା,



ଆର୍‌ସିଏସ୍ ଉଡ଼ାନ ଯୋଜନା ଲୋକାର୍ପଣ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ।

ଏମ୍‌ପି ସୁରେଶ ପୂଜାରୀ, ଜୁଏଲ ଓରାମ, ବିଧାୟକ କିଶୋର ମହାନ୍ତି, କୁସୁମ ଟେଟେ, ଶଙ୍କର ଓରାମ, ଭବାନୀ ଭୋଇ, ନାଉରୀ ନାୟକ, ମଧୁସୂଦନ ପାଢୀ, ସଚିବ ରାଜୀବ ବଂଶଲ, ଯୁଗ୍ମସଚିବ ଉଷା ପାଢୀ, ଜିଲାପାଳ ସରୋଜ କୁମାର ସାମଲ, ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଦେଶର ଝାରସୁଗୁଡ଼ା ସମେତ ସମୁଦାୟ ୫୩ ବିମାନ ବନ୍ଦରରେ ଉଡାନ ଉତ୍ସବ ପାଳନ କରାଯାଇଥିଲା। ଭର୍ଚ୍ଚୁଆଲ ମାଧ୍ୟମରେ ୫୨ ବିମାନ ବନ୍ଦର ଯୋଡି ହୋଇଥିଲେ। ଏଥିରେ ଶିଲଂର ମେଘାଳୟ ବିମାନ ବନ୍ଦରରୁ ଏକ ନୂଆ ବିମାନ ଉଡାଣ କରିଥିଲା। କେନ୍ଦ୍ରମନ୍ତ୍ରୀ ସିନ୍ଧିଆ ଓ ଅନ୍ୟ ଅତିଥିମାନେ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। କେନ୍ଦ୍ରମନ୍ତ୍ରୀ କହିଥିଲେ, ଝାରସୁଗୁଡ଼ା ବିମାନ ବନ୍ଦର କାର୍ଯ୍ୟକ୍ଷମ ହେବାର ମାତ୍ର ୨ବର୍ଷ ହୋଇଛି। ହେଲେ ଅନ୍ୟାନ୍ୟ ବିମାନ ବନ୍ଦର ତୁଳନାରେ ଏହି ବିମାନ ବନ୍ଦରର ବ୍ୟବସାୟିକ ସଫଳତା ବହୁତ ଭଲ ରହିଛି। କରୋନା ସମୟରେ ସାରା ଦେଶରେ ଯାତ୍ରୀ ସଂଖ୍ୟା ୬୨% ହ୍ରାସ ପାଇଥିବା ବେଳେ ଝାରସୁଗୁଡ଼ା ବିମାନ ବନ୍ଦରରେ ମାତ୍ର ୫% ହ୍ରାସ ପାଇଥିବା ଦେଖିବାକୁ ମିଳିଥିଲା ବୋଲି ସିନ୍ଧିଆ କହିଛନ୍ତି।

ମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ, ଝାରସୁଗୁଡ଼ା ଜିଲାରେ ଭରପୁର କଞ୍ଚାମଲ କୋଇଲା ରହିଥିବାରୁ ଏଠାରେ ବହୁତାପଜ ବିଦ୍ୟୁତ କେନ୍ଦ୍ର ରହିଛି। ଫଳରେ ଏଠାରେ ପ୍ରଚୁର ପରିମାଣରେ ବିଦ୍ୟୁତ୍ ଉତ୍ପାଦନ ହେଉଛି। ଝାରସୁଗୁଡା ଓଡ଼ିଶାର ପାୱାର ହାଉସ୍ ବୋଲି ସେ କହିଥିଲେ। ବୀର ସୁରେନ୍ଦ୍ର ସାଏ ଭଳି ବହୁ ସ୍ୱାଧୀନତା ସଂଗ୍ରାମୀ ଦେଶପାଇଁ ନିଜର ଜୀବନକୁ ବଳିଦାନ ଦେଇଥିବାରୁ ଏହି ମାଟିକୁ ସେ ନମନ କରିଥିଲେ। ସେ କହିଥିଲେ ୨୦୧୪ମସିହା ମଧ୍ୟରେ ଦେଶରେ ସମୁଦାୟ ୭୨ବିମାନ ବନ୍ଦର କାର୍ଯ୍ୟ କରୁଥିଲା। ଏବେ ଏହା ବୃଦ୍ଧି ପାଇ ୧୩୬ରେ ପହଞ୍ଚିଛି। ଦେଶରେ ବିମାନ ବନ୍ଦର ସଂଖ୍ୟା ୨୨୦ରେ ପହଞ୍ଚିବ ବୋଲି ପ୍ରଧାନମନ୍ତ୍ରୀଙ୍କ ସଙ୍କଳ୍ପ ରହିଛି।

ଆଗାମୀ ଦିନରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ତରଫରୁ କୃଷି ଉଡ଼ାନ ଯୋଜନା କରାଯିବ। ଏଥିରେ କୃଷକମାନେ ବିଶେଷଭାବେ ଲାଭବାନ ହେବେ ବୋଲି ମନ୍ତ୍ରୀ ସିନ୍ଧିଆ କହିଥିଲେ। ବୀର ସୁରେନ୍ଦ୍ର ସାଏ ଜଣେ ସ୍ୱାଧୀନତା ସଂଗ୍ରାମୀ ଏହି ନାମକୁ ଭିଏସ୍ଏସ୍ ନ କହି ସମ୍ପୂର୍ଣ୍ଣ ନାମ କହିବା ପାଇଁ ସେ କହିଥିଲେ। ଏଭଳି କହିଲେ ଏହି ମହାପୁରୁଷଙ୍କ ସମ୍ମାନ ବୃଦ୍ଧି ହେବ। ଓଡ଼ିଶାରେ ରାଉରକେଲା, ଜୟପୁର, ଉତକେଲା ଓ ବ୍ରହ୍ମପୁର ବିମାନ ବନ୍ଦରକୁ କାର୍ଯ୍ୟକ୍ଷମ କରିବା ପାଇଁ ମନ୍ତ୍ରୀଙ୍କ ନିକଟରେ ଦାବି ହୋଇଥିଲା। ଏଥିମଧ୍ୟରେ ଜୟପୁର ଓ ଉତକେଲା ବିମାନ ବନ୍ଦରକୁ କାର୍ଯ୍ୟକାରୀ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଏକ ସ୍ୱତନ୍ତ୍ର ବିମାନ ଭିଏସ୍ଏସ୍ ବିମାନ ବନ୍ଦରରୁ ୨୦ଜଣ ଅସହାୟ ବରିଷ୍ଠ ନାଗରିକ, ୨୬ଜଣ ଅନାଥ ଶିଶୁ ଓ ୪ଜଣ ଦିବ୍ୟାଙ୍ଗଙ୍କୁ ନେଇ ଅପରାହ୍ନରେ ହୀରାକୁଦ ଅଭିମୁଖେ ଉଡାଣ କରିଥିଲା। କେନ୍ଦ୍ରମନ୍ତ୍ରୀ ସିନ୍ଧିଆ ସନ୍ଧ୍ୟାରେ ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଯୁଗ୍ମସଚିବ ଉଷା ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯଜ୍ଞଶାଳା ପରିଦର୍ଶନ କଲେ ୫-ଟି ସଚିବ, ମୁଖ୍ୟ ଶାସନ ସଚିବ


୫-ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଯଜ୍ଞଶାଳା ବୁଲି ଦେଖୁଛନ୍ତି।

ପୁରୀ ଅଫିସ, ୨୨।୧୧:

ଶ୍ରୀମନ୍ଦିର ଐତିହ୍ୟ କରିଡର ଯୋଜନା ଅଧୀନ ପରିକ୍ରମା ମାର୍ଗର ଭୂମିପୂଜନ ଉତ୍ସବ ପାଇଁ ସୋମବାରଠାରୁ ମହାଯଜ୍ଞ ଆରମ୍ଭ ହୋଇଛି। ଯଜ୍ଞଶାଳା ଓ ଶିଳାନ୍ୟାସ ସ୍ଥଳକୁ ସୁନ୍ଦର ଭାବେ ସଜ୍ଜିତ କରାଯିବା ସହ ସମ୍ପୂର୍ଣ୍ଣ ଅଞ୍ଚଳକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ଏହି ଅବସରରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପୁରୀ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ପରେ ସେମାନେ ଯଜ୍ଞଶାଳା ପରିଦର୍ଶନ କରିଛନ୍ତି। ୫-ଟି ସଚିବ ଏବଂ ମୁଖ୍ୟ ଶାସନ ସଚିବ ଯଜ୍ଞଶାଳା ବୁଲି ଦେଖିବା ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର, ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ ଏବଂ ଦାୟିତ୍ୱରେ ଥିବା ଅନ୍ୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଆସନ୍ତା ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଗସ୍ତରେ ଆସି ମହାଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗଦେବା ସହ ପରିକ୍ରମା ମାର୍ଗର ଭୂମିପୂଜନ କରିବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି ୫-ଟି ସଚିବ ଏବଂ ମୁଖ୍ୟ ଶାସନ ସଚିବ ସମସ୍ତ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଆର୍‌ବିଆଇ ଗଭର୍ନର

ପୁରୀ ଅଫିସ,୨୨।୧୧

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ମିଶ୍ର ସୋମବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସେ କଡ଼ା ସୁରକ୍ଷା ମଧ୍ୟରେ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଆର୍‌ବିଆଇ ଗଭର୍ନର ମିଶ୍ର ତାଙ୍କ ସହଧର୍ମିଣୀଙ୍କ ସହ ଶ୍ରୀମନ୍ଦିରକୁ ଯାଇ ତିନିଠାକୁରଙ୍କୁ ଦର୍ଶନ କରିଥିଲେ। ପରେ ଭିତରବେଢା ବୁଲି ମା' ବିମଳା, ମା' ମହାଲକ୍ଷ୍ମୀ ଓ ବଟଗଣେଶଙ୍କ ସମେତ ସମସ୍ତ ଦେବଦେବୀଙ୍କୁ ଦର୍ଶନ କରିବା ସହ ଶ୍ରୀମନ୍ଦିର ପରିସରରେ କିଛି


ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉପହାର ପ୍ରଦାନ କରାଯାଉଛି।

ସମୟ ଅତିବାହିତ କରିଥିଲେ। ଏହି ଅବସରରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତିର ସ୍ମାରକୀ, ଖଣ୍ଡୁଆ, ନାଗାର୍ଜୁନ ବେଶର ପଟ୍ଟଚିତ୍ର ଓ ଉପହାର ଦିଆଯାଇଥିଲା। ସେ ଐତିହ୍ୟ କରିଡର୍ ପ୍ରସଙ୍ଗରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଅନେକ ବିକାଶ ହୋଇଥିବାବେଳେ ଆଗକୁ ଆହୁରି ଉନ୍ନତିମୂଳକ କାର୍ଯ୍ୟ ହେବା ନେଇ ସେ ଆଶା ପୋଷଣ କରିଥିଲେ। ଏଥିଲାଗି ସରକାରଙ୍କୁ ପ୍ରଶଂସା କରିଥିଲେ। ଦୀର୍ଘ ୬ବର୍ଷ ପରେ ସପରିବାର ମହାପ୍ରଭୁଙ୍କ ଦର୍ଶନ କରି ଭାବବିହ୍ୱଳ ହେବା ସହ ଏହା ସୌଭାଗ୍ୟ ବୋଲି କହିଥିଲେ। ମହାପ୍ରଭୁଙ୍କ ନିକଟରେ ଦେଶବାସୀଙ୍କ ସୁଖ ସମୃଦ୍ଧି ଏବଂ ଖୁବ୍‌ଶୀଘ୍ର ବିଶ୍ୱରୁ କରୋନା ଲୋପ ପାଇବା ନେଇ କାମନା କରିଥିଲେ। ଏଥିସହ ଶ୍ରୀମନ୍ଦିରର ସେବାୟତମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

# ସମ୍ବଲପୁର ଯୁବତୀ ହରିୟାଣାରେ ନିର୍ଯାତିତ

**ସମ୍ବଲପୁର,୨୨।୧୧(ବ୍ୟୁରୋ):** ସମ୍ବଲପୁର ଜିଲା ଧନୁପାଲି ଥାନା ଅଞ୍ଚଳର ପୂଜା ଓରାମ ନାମ୍ନୀ ଯୁବତୀ କାମ କରିବାକୁ ହରିୟାଣା ଯାଇ ନିର୍ଯାତନାର ଶିକାର ହେଉଛନ୍ତି। ରବିବାର ପୂଜା ହରିୟାଣା କର୍ନାଲ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ସଖି ସେଣ୍ଟରରେ ରଖି ପରିବାର ବର୍ଗଙ୍କୁ ଫୋନ କରି ସୂଚନା ଦେଇଥିଲା। ପରିବାର ବର୍ଗ ଧନୁପାଲି ଥାନାରେ ଅଭିଯୋଗ କରିବାରୁ ପୋଲିସ ଜିଲା ଶ୍ରମ ଅଧିକାରୀଙ୍କ ସହ ଯୋଗାଯୋଗ କରି ଫେରାଇଆଣିବାକୁ ପ୍ରକ୍ରିୟା ଆରମ୍ଭ କରିଛି। ପୂଜାଙ୍କ ମାଆ ଅଭିଯୋଗ କରିଛନ୍ତି ଯେ, ସ୍ଥାନୀୟ ଅଞ୍ଚଳର ଜଣେ ଦଲାଲ କାମ ଦେବା ବାହାନାରେ ଝିଅକୁ ରାଜ୍ୟ ବାହାରକୁ ନେଇଥିଲା। ଆଉ ଜଣେ ଯୁବତୀ ସାଙ୍ଗରେ ଯିବେ ବୋଲି କହିବାରୁ ସେ ପୂଜାକୁ ଯିବା ପାଇଁ ଅନୁମତି ଦେଇଥିଲେ। ପ୍ରାୟ ୮ମାସ ହେବ ସେ ଯାଇଥିଲା। ଏହା ମଧ୍ୟରେ ସେ ଅନେକ ସମୟରେ ଫୋନ କରି କାମରେ ସମସ୍ୟା ହେଉଥିବା କହୁଥିଲା। ମାଲିକ ଠିକ୍ ସମୟରେ ଦରମା ଦେଉ ନ ଥିବାବେଳେ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା କହୁଥିଲା। ଘରକୁ ଫେରିବାକୁ ଚାହୁଁଥିଲେ ମଧ୍ୟ ପାଖରେ ଟଙ୍କା ନ ଥିଲା। ଶେଷରେ ସେ କୌଶଳ କ୍ରମେ ଫେରାର ହୋଇ ପୋଲିସ ପାଖରେ ପହଞ୍ଚିଥିଲା।

# ମିଛ ଚୋରି ଧରାପଡ଼ିଲା: ବାପା, ଆଈ ଗିରଫ

- ନବଜାତ ଶିଶୁ କନ୍ୟା ଚୋରି ଘଟଣାର ପର୍ଦ୍ଦାଫାଶ
- ଶିଶୁକୁ ନେଇଥିବା ମହିଳା, ସହଯୋଗୀଙ୍କୁ ଠାବ କରିପାରିନି ପୋଲିସ

ସୋନପୁର,୨୨।୧୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରୁ ଶିଶୁ କନ୍ୟା ଚୋରି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ସୋନପୁର ଟାଉନ ପୋଲିସ ଶିଶୁର ବାପା ଗଜେନ୍ଦ୍ର ତାଣ୍ଡିଆ ଓ ଆଈ ପାନ୍ତି ଜାଲଙ୍କୁ ଗିରଫ କରିଛି। ଡାକ୍ତରୀ ପରୀକ୍ଷା ପରେ ସୋମବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଶିଶୁକୁ ଅନ୍ୟ ଲୋକଙ୍କୁ ଦେଇ ଦେବା ଭଳି ଷଡଯନ୍ତ୍ରରେ ଆଈ ଓ ବାପା ସାମିଲ ଥିଲେ। ଉଭୟେ ନିଜର ଦୋଷ ସ୍ୱୀକାର କରିଥିବା ପୋଲିସ କହିଛି। ତେବେ ମାତ୍ର ୧୧ ଘଣ୍ଟାର ନବଜାତ ଶିଶୁଙ୍କୁ ନେଇଥିବା ମହିଳା ଓ ସହଯୋଗ କରିଥିବା ଯୁବକଙ୍କୁ ଠାବ କରି ପାରିନାହିଁ ପୋଲିସ। ଶନିବାର ସକାଳେ ଚିକିତ୍ସାଳୟ ପରିସରରୁ ଚୋରି ହୋଇଥିବା ନବଜାତ ଶିଶୁ କନ୍ୟା ରବିବାର ମିଳିଥିଲା। ସହରଠାରୁ ୧୨ କିମି. ଦୂର ଅର୍ଜ୍ଜୁନପୁର ସରଧାପାଲି ରାସ୍ତା ପ୍ରତାପପୁର ନିକଟସ୍ଥ ରାସ୍ତାପାର୍ଶ୍ୱ ପଡିଆରୁ ଶିଶୁକନ୍ୟା ଉଦ୍ଧାର ହୋଇଥିଲା। ଶିଶୁକୁ ନେଇଥିବା ମହିଳା ପୋଲିସ ହାତରେ ଧରା ପଡିଯିବା ଭୟରେ ଏକ ଲୁଗାରେ ଘୋଡାଇ ପଡିଆରେ ରଖି ଦେଇଥିଲେ।



ଉଦ୍ଧାର ଶିଶୁ କନ୍ୟାର ଆଈ ପାନ୍ତି ଓ ବାପା ଗଜେନ୍ଦ୍ର।

ଶିଶୁକନ୍ୟା ଏବେ ଚିକିତ୍ସାଳୟର ଏସ୍ଏନ୍‌ସିୟୁରେ ଚିକିତ୍ସିତ ହେଉଛି।

ବୀରମହାରାଜପୁର ବ୍ଲକ ଷଣ୍ଢା ଗ୍ରାମର ଗଜେନ୍ଦ୍ରଙ୍କ ସ୍ତ୍ରୀ ସନ୍ତୋଷିନୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ସକାଳେ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ। ସେ ନିଜ ମା ବୌଦ୍ଧ ଜିଲା ରକ୍ଷିବନ୍ଧ ଗ୍ରାମର ପାନ୍ତିଙ୍କ କୋଳରେ ଶିଶୁକୁ ଦେଇ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ପାନ୍ତି ଓ ଗଜେନ୍ଦ୍ର ଚକ୍ରାନ୍ତ କରି ଜଣେ ଅଚିହ୍ନା ମହିଳାଙ୍କ ହାତରେ ଶିଶୁକୁ ଟେକିଦେଇଥିଲେ। ପରେ ଶିଶୁ ଚୋରିର ନାଟକ କରିଥିଲେ। ଶିଶୁ କନ୍ୟାଙ୍କୁ ଟିକା ଦେବାକୁ କହି ଜଣେ ଅଚିହ୍ନା ମହିଳା ଚୋରାଇ ନେଇଥିବା ପାନ୍ତି ଅଭିଯୋଗ କରିଥିଲେ। ପରେ ସନ୍ତୋଷିନୀ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜ୍‌କୁ ଅନୁଧ୍ୟାନ କରିଥିଲା। ଫୁଟେଜ୍‌ରୁ ଜଣା ପଡିଥିଲା ଯେ, ଜଣେ ଅଚିହ୍ନା ମହିଳା ପାନ୍ତିଙ୍କ ନିକଟରୁ ଶିଶୁ କନ୍ୟାକୁ ନେଇ ଚିକିତ୍ସାଳୟ ସମ୍ମୁଖକୁ ଯାଇଥିଲେ। ପରେ ଜଣେ ଯୁବକ ବାଇକ୍‌ରେ ଆସି ମହିଳାଙ୍କୁ ବସାଇ ଚାଲିଯାଇଥିଲେ। ସମ୍ପୃକ୍ତ ଯୁବକ ପୂର୍ବରୁ ପ୍ରସୂତି ଓ ସ୍ତ୍ରୀ ବିଭାଗକୁ ଆସି ଗଜେନ୍ଦ୍ରଙ୍କ ସହିତ କଥାବାର୍ତ୍ତା ହୋଇଛି। ଏପରିକି ଗଜେନ୍ଦ୍ରଙ୍କ ପ୍ୟାଣ୍ଟ ପ୍ୟାକେଟ୍‌ରେ ସମ୍ପୃକ୍ତ ଯୁବକ କିଛି ଭର୍ତ୍ତି କରୁଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡିଥିଲା । ତେଣୁ ଘଟଣାର ପ୍ରଥମ ଦିନରୁ ହିଁ ଶିଶୁର ଆଈ ଓ ପରିବାର ଲୋକ ଏହି ଘଟଣାରେ ସମ୍ପୃକ୍ତ ଥିବା ଧରିତ୍ରୀ ଗତ ରବିବାର ଖବର ପ୍ରକାଶ କରିଥିଲା। ଘଟଣାର ରହସ୍ୟ ଉନ୍ମୋଚନ ପାଇଁ ପୋଲିସ ଶିଶୁ କନ୍ୟାଙ୍କ ବାପା ଗଜେନ୍ଦ୍ର ଓ ଆଈ ପାନ୍ତିଙ୍କୁ ଅଟକ ରଖିଥିଲା। ପୋଲିସ ଏହାକୁ ଶିଶୁ ଚୋରି ବୋଲି ଦର୍ଶାଇଛି। କିନ୍ତୁ ପ୍ରକୃତପକ୍ଷେ ଏହା ପରିବାର ସହମତିରେ ଶିଶୁ ବିକ୍ରି ଘଟଣା ବୋଲି ସାଧାରଣରେ ଆଲୋଚନା ହେଉଛି ।


DSPL-269

## ଜାତୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ (NADCP)




- ଫାଟୁଆ (Foot & Mouth Disease) ଓ ବ୍ରୁସେଲୋସିସ (Brucellosis) ପରି ସଂକ୍ରାମକ ରୋଗ ପ୍ରାଣୀମାନଙ୍କ ଉତ୍ପାଦକତା ହ୍ରାସ କରି ପ୍ରାଣୀପାଳକଙ୍କୁ ଅର୍ଥନୈତିକ କ୍ଷତି ପହଞ୍ଚାଇଥାଏ । ଜାତୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଜରିଆରେ ଏହି ଦୁଇ ରୋଗ ନିୟନ୍ତ୍ରଣ କରିବାର ଲକ୍ଷ୍ୟ ରଖାଯାଇଛି ।
- ଗୋରୁଗାଈ, ମଇଁଷି, ଛେଳିମେଣ୍ଢା ଓ ଘୁଷୁରିଙ୍କ ଶତ ପ୍ରତିଶତ ଫାଟୁଆ ଟିକାକରଣ ଏବଂ ୪ ରୁ ୮ ମାସର ମାଈ ବାଛୁରିଙ୍କ ଶତ ପ୍ରତିଶତ ବ୍ରୁସେଲୋସିସ ଟିକାକରଣ ଏହି କାର୍ଯ୍ୟକ୍ରମ ମାଧ୍ୟମରେ କରାଯାଉଛି ।
- ଆପଣଙ୍କ ଗୃହପାଳିତ ପ୍ରାଣୀ ଯଥା: ଗୋରୁଗାଈ, ମଇଁଷି, ଛେଳି, ମେଣ୍ଢା ଓ ଘୁଷୁରିଙ୍କୁ ପ୍ରତି ଛଅ ମାସ ବ୍ୟବଧାନରେ ଫାଟୁଆ ରୋଗ ବିରୁଦ୍ଧରେ ଟିକାକରଣ କରାନ୍ତୁ । ୪ରୁ ୫ ମାସ ବୟସର ବାଛୁରିମାନଙ୍କୁ ବୁଷ୍ଟର ଫାଟୁଆ ଟିକା ପ୍ରଦାନ କରନ୍ତୁ ।
- ୪ରୁ ୮ ମାସ ବୟସର ମାଈ ବାଛୁରିଙ୍କୁ ବ୍ରୁସେଲୋସିସ ରୋଗ ବିରୁଦ୍ଧରେ ଥରଟିଏ ଟିକାକରଣ କରାନ୍ତୁ । ଏହା ସେମାନଙ୍କ ସମ୍ପୂର୍ଣ୍ଣ ଜୀବନକାଳ ପାଇଁ ରୋଗ ପ୍ରତିରୋଧକ ଶକ୍ତି ପ୍ରଦାନ କରିବ ।
- ଟିକାକରଣର ଏକ ମାସ ପୂର୍ବରୁ ପ୍ରାଣୀମାନଙ୍କୁ କୃମିନାଶକ ଔଷଧ ପ୍ରଦାନ କରନ୍ତୁ ।
- ଟିକାକରଣ ସମୟରେ କାନନୋଳି ପିନ୍ଧାଇ ଆପଣଙ୍କ ଗୃହପାଳିତ ପ୍ରାଣୀର ପଞ୍ଜୀକରଣ ହେବା ସହ ଟିକାକରଣର ସମସ୍ତ ତଥ୍ୟ ଇନାଫ (INAPH) ପୋର୍ଟାଲରେ ମହଜୁଦ ହୋଇ ରହିବ ।
- ଟିକାକରଣ ପୂର୍ବରୁ ଓ ପରେ ରକ୍ତ ନମୁନା ସଂଗ୍ରହ ସାଙ୍ଗକୁ ପ୍ରାଣୀମାନଙ୍କ ରୋଗ ନିରୀକ୍ଷଣର ବ୍ୟବସ୍ଥାରେ ସହଯୋଗ କରନ୍ତୁ ।
- ଚାଷୀ ଭାଇଭଉଣୀମାନେ ଏହାର ଲାଭ ଉଠାଇ ନିଜର ତଥା ଦେଶର ଉନ୍ନତିରେ ସହାୟକ ହୁଅନ୍ତୁ ।

**ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର**

OIPR-01141/13/0002/2122

## ସଂକ୍ଷେପରେ

### ସାଲେପୁର ଯୁବତୀଙ୍କୁ ହିମାଚଳପ୍ରଦେଶ ପୋଲିସର ଜେରା
#### ଅନଲାଇନରେ ଟଙ୍କା ଠକେଇ ଅଭିଯୋଗ

ସାଲେପୁର,୨୨।୧୧(ଡି.ଏନ୍.ଏ.)
ଅନଲାଇନ୍‌ରେ ଟଙ୍କା ଠକେଇ ଅଭିଯୋଗରେ ସାଲେପୁର ଥାନାରେ ହିମାଚଳ ପ୍ରଦେଶ ପୋଲିସ ପହଞ୍ଚି ଜଣେ ଯୁବତୀଙ୍କୁ ସୋମବାର ଜେରା କରିଛି। ସୂଚନା ଅନୁଯାୟୀ, ସାଲେପୁର ଥାନା ଅଞ୍ଚଳର ଜଣେ ଯୁବତୀ ହିମାଚଳ ପ୍ରଦେଶର ଜଣେ ଅବସରପ୍ରାପ୍ତ ଆର୍ମି କର୍ମଚାରୀଙ୍କୁ ଟେଲିଫୋନ କରି ଏକ ସଂସ୍ଥାରୁ ତାଙ୍କର ଲଟେରି ଉଠିଥିବା କହିଥିଲେ। ଏନେଇ ସମ୍ପୃକ୍ତ କର୍ମଚାରୀ ଥାନାରେ ଅଭିଯୋଗ କରିବା ପରେ ଉକ୍ତ ସଂସ୍ଥା ଜରିଆରେ ବହୁ ଲୋକ ଠକେଇର ଶିକାର ହୋଇଥିବା ଜଣାପଡ଼ିଥିଲା। ହିମାଚଳ ପୋଲିସ ଫୋନ କଲ୍ ଟ୍ରେସ କରି ସାଲେପୁରରେ ପହଞ୍ଚି ଘଟଣାର ତଦନ୍ତ କରୁଛି। ଏ ସମ୍ପର୍କରେ ହିମାଚଳ ପୋଲିସ ଓ ସାଲେପୁର ପୋଲିସ ପକ୍ଷରୁ ଅଧିକ ସୂଚନା ଦିଆଯାଇ ନାହିଁ। ଅପରପକ୍ଷେ ସମ୍ପୃକ୍ତା ଯୁବତୀ ଜଣକ ଅଭିଯୋଗକୁ ଖଣ୍ଡନ କରିଥିବାବେଳେ ଠକେଇ ସମ୍ପର୍କରେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି।

### ଫାର୍ମାସୀ ଛାତ୍ରୀ ମୃତ୍ୟୁ ଘଟଣା: ଯୁବକ ଗିରଫ

ସାଲେପୁର,୨୨।୧୧(ଡି. ଏନ୍.ଏ.)- ସାଲେପୁର ବ୍ଲକ୍ ଅନ୍ତର୍ଗତ ବାରିଗୋଳ ପଞ୍ଚାୟତ ସୁନଖଣ୍ଡି ଗ୍ରାମର ଫାର୍ମାସୀ ଛାତ୍ରୀ ସ୍ୱୟଂପ୍ରଭା ବେହେରାଙ୍କ ମୃତ୍ୟୁ ଘଟଣାରେ ସାଲେପୁର ପୋଲିସ ଜଣେ ଯୁବକଙ୍କୁ ଚାନ୍ଦୋଳରୁ ଗିରଫ କରିଛି। ସେ ହେଲେ ସିଦ୍ଧାର୍ଥ ଶେଖର ରାଉତ(୨୭)। ତାଙ୍କ ଘର ବଡ଼ମ୍ବା ଅଞ୍ଚଳରେ ହୋଇଥିବାବେଳେ ଦୀର୍ଘଦିନ ହେବ ପରିବାର ଲୋକଙ୍କ ସହ ସାଲେପୁର ଥାନା ଅଧୀନ ଚନ୍ଦ୍ରାଦେଇପୁର ପଞ୍ଚାୟତ ଅନ୍ତର୍ଗତ ଲୁଣାହାର ଗ୍ରାମରେ ରହୁଥିଲେ। ଏନେଇ ଏକ ଖବରଦାତା ସମ୍ମିଳନୀ ଜରିଆରେ ସାଲେପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝି ସୂଚନା ଦେଇଛନ୍ତି। ତାଙ୍କ ସୂଚନା ମୁତାବକ ସ୍ୱୟଂ ପ୍ରଭା ( ଲିପି) ନଭେମ୍ବର ୯ରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏନେଇ ମୃତକଙ୍କ ଦାଦା ନିରଞ୍ଜନ ଦାସ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ଅପମୃତ୍ୟୁ ମାମଲା (ନଂ. ୨୬/୨୧) ରୁଜୁ କରିଥିଲା। ପରବର୍ତ୍ତୀ ସମୟରେ ସ୍ୱୟଂପ୍ରଭାଙ୍କ ବାପା ପ୍ରହ୍ଲାଦ ଘର ଭିତରୁ ଝିଅର ଏକ ସୁଇସାଇଡ ନୋଟ୍ ପାଇ ଥାନାରେ ଅନ୍ୟ ଏକ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୩୧୯/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ନୋଟ୍ ଅନୁଯାୟୀ, ସିଦ୍ଧାର୍ଥ ଓ ସ୍ୱୟଂପ୍ରଭାଙ୍କ ମଧ୍ୟରେ ପ୍ରେମସମ୍ପର୍କ ଥିଲା ବୋଲି ଆଇଆଇସି ମୃଣ୍ମୟ କୁମାର ସେନାପତି କହିଛନ୍ତି। ତେବେ କୌଣସି କାରଣରୁ ଘଟଣା ଦିନ ଉଭୟଙ୍କ ମଧ୍ୟରେ ମୋବାଇଲ୍‌ରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ସିଦ୍ଧାର୍ଥଙ୍କ ମୋବାଇଲ ସୁଇଚ ଅଫ ହୋଇଯାଇଥିଲା। କିଛି ସମୟ ପରେ ସ୍ୱୟଂପ୍ରଭା ଘରେ ରଶିରେ ଝୁଲି ପଡ଼ିଥିଲେ। ସିଦ୍ଧାର୍ଥ ଧରାପଡ଼ିବା ପରେ ଏହି ଘଟଣା ସମ୍ପର୍କରେ ପୋଲିସ ଆଗରେ ସ୍ୱୀକାର କରିଛନ୍ତି ବୋଲି ଏସ୍‌ଡିପିଓମାଝି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

### ୮ ଦିନରେ ସମବାୟ କର୍ମଚାରୀ ମହାସଂଘର ଧାରଣା

ବାଙ୍କୀ,୨୨।୧୧ (ସ୍ୱ.ପ୍ର.) ଓଡ଼ିଶା ସମବାୟ ସମିତି କର୍ମଚାରୀ ମହାସଂଘ ନିଷ୍ପତ୍ତିକ୍ରମେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ୮ ଦିନ ହେବ ଧାରଣା ଜାରି ରହିଛି। ୯୮ସେବା ସମିତିର କର୍ମଚାରୀମାନେ ଗତ ୧୪ତାରିଖରୁ ୫ ଦଫା ଦାବି ପୂରଣ ନେଇ ଧାରଣାରେ ବସିଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ଉଦାସୀନତା ମନୋଭାବକୁ ନେଇ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବାଙ୍କୀ ସିସିବି ପ୍ରାଥମିକ କୃଷି ସମବାୟ ସମିତିର କର୍ମଚାରୀ ସଂଘ ସଭାପତି ପଦ୍ମଲାଭ ଘଡେଇ, ସମ୍ପାଦକ ଶୂନ୍ୟବାସୀ ସ୍ୱାଇଁ ପ୍ରକାଶ କରିଛନ୍ତି। ଏହି ଧାରଣାରେ ରମେଶ ଚନ୍ଦ୍ର ନାୟକ, ବିଜୟ କୁମାର ପ୍ରଧାନ ପ୍ରମୁଖ ସାମିଲ ହୋଇଛନ୍ତି।

# ମଣିଷକୁ ପ୍ରକୃତି ସହ ସୁସମ୍ପର୍କରେ ବଞ୍ଚିବାକୁ ପଡ଼ିବ

## ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଉଦ୍‌ଯାପିତ

କଟକ ଅଫିସ,୨୨।୧୧

ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସର ୨୨ତମ ଅଧିବେଶନର ଉଦ୍‌ଯାପନୀ ଉତ୍ସବ ରବିବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପରିବେଶ ସମିତି ଏବଂ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଆୟୋଜିତ ଏହି ଅଧିବେଶନର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବୈଷ୍ଣବ ଚରଣ ତ୍ରିପାଠୀ ଯୋଗଦେଇ ଶିଳ୍ପ ବିପ୍ଳବ ପରେ ପୃଥିବୀର ପ୍ରାକୃତିକ ପରିସଂସ୍ଥାର ଦୃଶ୍ୟ କିପରି ପରିବର୍ତ୍ତିତ ହୋଇଛି ଏବଂ ମଣିଷର ନକାରାତ୍ମକ ପ୍ରଭାବ ବିସ୍ତାର ହୋଇଛି ସେ ନେଇ ଆଲୋକପାତ କରିଥିଲେ। ଏଥିସହ ମଣିଷମାନଙ୍କୁ ପ୍ରକୃତି ସହିତ ସୁସମ୍ପର୍କରେ ବଞ୍ଚିବାର ମାନସିକତା ଗ୍ରହଣ କରିବାକୁ ପଡ଼ିବ ଏବଂ ବୈଜ୍ଞାନିକ ଅନୁସନ୍ଧାନର ଫଳାଫଳକୁ ମାନବଜାତିର ଉନ୍ନତି ସାଧନ ତଥା ପରିବେଶର ଗୁଣବତ୍ତା ସୁରକ୍ଷାରେ ବିନିଯୋଗ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବାସା ଯୋଗଦେଇ କହିଥିଲେ, ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ଅପବ୍ୟବହାର ସମାଜରେ ତଥା ପ୍ରକୃତିରେ ଅନେକ ସମସ୍ୟା ସୃଷ୍ଟିର କାରଣ ହୋଇଛି। ବୈଜ୍ଞାନିକମାନେ ସୃଜନଶୀଳ ଭାବରେ ଚିନ୍ତା କରିବା ଆବଶ୍ୟକ। ସାମ୍ପ୍ରତିକ ସମସ୍ୟାର ସମାଧାନ କିପରି କରିହେବ ଏବଂ ଏଥିନିମନ୍ତେ ସମ୍ମିଳିତ ଉଦ୍ୟମ କିପରି କାର୍ଯ୍ୟକାରୀ ହୋଇପାରିବ ବୋଲି ସେନେଇ ଉଦ୍ୟମ କରାଯିବା ଉଚିତ। ଏଥିସହ ବିଶ୍ୱବିଦ୍ୟାଳୟର ଆର୍ ଆଣ୍ଡ ଡି ମୁଖ୍ୟ ପ୍ରଫେସର ସ୍ମୃତିପ୍ରଭା ଦାସ ବିଜ୍ଞାନ ଓ ପରିବେଶ କଂଗ୍ରେସର ପଦକ୍ଷେପକୁ ପ୍ରଶଂସା କରି କହିଥିଲେ, ଏହି ପ୍ଲାଟଫର୍ମ ରାଜ୍ୟର ଯୁବ ଗବେଷକମାନଙ୍କୁ ସେମାନଙ୍କ ସାମର୍ଥ୍ୟକୁ ମଜଭୁତ କରିବାକୁ ସୁଯୋଗ ଦେବା ସହିତ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପରବର୍ତ୍ତୀ ମାନ୍ୟତା ହାସଲ ନିମନ୍ତେ ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି ସେ ପ୍ରକାଶ କରିଥିଲେ। ଏହି ଉତ୍ସବରେ ପ୍ରଫେସର ଲୁନା ସାମନ୍ତ, ପରିବେଶ ସମିତିର ଉପାଧ୍ୟକ୍ଷ ଡ. ଲାଲା ଏ.କେ. ସିଂହ, ଡ. ସଂଘମିତ୍ରା ପତି, ପ୍ରଫେସର ହରିବନ୍ଧୁ ପଣ୍ଡା, ପ୍ରଫେସର ପଙ୍କଜ କୁମାର ସା, ଡ. ନିବେଦିତା ଜେନା, ଡ. ଅମରେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କଂଗ୍ରେସର ଆବାହକ ଡ. ଜୟକୃଷ୍ଣ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।



କଟକସ୍ଥିତ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ସମ୍ମିଳନୀ କକ୍ଷରେ ଆୟୋଜିତ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସର ୨୨ତମ ଅଧିବେଶନର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ବର୍ଷାରେ ଚାଷୀ, ବ୍ୟବସାୟୀ ହଟହଟା

ନିଶ୍ଚିନ୍ତକୋଇଲି,୨୨।୧୧(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ସଦର ମହକୁମାରେ ଦେଢକୋଟି ଟଙ୍କା ବ୍ୟୟରେ ମଡେଲ ହାଟକୁ ନିକଟରେ ମନ୍ତ୍ରୀ ପ୍ରତାପ ଜେନା ଲୋକାର୍ପଣ କରିଥିଲେ। ଏହି ହାଟ ଚାଷୀ, ବ୍ୟବସାୟୀ ଓ ଖାଉଟିଙ୍କ ପାଇଁ ସହାୟକ ହେବ ବୋଲି ମନ୍ତ୍ରୀ ଅଭିଭାଷଣରେ କହିଥିଲେ। ତେବେ ଚାଷୀ ଓ ବ୍ୟବସାୟୀଙ୍କୁ ହାଟ ପିଣ୍ଡି ଆବଣ୍ଟନ କରାଯାଇ ନ ଥିବାରୁ ସୋମବାର ସେମାନେ ତଳେ ବସିଥିଲେ। ଅପରାହ୍ନରେ ହଠାତ ଦୁହାକୁ ଦୁହା ବର୍ଷା ହୋଇଥିଲା। ଫଳରେ ବର୍ଷାରେ ଚାଷୀ, ବ୍ୟବସାୟୀ ଓ ଖାଉଟି ଭିଜି ଯାଇଥିଲେ। ମାତ୍ର ବ୍ୟୟ ବହୁଳ ସୁରକ୍ଷିତ ହାଟ ପିଣ୍ଡିଗୁଡିକ ଖାଲି ପଡ଼ିଥିଲା। ଏନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଡିଓ କର୍ଣ୍ଣଦେବ ସମାଦ୍ଦାର କହିଛନ୍ତି, ସେ ପଞ୍ଚାୟତକୁ ହାଟ ହସ୍ତାନ୍ତର କରିଛନ୍ତି। ପିଣ୍ଡି ଆବଣ୍ଟନ କରିବା ଦାୟିତ୍ୱ ପଞ୍ଚାୟତର ବୋଲି ସେ କହିଥିଲେ।

# ‘ଭବିଷ୍ୟନିଧି ପାଣ୍ଠି ନିୟମିତ କର’

ତିଗିରିଆ,୨୨।୧୧(ଡି.ଏନ୍.ଏ.)

ତିଗିରିଆ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନେ ସୋମବାରଠାରୁ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଖାତା ଅଧୁନାତନ ଏବଂ ନିୟମିତକରଣ କରିବାକୁ ସେମାନେ ଦାବି କରିଛନ୍ତି। ଏହାକୁ କାର୍ଯ୍ୟକାରୀ କରା ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଧାରଣାରତ କର୍ମଚାରୀ କହିଛନ୍ତି। ଏନେଇ ବାରମ୍ବାର ମହାବିଦ୍ୟାଳୟର ଅଧ୍ୟକ୍ଷ, ଆଠଗଡ଼ ଉପଜିଲ୍ଲାପାଳ, କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଆଞ୍ଚଳିକ କମିଶନର, ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ଉଚ୍ଚଶିକ୍ଷା ସଚିବ, ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ ସ୍ଥାନୀୟ ବିଧାୟକଙ୍କ ନିକଟରେ ଦାବି ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ଧାରଣାରେ ଲକ୍ଷ୍ମୀଧର ସାହୁ, ଇନ୍ଦିରା ସାମନ୍ତରାୟ, ପ୍ରଣତୀ ମିଶ୍ର, ପତିତପାବନ ପଣ୍ଡା, ସୁବାସ ଚନ୍ଦ୍ର ପ୍ରଧାନ ଓ ଅଜୟ କୁମାର ସେଠୀ ପ୍ରମୁଖ ସାମିଲ ହୋଇଛନ୍ତି।

# ମଶାଙ୍କୁ କାଟୁ କରୁନି ଫଗିଂ, ତେଲ ସିଞ୍ଚନ

କଟକ ଅଫିସ,୨୨।୧୧

- ସିଏମ୍‌ସିରେ ନାହାନ୍ତି ଦକ୍ଷ କର୍ମଚାରୀ
- ମଶା ଘନତ୍ୱ ନେଇ ସନ୍ଦେହ
- ସହରବାସୀ ଅତିଷ୍ଠ

କଟକ ସହରରେ ମଶା ଉପଦ୍ରବ ନିୟନ୍ତ୍ରଣ ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ମାସ ମାସ ଧରି ୱାର୍ଡ ଗୁଡିକରେ ଫଗିଂ, ନାଳରେ ମଶା ତେଲ ସିଞ୍ଚନ ଓ ବୁଶ୍ କଟିଂ କାର୍ଯ୍ୟ ଜାରି ରହିଛି ବୋଲି ସିଏମ୍‌ସି ପକ୍ଷରୁ ଢେଙ୍ଗୁରା ପିଟାଯାଉଛି। ହେଲେ ବାସ୍ତବରେ ସିଏମ୍‌ସିର ପଦକ୍ଷେପ ମଶାଙ୍କ ଉପରେ କାଟୁ କରୁନାହିଁ। ଏପରି କି କାର୍ଯ୍ୟ ସୁପରିଚାଳନା ପାଇଁ ସିଏମ୍‌ସି ପାଖରେ ଉପଯୁକ୍ତ କୁଶଳୀ କର୍ମଚାରୀ ନାହାନ୍ତି। ଦକ୍ଷ କର୍ମଚାରୀ ନ ଥିବାରୁ ମଶାର ଘନତ୍ୱ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି।

ସହରର ଭୌଗୋଳିକ ସ୍ଥିତି ନେଇ ଏଠାରେ ୪ ପ୍ରକାର ମଶା ଦେଖାଯାଇଥାଏ। ସେଗୁଡ଼ିକ ହେଲା ଚ୍ୟୁଲେଟ, ମନୁସୁଲେଟ, ଡେଙ୍ଗୁ (ଏଡିଶ) ଓ ମାଇଏନୋଫଲିସ ମଶା। ତେବେ ପ୍ରତ୍ୟେକ ବର୍ଷ ସିଏମ୍‌ସି ପକ୍ଷରୁ ମଶା ନିରାକରଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଫଗିଂ କରାଯାଉଛି। ୱାର୍ଡ ପିଛା ଟିଫା ମେଶିନ ଚଳାଇବା ପାଇଁ ପ୍ରତ୍ୟେକ ରାଉଣ୍ଡରେ ୨୦ଲିଟର ପେଟ୍ରୋଲ ଓ ୪ ଲିଟର ଡିଜେଲର ଆବଶ୍ୟକତା ରହିଛି । ତେବେ ୫୯ ୱାର୍ଡ ପାଇଁ ୧୧୮୦ ଲିଟର ପେଟ୍ରୋଲ, ୨୩୭ ଲିଟର ଡିଜେଲ ଖର୍ଚ୍ଚ କରାଯାଉଛି । ବିପୁଳ ଖର୍ଚ୍ଚ ସତ୍ତ୍ୱେ ସହରବାସୀ ସୁଫଳ ପାଉନାହାନ୍ତି। ସେହିପରି ଅକ୍ଟୋବରରୁ ଫେବୃୟାରୀ ପର୍ଯ୍ୟନ୍ତ ମଶାଙ୍କ ସଂଖ୍ୟା ଅଧିକ ବୃଦ୍ଧି ପାଇଥାଏ । ତେବେ କମ୍ ତାପମାତ୍ରାରେ ମଶାଧୂଆଁ ଅଧିକ ଫଳପ୍ରଦ ହୋଇଥାଏ । ହେଲେ ସିଏମସି ଅଞ୍ଚଳରେ ଏହାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କାରଣ ମଶାଧୂଆଁରେ କୌଣସି ମଶା ମରିବେ ନାହିଁ । କେବଳ ମଶାକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ହୁରୁଡ଼ାଇ ଦେଇଥାଏ ମଶା ଧୂଆଁ । ତେବେ ସିଏମ୍‌ସି ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗକରି କାହିଁକି ମଶା ମରା ଯାଉନାହିଁ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ଗୋଟିଏ ମଶାର ଜୀବନ କାଳ ୩ରୁ ୪ ସପ୍ତାହ । ସେହି ସମୟ ମଧ୍ୟରେ ମଶା ଅନେକ ଥର ଅଣ୍ଡା ଦେଇଥାଏ । ମଶା ନିୟନ୍ତ୍ରଣ କରିବାର ଏକମାତ୍ର ମାଧ୍ୟମ ହେଉଛି ଅଣ୍ଡା ବା ଲାର୍ଭାକୁ ନଷ୍ଟ କରିବା । ଚ୍ୟୁଲେଟ ମଶା ନାଳନର୍ଦ୍ଦମାଗୁଡ଼ିକରେ ୨୫୦ରୁ ୩୦୦ ଅଣ୍ଡା ଦେଇଥାଏ । ସେହିପରି ମନୁସୁଲେଟ ମଶା ପୋଖରୀ, ବିଲ, ହ୍ରଦ ଆଦିରେ ଗୋଟିଏ ଅଣ୍ଡା, ଡେଙ୍ଗୁ (ଏଡିଶ) ସ୍ୱଚ୍ଛ ଜଳରେ ଗୋଟିଏ ଅଣ୍ଡା ଓ ମାଇଏନୋଫଲିସ ମଶା ଝରଣା ପାଣି, ସଫାପାଣିରେ ୫ରୁ ୧୦ ଅଣ୍ଡା ଦେଇଥାଏ । ମଶା ଅଣ୍ଡା କିମ୍ବା ଲାର୍ଭା ଥିବା ସ୍ଥାନରେ ଏମ୍ଏଲ୍ ତେଲ, ବିଆଇଏସ୍, ବିଆଇଡବ୍ଲ୍ୟୁ, ପେମିଫସ ପକାଇ ଅଣ୍ଡା ଓ ଲାର୍ଭାକୁ ମାରିବା ଦ୍ୱାରା ହିଁ ମଶାଙ୍କ ସଂଖ୍ୟା କମିଥାଏ । ହେଲେ ସିଏମ୍‌ସି ପକ୍ଷରୁ ତାହା ଠିକ ଭାବେ କାର୍ଯ୍ୟ କରାଯାଉ ନ ଥିବାରୁ ବର୍ତ୍ତମାନ ମଶାର ଘନତ୍ୱ ବଢିବାରେ ଲାଗିଛି । ୪୦ ପ୍ରତିଶତ ମଶାର ଘନତ୍ୱ ରହିଲେ ତାହାକୁ ସାଧାରଣ କୁହାଯାଉଥିବା ବେଳେ ଏବେ ସହରରେ ୪୫ରୁ ଊର୍ଦ୍ଧ୍ୱ ଘନତ୍ୱ ରହିଛି। ଏଥିସହ ମଶାର ଘନତ୍ୱ ମାପିବାକୁ ସିଏମ୍‌ସିର କୁଶଳୀ କର୍ମଚାରୀ ନାହାନ୍ତି। ୪ ଜଣ ଇନ୍ସପେକ୍ଟରଙ୍କ ବଦଳରେ ଜଣେ ଫାଇଲେରିଆ ଇନ୍ସପେକ୍ଟର ରହିଛନ୍ତି। ଫଳରେ ପ୍ରକୃତ ଘନତ୍ୱ ନେଇ ବର୍ତ୍ତମାନ ସନ୍ଦେହ ସୃଷ୍ଟି ହୋଇଛି । ଏ ନେଇ ସ୍ୱାସ୍ଥ୍ୟ ଅଧିକାରୀ ଡ. ସତ୍ୟବ୍ରତ ମହାପାତ୍ରଙ୍କୁ ଫୋନ ଯୋଗେ ବାରମ୍ବାର ଯୋଗାଯୋଗ କରାଇଯାଥିଲେ ମଧ୍ୟ ତାଙ୍କର ମତାମତ ମିଳିପାରି ନାହିଁ ।

> “ଦିନାବେଳା ବି ମଶାରି ଟାଙ୍ଗି ଶୋଉଛୁ। ଏଠି ମଶାଙ୍କ ଉପଦ୍ରବ ଏତେ, ଲାଗୁଛି ଯେମିତି ସିଏମ୍‌ସି କର୍ତ୍ତୃପକ୍ଷ ଚିର ନିଦ୍ରାରେ ଶୋଇ ପଡ଼ିଛନ୍ତି। ଖାଲି କାଗଜ କଲମରେ ମଶା ଦମନ କରାଯାଉଛି । ବାସ୍ତବିକ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ।
> –ଅରୁଣ ସେଠୀ, ପୂର୍ବତନ କର୍ପୋରେଟର



> “ଯେଉଁଭଳି ମଶା ହେଉଛି ଲାଗୁଛି ଘନତ୍ୱ ୭୫ରୁ ୮୦ ତଳକୁ ହେବ ନାହିଁ। ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ ଘନତ୍ୱ ମଧ୍ୟ ଠିକ୍‌ରେ ଜଣା ପଡୁନାହିଁ। ଦକ୍ଷ କର୍ମଚାରୀଙ୍କ ବଦଳରେ ସୁପରଭାଜର ଏବଂ ମଲ୍‌ଟିପରପଜ୍ ଲୋକଙ୍କୁ ରଖି ଏହି କାର୍ଯ୍ୟ କରାଯାଉଛି । ଯାହାର ଦଣ୍ଡ ସହରବସୀ ଭୋଗୁଛନ୍ତି।
> – ଉମାକାନ୍ତ ସାହୁ, ସ୍ଥାନୀୟ ବାସିନ୍ଦା



ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ପିନୁ


@ ମନୋରଞ୍ଜନ


@ ଗୁଡୁ


@ ଉତ୍ତମ


@ ଦୀପକ


@ ସୁବ୍ରତ

## ପ୍ରକୃତିବନ୍ଧୁଙ୍କୁ କରୋନା ଯୋଦ୍ଧା ସମ୍ମାନ

ବାଙ୍କୀ,୨୨।୧୧ (ସ୍ୱ.ପ୍ର.)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲୋକବିକାଶ ଫାଉଣ୍ଡେଶନ ଓ ସାପ୍ତାହିକ ଖବରକାଗଜ ‘ଭୋକିଲା ପେଟ’ର ମିଳିତ ସହଯୋଗରେ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀରେ ୪ର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପ୍ରକୃତି ବନ୍ଧୁ ଗୌତମ ମିଶ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ କରୋନା ଯୋଦ୍ଧା ସମ୍ମାନ ପ୍ରଦାନ କରାଯାଇଛି। ଲୋକବିକାଶ ଫାଉଣ୍ଡେଶନର ଅଧ୍ୟକ୍ଷ ସୁଧୀର ଚନ୍ଦ୍ର ନାୟକ,ବରିଷ୍ଠ ସାହିତ୍ୟକ ଡ. ନିରୋଦ କୁମାର ମନ୍ତ୍ରୀ, କାଳୀ ଚରଣ ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇ ମିଶ୍ରଙ୍କୁ ପୁରସ୍କୃତ କରିଥିଲେ।



ଜମିପଟ୍ଟା ପ୍ରଦାନ ଦାବିରେ ପୁରୀ ବଳିଆପଣ୍ଡା ବସ୍ତିର ଲୋକେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।



ପୁରୀ ସଂସ୍କୃତି ଭବନରେ ସୁଧା ଓ ରାଷ୍ଟ୍ରୀୟ ସାମ୍ପ୍ରଦାୟିକ ସଦ୍‌ଭାବନା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କ ସହ ଅତିଥି।



ଡେଲି ପାସେଞ୍ଜର ଟ୍ରେନ୍ ଚଳାଚଳ ଦାବିରେ ସୋମବାର ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

**ସଂକ୍ଷେପରେ**

## ଜିଲା ଆଇନସେବା ପ୍ରାଧିକରଣ ଟିମ୍‌ର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ବାରଙ୍ଗ,୨୨।୧୧(ଡି.ଏନ୍.ଏ.)- ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ବାସ୍ତବ ଚିତ୍ର ପରଖିବା ପାଇଁ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ୪ଜଣିଆ ଟିମ୍ ଗଠନ କରାଯାଇଛି। ତେବେ ଏହି ଟିମ୍ ଜିଲାରେ ପ୍ରଥମକରି ସୋମବାର ବାରଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଚାନକ ପରିଦର୍ଶନ କରିଥିଲେ। ଏହି ସମୟରେ କେନ୍ଦ୍ର ମୁଖ୍ୟ ଡାକ୍ତର, ଆୟୁଷ ଡାକ୍ତର, ଡ୍ରେସିଂ କର୍ମଚାରୀ ପ୍ରମୁଖ ଅନୁପସ୍ଥିତ ଥିଲେ। ଉକ୍ତ ଟିମ୍ ଅଚାନକ ଯାଞ୍ଚ ସମୟରେ ଡାକ୍ତରଙ୍କ ଅନୁପସ୍ଥିତିରେ ଫାର୍ମାସିଷ୍ଟ ରୋଗୀଙ୍କୁ ଦେଖୁଥିବା ଦେଖି ଟିମ୍ ଅସନ୍ତୁଷ୍ଟ ହୋଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ, ପରିମଳ, ପରିସ୍ରାଗାର ଓ ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଯଥେଷ୍ଟ ଡ୍ରଗ୍ସ, ରୋଗୀ ପ୍ରତୀକ୍ଷାଳୟ ଗୃହ, ସରଞ୍ଜାମ ଆଦି ଅନେକ ଦିଗପ୍ରତି ଉକ୍ତ ଟିମ୍ ଯାଞ୍ଚ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଯୋଗ ପାଇଁ ରହିଥିବା ସୁବିଧା, ସଂଯୋଗ ରାସ୍ତା ଓ ସାଧାରଣ ପରିବହନ ବ୍ୟବସ୍ଥା, ଜରୁରୀ ସ୍ଥିତିରେ ମୁକାବିଲା କରିବା ପାଇଁ ସାମର୍ଥ୍ୟ, ଟେଲିଫୋନ, ଇଣ୍ଟରନେଟ ସୁବିଧା, ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଆଦି ବିଷୟରେ ଅନୁଧ୍ୟାନ କରି ଏହାର ଭିଡିଓ ଗ୍ରାଫି କରିଥିଲେ। ସେହିପରି ପୂର୍ବରୁ ଗର୍ଭବତୀଙ୍କ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଜନନୀ ଏକ୍ସପ୍ରେସ ଗାଡ଼ି ଉପଲବ୍ଧ ରହିଥିଲା। ହେଲେ ଦୀର୍ଘ ଦିନ ହେବ ସ୍ୱାସ୍ଥ୍ୟକେନ୍ଦ୍ରରେ ଉକ୍ତ ଗାଡିଟିର ଦେଖା ମିଳୁ ନ ଥିବା ରୋଗୀମାନେ ଟିମ୍‌କୁ କହିଥିଲେ।

## ରନ୍ଧନ ଗ୍ୟାସ ମୂଲ୍ୟ ବୃଦ୍ଧିକୁ ବିରୋଧ

ନିଶ୍ଚିନ୍ତକୋଇଲି/ତିଗିରିଆ /ମାହାଙ୍ଗା/ବାଙ୍କୀ/ ଆଠଗଡ଼ ୨୨।୧୧(ସ୍ୱ.ପ୍ର./ଡି.ଏନ୍.ଏ.)- ରନ୍ଧନ ଗ୍ୟାସର ଅହେତୁକ ମୂଲ୍ୟବୃଦ୍ଧି ପ୍ରତିବାଦରେ ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ମହିଳା , ଛାତ୍ର ଓ ଯୁବ ଦଳ ପକ୍ଷରୁ ପ୍ରତିବାଦ ସଭା, ଶୋଭାଯାତ୍ରା କରାଯାଇଥିଲା। ବିଜେଡି ସଭାପତି ରମାକାନ୍ତ ମହାନ୍ତିଙ୍କ ପୌରୋହିତରେ ଅଧ୍ୟକ୍ଷା ସବିତା ଓଝା, ବ୍ଲକ ଯୁବ ବିଜେଡି ସଭାପତି ଆନନ୍ଦ ଦାସ, ଛାତ୍ର ବିଜେଡି ସଭାପତି ସତ୍ୟଜିତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।ଏହି ଅବସରରେ ମହିଳାମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚୁଲିରେ ରୋଷେଇ କରି ଅଭିନବ ପ୍ରତିବାଦ କରିଥିଲେ। ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୂପା ଦଳେଇଙ୍କ ଆବାହକତ୍ୱରେ ପ୍ରତିବାଦ କାର୍ଯ୍ୟକ୍ରମ ହୋଇଥିଲା। ପାଞ୍ଚଗାଁସ୍ଥିତ ପେଟ୍ରୋଲ ପମ୍ପରୁ କର୍ମୀମାନେ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଧାରଣା ଦେଇଥିଲେ। ମାହାଙ୍ଗାରେ ବ୍ଲକ ଅଧ୍ୟକ୍ଷ ଶରତ ନାୟକ ଓ ଯୁବ ବିଜେଡି ସଭାପତି ଶରତ ମହାପାତ୍ରଙ୍କ ନେତୃତ୍ୱରେ କୁଆଁପାଳସ୍ଥିତ ତାରିଣୀ ମନ୍ଦିର ନିକଟରୁ ଶୋଭାଯାତ୍ରା କରାଯାଇଥିଲା। ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ହୋଇଥିଲା। ବାଙ୍କୀରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ନେତୃତ୍ୱରେ ଉପଜିଲାପାଳ କାର୍ଯ୍ୟାଳୟଙ୍କ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରା, ରାଜ୍ୟ ବିଜେଡି କାର୍ଯ୍ୟକାରୀ ସଭ୍ୟ ସୁବାସ ଚନ୍ଦ୍ର ପାଢ଼ୀ ପମୁଖ ଯୋଗଦେଇଥିଲେ। ଆଠଗଡ଼ରେ ବିଜେଡି ସଭାପତି ରବୀନ୍ଦ୍ର ରାଉତଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରାଯାଇଥିଲା।

## କଟକଣାରେ ଚାଲିଛି କାର୍ତ୍ତିକେଶ୍ୱର ପୂଜା

ଖୁଣ୍ଟୁଣୀ,୨୨।୧୧(ଡି.ଏନ୍.ଏ.)- ଚଳିତବର୍ଷ କାର୍ତ୍ତିକ ପୂର୍ଣ୍ଣିମାଠାରୁ ଖୁଣ୍ଟୁଣୀରେ ଆରମ୍ଭ ହୋଇଛି କାର୍ତ୍ତିକେଶ୍ୱର ପୂଜା। କରୋନା କଟକଣା ମଧ୍ୟରେ ପୂଜାନୀତି ଚାଲିଥିବା ବେଳେ ରବିବାର ୨୮ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ବିଭିନ୍ନ ପୂଜା କମିଟି ପକ୍ଷରୁ କୁହାଯାଇଛି। ମହାଦେବ ସାହି, ଦୁର୍ଗା ବଜାର, ଶାନ୍ତି ବଜାର, ଗଣେଶ ବଜାର, ନୂଆ ବଜାର, ଷ୍ଟେଶନ ବଜାର, ତ୍ରିନାଥ ସାହି, ମହାଜନ ସାହି, ଲକ୍ଷ୍ମୀ ସାହି, କୈବର୍ତ୍ତ ସାହି, ତଳସାହି, ଚଉପାଡି ଛକ ଓ ହୃଦାନନ୍ଦ ଛକ ପ୍ରଭୃତି ୨୧ ସ୍ଥାନରେ ପୂଜା ହେଉଛି। ଏହା ଦୀର୍ଘବର୍ଷର ପରମ୍ପରା ହୋଇଥିବାରୁ କୌଣସି ବର୍ଷ ବନ୍ଦ ନ ହୋଇ ଅନୁଷ୍ଠିତ ହୋଇଆସୁଛି। ତେବେ ଗତବର୍ଷ ଭଳି ଏବର୍ଷ ବି କୌଣସି ପୂଜାମଣ୍ଡପରେ ଆଲୋକ ସାଜସଜ୍ଜା କି ସାଉଣ୍ଡ ବ୍ୟବସ୍ଥା ହୋଇନାହିଁ। ମୂର୍ତ୍ତିର ଉଚ୍ଚତା ଅଧିକାଂଶ ସ୍ଥାନରେ ୪ ଫୁଟ୍ ମଧ୍ୟରେ ସୀମିତ ରହିଛି।

# ରାଜଧାନୀରେ ବାଇକ୍ ଚୋରି ଗ୍ୟାଙ୍ଗ ଧରାପଡ଼ିଲା

## ୩୪ ବାଇକ ଜବତ, ୫ ଗିରଫ

- ରାଜଧାନୀରୁ ଚୋରି କରି ବାହାରେ ବିକ୍ରି କରୁଥିଲେ
- ୯ ବାଇକ୍ ମାଲିକଙ୍କୁ ହସ୍ତାନ୍ତର କଲା ପୋଲିସ
- ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା





ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ରାଜଧାନୀ ଓ ଆଖପାଖ ଅଞ୍ଚଳରେ ବାଇକ୍ ଚୋରି କରୁଥିବା ଏକ ଗ୍ୟାଙ୍ଗକୁ କମିଶନରେଟ ପୋଲିସ ଧରିଛି। ଗ୍ୟାଙ୍ଗର ୫ଜଣ ସଦସ୍ୟଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ୩୪ଟି ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜିଲା ସଦର ଥାନା ଅନ୍ତର୍ଗତ ଗୁରୁଜଙ୍ଗରେ ରହୁଥିବା ପ୍ରଶାନ୍ତ ଲେଙ୍କା(୨୬), ରମେଶ ନାୟକ(୨୮), ଜଟଣୀ ଥାନା କୁସୁମାଟି ଗ୍ରାମର ଦୀପକ ନାୟକ(୨୬), କଟକ ଜିଲା ଆଠଗଡ଼ ଇଚ୍ଛାପୁରର ଦୁଷ୍ମନ୍ତ ବେହେରା(୨୮) ଓ ବାଙ୍କୀ ଥାନା ମଣିପୁର ଗ୍ରାମର ବିଜୁ ନାୟକ(୨୨)। ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଗ୍ୟାଙ୍ଗରେ ଆଉ କେତେଜଣ ସଦସ୍ୟ ଥିବା ପୋଲିସ ଜାଣିବାକୁ ପାଇଛି। ସେମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଛି। ଗ୍ୟାଙ୍ଗ୍ ସମ୍ପର୍କରେ ଅଧିକ ତଥ୍ୟ ପାଇବାକୁ ଅଭିଯୁକ୍ତଙ୍କୁ ପୋଲିସ ରିମାଣ୍ଡରେ ଆଣିବାକୁ ଯୋଜନା କରୁଛି। ଅନ୍ୟପକ୍ଷରେ ଜବତ ହୋଇଥିବା ୩୪ ବାଇକ ମଧ୍ୟରୁ ୯ଟିକୁ ସେମାନଙ୍କ ପ୍ରକୃତ ମାଲିକଙ୍କୁ ପୋଲିସ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଏକ ଗ୍ୟାଙ୍ଗ ଗଢି ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରୁ ବାଇକ୍ ଚୋରି କରୁଥିଲେ। ବିଶେଷ କରି ପାର୍କ, ହସ୍ପିଟାଲ, କୋର୍ଟ ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ସକ୍ରିୟ ରହୁଥିଲେ। ପାର୍କିଂ ସ୍ଥାନରୁ ମାଷ୍ଟର ଚାବି ସାହାଯ୍ୟରେ ବାଇକ୍ ଖୋଲି ନେଇଯାଉଥିଲେ। ଏହି ଚୋରି ବାଇକଗୁଡିକୁ ସେମାନେ ଆଠଗଡ. ନୟାଗଡ, ବଡମ୍ବା ଓ ଢେଙ୍କାନାଳ ଆଦି ଅଞ୍ଚଳରେ ଅତି ସ୍ୱଳ୍ପ ମୂଲ୍ୟରେ ବିକ୍ରି କରି ଦେଉଥିଲେ। ଅକ୍ଟୋବର ୮ ସନ୍ଧ୍ୟାରେ କଳିଙ୍ଗ ବିହାରରେ ରହୁଥିବା ସୁମନ କୁମାର ବେହେରା ସ୍ଥାନୀୟ ଥାନା ଖାରବେଳ ପାର୍କ ସାମ୍ନାରେ ବାଇକକୁ ପାର୍କିଂ କରି ଭିତରକୁ ଯାଇଥିଲେ। ଫେରିବା ବେଳକୁ ତାଙ୍କ ବାଇକ୍ ଚୋରି ହୋଇଯାଇଥିଲା। ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ. ୫୪୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ପାର୍କ ନିକଟରେ ସବୁଦିନ ଚୋରି ହେଉଥିବାରୁ ପୋଲିସ ଟିମ୍ ଲୁଟେରାଙ୍କୁ ଧରିବାକୁ ରବିବାର ଅପରାହ୍ନରେ ଛକି ରହିଥିଲା। ଅଭିଯୁକ୍ତ ରମେଶ ଓ ପ୍ରଶାନ୍ତ ଏକ ବାଇକକୁ ଚୋରି କରିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଉଭୟଙ୍କୁ ମାଡି ବସିଥିଲା। ସେମାନଙ୍କୁ ପଚରାଉଚରା ପରେ ଅନ୍ୟ ୩ଜଣଙ୍କ ସମ୍ବନ୍ଧରେ ସେମାନେ ସୂଚନା ଦେଇଥିଲେ।

## ପଦ୍ମିନୀ ଦେବୀ ମେଡିକାଲ କଲେଜର ଭୂମିପୂଜା

କଟକ ଅଫିସ, ୨୨।୧୧

ଟାଙ୍ଗୀସ୍ଥିତ ଡ୍ରିମ୍ସ ପରିସରରେ ସୋମବାର ପ୍ରସ୍ତାବିତ ପଦ୍ମିନୀ ଦେବୀ ମେଡିକାଲ କଲେଜର ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶିକ୍ଷାନୁଷ୍ଠାନ ପରିସରସ୍ଥ ଶ୍ରୀସଙ୍କଟମୋଚନ ହନୁମାନ ଓ ଅନ୍ୟାନ୍ୟ ଦେବଦେବୀ, ବରୁଣ ବୃକ୍ଷଙ୍କ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଆୟୋଜିତ ପୂଜା ଓ ହୋମରେ ମୋହିନୀମୋହନ ରଥ କର୍ତ୍ତା ଭାବେ ଯୋଗଦେଇ ଆହୂତି ପ୍ରଦାନ କରିଥିଲେ। ଡ୍ରିମ୍ସ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା, ଇଂ. ସୁଧାଂଶୁ ଭୂଷଣ କର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଦୈତାରୀ ସାହୁ, ପଦ୍ମିନୀ କେୟାର ହସ୍ପିଟାଲର ଡାକ୍ତର, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।



ଭାରତୀୟ ନୌସେନା ତାଲିମ କେନ୍ଦ୍ର ପରିସର ଚିଲିକାରେ ଅନୁଷ୍ଠିତ ଏନ୍‌ସିସି କ୍ୟାଡେଟ୍‌ଙ୍କ ନୌକା ପ୍ରତିଯୋଗିତା।

## ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ କଲେ ମନ୍ତ୍ରୀ

କଣ୍ଟାପଡା,୨୨।୧୧(ଡି.ଏନ୍.ଏ.)

କଟକ ଜିଲା ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାରକୁ ସୋମବାର ସୌଜନ୍ୟମୂଳକ ଗସ୍ତ କରିଛନ୍ତି କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ମନ୍ତ୍ରୀ ବିଶେଶ୍ୱର ଟୁଡୁ। ସେଠାରେ ଥିବା ଦିବ୍ୟାଙ୍ଗ ଓ ସେମାନଙ୍କ ଚିକିତ୍ସା ପଦ୍ଧତି ଦେଖି ମନ୍ତ୍ରୀ ଭାବବିହ୍ୱଳ ହୋଇ ପଡିଥିଲେ। ନିର୍‌ତାର ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମନ୍ତ୍ରୀ ଟୁଡୁ ଯୋଗଦେଇ ନିର୍‌ତାରରେ ଦିବ୍ୟାଙ୍ଗମାନଙ୍କୁ ଶଯ୍ୟାରୁ ଉଠାଇ ମୁଖ୍ୟସ୍ରୋତରେ ସାମିଲ କରୁଥିବା କର୍ମଚାରୀଙ୍କୁ ଦେବଦୂତ ବୋଲି ଅଭିହିତ କରିବାସହ ସେମାନଙ୍କୁ ପ୍ରଶଂସା କରିଥିଲେ। ନିର୍‌ତାର ପ୍ରଶାସନିକ ଅଧିକାରୀ ରଶ୍ମିରଞ୍ଜନ ସେଠୀ, ବୈଷୟିକ ଉପନିର୍ଦ୍ଦେଶକ ଡା. କିଶୋର ମହାପାତ୍ର, ମେଡିକାଲ ମୁଖ୍ୟ ଡା. ପବିତ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ କେତେଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ଓ ଶ୍ରବଣ ଯନ୍ତ୍ର ପ୍ରଦାନ କରିଥିଲେ। ଇଂ.ସତ୍ୟଜିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଶିଶୁ ଅଧିକାର, ସୁରକ୍ଷା ସଚେତନତା ରଥକୁ ସ୍ୱାଗତ

ଚୌଦ୍ୱାର,୨୨।୧୧(ଡି.ଏନ୍.ଏ.)

ଶିଶୁମାନଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କରେ ସଚେତନତା ପାଇଁ ରାଜ୍ୟ ଶିଶୁ ସୁରକ୍ଷା କମିଶନ ତରଫରୁ ବିଭିନ୍ନ ସ୍ଥାନ ଭ୍ରମଣ କରୁଥିବା ଶିଶୁ ଅଧିକାର ଓ ସୁରକ୍ଷା ରଥକୁ ଚୌଦ୍ୱାରରେ ସ୍ୱାଗତ କରାଯାଇଛି। ମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ, ବିଭିନ୍ନ ଆଇନ ବିଶେଷଜ୍ଞ, ସାମାଜିକ କର୍ମୀ ଆଦିଙ୍କ ଶିଶୁ ସୁରକ୍ଷା ସମ୍ପର୍କିତ ବାର୍ତ୍ତାକୁ ଭିଡିଓ ମାଧ୍ୟମରେ ପ୍ରଚାର କରୁଛି। ଏହି ରଥ ସ୍ଥାନୀୟ ଶିଶୁ ସଦନରେ ପହଞ୍ଚିବା ପରେ ଏହାର ମୁଖ୍ୟ ତଥା ହିନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଏବଂ ସମସ୍ତ କର୍ମକର୍ତ୍ତା ସ୍ୱାଗତ କରିଥିଲେ। କଟକ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତିଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଏହି କାର୍ଯ୍ୟକ୍ରମକୁ ସଂଯୋଜକ ଜିତେନ୍ଦ୍ର ବାରିକ କଟକ ଜିଲାରେ ପ୍ରଚାର ପ୍ରସାର କାର୍ଯ୍ୟ ଜାରି ରଖିଛନ୍ତି।

# ରନ୍ଧନ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ଧାରଣା

କଟକ ଅଫିସ, ୨୨।୧୧

ରନ୍ଧନ ଗ୍ୟାସ୍ ଦର ବୃଦ୍ଧିକୁ ବିରୋଧକରି ବିଜୁ ଯୁବ, ଛାତ୍ର ଓ ମହିଳା ଜନତା ଦଳ ପକ୍ଷରୁ ସୋମବାର କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହି ଅବସରରେ ଆୟୋଜିତ ପ୍ରତିବାଦ ସଭାରେ ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ସଭାପତିତ୍ୱ କରି କହିଥିଲେ, ରନ୍ଧନ ଗ୍ୟାସ୍ ଦର ୫୪୯ରୁ ବଢି ୯୨୬ ଟଙ୍କା ହେଲାଣି। ଏହା ଦେଶର ମା’ ମାଉସୀଙ୍କୁ ଯନ୍ତ୍ରଣା ଦେଇଛି। କେନ୍ଦ୍ର ସରକାର ତାଙ୍କ ଅଚ୍ଛେ ଦିନ ପ୍ରତିଶ୍ରୁତି କୁଆଡ଼େ ଗଲା ତାହାର ଜବାବ ଦିଅନ୍ତୁ। ସଭାରେ କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଆଳି ବିଧାୟକ ପ୍ରତାପ ଦେବ, କଟକ ଜିଲା ସଭାପତି ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଏବଂ କଟକ ମହାନଗର ମହିଳା ବିଜେଡି ସଭାନେତ୍ରୀ ପୂର୍ଣ୍ଣିମା ସିଂହ ଯୋଗଦେଇ ରନ୍ଧନ ଗ୍ୟାସ୍‌ର ଅହେତୁକ ଦର ବୃଦ୍ଧି ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଫୁଲ୍ଲ ସିଂ, ଆଶିଷ ସାହୁ, ଓଡ଼ିଶା ମୋ’ ପରିବାର ସଂଯୋଜକ ରଞ୍ଜନ ବିଶ୍ୱାଳ, ନଗର ସଭାପତି ମଧୁ ସାହୁ, ଧର୍ମେଶ ନାୟକ, ହରିଶଙ୍କର ରାଉତ, ରାଜେଶ ରାଜ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ ମହାପାତ୍ର ଧନ୍ୟବାଦ ଦେଇଥିଲେ।



କଟକ ଗ୍ରାମାଞ୍ଚଳ ଏସ୍‌ପି ଅଫିସ ସମ୍ମୁଖରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

## ବିଭିନ୍ନ ସ୍ଥାନରେ ବିଜେଡିର ବିକ୍ଷୋଭ

କଟକ ସଦର/କଣ୍ଟାପଡ଼ା/ଚୌଦ୍ୱାର, ୨୨।୧୧(ଡି.ଏନ୍.ଏ.)

ରନ୍ଧନ ଗ୍ୟାସ୍ ଦର କମାଇବା ଦାବିରେ ସୋମବାର କଟକ ସଦର ବିଜୁ ମହିଳା ଜନତା ଦଳ ପକ୍ଷରୁ କଟକ ସଦର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ମହିଳା କର୍ମୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ଗ୍ୟାସ୍ ଦର ବୃଦ୍ଧିକୁ ନିନ୍ଦା କରିଥିଲେ। ବିଭୂତି ଭୂଷଣ ପରିଡ଼ା, ପ୍ରମୋଦ ମହାପାତ୍ର, ସମର ବେହେରା, ରଜନୀକାନ୍ତ ସାହୁ, କବିତା ଦାସ, ଜୟନ୍ତୀ ପତି, ଶରତ ରାୟ ପ୍ରମୁଖ ଯୋଗଦେଇଥିଲେ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ଦିଆଯାଇଥିଲା। ସେହିପରି ନିଆଳି ବିଧାୟକ ପ୍ରଫେସର ପ୍ରମୋଦ ମଲିକଙ୍କ ନେତୃତ୍ୱରେ ନିଆଳି ନିର୍ବାଚନ ମଣ୍ଡଳୀ ବିଜେଡି ସଭାପତି ରଶ୍ମିରଞ୍ଜନ ପାତ୍ର, ବ୍ଲକ ଯୁବ ବିଜେଡି ସଭାପତି ବିମାନ ବେହେରା, ବ୍ଲକ ସଭାପତି ପୀୟୂଷ ମିଶ୍ର, ଆମ୍ବା ଅଧ୍ୟକ୍ଷ ନକୁଳ ରାଉତ, ବଳରାମ ପାତ୍ର, ସରଳା ସାମନ୍ତରାୟ, ବିଷ୍ଣୁପ୍ରିୟା ପାତ୍ର, ସିଦ୍ଧାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ କଣ୍ଟାପଡ଼ା ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ସନ୍ତୋଷ ପତିଙ୍କୁ ଦିଆଯାଇଥିଲା। ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ନେତା ଓ କର୍ମୀ ଚୌଦ୍ୱାର ପୌର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚୌଦ୍ୱାର ନଗର ସଭାପତି ବିଷ୍ଣୁଚରଣ ପରିଡ଼ା, ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଜିଲା ଉପସଭାପତି ପ୍ରେମଚାନ୍ଦ ନାୟକ, ସମ୍ପାଦକ ଶୁଭେନ୍ଦୁ ସାମଲ, ଯୁବ ସଭାପତି ଅର୍ଜୁନ ପଣ୍ଡା, ଭରତ ଚନ୍ଦ୍ର ସାହୁ, ସୁବ୍ରତ ସାମଲ, ମନୋଜ ମହାନ୍ତି, ଦିଲୀପ ସାହୁ ପ୍ରମୁଖ ଗ୍ୟାସ୍ ଦର ହ୍ରାସ କରା ନ ଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚେତାବନୀ ଦେଇଥିଲେ।

## ଗୋଚରଜମିରେ ଜଳପ୍ରକଳ୍ପ କାର୍ଯ୍ୟକୁ ନେଇ ବିବାଦ

### କେନ୍ଦ୍ରମନ୍ତ୍ରୀଙ୍କୁ ଭାଜପାର ଦାବିପତ୍ର

**କଟକ ସଦର,୨୨।୧୧(ଡି.ଏନ୍.ଏ.):** ଜଳ ଜୀବନ ମିଶନ ଯୋଜନାରେ କଟକ ସଦର ବ୍ଲକର ୬ଟି ସ୍ଥାନରେ ପାନୀୟ ଜଳପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ଏହି ପ୍ରକଳ୍ପ ହେଉଥିବା ଅଧିକାଂଶ ସ୍ଥାନରେ ଗୋଚର ଓ ଗ୍ରାମ୍ୟ ଜଙ୍ଗଲ କିସମ ଜମିକୁ ରାଜସ୍ୱ ବିଭାଗର ପୂର୍ବାନୁମତି ବିନା ଜବରଦଖଲ କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଭାଜପା ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। ଏ ପରିପ୍ରେକ୍ଷୀରେ ଦଳ ପକ୍ଷରୁ ଏକ ଦାବିପତ୍ର କେନ୍ଦ୍ର ଜଳଶକ୍ତି ଏବଂ ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ସୋମବାର ପ୍ରଦାନ କରାଯାଇଛି। ଗୋଚରଜମି ଉପରେ ଗୋପାଳନ, ଛେଳି, ମେଣ୍ଢା ପାଳନ କରି ବଞ୍ଚୁଥିବା ଗରିବ ଲୋକମାନେ ଅତ୍ୟନ୍ତ କ୍ଷୁବ୍ଧ ହୋଇଛନ୍ତି। ଏପରିକି ଉକ୍ତ ଜମିରେ ପ୍ରକଳ୍ପ ହେଲେ ଜୀବନ ଜୀବିକା ନିର୍ବାହ କରିବା କଷ୍ଟକର ହୋଇପଡ଼ିବ ସେମାନେ ଜଣାଇଛନ୍ତି ବୋଲି କଟକ ଜିଲା ଭଜକ ଉପସଭାପତି ଗୋକୁଳଚନ୍ଦ୍ର ଉକ୍ତ ଦାବିପତ୍ରରେ ଦର୍ଶାଇଥିବା ପ୍ରଧାନମନ୍ତ୍ରୀଙ୍କୁ ଜଣାଇଛନ୍ତି। ୫ କୋଟି ୭୭ ଲକ୍ଷ ୫୦ ହଜାର ଟଙ୍କାରେ ୬ଟି ପ୍ରକଳ୍ପ କାମ ଚାଲୁ ରହିଥିଲେ ସୁଦ୍ଧା କୌଣସି ସ୍ଥାନରେ ସୂଚନାଫଳକ ଲାଗିଥିବାର ଦେଖିବାକୁ ମିଳୁ ନାହିଁ। ଏହିସବୁ କାମ ଜଳଶକ୍ତି ମନ୍ତ୍ରଣାଳୟ ଅଧୀନରେ ଆସୁଥିବାରୁ ଏହା ଉପରେ ନିଶ୍ଚିତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଟୁଡୁ କହିଥିବା ପ୍ରଧାନ କହିଛନ୍ତି। ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ମନ୍ତ୍ରୀ ଏଠାକୁ ଆସିଥିବାବେଳେ ଏହି ଦାବିପତ୍ର ଦିଆଯାଇଛି।


**PUBLIC NOTICE**

The public in general and film trade in particular are hereby requested to take note that our clients are in the process of acquiring the following rights in the Film as more particularly given in the table below (a) Exclusive Linear and Non Liner Rights for distribution and redistribution via any and all means including but not limited to through satellite, cable, DTH, IPTV, terrestrial, internet, mobile etc., (b) Catch up TV rights, (c) Syndication Rights for rights granted, (d) Sub-tiling rights in all languages, (e) Dubbing rights in all languages, (f) All other rights not specifically mentioned herein(Collectively referred to as the “Rights”): for multiple telecasts for the territory of the entire world for perpetual term, commencing from the Start Date as detailed herein below:

| Sr. No. | Film | Star Cast | Language Granted | Term |
|---|---|---|---|---|
| 1 | Jor Ka Jhatka | Deepak, Pinky, Hari har Mohapatra, Pragyan, Guddu, Mihir Das, Trupti Sinha, Sritam Das, Prativa Panda, Sankar & Pradyumna Lenka | Odia | 20th November, 2021 to Perpetuity |
| 2 | Akhi Bujideli Tu | Pupindarr, Dipika, Jyotirmayee Bal, Samresh Routray, George Tiadi, Gudu, Suman, Jiban Panda, Late Rabi Mishra | Odia | 20th November, 2021 to Perpetuity |
| 3 | Pratyaghat | Ankit Kumar, Prakuti Mishra, Chinmay Mishra, Chiranjib Biswal, Sonam Dash, Biju Badajena, Khusi Kishore, Raja & Premanjan Parida | Odia | 20th November, 2021 to Perpetuity |

The Films are free from any encumbrances, claims or demands, whatsoever. However, should any person(s) have claim against, to, or in respect of the Film mentioned herein above whether by way of any sale, license, assignment or otherwise, such person(s) are hereby required to make the same known in writing to us at our office at **B-116, MITTAL TOWERS, NARIMAN POINT, MUMBAI – 400 021,** within ten (10) days from the date of publication hereof, failing which the transaction will be completed without reference to such claim and the same, if any, will be deemed to have been waived.

**Place: Mumbai**
**Date:**

**From:**
**Naik Naik& Co., B-116, Mittal Towers, Nariman Point, Mumbai 400 021**



**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** pnb **punjab national bank** (Together for the better)

Oriental United

ମଣ୍ଡଳ କାର୍ଯ୍ୟାଳୟ : ଶିବ ଆର୍କେଡ, ୨ୟ ମହଲା, ଟାଟା ବେଞ୍ଚ ସ୍କୋୟାର, ବ୍ରହ୍ମପୁର, ପିନ୍-୭୬୦୦୦୫, ଜିଲ୍ଲା: ଗଞ୍ଜାମ, ଓଡ଼ିଶା
ଇ-ମେଲ୍: cobhm@pnb.co.in

**ଅଫିସ୍ ନିମନ୍ତେ ଗୃହ ଆବଶ୍ୟକ**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ନିମ୍ନଲିଖିତ ସ୍ଥାନରେ ନୂତନ ଶାଖାଗୁଡିକ ନିମନ୍ତେ ବ୍ୟବସାୟିକ ଗୃହ ଆବଶ୍ୟକ ହେତୁ ୨ଟି ବିଡ୍ ବ୍ୟବସ୍ଥା ମାଧ୍ୟମରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି । ତଳ ମହଲା ଗୃହ ପସନ୍ଦଯୋଗ୍ୟ।

| ସ୍ଥାନ | ଜିଲ୍ଲା | ଆନୁମାନିକ ଏରିଆ (ବର୍ଗଫୁଟ) |
|---|---|---|
| ବୁଗୁଡା | ଗଞ୍ଜାମ | ୧୧୩୦ ବର୍ଗଫୁଟ |
| ମୁନିଗୁଡା | ରାୟଗଡା | ୧୧୩୦ ବର୍ଗଫୁଟ |
| ଜୟପାଟଣା | କଳାହାଣ୍ଡି | ୧୧୩୦ ବର୍ଗଫୁଟ |
| ରାଜସୁନାଖଳା | ନୟାଗଡ଼ | ୧୦୧୦ ବର୍ଗଫୁଟ |

ଦ୍ରଷ୍ଟବ୍ୟ- ଫାଇନାନ୍‌ସିଆଲ ବିଡ୍ ଏବଂ ଟେକ୍ନିକାଲ୍ ବିଡ୍ ପୃଥକ ମୁଦ ଲଫାପା ମାଧ୍ୟମରେ ପଠାଇବା ଆବଶ୍ୟକ। ଲଫାପା ଉପରେ **“ମଣ୍ଡଳ କାର୍ଯ୍ୟାଳୟ, ବ୍ରହ୍ମପୁର”** ସହିତ ଫାଇନାନ୍‌ସିଆଲ୍ ବିଡ୍ / ଟେକ୍ନିକାଲ୍ ବିଡ୍” ଉଲ୍ଲେଖ ରହିବା ଆବଶ୍ୟକ। ଦରଖାସ୍ତ ଫର୍ମ ଆମର କାର୍ଯ୍ୟାଳୟ ୱେବ୍‌ସାଇଟ୍ **www.pnbindia.in** (Tender/ Empanelment)ରୁ ଡାଉନ୍‌ଲୋଡ୍ କରିପାରିବେ କିମ୍ବା **ମଣ୍ଡଳ କାର୍ଯ୍ୟାଳୟ, ବ୍ରହ୍ମପୁରରୁ** ସଂଗ୍ରହ କରିପାରିବେ ଏବଂ ସମସ୍ତ ଦିଗରୁ ସମ୍ପୂର୍ଣ୍ଣଭାବେ ପୂରଣ ହୋଇଥିବା ଦରଖାସ୍ତ **ମଣ୍ଡଳ କାର୍ଯ୍ୟାଳୟ, ବ୍ରହ୍ମପୁରରେ ତା. ୦୬.୧୨.୨୦୨୧ ରିଖ ଅପରାହ୍ଣ ୫.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବ୍ୟାଙ୍କ କୌଣସି କାରଣ ନଦର୍ଶାଇ କୌଣସି କିମ୍ବା ସମସ୍ତ ପ୍ରାପ୍ତ ପ୍ରସ୍ତାବକୁ ନାକଚ / ଗ୍ରହଣ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି ।

**ମୁଖ୍ୟ ପ୍ରବନ୍ଧକ**



GOVERNMENT OF ODISHA, “e”-PROCUREMENT NOTICE
**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA**
**WORKS DEPARTMENT**
E-mail: rbcirclekhurda@gmail.com

**1st Corrigendum to Tender Call Notice**

**Bid Identification No.CCE-Khordha (R&B) Circle-08/2021-22 dt.06.11.2021**

No. B-645:- The following changes are made in respect of the Bid Identification No. CCE-Khordha (R&B) Circle-08/2021-22.

1) Date and Time of sale and receipt of Bids: From 10.00 AM of Dt. 26.11.2021, to 5.00 PM of Dt. 07.12.2021 instead of from 10.00 AM of dt 15.11.2021 to 05.00 PM of dt 29.11.2021.
2) Last Date for Submission of Bid: 5.00PM of Dt. 07.12.2021 instead of from 05.00 PM of dt 29.11.2021.
3) Date of Opening of the Bid: 11.30 AM of 08.12.2021 instead of from 11.30 AM of dt 30.11.2021.

The other terms & conditions stipulated in the Original tender call notice for all other works remain unchanged.

**Sd./- Er. A.K. Satapathy, Chief Construction Engineer, Khordha (R&B) Circle, Khordha**
**OIPR-34127/11/0010/2122**



**OFFICE OF THE SUPERINTENDING ENGINEER**
**GHATAGAON (R&B) DIVISION, GHATAGAON - 758027 (ODISHA)**
**Email ID: eeghatagaon2015@gmail.com, Phone No. 06733-299903**
**1st Corrigendum to Bid Id No. S.E., GTN (R&B) - 11/2021-22**

**Letter No. 6366** **Dt.18.11.2021**

No. B-653: The date & time of availability of bids in portal, last date/ time for receipt of bids & opening of Bid for the work “Construction of Mission Shakti Bhawan (Block Level) at Hatadihi Block in the distirct of Keonjhar for the year 2021-22” vide bid identification No. S.E., GTN (R&B) - 11/2021-22 and Tender ID: 2021_EICCL_72586_1 are hereby modified as follows.

1. Availability of bid document in portal - From 11.30 A.M. of 23.11.2021 to 5 P.M. of 29.11.2021.
2. Last date/time for receipt bids in portal - 5 P.M. of 29.11.2021.
3. Date of Opening of Bids - 11.00 A.M. of 30.11.2021.

All other terms & conditions remain unchanged.

**Sd./- Superintending Engineer**
**Ghatagaon (R&B) Division**
**OIPR-34140/11/0008/2122**

# ଉଲେନ୍ ଫ୍ୟାଶନ୍

**ଶୀତଦିନେ ଅନେକେ ଭଲିକି ଭଲି ଜ୍ୟାକେଟ୍ ଏବଂ ସ୍ୱେଟର ପିନ୍ଧିଥାନ୍ତି। ହେଲେ ଶାଢ଼ି, ଡ୍ରେସ ଏବଂ ଜିନ୍ସ ଆଦି ଡିଫରେଣ୍ଟ ଆଉଟ୍‌ଫିଟ୍ ସହିତ କେଉଁ ସବୁ ଉଲେନ୍ ୱିଣ୍ଟରଡ୍ରେସ୍ ବ୍ୟବହାର କଲେ ଟ୍ରେଣ୍ଡି ଓ ଷ୍ଟାଇଲିଶ୍ ଲୁକ୍ ପାଇପାରିବେ ଜାଣିରଖନ୍ତୁ ଟିପ୍ସ...**





➥ଉଲେନ୍ କୁର୍ତ୍ତା ଏବେ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି। ଏହାକୁ ଜିନ୍ସ ପ୍ୟାଣ୍ଟ, ଲେଗିଙ୍ଗ୍ସ, ପ୍ଲାଜୋ ଆଦି ସହ ପିନ୍ଧିପାରିବେ। ଏହା ଏଥ୍ନିକ ଲୁକ୍ ଦେବା ସହ ଷ୍ଟାଇଲିଶ୍ ମଧ୍ୟ ଲାଗିବ। କେବଳ ଲଙ୍ଗ୍ ନୁହେଁ ଉଲେନ୍ ଶର୍ଟ କୁର୍ତ୍ତି ମଧ୍ୟ ବଜାରରେ ଉପଲବ୍ଧ, ଯାହାକୁ ଟ୍ରାଏ କରି ଟ୍ରେଣ୍ଡି ଲୁକ୍ ପାଇପାରିବେ।

➥ଯଦି ଆପଣ ଟପ୍ ପିନ୍ଧୁଛନ୍ତି ତେବେ ସେଥିରେ ଉଲେନ୍ ଜ୍ୟାକେଟ୍ ଟିମ୍‌ଅପ୍ କରନ୍ତୁ। ଏବେ ଲାଇଟ୍, ଡାର୍କ, ଡେନିମ୍ ଏବଂ ଭାଇବ୍ରାଣ୍ଟ କଲର୍ ସହିତ ଭଲିକି ଭଲି ଆଟ୍ରାକ୍ଟିଭ୍ ଡିଜାଇନ୍‌ର ଉଲେନ୍ ଜ୍ୟାକେଟ୍ ମାର୍କେଟ୍‌ରେ ଉପଲବ୍ଧ। ଟପ୍ ଛଡ଼ା ଯେକୌଣସି କୁର୍ତ୍ତିରେ କିମ୍ବା ସ୍ଲିଭଲେସ୍ କୁର୍ତ୍ତିରେ ଏହାକୁ କ୍ୟାରି କଲେ ଫ୍ୟାଶନେବଲ୍ ଲାଗିବେ।

➥ଉଲେନ୍‌ର ବ୍ଲେଜର୍ ଓ ପ୍ୟାଣ୍ଟ ପିନ୍ଧିପାରିବେ। ଶୀତଦିନେ ଏହା ଅଫିସିଆଲ୍ ଆଉଟ୍‌ଫିଟ୍ ସହ ପିନ୍ଧିଲେ କ୍ଲାସି ଦେଖାଯିବେ। ପ୍ୟାଣ୍ଟ ଓ ବ୍ଲେଜର ମ୍ୟାଚିଙ୍ଗ କଲର୍‌ର ମଧ୍ୟ ପାଇପାରିବେ। ଷ୍ଟାଇଲିଶ୍ କୋର୍ଟ କିମ୍ବା ବ୍ଲେଜର୍ ସହ ଉଲେନ୍ ପ୍ୟାଣ୍ଟ ଓ ଡେନିମ ପିନ୍ଧିପାରିବେ।

➥ବର୍ତ୍ତମାନ ମାର୍କେଟ୍‌ରେ ବିଭିନ୍ନ ପ୍ରକାରର ଉଲେନ୍ ଓଭର କୋଟ୍ ମିଳୁଛି। ଶାଢ଼ି ସହିତ ଏହି ଓଭର କୋଟ୍ ବେଶ୍ ଆଟ୍ରାକ୍ଟିଭ୍ ଲୁକ୍ ଦେଇଥାଏ।

➥ସ୍ଲିଭ୍‌ଲେସ୍ ଉଲେନ୍ ସ୍ୱେଟର୍ କିମ୍ବା ଜ୍ୟାକେଟ୍‌କୁ ମଧ୍ୟ ନିଜ ୱିଣ୍ଟର କଲେକ୍ସନ୍‌ରେ ସାମିଲ କରନ୍ତୁ। କାରଣ ଯେକୌଣସି ଆଉଟ୍‌ଫିଟ୍ ସହିତ ଟିମ୍ ଅପ୍ କଲେ ଫ୍ୟାଶନେବଲ୍ ଲାଗିଥାଏ।

ସୌନ୍ଦର୍ଯ୍ୟ

# ଶୀତଦିନେ ତ୍ୱଚାର ଯତ୍ନ



**ଶୀତଦିନେ ତ୍ୱଚା ଶୁଷ୍କ ହୋଇଯିବା ଏକ ବଡ଼ ସମସ୍ୟା। ତେଣୁ ଏଦିନେ ତ୍ୱଚାକୁ ମଶ୍ଚରାଇଜ୍ କରି ରଖିବା ଲାଗି ଏହାର ବିଶେଷ ଯତ୍ନ ନେବା ଆବଶ୍ୟକ। ଜାଣି ରଖନ୍ତୁ କିଛି ଘରୋଇ ଟିପ୍ସ...**

➤ଶୀତଦିନେ ଥଣ୍ଡା ପବନ ପ୍ରଭାବରେ ତ୍ୱଚା ଡ୍ରାଏ ହୋଇଯାଏ। ଏପରି ନ ହେବାପାଇଁ ନିୟମିତ ମଶ୍ଚରାଇଜର ଲଗାନ୍ତୁ। କେମିକାଲ୍ ପ୍ରଡକ୍ଟ ବ୍ୟବହାର କରିବା ବଦଳରେ ପ୍ରାକୃତିକ ଭାବେ ମହୁ ବ୍ୟବହାର କରିପାରିବେ। ଏହାର ଆଣ୍ଟି-ଇନ୍‌ଫ୍ଲାମେଟୋରି ଗୁଣ ତ୍ୱଚାକୁ ହାଇଡ୍ରେଟ୍ କରି ରଖିଥାଏ। ମହୁକୁ ମୁହଁରେ ଲଗାଇ ୧୫ରୁ ୨୦ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। କିଛି ସମୟ ପରେ ପାଣିରେ ଧୋଇ ଦିଅନ୍ତୁ, ସ୍କିନ୍ ନରମ ଏବଂ ଚିକ୍କଣ ଲାଗିବ।

➤ବେଳେବେଳେ ଶୀତରେ ମୁହଁ ଏବଂ ନାକ ଡ୍ରାଏ ହୋଇ ଧଳା ଦାଗ ହୋଇଯାଏ। ଏଥିପାଇଁ ଆପଣ ଆଲୋଭେରା ବ୍ୟବହାର କରନ୍ତୁ। ଏହା ଆପଣଙ୍କ ତ୍ୱଚାକୁ ମଶ୍ଚରାଇଜ୍ କରି ରଖିଥାଏ। ଧଳାଦାଗ ପଡିବା ସ୍ଥାନରେ ଆଲୋଭେରା ଜେଲକୁ ଧୀରେ ଧୀରେ ମସାଜ୍ କରନ୍ତୁ। ଲଗାଇବାର ୧୫ରୁ ୨୦ ମିନିଟ୍ ପରେ ଏହାକୁ ଧୋଇଦିଅନ୍ତୁ। ପ୍ରତିଦିନ ଲଗାଇବା ଦ୍ୱାରା ତ୍ୱଚାର ଡ୍ରାଏନେସ୍ ଦୂର ହୋଇ କୋମଳ ରହିଥାଏ।

➤ଓଠର ତ୍ୱଚା କୋମଳ ହୋଇଥିବାରୁ ଶୀତଦିନେ ଏହା ଉପରେ ବେଶି ପ୍ରଭାବ ପଡ଼ିଥାଏ। ଓଠ ଡ୍ରାଏ ହୋଇ ଫାଟିବା, ଚୋପା ଛାଡିବା ଭଳି ସମସ୍ୟା ଦେଖା ଦେଇଥାଏ। ଯାହାକୁ ଦୂରକରିବା ଲାଗି ୧ ଚାମଚ ଚିନି ଏବଂ ୧ ଚାମଚ ମହୁ ନେଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହି ମିଶ୍ରଣକୁ ଓଠରେ ୩ରୁ ୪ମିନିଟ ପର୍ଯ୍ୟନ୍ତ ଲଗାଇ ଧୀରେ ଧୀରେ ସ୍କ୍ରବ୍ କରନ୍ତୁ। ୧୦ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ଏହାପରେ ଲିପ୍ ବାମ୍ ଲଗାଇପାରିବେ। ସପ୍ତାହକୁ ୨ରୁ ୩ ଥର ଏପରି କରନ୍ତୁ ଓଠ ନରମ ଏବଂ ମୁଲାୟମ ରହିବ।

➤ଗୋଇଠି ଫାଟିଲେ ନା କେବଳ ଅସୁନ୍ଦର ଦେଖାଯାଏ ବରଂ ଚାଲିବାରେ କଷ୍ଟ ମଧ୍ୟ ହୋଇଥାଏ। ଏହାକୁ ଦୂର କରିବା ଲାଗି କଦଳୀ ଏବଂ ମହୁର ପ୍ୟାକ୍ ପ୍ରସ୍ତୁତ କରି ମସାଜ କରନ୍ତୁ। କଦଳୀରେ ଥିବା ଏନ୍‌ଜାଇମ୍ ପାଦରୁ ଡେଡ୍ ସେଲ୍ ବାହାର କରିବା ସହ ପାଦକୁ କୋମଳ କରିଥାଏ। ଲଗାଇବା ପରେ ୨୦-୩୦ ମିନିଟ୍ ପାଇଁ ଶୁଖିବାକୁ ଛାଡି ଦିଅନ୍ତୁ। ନଖ ଉଷୁମ ପାଣିରେ ଗୋଇଠିକୁ ଧୋଇ ଦିଅନ୍ତୁ। ନରମ ଟାୱେଲ୍‌ରେ ପୋଛି ମଶ୍ଚରାଇଜର୍ ଲଗାନ୍ତୁ। ସପ୍ତାହକୁ ଥରେ ଏହିଭଳି କରିବା ଦ୍ୱାରା ଆପଣଙ୍କୁ ଗୋଇଠି ଫଟାରୁ ଉପଶମ ମିଳିବ।

# ପିଲା ଓ ମଧୁମେହ

**ଜୀବନଶୈଳୀ ପରିବର୍ତ୍ତନ ସହ ଅନ୍ୟ କେତେକ କାରଣରୁ ବର୍ତ୍ତମାନ ଅଧିକାଂଶଙ୍କ ଠାରେ ମଧୁମେହ ବା ଡାଇବେଟିସ୍ ସମସ୍ୟା ଦେଖିବାକୁ ମିଳୁଛି; ଯେଉଁଥିରୁ ବାଦ୍ ପଡୁନାହାନ୍ତି ଛୋଟପିଲା। ତେଣୁ ଏହି ରୋଗ ଚିହ୍ନଟ ହେବା ମାତ୍ରେ ଏହାର ନିୟମିତ ଚିକିତ୍ସା କରାଇବା ସହ କେତେକ ଦିଗ ପ୍ରତି ସଜାଗ ରହିଲେ ପିଲାଙ୍କ ଭବିଷ୍ୟତ ସୁଖମୟ ହୋଇପାରିବ ସେଥିରେ ସନ୍ଦେହ ନାହିଁ...**



ମଧୁମେହ ବା ଡାଇବେଟିସ୍ ଏକ ଏଭଳି ରୋଗ, ଯାହାକୁ ନିୟନ୍ତ୍ରଣରେ ନ ରଖିଲେ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବାର ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ ଏ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ନଭେମ୍ବର ମାସକୁ ଡାଇବେଟିସ୍ ଆୱାରନେସ୍ ମନ୍ଥ ଭାବେ ପାଳନ କରାଯାଉଛି। ତେବେ ଦୁଃଖର ବିଷୟ ଯେ, ଏବେ ଛୋଟପିଲା ଓ ଯୁବବର୍ଗଙ୍କଠାରେ ମଧ୍ୟ ମଧୁମେହ ଅଧିକ ମାତ୍ରାରେ ଦେଖାଯାଉଛି।

**ଟାଇପ୍-୧ ଡାଇବେଟିସ:** ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ(ଆଇସିଏମ୍‌ଆର) ଦ୍ୱାରା ଜାରି ହୋଇଥିବା ଏକ ତଥ୍ୟ ଅନୁସାରେ ପ୍ରଥମ କିସମର ବା ଟାଇପ୍-୧ ଡାଇବେଟିସ୍ ହେଉଛି ପିଲାମାନଙ୍କଠାରେ ଦେଖାଯାଉଥିବା ସର୍ବସାଧାରଣ ପ୍ରକାରର ଡାଇବେଟିସ। ରୋଗ ପ୍ରତିରୋଧକ ପ୍ରଣାଳୀରେ ଅବ୍ୟବସ୍ଥା ଯୋଗୁ, ତ୍ରୁଟିଯୁକ୍ତ ଜିନ୍, ଭାଇରସ୍ ସଂକ୍ରମଣ ପ୍ରଭାବରେ ଆଣ୍ଟିବଡି ଶରୀରର ଅଗ୍ନାଶୟସ୍ଥିତ ଇନସୁଲିନ୍ ଉତ୍ପାଦିକାରୀ ବିଟାକୋସ (BETA CELL)କୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦିଏ। ଏହା ସାଧାରଣତଃ ବାଲ୍ୟାବସ୍ଥା ଓ ତରୁଣ ଅବସ୍ଥାରେ ଦେଖାଦିଏ। ପ୍ରାରମ୍ଭରୁ ହିଁ ରକ୍ତ ଶର୍କରା ଅତ୍ୟଧିକ ବଢ଼ିଯିବା ଯୋଗୁ ଭୋକ, ଶୋଷ, ପରିସ୍ରା ଅଧିକ ମାତ୍ରାରେ ହେବା ସହ ଓଜନ ମଧ୍ୟ କ୍ଷୟ ହୋଇଥାଏ। ଏହାର କୁପ୍ରଭାବରେ ସ୍ନାୟୁ, ଚକ୍ଷୁ, ବୃକକ୍, ଶିରା ପ୍ରଶିରା, ହୃଦୟ, ମସ୍ତିଷ୍କ ଆକ୍ରାନ୍ତ ହେବା ସହ ଅଧିକ ଇନ୍‌ଫେକ୍‌ସନ, କିଟୋଏସିଡୋସିସ୍ (KETOACIDOSIS) ଦେଖାଦିଏ।



**ଚିକିତ୍ସା:** ଟାଇପ୍-୧ ଡାଇବେଟିସ୍ ରୋଗୀଙ୍କର ଚିକିତ୍ସା ଇନ୍‌ସୁଲିନ ଇନଜେକସନ୍ ଦ୍ୱାରା କରାଯାଏ। ସମୟ ପୂର୍ବକ ରକ୍ତ ପରୀକ୍ଷା, ଘରେ ଗ୍ଲୁକୋମିଟର ଦ୍ୱାରା ନିୟମିତ ଯାଞ୍ଚ, ପର୍ଯ୍ୟାୟକ୍ରମେ ମଧୁମେହ ଦ୍ୱାରା ଅଙ୍ଗ ପ୍ରତ୍ୟଙ୍ଗ ପରୀକ୍ଷା ଏବଂ ଡାକ୍ତରୀ ପରାମର୍ଶ ନିହାତି ଆବଶ୍ୟକ। ଏହାର ଚିକିତ୍ସା ପଦ୍ଧତିରେ ନୂତନ ପ୍ରଣାଳୀ ଯଥା CGMS (ସି ଜି ଏମ୍ ଏସ୍) , ଇନ୍ସୁଲିନ୍ ପମ୍ପ, ପାନକ୍ରିଆଜ୍ ଟ୍ରାନ୍ସପ୍ଲାଣ୍ଟ (ଅଗ୍ନାଶୟ ପ୍ରତିରୋପଣ), ଷ୍ଟେମ୍ ଷ୍ଟେଲ ଥେରାପି ଆଦି ବିଷୟରେ ଏଣ୍ଡୋକ୍ରାଇନୋଲୋଜିଷ୍ଟଙ୍କଠାରୁ ପରାମର୍ଶ ନିଅନ୍ତୁ। ଟାଇପ୍-୧ ଡାଇବେଟିସ୍‌ରେ ଆକ୍ରାନ୍ତ ପିଲାମାନେ ସାଧାରଣତଃ ପତଳା ରୁହନ୍ତି, ଘରେ ଅନ୍ୟ କେହି ବ୍ୟକ୍ତି ଡାଇବେଟିସରେ ଆକ୍ରାନ୍ତ ନ ଥାଆନ୍ତି।

**ଟାଇପ୍- ୨ ଡାଇବେଟିସ୍:** ବଢୁଥିବା ବାଲ୍ୟାବସ୍ଥା ମେଦବହୁଳତା ଯୋଗୁଁ ସାଧାରଣତଃ ବୟସ୍କ ବ୍ୟକ୍ତିଙ୍କଠାରେ ଦେଖାଦେଉଥିବା ଦ୍ୱିତୀୟ କିସମର ଡାଇବେଟିସରେ ବା ଟାଇପ୍-୨ ଡାଇବେଟିସ୍ ଆଜିକାଲି ଛୋଟପିଲାଙ୍କଠାରେ ମଧ୍ୟ ଦେଖାଦେଉଛି। ଏଥିରେ ଆକ୍ରାନ୍ତ ପିଲା ମୋଟା ଥିବା ସହିତ ଘରେ ଅନ୍ୟ ଲୋକ ଡାଇବେଟିସରେ ପ୍ରଭାବିତ ଥାଆନ୍ତି। ଏଥିରେ ଓଜନ କମାଇବାକୁ ପରାମର୍ଶ ଦେବା ସହ ନିୟମିତ ମେଡିସିନ୍ ଦ୍ୱାରା ଏମାନଙ୍କର ଚିକିତ୍ସା କରାଯାଏ।

– ସେହିଭଳି MODY (MATURITY ONSET DIABETES OF THE YOUNG)/ ମୋଡିରେ ଆକ୍ରାନ୍ତ ଚିକିତ୍ସା କରାଯାଏ।

– ଖୁବ୍ କମ୍ କ୍ଷେତ୍ରରେ ୬ମାସରୁ କମ ବୟସ ଶିଶୁଙ୍କ ଠାରେ ନିଓନାଟାଲ ଡାଇବେଟିସ(NEONATAL DIABETES) ଦେଖାଦିଏ। କେତେକ ଜେନେଟିକ ପରୀକ୍ଷଣ ଦ୍ୱାରା ପିଲାମାନଙ୍କଠାରେ ଦେଖାଦେଉଥିବା ଡାଇବେଟିସର ପୃଥକକରଣ କରାଯାଇଥାଏ।



ପିଲାମାନେ ପତଳା ରୁହନ୍ତି। ଏହା ହେରିଡିଟାରୀ ବା ବଂଶଗତ, କାରଣ ଏଥିରେ ପରିବାରର କ୍ରମାଗତ ୩ଟି ଜେନେରେଶନର ଲୋକ ଆକ୍ରାନ୍ତ ହୋଇଥାଆନ୍ତି। ଏଥିରେ ପ୍ରାୟତଃ ଆକ୍ରାନ୍ତ ପିଲାମାନେ ଔଷଧରେ ଚିକିତ୍ସା ଲାଭ କରିଥାନ୍ତି। ପାନ୍‌କ୍ରିଆଜ୍ କୌଣସି କାରଣରୁ କ୍ଷତିଗ୍ରସ୍ତ ହେଲେ ଡାଇବେଟିସ ସହ ବାରମ୍ବାର ପେଟରେ ଯନ୍ତ୍ରଣା, ପତଳାଝାଡ଼ା, ବାନ୍ତି, ଝାଡ଼ାରେ ତେଲିଆ ଅଂଶ ଦେଖାଯିବା, ଦେହରେ ନାନା ରନ୍ଧ୍ରରୁ ରକ୍ତ ନିଷ୍କାସନ ଆଦି ଲକ୍ଷଣ ଦେଖାଦିଏ। ବଟିକା, ଇନ୍‌ସୁଲିନ ସହ ଏନ୍‌ଜାଇମ ଥେରାପି ଦ୍ୱାରା ଏହାର



**ପ୍ରତିକାର:** ନିଷ୍ଠାପର ଜୀବନଶୈଳୀ ଅବଲମ୍ବନ, ସନ୍ତୁଳିତ ଖାଦ୍ୟାଭ୍ୟାସ, ଶାରୀରିକ ପରିଶ୍ରମ, ନିୟମିତ ଯୋଗ-ବ୍ୟାୟାମ କରିବା ସହ ରକ୍ତଶର୍କରା ନିୟନ୍ତ୍ରଣ, ଡାକ୍ତରୀ ପରାମର୍ଶର ଅନ୍ୟାନ୍ୟ ଅଙ୍ଗର କାର୍ଯ୍ୟକଳାପ ପରୀକ୍ଷଣ, ଇନ୍‌ଫେକ୍ସନ୍ ବିରୋଧରେ ଭ୍ୟାକ୍ସିନ୍ ଗ୍ରହଣ ଦ୍ୱାରା ଏକ ଜଟିଳତାବିହୀନ ଜୀବନଯାପନ ହେଉଛି ମୂଳ ଲକ୍ଷ୍ୟ।

**-ଡା. ସୁନୀଲ କୁମାର କୋଟା**
*ଏଣ୍ଡୋକ୍ରାଇନୋଲୋଜିଷ୍ଟ ଏବଂ ମଧୁମେହ ବିଶେଷଜ୍ଞ, ଡାଇବେଟିସ ଆଣ୍ଡ ଏଣ୍ଡୋକେଆର କ୍ଲିନିକ, ବ୍ରହ୍ମପୁର*

# ଅଦରକାରୀ ପ୍ଲାଷ୍ଟିକ୍‌ର ନୂଆ ରୂପ...



➤ପ୍ଲାଷ୍ଟିକ୍ ବୋତଲ୍‌ଗୁଡ଼ିକୁ ବ୍ୟବହାର କରିସାରିବା ପରେ ବାହାରେ ନ ଫିଙ୍ଗି ବିଭିନ୍ନ ଆକୃତିରେ କାଟି ଗଛ ଲଗାଇବା ପାଇଁ ବ୍ୟବହାର କରିପାରିବେ। ଏଥିରେ ୱାଲ୍ ହାଙ୍ଗିଙ୍ଗ୍ ଗାର୍ଡେନ ମଧ୍ୟ କରିପାରିବେ।

➤ଯଦି ଆପଣଙ୍କର ଆର୍ଟ କିମ୍ବା କ୍ରାଫ୍ଟ କରିବାରେ ରୁଚି ରହିଛି , ତେବେ ଅଦରକାରୀ ପ୍ଲାଷ୍ଟିକ୍ ଜିନିଷଗୁଡ଼ିକୁ ନିଜ ମନ ପସନ୍ଦ ଡିଜାଇନ୍‌ର କାଟି ଫ୍ଲାୱାରପଟ୍, ଫ୍ଲାୱାରଭେସ୍ ଆଦି ପ୍ରସ୍ତୁତ କରିପାରିବେ ।

➤ପେନ୍ ଷ୍ଟାଣ୍ଡ, ପେପର୍ ଷ୍ଟାଣ୍ଡ, ମୋବାଇଲ୍ ଷ୍ଟାଣ୍ଡ, ବ୍ରସ୍ ଷ୍ଟାଣ୍ଡ, ଜୁଏଲେରି ଷ୍ଟାଣ୍ଡ, ବୁକ୍ ସେଲ୍ଫ ଆଦି ମଧ୍ୟ ପ୍ଲାଷ୍ଟିକ୍‌ରୁ କରିପାରିବେ। ଏହାକୁ ବିଭିନ୍ନ କଲର ଦେଇ ସଜାଇପାରିବେ।

➤ ଘର ଅଗଣାରେ ଯଦି ଗଛ ଅଛି ତେବେ ସେଥିରେ ଦଉଡ଼ି ଲଗାଇ ପ୍ଲାଷ୍ଟିକ୍ ପାତ୍ରରେ ପକ୍ଷୀମାନଙ୍କ ପାଇଁ ଖାଇବା ରଖିବା ସହ ସେମାନଙ୍କ ପାଇଁ ବସା ବି କରିପାରିବେ।

➤ମହିଳାମାନଙ୍କୁ ମୁଖ୍ୟତଃ ରୋଷେଇ ଘର ସଜେଇବାକୁ ଭଲ ଲାଗେ। ତେଣୁ ସେମାନେ ଚାହିଁଲେ ଅଦରକାରୀ ପ୍ଲାଷ୍ଟିକ୍ ଡବାରେ ସୁନ୍ଦର ସୁନ୍ଦର କିଚେନ୍ କଣ୍ଟେନର୍ ପ୍ରସ୍ତୁତ କରିପାରିବେ।

➤ପ୍ଲାଷ୍ଟିକ୍ ବୋତଲରେ ବିଭିନ୍ନ ଷ୍ଟାଇଲ୍‌ର ଫ୍ଲାୱାର୍, ୱାଲ୍ ହ୍ୟାଙ୍ଗିଙ୍ଗ୍ ଆଦି ପ୍ରସ୍ତୁତ କରି କାନ୍ଥରେ ଟାଙ୍ଗି ଘରକୁ ଆଟ୍ରାକ୍ଟିଭ୍ ଲୁକ୍ ଦେଇପାରିବେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୩/୨୦୨୧ Bhubaneswar, Tuesday, November 23/ 2021

# ୧୬ ଦଳ ପ୍ରସ୍ତୁତ, ଆରମ୍ଭକୁ ଅପେକ୍ଷା




କଳିଙ୍ଗ ହକି ଷ୍ଟାଡିୟମରେ ଲାଗିଥିବା ବିଭିନ୍ନ ଦେଶର ପତାକା।

**ଏଫ୍ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ**

ଭୁବନେଶ୍ୱର, ୨୨।୧୧ (କ୍ରୀଡ଼ା ପ୍ରତିନିଧି)

ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫଆଇଏଚ୍), ହକି ଇଣ୍ଡିଆ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ଆୟୋଜନ ହେବାକୁ ଯାଉଥିବା ଜୁନିୟର ହକି ବିଶ୍ୱକପ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। କରୋନା ମହାମାରୀକୁ ଦୃଷ୍ଟିରେ ରଖି ଏଥର ଦର୍ଶକଙ୍କୁ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ ବାରଣ ଥିଲେ ହେଁ ନୂଆ ରୂପରେ ସଜେଇ ହୋଇଛି କଳିଙ୍ଗ ଷ୍ଟାଡିୟମର ହକି କମ୍ପ୍ଲେକ୍ସ। ୧୬ଟି ଯାକ ଅଂଶଗ୍ରହଣକାରୀ ଦଳ ଭୁବନେଶ୍ୱରରେ ଅଭ୍ୟାସକୁ ଜୋରଦାର କରିଛନ୍ତି। ଏବେ କେବଳ ପ୍ରତିଯୋଗିତା ଆରମ୍ଭକୁ ଅପେକ୍ଷା। ୧୬ଟି ଦଳକୁ ୪ଟି ପୁଲ୍‌ରେ ବିଭକ୍ତ କରାଯାଇଛି। ପ୍ରତି ପୁଲ୍‌ରୁ ଶ୍ରେଷ୍ଠ ୨ଟି ଲେଖାଏ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ତେଣୁ ବିଶ୍ୱର ରାଇଜିଂ ଷ୍ଟାରଙ୍କୁ ନେଇ ହେବାକୁଥିବା ଏହି ପ୍ରତିଯୋଗିତା ରୋମାଞ୍ଚକ ଏବଂ ସଂଘର୍ଷପୂର୍ଣ୍ଣ ହେବା ନିଶ୍ଚିତ ହୋଇଯାଇଛି।

ପୁଲ୍ 'ଏ'ରେ ୟୁରୋପିଆନ ହେଭିୱେଟ ବେଲଜିୟମ ସହିତ ମାଲେସିଆ, ଚିଲି ଓ ଦକ୍ଷିଣ ଆଫ୍ରିକା ସ୍ଥାନ ପାଇଛି। ''ଭାରତୀୟ ଦଳରେ କ୍ୱାଲିଟି ଖେଳାଳି ଅଛନ୍ତି। ଏହି ଦଳ ଘରୋଇ ପରିବେଶରେ ଖେଳିବାକୁ ଯାଉଥିବାରୁ ନିଶ୍ଚିତ ଏହା ଉପରେ ନଜର ରହିବ ବୋଲି ବେଲଜିୟମ କୋଚ୍ ଜେରୋନ ବାର୍ଟ ପ୍ରକାଶ କରି ସାରିଛନ୍ତି। ସେହିପରି ମାଲେସିଆ ମୁଖ୍ୟ କୋଚ୍ ୱାଲାସ ଟାନ୍ ମଧ୍ୟ ଆଇକନିକ୍ କଳିଙ୍ଗ ଷ୍ଟାଡିୟମକୁ ସମ୍ମାନ ଜଣାଇଛନ୍ତି। ଏହା ବିଶ୍ୱର ଅନ୍ୟତମ ବଡ଼ ଷ୍ଟାଡିୟମ। ଏଠାରେ ବହୁ ବଡ଼ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇ ସାରିଛି। ତେଣୁ ଏଥିରେ ଖେଳିବା ଏକ ସମ୍ମାନ ସଦୃଶ ବୋଲି ୱାଲାସ କହିଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ବେଲ୍‌ଜିୟମ ଦଳକୁ ସବୁଠାରୁ କଷ୍ଟସାଧ୍ୟ ବୋଲି ଦକ୍ଷିଣ ଆଫ୍ରିକା ମୁଖ୍ୟ କୋଚ୍ ଶିଲେ ଏନ୍‌ଟୁଲି ପ୍ରକାଶ କରିଛନ୍ତି। ଚିଲି ଅଧିନାୟକ ନିକୋଲାସ ଆବୁଜାଟୁମ କହିଛନ୍ତି ଯେ, ''କଳିଙ୍ଗ ଷ୍ଟାଡିୟମ ପରି ବିଶ୍ୱସ୍ତରୀୟ ଷ୍ଟାଡିୟମରେ ଆମେ କେବେ ଖେଳିନାହୁଁ। ପାନ୍-ଆମେରିକାନ୍ ଚାମ୍ପିୟନଶିପ୍‌ରେ ଖେଳି ଆମେ ନିଜକୁ ପ୍ରସ୍ତୁତ କରିଛୁ। ତେବେ ଆମେ କଳିଙ୍ଗରେ ଖେଳିବାକୁ ଉତ୍ସାହର ସହ ଅପେକ୍ଷା କରିଛୁ'' ବୋଲି ନିକୋଲାସ ପ୍ରକାଶ କରିଛନ୍ତି।

ଘରୋଇ ଭାରତ ପୁଲ୍ 'ବି'ରେ କାନାଡ଼ା, ଫ୍ରାନ୍ସ ଓ ପୋଲାଣ୍ଡ ସହିତ ସ୍ଥାନ ପାଇଛି। ବିବେକ ସାଗର ପ୍ରସାଦଙ୍କ ନେତୃତ୍ୱାଧିନ ଭାରତୀୟ ଦଳ ଟାଇଟଲ ବଜାୟ ରଖିବା ପାଇଁ ବଦ୍ଧପରିକର। ''ଆମ ଦଳ ୨୦୧୬ରେ ଚାମ୍ପିୟନ ହୋଇଥିଲା। ତେଣୁ ସେହି ପ୍ରଦର୍ଶନ ବଜାୟ ରଖିବା ଆମ ଦଳର ମୁଖ୍ୟ ଲକ୍ଷ୍ୟ'' ବୋଲି ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ସିନିୟର ଦଳର ସଦସ୍ୟଥିବା ବିବେକ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ '' ନିକଟ ଅତୀତରେ ଦଳ ଯଦିଓ ବିଦେଶରେ ଖେଳିବାର ସୁଯୋଗ ପାଇନାହିଁ ତେବେ ଭୁବନେଶ୍ୱରରେ ସିନିୟରଙ୍କ ବିପକ୍ଷରେ ଖେଳି ନିଜକୁ ପ୍ରସ୍ତୁତ କରିଛି। ଭୁବନେଶ୍ୱରରେ ପହଞ୍ଚିବା ପରଠାରୁ ପିଲାମାନେ କଳିଙ୍ଗ ଷ୍ଟାଡିୟମରେ କ୍ରମାଗତ ଅଭ୍ୟାସ କରି ଆସୁଛନ୍ତି। ଟୁର୍ନାମେଣ୍ଟ ଆରମ୍ଭ ପୂର୍ବରୁ ଏଠାରେ ଅଭ୍ୟାସ ନିଶ୍ଚିତ କାମଦେବ'' ବୋଲି ଭାରତୀୟ ସିନିୟର ଦଳର ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ କହିଛନ୍ତି। ପୋଲାଣ୍ଡ ମୁଖ୍ୟ କୋଚ୍ ଜାସେକ ଆଡ୍ରଆନ ନିଜ ଦେଶ ଓ ଓଡ଼ିଶାର ଜଳବାୟୁରେ ଥିବା ଭିନ୍ନତା ସମ୍ପର୍କରେ ପ୍ରକାଶ କରିବା ସହ ତାଙ୍କ ଦଳ ଶ୍ରେଷ୍ଠ ପ୍ରଦର୍ଶନ କରିବା ନେଇ ଆଶାବାଦୀ ଅଛନ୍ତି। କାନାଡ଼ା ଅଧିନାୟକ ଖ୍ରିଷ୍ଟୋଫର ଟାର୍ଡିଫ ବିଶ୍ୱ ହକିର ମକ୍କାଭାବେ କଳିଙ୍ଗ ଷ୍ଟାଡିୟମକୁ ଅଭିହିତ କରିଛନ୍ତି। ଏଠାରେ ତାଙ୍କ ଦଳ ଖେଳିବାକୁ ବ୍ୟଗ୍ର ଥିବା ସେ କହିଛନ୍ତି। ଫ୍ରାନ୍ସ ମୁଖ୍ୟ କୋଚ୍ ଆୟମେରିକ ବେର୍ଗାମୋ କହିଛନ୍ତି ଯେ, ଯୁବ ହକି ଖେଳାଳିଙ୍କ ପାଇଁ ଏହା ସର୍ବଶ୍ରେଷ୍ଠ ପ୍ରତିଯୋଗିତା। ବିଶ୍ୱକପ ଖେଳିବା ପାଇଁ ସବୁ ଯୁବ ଖେଳାଳିଙ୍କ ଇଚ୍ଛା ରହିଥାଏ। ଏଠାରେ ଆମ ଦଳ ନିଶ୍ଚିତ ଭଲ ପ୍ରଦର୍ଶନ କରିବ ବୋଲି ବେର୍ଗାମୋ ପ୍ରକାଶ କରିଛନ୍ତି।

ପୁଲ୍ 'ସି'ରେ ସ୍ପେନ, କୋରିଆ, ଆମେରିକା, ନେଦରଲାଣ୍ଡ୍ସ ଏବଂ ପୁଲ୍ 'ଡି'ରେ ଜର୍ମାନୀ, ପାକିସ୍ତାନ, ଇଜିପ୍ଟ ଏବଂ ଆର୍ଜେଣ୍ଟିନା ରହିଛନ୍ତି। ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳ ଜର୍ମାନୀ ଏଠାରେ ପ୍ରଦର୍ଶନର ଛାପ ଛାଡ଼ିବାକୁ ପ୍ରତିଶ୍ରୁତିବଦ୍ଧ ଥିବାବେଳେ ପାକିସ୍ତାନ କଳିଙ୍ଗ ଷ୍ଟାଡିୟମରେ ଖେଳିବା ପାଇଁ ଉତ୍ସାହର ସହ ଅପେକ୍ଷା କରିଛି ବୋଲି ଏହାର ମୁଖ୍ୟ କୋଚ୍ ଡାନିଶ କଲିମ ପ୍ରକାଶ କରିଛନ୍ତି। ନଭେମ୍ବର ୨୪ ପ୍ରଥମ ଦିବସରେ ମୋଟ ୫ଟି ମ୍ୟାଚ ଖେଳାଯିବ। ପୂର୍ବାହ୍ନ ୯ଟା ୩୦ରେ ବେଲଜିୟମ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହେବ। ଭାରତ ସେହିଦିନ ରାତି ୮ଟାରେ ଫ୍ରାନ୍ସ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

## କିଟ୍ ହକି ଷ୍ଟାଡିୟମରେ ତାଲିମ୍ ଓ ଅଭ୍ୟାସ




କିଟ୍ ହକି ଷ୍ଟାଡିୟମରେ ଖେଳାଳିଙ୍କ ଅଭ୍ୟାସ।

ଭୁବନେଶ୍ୱର, ୨୨।୧୧ (କ୍ରୀଡ଼ା ପ୍ରତିନିଧି): ଜୁନିୟର ହକି ବିଶ୍ୱକପ୍ ପୂର୍ବରୁ କିଟ୍ ଓ କିସ୍ ଷ୍ଟାଡିୟମରେ ବିଭିନ୍ନ ଦଳର ତାଲିମ ଓ ଅଭ୍ୟାସ ଅନୁଷ୍ଠିତ ହେଉଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଖେଳାଳିମାନଙ୍କ ଅଭ୍ୟାସ ଓ ତାଲିମ୍ ପାଇଁ କଳିଙ୍ଗ ଷ୍ଟାଡିୟମ୍ ଓ କିଟ୍ ହକି ଷ୍ଟାଡିୟମରେ ବ୍ୟବସ୍ଥା କରାଯାଇଛି। ଖେଳାଳିମାନେ ସକାଳ ୮ଟାଠାରୁ ରାତି ୧୦ଟା ପର୍ଯ୍ୟନ୍ତ ଅଭ୍ୟାସ କରୁଛନ୍ତି। ଷ୍ଟାଡିୟମକୁ ନିୟମିତ ସାନିଟାଇଜ କରାଯିବା ସହ ୧୦୦୦ ଲକ୍ସ ବିଶିଷ୍ଟ ଉଜ୍ଜ୍ୱଳ ଫ୍ଲଡ ଲାଇଟ ବ୍ୟବସ୍ଥା କରାଯାଇଛି। ୧୬ଟି ଯାକ ହକି ଦଳ ପ୍ରଥମ ଥର ପାଇଁ ଏହି ହକି ଷ୍ଟାଡ଼ିୟମରେ ଅଭ୍ୟାସ କରିବା ସହ ଏହାର ଉଚ୍ଚ ପ୍ରଶଂସା କରିଛନ୍ତି। ହକି ଷ୍ଟାଡିୟମର ସିନ୍ଥେଟିକ ଟର୍ଫ ସହ ଏହାକୁ ଲାଗି ରହିଥିବା ଜିମ୍ ଓ ସୁଇମିଂ ପୁଲ୍ ଆଦି ଅତ୍ୟାଧୁନିକ ବ୍ୟବସ୍ଥା ଥିବାରୁ ଖେଳାଳିମାନେ ଏହାର ଉପଯୋଗ କରୁଛନ୍ତି। ଭାରତୀୟ ସିନିୟର ଓ ଜୁନିୟର ହକି ଦଳର ପ୍ରଶିକ୍ଷଣ ନଭେମ୍ବର ୮ରୁ ଏଠାରେ ଚାଲିଛି। ଖେଳାଳିଙ୍କ ଅଭ୍ୟାସ ଓ ତାଲିମ ପାଇଁ କିଟ୍ ଷ୍ଟାଡିୟମକୁ ସୁଯୋଗ ଦେଇଥିବାରୁ ଏହାର ପ୍ରତିଷ୍ଠାତା ଏମ୍‌ପି ଅଚ୍ୟୁତ ସାମନ୍ତ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଓଡ଼ିଶାକୁ ୧ ରୌପ୍ୟ, ୨ ବ୍ରୋଞ୍ଜ



ଜାତୀୟ ବେଞ୍ଚ୍‌ପ୍ରେସ୍ ପ୍ରତିଯୋଗିତାରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ।

**ଜାତୀୟ ବେଞ୍ଚ୍‌ପ୍ରେସ୍ ପ୍ରତିଯୋଗିତା**

ଭୁବନେଶ୍ୱର, ୨୨।୧୧(କ୍ରୀଡ଼ା ପ୍ରତିନିଧି)

ଗୋଆର ମନୋହର ପାରିକର ଇନ୍‌ଡୋର ଷ୍ଟାଡିୟମରେ ଚଳିତ ମାସ ୧୬ରୁ ୨୦ ପର୍ଯ୍ୟନ୍ତ ଜାତୀୟ ବେଞ୍ଚ୍‌ପ୍ରେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଓଡ଼ିଶାକୁ ଗୋଟିଏ ରୌପ୍ୟ ଓ ୨ଟି ବ୍ରୋଞ୍ଜ ପଦକ ମିଳିଛି। ସିନିୟର ପୁରୁଷ ବିଭାଗର ୧୦୫ କେଜି ବର୍ଗରେ ସୂର୍ଯ୍ୟକାନ୍ତ ପ୍ରଧାନ ୧୭୫ କେଜି ଏବଂ ୭୫ କେଜି ଓଜନ ବର୍ଗରେ ଦିବାକର ଗୋଛାୟତ ୧୫୦ କେଜି ଭାରତ ଉଠାଉ ବ୍ରୋଞ୍ଜ ପଦକ ପାଇଛନ୍ତି। ମାଷ୍ଟର ପୁରୁଷ-୩ ବିଭାଗରେ ନାରାୟଣ ସେଠୀ ରୌପ୍ୟ ପଦକ ହାସଲ କରିଛନ୍ତି। ସମରେନ୍ଦ୍ର ରାଉତରାୟଙ୍କ ନେତୃତ୍ୱରେ ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପଦକ ବିଜେତା ମାନଙ୍କୁ ରାଜ୍ୟ ଶକ୍ତିଉତ୍ତୋଳନ ସଂଘର କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି। ସୋମବାର ୱାର୍ଲ୍ଡ ଜିମ୍ ପକ୍ଷରୁ ସୂର୍ଯ୍ୟକାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ, ଆଇନଜିବୀ ସୀତାଂଶୁ ମୋହନ ଦ୍ୱିବେଦୀ, ଖଦି ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ, ଓ ନୀଳକଣ୍ଠ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ଯୋଗ ପ୍ରତିଯୋଗିତାରେ ଓଡ଼ିଆଙ୍କ କମାଲ




ଯୋଗ କରିବା ଅବସରରେ ଓଡ଼ିଶାର କୃତୀ ବାଳିକା ବାଳକମାନେ।

ଭୁବନେଶ୍ୱର, ୨୨।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ନଭେମ୍ବର ୨୦ ଓ ୨୧ ତାରିଖରେ ଦିନ ଆଇୱାଇଏସ୍ ଏଫ୍ ( ଆନ୍ତର୍ଜାତୀୟ ଯୋଗାସନ କ୍ରୀଡାସଂଘ ) ପକ୍ଷରୁ ଏକ ବିଶ୍ୱ ଯୋଗ ଉତ୍କର୍ଷତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ୨୬ଟି ଦେଶର ୧୬୮ କ୍ରୀଡ଼ାବିତ୍ ଭାଗ ନେଇଥିଲେ। ଭାରତର ୧୮ ପ୍ରତିଯୋଗୀଙ୍କ ମଧ୍ୟରେ ଓଡ଼ିଶାର ୪ ଜଣ ସ୍ମାରକ ଦେ, ସରସ୍ୱତୀ ସାମଲ, ପ୍ରଣୟ କେଶରୀ ଓ ଦିପ୍ତୀମୟୀ ସେଠୀ ସାମିଲ ଥିଲେ। ଦୁଇ ଦିନର କଠିନ ପ୍ରତିଯୋଗିତା ପରର ଶେଷ ଫଳାଫଳ ଭାରତ ପାଇଁ କିଛି ଗୌରବ ଆଣିଦେଇଥିଲା। ଓଡ଼ିଶା ପ୍ରତିଯୋଗିମାନେ ମଧ୍ୟ ଚମତ୍କାରିତା ଦେଖାଇଥିଲେ। ସିନିୟର ପୁରୁଷ ବିଭାଗରେ ସ୍ମାରକ ଦେ ସ୍ୱର୍ଣ୍ଣ ପଦକ ପାଇଥିଲେ। ୧୨ ରୁ ୧୪ ବର୍ଷ ବାଳିକା ପର୍ଯ୍ୟାୟରେ ସରସ୍ୱତୀ ସାମଲ ସ୍ୱର୍ଣ୍ଣ ଓ ଦିପ୍ତୀମୟୀ ସେଠୀ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ।

# ହକି ଦେଇଛି ଓଡ଼ିଶାକୁ ଅନନ୍ୟ ପରିଚୟ

ରାଜ୍ୟ ସରକାର ହକିର ଅନ୍ତୁଡ଼ିଶାଳ ଓଡ଼ିଶାରେ ଚାମ୍ପିୟନ୍ସ ଟ୍ରଫି ହକି, ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱ କପ, ଅଲିମ୍ପିକ୍ସ କ୍ୱାଲିଫାୟର୍ସ ଆଦି ଅନେକ ଅନ୍ତର୍ଜାତୀୟ ସ୍ତରର ଇଭେଣ୍ଟର ସଫଳ ଆୟୋଜନ କରିଛନ୍ତି । ଫଳରେ ଓଡ଼ିଶାରେ ହକିର ପ୍ରସିଦ୍ଧି ବୃଦ୍ଧି ପାଇଛି । ଜାତୀୟ ହକିକୁ ଯେତେବେଳେ ପ୍ରାୟୋଜକର ଅଭାବ ଥିଲା, ଠିକ୍ ସେତିକିବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ବଳରେ ଓଡ଼ିଶା ୫ ବର୍ଷ ପାଇଁ ସାଜିଥିଲା ଉଭୟ ପୁରୁଷ ଓ ମହିଳା ଦଳର ପ୍ରାୟୋଜକ । ପରବର୍ତ୍ତୀ ସମୟରେ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ଓ ମହିଳା ଦଳର ଉଲ୍ଲେଖନୀୟ ପ୍ରଦର୍ଶନ ନିମନ୍ତେ ଓଡ଼ିଶାକୁ ସାରା ବିଶ୍ୱରୁ ପ୍ରଶଂସାର ସୁଅ ଛୁଟିଥିଲା। ଏହା କେବଳ ସମ୍ଭବ ହୋଇଥିଲା ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ କ୍ରୀଡ଼ାକୁ ଭଲପାଇବା କାରଣରୁ। ନିକଟରେ ମୁଖ୍ୟମନ୍ତ୍ରୀ ଜାତୀୟ ପୁରୁଷ ଓ ମହିଳା ହକି ଦଳକୁ ଆଉ ୧୦ ବର୍ଷ ପାଇଁ ପ୍ରାୟୋଜକ ହେବା ଘୋଷଣା କରିଛନ୍ତି। କରୋନା ମହାମାରୀ ସମୟରେ ଆମେ ଅନେକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନରୁ ବଞ୍ଚିତ ରହିଥିଲୁ। ତେବେ ଟୋକିଓ ଅଲିମ୍ପିକ୍ସରେ ଆମ ହକି ଦଳର ପ୍ରଦର୍ଶନ ଆହୁରି ଅଧିକ କିଛି କରିବା ପାଇଁ ପ୍ରେରଣା ଯୋଗାଇଛି। ଅଲିମ୍ପିକ୍ସରେ ଉଭୟ ପୁରୁଷ ଓ ମହିଳା ଦଳରେ ୪ ଓଡ଼ିଆ ହକି ଖେଳାଳି ସାମିଲ ହୋଇ ସେମାନଙ୍କର ପ୍ରଦର୍ଶନ ଜରିଆରେ ସବୁ ଦେଶବାସୀଙ୍କ ମନ କିଣି ନେଇଥିଲେ। ମୁଖ୍ୟମନ୍ତ୍ରୀ ହକିକୁ ନେଇ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଆମ ଦେଶରୁ ପ୍ରତିନିଧିତ୍ୱ କରିଥିବା ଖେଳାଳିମାନେ ସେମାନଙ୍କ ପ୍ରଦର୍ଶନ ଜରିଆରେ ପୂରା କରିଥିଲେ। ଏହା ଆମ ଦେଶ ତଥା ରାଜ୍ୟକୁ ଗୌରବାନ୍ୱିତ କରିବା ସହ ସମଗ୍ର ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଓଡ଼ିଶା ପାଇଁ ଆଣି ଦେଇଥିଲା ସ୍ୱତନ୍ତ୍ର ପରିଚୟ।

ଏପରି ଘଟଣା ରାଜ୍ୟର ତୃଣମୂଳ ସ୍ତରର ସମସ୍ତ ହକି ଖେଳାଳିଙ୍କୁ ଉତ୍ସାହିତ କରିଛି। ଏବେ ଗାଁ ଗାଁରେ, ବିଶେଷ କରି ସୁନ୍ଦରଗଡ଼ ଜିଲାର ପ୍ରତ୍ୟେକଟି ବ୍ଲକ ଓ ପ୍ରତି ଗ୍ରାମରେ ସମସ୍ତେ ହକିକୁ ଉତ୍ସବ ଭାବେ ପାଳନ କରିଆସୁଛନ୍ତି। ଏତିକିରେ ସନ୍ତୁଷ୍ଟ ନ ରହି ଓଡ଼ିଶା ସରକାର ସୁନ୍ଦରଗଡ଼ ଜିଲାରେ ୧୭ଟି ସିନ୍ଥେଟିକ ଟର୍ଫ ଓ ରାଉରକେଲାରେ ଏକ ବୃହତ୍ ହକି ଷ୍ଟାଡିୟମ ନିର୍ମାଣ ଆରମ୍ଭ କରିଛନ୍ତି। ଏହା ଭାରତର ସର୍ବବୃହତ ହକିଷ୍ଟାଡିୟମ କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିପାଇଁ ସୁନ୍ଦରଗଡ଼ ଜିଲାବାସୀଙ୍କଠାରୁ ଆରମ୍ଭ କରି ସମସ୍ତ ଓଡ଼ିଶାବାସୀ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଚିର କୃତଜ୍ଞ। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ରାଜ୍ୟ କ୍ରୀଡ଼ା ପାଇଁ ଏକ ଶୁଭଙ୍କର ପରିବେଶ ସୃଷ୍ଟି କରିଛି।



ତୁଷାରକାନ୍ତି ବେହେରା

କରୋନା ମହାମାରୀ ଯୋଗୁ ହକିର ଉତ୍ସାହ କିଛିଦିନ ଲାଗି ଫିକା ପଡ଼ିଥିବା ସମୟରେ ପୁରୁଷ ଏଫ୍ଆଇଏଚ୍ ହକି ଜୁନିୟର ବିଶ୍ୱକପ-୨୦୨୧ ଓଡ଼ିଶାରେ ଆୟୋଜନ କରିବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ସବୁ ହକିପ୍ରେମୀଙ୍କ ମଧ୍ୟରେ ଉନ୍ମାଦନା ସୃଷ୍ଟି କରିଛି। ଏହି ଉତ୍ସାହକୁ ଲକ୍ଷ୍ୟ ରଖି ନଭେମ୍ବର ୨୪ରୁ ଡିସେମ୍ବର ୫ ପର୍ଯ୍ୟନ୍ତ ଆମ ରାଜ୍ୟ ଏହି ମେଗା ପ୍ରତିଯୋଗିତାକୁ ହକି ଇଣ୍ଡିଆ ସହଯୋଗରେ ଭୁବନେଶ୍ୱରସ୍ଥିତ ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଆୟୋଜନ କରିବାକୁ ଯାଉଛି। ଏଥି ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଏଥିରେ ଭାରତ ସମେତ ୧୬ଟି ଦେଶର ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ଦଳଗୁଡ଼ିକୁ ଅତିଥି ଭାବେ ପାଇ ଆଜି ଓଡ଼ିଶା ଗର୍ବିତ। ଆମ ଆତିଥ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଓଡ଼ିଶା ଏବଂ ମନ୍ଦିରମାଳିନୀ ଭୁବନେଶ୍ୱରକୁ ବିଦେଶୀ ଖେଳାଳିମାନେ ବେଶ୍ ଉପଭୋଗ କରିବେ ବୋଲି ମୋର ଆଶା। ଓଡ଼ିଶା ସରକାର ସବୁବେଳେ କୋଭିଡ୍‌କୁ ନିୟନ୍ତ୍ରଣ ଓ ମୁକାବିଲା କରିବାରେ ସଫଳ ହୋଇଛନ୍ତି। ଆଗାମୀ ଦିନରେ ଏହି ଧାରାକୁ ବଜାୟ ରଖିବା ସହିତ ସମସ୍ତ ଖେଳାଳିଙ୍କ ସମେତ ଅଫିସିଆଲ୍, ହୋଟେଲ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀଙ୍କୁ ପ୍ରତି ୭୨ ଘଣ୍ଟାରେ କୋଭିଡ୍ ପରୀକ୍ଷଣ ପାଇଁ ନିଷ୍ପତ୍ତି ହୋଇଛି। ଖେଳାଳିମାନେ ହୋଟେଲରେ ପହଞ୍ଚିବା ପରେ ଭୁବନେଶ୍ୱର ମହାନଗର ନିଗମ ଓ କ୍ୟାପିଟାଲ୍ ହସ୍ପିଟାଲ୍‌ର ମିଳିତ ସହଯୋଗରେ କର୍ମଚାରୀମାନେ ସମ୍ପୂର୍ଣ୍ଣ ପିପିଇ କିଟ୍ ପରିଧାନ କରି ନମୁନା ସଂଗ୍ରହ କରୁଛନ୍ତି। ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ସଂଗ୍ରହ କରି କୋଭିଡ୍ ସଂକ୍ରମଣକୁ ଯେପରି ପ୍ରତିହତ କରିହେବ ସେ ନେଇ ବ୍ୟାପକ ପ୍ରସ୍ତୁତି ହୋଇଛି। ଏଥି ସହିତ ଏକ ବାୟୋ-ବବ୍‌ଲ ପରିବେଶ ମଧ୍ୟରେ ସମସ୍ତ ଖେଳାଳିଙ୍କ ରହଣି, ଅଭ୍ୟାସ ଓ ମ୍ୟାଚ ଆୟୋଜନ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରସ୍ତୁତି କରିଛନ୍ତି।

ଏହା ଭିତରେ ବିଭିନ୍ନ ଦଳ ସେମାନଙ୍କ ନିର୍ଦ୍ଧାରିତ ସମୟରେ ଅଭ୍ୟାସ ପାଇଁ କଳିଙ୍ଗ ଷ୍ଟାଡିୟମ୍ ଆସୁଛନ୍ତି। ଖେଳାଳିମାନଙ୍କ ଖାଦ୍ୟପେୟ ଏବଂ ସ୍ୱାସ୍ଥ୍ୟର ଯତ୍ନ ପାଇଁ ରାଜ୍ୟ ସରକାର ସଜାଗ ରହିଛନ୍ତି। ବିନା ଦର୍ଶକରେ ଖେଳ ହେଉଥିବାରୁ କ୍ରୀଡ଼ାପ୍ରେମୀମାନେ ଟିଭି ଏବଂ ଏଫ୍ଆଇଏଚ୍‌ର ସ୍ୱତନ୍ତ୍ର ଆପ୍ ଜରିଆରେ ଏହାକୁ ଦେଖିପାରିବେ। ତେଣୁ ସମସ୍ତ ହକିପ୍ରେମୀଙ୍କ ଲାଗି ଏକ ଭଲ ସୁଯୋଗ। ସେମାନେ ଘରେ ବସି ନିଜ ପସନ୍ଦର ଦଳ ଓ ଖେଳାଳିଙ୍କ ଖେଳକୁ ଖୁସିର ସହ ଦେଖିପାରିବେ।

ଏହି ମେଗା ଇଭେଣ୍ଟ ହକି ଏଚ୍‌ପିସିରେ ଖେଳୁଥିବା ଖେଳାଳିଙ୍କୁ ପ୍ରେରଣା ଯୋଗାଇବା ସହ ଅନ୍ୟ ସମସ୍ତ ଖେଳାଳି ଓ ଖେଳପ୍ରେମୀଙ୍କୁ ଉତ୍ସାହିତ କରିବ। ଓଡ଼ିଶା ସରକାର ସବୁବେଳେ କ୍ରୀଡ଼ାର ଉନ୍ନତି ଏବଂ କ୍ରୀଡ଼ାର ପ୍ରଚାର ପ୍ରସାର ଓ ପ୍ରାୟୋଜନକୁ ବିଶ୍ୱାସ କରେ ଏବଂ ସେଥିପାଇଁ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୧ଟି ଏଚ୍‌ପିସିରୁ ୯ଟି କାର୍ଯ୍ୟକ୍ଷମ ହୋଇପାରିଛି। ଏହି ବିଶ୍ୱ କପ୍‌ରେ ସ୍ଥାନୀୟ ଗଣମାଧ୍ୟମ ସହିତ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ଗଣମାଧ୍ୟମ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହି ଖବର ସଂଗ୍ରହ କରିବାର ବ୍ୟବସ୍ଥା ହୋଇଛି। ତେଣୁ ମୁଁ ଅନୁଭବ କରୁଛି ପ୍ରତ୍ୟେକ ଦିନ ଖବରକାଗଜର ପୃଷ୍ଠା ଓଲଟାଇଲେ କିମ୍ବା ଟିଭି ପରଦାରେ ରାଜ୍ୟ, ଦେଶ ଏବଂ ବିଶ୍ୱର ସବୁଲୋକ ଓଡ଼ିଶାରେ ହେଉଥିବା ଏହି ହକି ବିଶ୍ୱକପ୍‌ର ସମସ୍ତ ଖବର ବିସ୍ତୃତ ଭାବେ ପାଇପାରିବେ। ତେଣୁ ଖବରଦାତାମାନଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ନିୟମିତ ଅନ୍ତରାଳରେ କୋଭିଡ୍ ପରୀକ୍ଷଣ କରାଇବା ସହ ଖବର ସଂଗ୍ରହ ପାଇଁ ସ୍ୱତନ୍ତ୍ର ପ୍ରେସ୍ ବକ୍ସର ସୁବିଧା କରାଯାଇଛି । ଶେଷରେ ଏତିକି କହିବି, ଓଡ଼ିଶାକୁ ଏକ କ୍ରୀଡ଼ା ହବ୍‌ରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା ସମସ୍ତ କ୍ରୀଡ଼ାବିତ୍, କ୍ରୀଡ଼ାପ୍ରେମୀ, ଗଣମାଧ୍ୟମ ତଥା ରାଜ୍ୟବାସୀଙ୍କ ଅକୁଣ୍ଠ ସହଯୋଗରେ ପୂରା ହୋଇପାରିବ।

**ମନ୍ତ୍ରୀ, କ୍ରୀଡ଼ା ଓ ଯୁବସେବା,**
**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ଓଡ଼ିଶା**




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ମୁଖ୍ୟ ଚିକିତ୍ସାଳୟ ସ୍ଥିତି ପରଖିଲା କାୟାକଳ୍ପ ଟିମ୍



**ଖୋର୍ଦ୍ଧା ଅଫିସ,୨୨।୧୧:** ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟ କାୟାକଳ୍ପ ଟିମ୍ ମଙ୍ଗଳବାର ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସ୍ଥିତି ପରଖିଛନ୍ତି। ଚିକିତ୍ସାଳୟର ବିଭିନ୍ନ ୱାର୍ଡ ବୁଲି ଦେଖିବା ସହ ରୋଗୀଙ୍କ ସହ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ଡାକ୍ତର, ମେଡିକାଲ ଟିମ୍ ବ୍ୟବହାର, ଉତ୍ତମ ସେବା ଆଦି ବିଷୟରେ ରୋଗୀଙ୍କୁ ପଚାରିଥିଲେ। ଡାକ୍ତର, ନର୍ସ, ମେଡିକାଲ କର୍ମଚାରୀଙ୍କ ସହ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ଏଥିସହ ମେଡିକାଲର ସ୍ୱଚ୍ଛତା ପରଖିଥିଲେ। ୱାର୍ଡଠାରୁ ଆରମ୍ଭକରି ଓଟି, ବିଭିନ୍ନ ବିଭାଗ ବୁଲି ଦେଖିବା ପରେ ଏହି ଟିମ୍ ଫେରିଥିଲା। ଉକ୍ତ ଟିମ୍ ଗସ୍ତ ବେଳେ ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡା. ବିଶ୍ୱରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

### ବିଜେଡିର କର୍ମୀ ସମ୍ମିଳନୀ

**କୃଷ୍ଣପ୍ରସାଦ,୨୨।୧୧(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଉଦୟନାଥ ଷ୍ଟାଡିୟମଠାରେ ସୋମବାର ଏକ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ବ୍ଲକ ଯୁବ ବିଜେଡି ସଭାପତି ଅଭୟ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ କିଭଳି ଭଲ ପ୍ରଦର୍ଶନ କରିବ ସେନେଇ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଦଳରେ ନୂତନ ଭାବେ ଯୋଗଦେଇଥିବା କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ସାହୁ, ହେମନ୍ତ ଜେନା, ଅଜୟ ପଲେଇ, ଦିଲ୍ଲୀପ ରଣସିଂହ, ବିଜୟ କୁମାର ତରେଇ, ରଘୁନାଥ ଜେନା, ହେମନ୍ତ ଜେନା, ପ୍ରଦୀପ ମାଝୀ, ପ୍ରଫୁଲ୍ଲ ଜେନା, କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଗୌରଚରଣ ଥିଲେ ସାରସ୍ୱତ ସାଧକ

**ବେଗୁନିଆ,୨୨।୧୧(ଡି.ଏନ୍.ଏ.):** ବେଗୁନିଆ ଓ ବାଙ୍କୀ ବ୍ଲକ ସୀମାନ୍ତ ପଣ୍ଡାଳମ ଗ୍ରାମରେ ଏକ ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କଣ୍ଟାବାଡ ମିଳିତ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ରବି ନାରାୟଣ ମଙ୍ଗରାଜ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଲୋକନାଥ ପଣ୍ଡାଙ୍କ ଅଧକ୍ଷତାରେ ଆଦର୍ଶ ଶିକ୍ଷକ ତଥା ସାରସ୍ୱତ ସାଧକ ଗୌର ଚରଣ ଦାଶଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସଂସଦ ସଭାପତି ରାଜ କିଶୋର ପାଣିଗ୍ରାହୀ, ସମ୍ପାଦକ ଅଖିଳେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗୌର ଚରଣ ଅଞ୍ଚଳର ଜଣେ ଆଦର୍ଶ ପ୍ରଧାନଶିକ୍ଷକ ତଥା ସାରସ୍ୱତ ସାଧକ, ଦକ୍ଷ ପ୍ରବଚକ ଭାବେ ଜଣାଶୁଣା ଥିଲେ। ଶ୍ରୀକୃଷ୍ଣଙ୍କ ଲୀଳା ଏବଂ ଭକ୍ତି ରସରେ ଶ୍ରୋତାଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ବିମୁଗ୍ଧ କରିପାରୁଥିଲେ ବୋଲି ମୁଖ୍ୟ ଅତିଥି ମଙ୍ଗରାଜ କହିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଗୌରବମୟ ଗୌରଚରଣ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏଥିସହ କବିତା ପାଠ, ସଂକୀର୍ତ୍ତନ ଆଦି ଆୟୋଜିତ ହୋଇଥିଲା। ଶିକ୍ଷକ ଚିନ୍ମୟ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ୧୫ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ

**ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ**

ଖୋର୍ଦ୍ଧା ଅଫିସ,୨୨।୧୧

ଖୋର୍ଦ୍ଧା ଜିଲାରେ ଖରିଫ ଧାନ ସଂଗ୍ରହ ନିମନ୍ତେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଜିଲାରେ ୪୬,୫୯୫ ଚାଷୀ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୪୬,୪୧୦ ଚାଷୀ ଧାନ ବିକ୍ରି ତାଲିକାଭୁକ୍ତ ହୋଇଛନ୍ତି। ଚଳିତ ୨୦୨୧-୨୨ ଖରିଫ ଋତୁରେ ୧୫ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରହିଛି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ଜିଲାରୁ ୮୦ ଭାଗ ଧାନ ସଂଗ୍ରହ ପାଇଁ ଧାର୍ଯ୍ୟ କରିଛନ୍ତି। ଏଫ୍ଏକ୍ୟୁ ମାନ ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୯୪୦ ଟଙ୍କା ରଖାଯାଇଛି। ଗ୍ରେଡ୍ ଏ ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୯୬୦ ଟଙ୍କା ରହିଛି। ଜିଲାରେ ୧୩୯ଟି ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ) ମାଧ୍ୟମରେ ଚାଷୀଙ୍କଠାରୁ ଧାନ କିଣାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ଅନାଥ ଚରଣ ସ୍ୱାଇଁ ସୂଚନା ଦେଇଛନ୍ତି। ଖାଦ୍ୟ ନିରାପତ୍ତା ଓ ଧାନ ସଂଗ୍ରହ ନିୟମ ଏବଂ ଚାଷୀଙ୍କୁ ଯଥା ସମୟରେ ଧାନ ବିକ୍ରି ଅର୍ଥ ପ୍ରଦାନ କରାଯିବ ବୋଲି ଯୋଗାଣ ଅଧିକାରୀ ସ୍ୱାଇଁ କହିଛନ୍ତି। ଜିଲାର ଭୁବନେଶ୍ୱର ଉପଖଣ୍ଡରେ ଡିସେମ୍ବର ୨୯ ତାରିଖ ଏବଂ ଖୋର୍ଦ୍ଧା ଉପଖଣ୍ଡରେ ଜାନୁୟାରୀ ୪ରୁ ଧାନ ସଂଗ୍ରହ ଲାଗି ସ୍ଥିର କରାଯାଇଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଯୋଗଦେଇ ଧାନକିଣାରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ। ଚାଷୀଙ୍କ ସୁବିଧା ଦୃଷ୍ଟିରୁ ଖୋର୍ଦ୍ଧାରେ ଆରଏମ୍ସି ପକ୍ଷରୁ ଏକ ମାର୍କେଟ କମ୍ପ୍ଲେକ୍ସ ଏବଂ ଆଦର୍ଶ ମଣ୍ଡି ଖୋଲିବା ପାଇଁ ଜିଲାପାଳ ମହାପାତ୍ର କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଦଳେଇ, ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଖୋର୍ଦ୍ଧା ଉପଜିଲାପାଳ ଆଇ.ଗୌରବ ଶିବାଜୀ, ଜିଲା କୃଷି ଅଧିକାରୀ ଏବଂ ମିଲର୍ସମାନେ ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ।




କଟକସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟ ମୁଖ୍ୟ ସମ୍ମିଳନୀ କକ୍ଷରେ ଆୟୋଜିତ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସର ୨୨ତମ ଅଧିବେଶନର ଉଦ୍ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ୧୧ ଦଫା ଦାବିରେ ସମବାୟ କର୍ମଚାରୀ ସଂଘର ଧାରଣା

ଖୋର୍ଦ୍ଧା ଅଫିସ,୨୨।୧୧

ଓଡ଼ିଶା ସମବାୟ କର୍ମଚାରୀ ମହାସଂଘ ଆହ୍ୱାନକ୍ରମେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସେବା ସମବାୟ ସମିତି କର୍ମଚାରୀ ସଂଘ ପକ୍ଷରୁ ୧୧ ଦଫା ଦାବିରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଆଗରେ ଧାରଣା ଦିଆଯାଇଥିଲା। ସମିତିରେ କାର୍ଯ୍ୟରତ କର୍ମଚାରୀଙ୍କୁ ସରକାରୀ ମାନ୍ୟତା, ସପ୍ତମ ବେତନ କମିଶନଙ୍କ ସୁପାରିସ ପ୍ରକାରେ ସମସ୍ତ ବର୍ଗ କର୍ମଚାରୀଙ୍କୁ ଦରମା ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ବର୍ଦ୍ଧିତ ମହଙ୍ଗା ଭତ୍ତା, ପ୍ରାଥମିକ ସମିତିର କର୍ମଚାରୀଙ୍କୁ ଯୋଗ୍ୟତା ଓ ବରିଷ୍ଠତା ଭିତ୍ତିରେ ବ୍ୟାଙ୍କିଙ୍ଗ ଆସିଷ୍ଟାଣ୍ଟରେ ନିଯୁକ୍ତି, ସମିତି ପ୍ରଶାସନିକ ପାଣ୍ଠି କାର୍ଯ୍ୟକାରୀ, କରୋନାରେ ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ସମସ୍ତ କର୍ମଚାରୀଙ୍କ ନିମନ୍ତେ ୧ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା, ସମବାୟ ଅନୁଷ୍ଠାନର ୨ସ୍ତରୀୟ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉ। ପ୍ରତି ସମିତିରେ କାର୍ଯ୍ୟରତ କର୍ମଚାରୀଙ୍କୁ ଶ୍ରମ ଆଇନ ନିୟମ ପ୍ରକାରେ ଦରମା, କେନ୍ଦ୍ର ସମବାୟ ବ୍ୟାଙ୍କ ଖୋର୍ଦ୍ଧା ମୁଖ୍ୟ ପରିସରରେ କର୍ମଚାରୀ ସଂଘ ନିମନ୍ତେ ଏକ କାର୍ଯ୍ୟାଳୟ ଗୃହ ଯୋଗାଇ ଦିଆଯାଉ। ସମିତିର ଲାଭାଂଶରେ କୃଷକଙ୍କୁ ସେବା ଯୋଗାଇ ଦେଇଥାଏ। ତେଣୁ ଏହାକୁ ଜିଏସ୍ଟି ପରିସରରୁ ନିବୃତ୍ତ କରାଯିବା ଆଦି ଦାବି ଅନ୍ତର୍ଭୁକ୍ତ। ଉକ୍ତ ଧାରଣାରେ ସଂଘ ଉପସଭାପତି ନିତ୍ୟାନନ୍ଦ ଦାଶ, ସାଧାରଣ ସମ୍ପାଦକ ବିଶ୍ୱନାଥ ମହାରଣାଙ୍କ ସମେତ ୧୩ଟି ଶାଖା ପରିଚାଳନା ପରିଷଦର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଝଜ ସାମନ୍ତରାୟ, ପ୍ରଭାତ ପ୍ରହରାଜ, ପ୍ରେମାନନ୍ଦ ନାୟକ, ଶିବଶଙ୍କର ପରିଡ଼ା, ସୁଧୀର କୁମାର ଦାଶ, ପ୍ରେମାନନ୍ଦ ଶ୍ରୀଚନ୍ଦନ, ପାତଞ୍ଜଳି ପ୍ରଧାନ, ସୁଶିଲ କୁମାର ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ବିଭିନ୍ନ ଦାବିରେ ମଜଦୁର ସଂଘ ପକ୍ଷରୁ ଦାବିପତ୍ର

## ପ୍ରବାସୀ, ଅସଙ୍ଗଠିତ ଶ୍ରମିକଙ୍କୁ ରୋଜଗାର ଯୋଗାଇ ଦିଆଯାଉ

ବେଗୁନିଆ,୨୨।୧୧(ଡି.ଏନ୍.ଏ.)

ଭାରତୀୟ ମଜଦୁର ସଂଘ ବେଗୁନିଆ ବ୍ଲକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଭିନ୍ନ ଦାବିରେ ଏକ ପତ୍ର ବିଡିଓ ଲକ୍ଷ୍ମୀଧର ସାହୁଙ୍କୁ ପ୍ରଦାନ କରାଯାଇଛି। ପ୍ରବାସୀ ଓ ଅସଙ୍ଗଠିତ ଶ୍ରମିକଙ୍କ ରୋଜଗାର କରୋନା ଛଡାଇ ନେଇଛି। ସେମାନେ ଦୁର୍ଦ୍ଦଶାରେ ଜୀବନ କାଟୁଛନ୍ତି। ତେବେ ସେମାନଙ୍କ ପାଇଁ ସରକାର ସହଯୋଗର ହାତ ବଢ଼ାନ୍ତୁ ବୋଲି ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି। ବ୍ଲକ ସଭାପତି ଅକ୍ଷୟ କୁମାର ରଥ ଏବଂ ସମ୍ପାଦକ ଶିବ କୁମାର ମୁନିଙ୍କ ନେତୃତ୍ୱରେ ବହୁ ଶ୍ରମିକ, ଅଙ୍ଗନୱାଡି କର୍ମୀ ଏବଂ କମିଟି ସଦସ୍ୟମାନେ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶ୍ରମିକଙ୍କୁ ବିଜୁ କଲ୍ୟାଣ ଯୋଜନା ଏବଂ ଆୟୁଷ୍ମାନ୍ ଭାରତରେ ସାମିଲ କରାଯାଉ, ଯୋଗ୍ୟ ବିବେଚିତ ଶ୍ରମିକଙ୍କୁ ପରିଚୟ ପତ୍ର ଏବଂ ବାସଗୃହ ଯୋଗାଇ ଦିଆଯାଉ। ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ଚାକିରି ମାନ୍ୟତା, ଶ୍ରମ ବିଭାଗରେ ଖାଲି ପଡିଥିବା ବିଭିନ୍ନ ପଦବୀ ପୂରଣ କରାଯାଉ ବୋଲି ସେମାନେ ଦାବି କରିଥିଲେ।

# ରନ୍ଧନ ଗ୍ୟାସ୍ ଦର ବୃଦ୍ଧିର ପ୍ରତିବାଦ

ଖୋର୍ଦ୍ଧା ଅଫିସ,୨୨।୧୧

ରନ୍ଧନ ଗ୍ୟାସ ଦର ବୃଦ୍ଧିକୁ ବିରୋଧ କରି ସୋମବାର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ବିଜୁ ଛାତ୍ର, ଯୁବ ଓ ମହିଳା ଜନତା ଦଳ ପକ୍ଷରୁ ମିଳିତଭାବେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଉପସଭାପତି ଦିଲ୍ଲୀପ ହୋତା, ବିଭୁପ୍ରସାଦ ସାହୁ, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଦଳାଇ, ବିଜୁ ଯୁବ ରାଜ୍ୟ ଉପ ସଭାପତି ରୁଦ୍ର ନାରାୟଣ ଦତ୍ତ, ଜିଲା ବିଜୁ ମହିଳା ସଭାନେତ୍ରୀ ଗୀତାଞ୍ଜଳି ପାଢଶାଣୀ, ରାଜ୍ୟ ଉପ ସଭାନେତ୍ରୀ ବାସନ୍ତି ମହାପାତ୍ର, ନଗର ବିଜେଡି ସଭାପତି ମହମ୍ମଦ ଆରିଫଙ୍କ ସମେତ ଖୋର୍ଦ୍ଧା ଓ ଟାଙ୍ଗୀ ବ୍ଲକର ଶତାଧିକ କର୍ମୀ ସାମିଲ ହୋଇଥିଲେ। **ବାଲୁଗାଁ:** ଚିଲିକା ନିର୍ବାଚନ ମଣ୍ଡଳୀର ବିଜୁ ଯୁବ ଛାତ୍ର ଓ ମହିଳା ଜନତା ଦଳ ପକ୍ଷରୁ ଚିଲିକା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା।



ବ୍ଲକ୍ କାର୍ଯ୍ୟାଳୟ ଆଗରେ ବିଜେଡି ପକ୍ଷରୁ ଧାରଣା ଦିଆଯାଇଛି।

ଏହି ଅବସରରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଓ ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ନାଥ ମାନସିଂହଙ୍କ ସମେତ ଚିଲିକା ବ୍ଲକ୍ ଉପାଧକ୍ଷ ଉତ୍ପଳ ପାଇକରାୟଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ ଏବଂ ବ୍ଲକ୍ ବିଜେଡି ସଭାପତି ପ୍ରମୁଖ ଯୋଗଦେଇଥିଲେ। **ବେଗୁନିଆ:** ବେଗୁନିଆ ନିର୍ବାଚନମଣ୍ଡଳୀ ବିଜେଡି ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ସ୍ୱାଧୀନ ପଣ୍ଡା, ବ୍ଲକ ଅଧକ୍ଷା ଜାନକୀ ସ୍ୱାଇଁ, ଉପାଧକ୍ଷା ତନୁଜା ପାଢଶାଣୀ, ପୂର୍ବତନ ଉପାଧକ୍ଷ ସତ୍ୟନାରାୟଣ ପ୍ରଧାନଙ୍କ ସମେତ ବିଜୁ ମହିଳା, ଯୁବ ଓ ଛାତ୍ର ଜନତା ଦଳର ବହୁ କର୍ମୀ ଯୋଗଦେଇଥିଲେ। ରନ୍ଧନ ଗ୍ୟାସର ଅହେତୁକ ଦର ବୃଦ୍ଧି ପ୍ରତିବାଦରେ ବିଡିଓ ଲକ୍ଷ୍ମୀଧର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲ। **ଜଟଣୀ:** ଜଟଣୀ ବ୍ଲକ କାର୍ଯ୍ୟାଳୟ ଆଗରେ ରନ୍ଧନ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ବିଜେଡି ପକ୍ଷରୁ ଧାରଣା ଦିଆଯିବା ସହ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଏଥିରେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୁତି ଭୂଷଣ ବଳବନ୍ତରାୟ ଯୋଗଦେଇ ମତବ୍ୟକ୍ତ ରଖିଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ସରୋଜ କୁମାର ରାଉତଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନନ୍ତ ଶତପଥୀ, ରାଜକିଶୋର ସ୍ୱାଇଁ, ସୁଦର୍ଶନ ସୁନ୍ଦରାୟ, ହେମନ୍ତ କୁମାର ମହାପାତ୍ର ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। **କୃଷ୍ଣପ୍ରସାଦ:** କୃଷ୍ଣପ୍ରସାଦ ବ୍ଲକ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ଅଭୟ କୁମାର ମହାପାତ୍ର, ପୁରୀ ଜିଲା ବିଜୁ ଛାତ୍ର ଜନତା ଦଳ ଉପସଭାପତି ଶାନ୍ତନୁ ମାଝୀଙ୍କ ନେତୃତ୍ୱରେ ଚାରିଛକ ବଜାରରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲା। ପରେ ଦଳୀୟ ନେତୃ ମଣ୍ଡଳୀଙ୍କ ଉପସ୍ଥିତିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ମନୋଜ କୁମାର ନାୟକଙ୍କୁ ପ୍ରଦାନ କରାଯାଇଥିଲା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପିନୁ



@ ମନୋରଞ୍ଜନ



@ ଗୁଡୁ



@ ଉତ୍ତମ



@ ଦୀପକ



@ ସୁବ୍ରତ

# ପାସେଞ୍ଜର ଟ୍ରେନ୍ ଚଳାଚଳ ଦାବିରେ ଧାରଣା

ଜଟଣୀ,୨୨।୧୧(ଡି.ଏନ୍.ଏ.)

ଡେଲି ପାସେଞ୍ଜର ଟ୍ରେନ ଚଳାଚଳ ଦାବିରେ ସୋମବାର ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ (ଜଟଣୀ) ରେଳମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡେଲି ପାସେଞ୍ଜର ଆସୋସିଏଶନ ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ଏହି ଅବସରରେ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଣ୍ଡଳ ଅତିରିକ୍ତ ରେଳ ପ୍ରବନ୍ଧକଙ୍କୁ ଉକ୍ତ ସମସ୍ୟାର ସମାଧାନ ନିମନ୍ତେ ଦାବିପତ୍ର ପ୍ରଦାନ କରାଯାଇଛି। ଡେଲି ଟ୍ରେନ ପାସେଞ୍ଜର ଆସୋସିଏଶନର ସଭାପତି ଅର୍ଜୁନ ସାମଲ, ସୁଶୀଲ ମହାନ୍ତି, ଭାଗୀରଥି ମଙ୍ଗରାଜ, ଶୁଭେନ୍ଦୁ ରାଉତରାୟଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।



ଜମିପଟ୍ଟା ପ୍ରଦାନ ଦାବିରେ ପୁରୀ ବଳିଆପଣ୍ଡା ବସ୍ତିବାସିନ୍ଦା ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।




ପୁରୀ ସଂସ୍କୃତି ଭବନରେ ସୁଧା ଓ ରାଷ୍ଟ୍ରୀୟ ସାମ୍ପ୍ରଦାୟିକ ସଦ୍ଭାବନା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସହ ଅତିଥି।




ଡେଲି ପାସେଞ୍ଜର ଟ୍ରେନ୍ ଚଳାଚଳ ଦାବିରେ ସୋମବାର ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

## ଘରେ ପଶି ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ଘରେ ପଶି ୭୦ହଜାର ଟଙ୍କା ଓ ସୁନା ଅଳଙ୍କାର ଚୋରି କରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ତମାଣ୍ଡୋ ଥାନା କଳିଙ୍ଗ ବିହାରରେ ରହୁଥିବା ନୟାଗଡ଼ ଜିଲା ରଣପୁର ଥାନାର ଗଣେଷ ସାହୁ(୨୭)। ତାଙ୍କଠାରୁ ନଗଦ ୩୦ ହଜାର ଟଙ୍କା ଓ ଚୋରି ଟଙ୍କାରେ କିଣିଥିବା ଏକ ବାଇକ୍ ଜବତ କରିଛି ପୋଲିସ। ଶନିବାର ମଧ୍ୟାହ୍ନରେ ଅଭିଯୁକ୍ତ ଗଣେଷ ସ୍ଥାନୀୟ ଥାନା ୟୁନିଟ-୩ କାଞ୍ଜିଆହୁଦା ବସ୍ତିରେ ରହୁଥିବା ଚିତ୍ତରଞ୍ଜନ ସାହୁଙ୍କ ଘରେ ପସି ଚୋରି କରିଥିଲେ। ପୋଲିସ ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଧରିଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଲକ୍ଷ୍ୟ ଇନଷ୍ଟିଟ୍ୟୁଟ ଅଫ୍ ଟେକ୍ନଲୋଜି ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ, ଆଚାର୍ଯ୍ୟ ବିହାର ପରିଷଦ, ପାଣିଟାଙ୍କି ନିକଟ, ସକାଳ ୮ଟା ୩୦।
- ସିପିଆଇ ପକ୍ଷରୁ କମ୍ରେଡ ଗୁରୁଚରଣ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାର୍ପଣ ସଭା, ଭଗବତୀ ଭବନ, ଅପରାହ୍ନ ୫ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆମ ଲୋକକଳା ଆମ ସଂସ୍କୃତି, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ୪୭ ଭିତ୍ତିଚିତ୍ରକୁ ନେଇ ମୁକ୍ତାକାଶ ଆର୍ଟ ଗ୍ୟାଲେରି



#### ସମ୍ବଲପୁରୀ ବସ୍ତ୍ର ରୂପାଙ୍କନ ଆଧାରିତ ଚିତ୍ରକଳା ଶିବିର ଉଦ୍‌ଯାପିତ

**ଭୁବନେଶ୍ୱର, ୨୨।୧୧ (ବ୍ୟୁରୋ):** ଓଡ଼ିଶା ଲଳିତ କଳା ଏକାଡେମୀ ଓ ସମ୍ବଲପୁର ଜିଲା ପ୍ରଶାସନର ମିଳିତ ସହଯୋଗରେ ସମ୍ବଲପୁରଠାରେ ଅନୁଷ୍ଠିତ ପାରମ୍ପରିକ ସମ୍ବଲପୁରୀ ବସ୍ତ୍ରର ରୂପାଙ୍କନ ଆଧାରିତ ଚିତ୍ରକଳା ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ଶିବିରରେ ହୋଇଥିବା ୪୭ଟି ଭିତ୍ତିଚିତ୍ରକୁ ନେଇ ମୁକ୍ତାକାଶ ଆର୍ଟ ଗ୍ୟାଲେରି ଉଦ୍‌ଘାଟିତ ହୋଇଥିଲା। ଏଥିସହ ୪୨ଜଣ ଶିଳ୍ପୀଙ୍କୁ ନେଇ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ତଥା ଓଡ଼ିଶା ଲଳିତକଳା ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଓ ସଚିବ ପଞ୍ଚାନନ ସାମଲଙ୍କ ତତ୍ତ୍ୱାବଧାନରେ ଶିଳ୍ପୀମାନେ ବାନ୍ଧକଳା ଉପରେ ବୁଣାକାରଙ୍କ ୪ହଜାର ଘର କାନ୍ଥରେ ଚିତ୍ର ଅଙ୍କନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ ଭର୍ଚୁଆଲରେ ଯୋଗଦେଇଥିଲେ। ଜିଲାପାଳ ଶୁଭମ୍ ସକ୍ସେନା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ବଳ, କର୍ଡୋଲା ବୁଣାକାର ସଂଘ ସଭାପତି ବଳରାମ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ପଶ୍ଚିମାଞ୍ଚଳ ଶିଳ୍ପୀଙ୍କୁ ପ୍ରୋତ୍ସାହିତ କରିବା ସହ ସମ୍ବଲପୁରୀ ବସ୍ତ୍ରର ରୂପାଙ୍କନକୁ ବହୁଳ ଭାବେ ଆଦୃତ କରିବା ପାଇଁ ଏହି ଶିବିର ଆୟୋଜିତ ହୋଇଥିଲା।

# ସର୍ବଭାରତୀୟ ନୌକା ପ୍ରତିଯୋଗିତାରେ ଓଡ଼ିଶା ଚାମ୍ପିୟନ

ବାଲୁଗାଁ,୨୨।୧୧(ଡି.ଏନ୍.ଏ.)

ଭାରତୀୟ ନୌସେନା ତାଲିମ କେନ୍ଦ୍ର ଚିଲିକା ଶାଖାରେ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ସର୍ବଭାରତୀୟ ନୌକା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗତ ୧୭ ତାରିଖରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିବା ବେଳେ ଏଥିରେ ସର୍ବଭାରତୀୟ ସ୍ତରରେ ଏନ୍‌ସିସିର ୧୭ଟି ନିର୍ଦ୍ଦେଶାଳୟ ଭାଗ ନେଇଥିଲେ। ୧୦୧ଜଣ କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ। ସୋମବାର ଅନୁଷ୍ଠିତ ଫାଇନାଲ ଦିବସର ଅନ୍ତିମ ପର୍ଯ୍ୟାୟରେ ଓଡ଼ିଶା ଏନ୍‌ସିସି କ୍ୟାଡେଟ୍ ଦଳ ଚାମ୍ପିୟନ ହୋଇଛି। କ୍ୟାଡେଟ କାହ୍ନୁ ଚରଣ ଗୌଡ଼, ଦୀପକ କୁମାର ସାହୁ, ତନୟା ମାଝୀ, ଶୁଭଶ୍ରୀ ପ୍ରଧାନ, ସୁସ୍ମିତା ପାୟଲ ସେଠୀ ଏବଂ ସନ୍ଦୀପ କୁମାର ବେହେରାଙ୍କ ପରିଶ୍ରମରେ ଓଡ଼ିଶା ଏହି ସଫଳତା ହାସଲ କରିଛି। ଏଥିସହ ପଞ୍ଜାବ କ୍ୟାଡେଟ୍ ଟିମ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ କର୍ଣାଟକ ତୃତୀୟ ସ୍ଥାନ ହାସଲ କରିଛି। ତାଲିମ କେନ୍ଦ୍ର ପରିସର ଅପ୍‌ସରା ଭବନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏନ୍‌ସିସି ନିର୍ଦ୍ଦେଶକ ବ୍ରିଗେଡିୟର ଅଜୟ କୁମାର ମହାଜନ ଏବଂ ଓଡ଼ିଶା ଉପ-ନିର୍ଦ୍ଦେଶକ କମୋଡର ସୋମେନ ବାନାର୍ଜୀ ଯୋଗଦେଇ ବିଜୟୀ ଟିମ୍‌କୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ଏଥିସହ ଆଇଏନ୍‌ଏସ୍ ଚିଲିକା କମୋଡର ଏନ୍.ପି.ପ୍ରଦୀପ କୁମାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଏନ୍‌ସିସି ଭବାନୀପାଟଣାର କମାଣ୍ଡିଂ ଅଫିସର ଭି. ରବି ଯଦୁ ଏବଂ ସମ୍ବଲପୁର କଲୋନେଲ ଅମିତାଭ ରାୟ ଶିବିର ପରିଚାଳନା କରିଥିଲେ। ତେବେ ବିଜୟ ଓଡ଼ିଶା ଟିମ୍‌ର କ୍ୟାଡେଟ୍‌ଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିବା ବାଣପୁର ଅଞ୍ଚଳର ପ୍ରଶିକ୍ଷକ ରଞ୍ଜିତ ରାଉତରାୟଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।



ଭାରତୀୟ ନୌସେନା ତାଲିମ କେନ୍ଦ୍ର ପରିସର ଚିଲିକାରେ ଅନୁଷ୍ଠିତ ଏନ୍‌ସିସି କ୍ୟାଡେଟ୍‌ଙ୍କ ନୌକା ପ୍ରତିଯୋଗିତା।

# ପ୍ରଣବ ପଟ୍ଟନାୟକ ପାଇଲେ 'ଶାନ୍ତନୁ ସମ୍ମାନ'

ଭୁବନେଶ୍ୱର, ୨୨।୧୧ (ବ୍ୟୁରୋ)

ଶାନ୍ତନୁ ମହାପାତ୍ର ଫାଉଣ୍ଡେଶନ ଓ ଏମ୍‌ଜିଏମ୍‌ଆର୍‌ଏଲ୍ ଫାଉଣ୍ଡେଶନ ପକ୍ଷରୁ ସଙ୍ଗୀତ ନିର୍ଦ୍ଦେଶକ ଡ. ଶାନ୍ତନୁ ମହାପାତ୍ରଙ୍କ ସ୍ମୃତିରେ 'ଶାନ୍ତନୁ ଜୟନ୍ତୀ' ପାଳିତ ହୋଇଯାଇଛି। ସୋମବାର ରବୀନ୍ଦ୍ରମଣ୍ଡପରେ ଆୟୋଜିତ ଉତ୍ସବକୁ ଅଭିନେତା ତଥା ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବରିଷ୍ଠ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକଙ୍କୁ 'ଶାନ୍ତନୁ ସମ୍ମାନ' ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦରେ ତାଙ୍କୁ ୫୦ହଜାର ଟଙ୍କା, ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା।

### ସବ୍ୟସାଚୀ ମିଶ୍ରଙ୍କୁ 'ଏମ୍‌ଜିଏମ୍‌ଆର୍‌ଏଲ୍ ଉତ୍କର୍ଷ ସମ୍ମାନ'

ସେହିପରି ଏମ୍‌ଜିଏମ୍‌ଆର୍‌ଏଲ୍ ଫାଉଣ୍ଡେଶନ ପକ୍ଷରୁ ଅଭିନେତା ତଥା ସାମାଜିକକର୍ମୀ ସବ୍ୟସାଚୀ ମିଶ୍ରଙ୍କୁ 'ଏମ୍‌ଜିଏମ୍‌ଆର୍‌ଏଲ୍ ଉତ୍କର୍ଷ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସମ୍ମାନ ବାବଦରେ ତାଙ୍କୁ ୨୫ହଜାର ଟଙ୍କା ସହିତ ଉପଢୌକନ, ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା।

ଏହାପରେ ଶାନ୍ତନୁ ମହାପାତ୍ରଙ୍କ ନିର୍ଦ୍ଦେଶିତ ଲୋକପ୍ରିୟ ଗୀତକୁ କଣ୍ଠଶିଳ୍ପୀ ଲକ୍ଷ୍ମୀକାନ୍ତ ପାଳିତ, ଦେବାଶିଷ ମହାପାତ୍ର, ବନ୍ଦିଶ୍ ପାଳିତ୍, ରଣଦୀପ ପାଳିତ୍, ଅଭିଜିତ୍ ମିଶ୍ର, ସୋହିନି ମିଶ୍ର, ନାଜିଆ ଆଲାମ୍, ଆଦ୍ୟାଶା ଦାସ ପ୍ରମୁଖ ପରିବେଷଣ କରିଥିଲେ। ସେହିପରି ନୃତ୍ୟ ନିର୍ଦ୍ଦେଶକ ବିଦୁ ଓ ସାଥିମାନେ ଶାନ୍ତନୁଙ୍କ ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଳ୍ପପତି ତଥା ଏମ୍‌ଜିଏମ୍‌ଆର୍‌ଏଲ୍ ପ୍ରତିଷ୍ଠାତା ରାଜୀବ ଲୋଚନ, ଅନନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତନୁ ଫାଉଣ୍ଡେଶନ ଅଧ୍ୟକ୍ଷ କୌଶିକ୍ ମହାପାତ୍ର ସ୍ୱାଗତ ଭାଷଣ ଓ ତନୁଜ୍ ମହାନ୍ତି ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ।



ସଙ୍ଗୀତ ନିର୍ଦ୍ଦେଶକ ଡ. ଶାନ୍ତନୁ ମହାପାତ୍ରଙ୍କ ସ୍ମୃତିରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟଙ୍କୁ 'ଶାନ୍ତନୁ ସମ୍ମାନ' ଓ ଅଭିନେତା ସବ୍ୟସାଚୀ ମିଶ୍ରଙ୍କୁ ''ଏମ୍‌ଜିଏମ୍‌ଆର୍‌ଏଲ୍ ଉତ୍କର୍ଷ ସମ୍ମାନ' ପ୍ରଦାନ କରାଯାଇଛି।

# ରନ୍ଧନ ଗ୍ୟାସ ଦର ବୃଦ୍ଧିର ପ୍ରତିବାଦ

ବାଲିପାଟଣା,୨୨।୧୧(ଡି.ଏନ୍.ଏ.)

ରନ୍ଧନ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ବାଲିପାଟଣା ବିଜେଡି ପକ୍ଷରୁ ବ୍ଲକ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି କିଶୋର ଜେନାଙ୍କ ନେତୃତ୍ୱରେ ଶୋଭାଯାତ୍ରା ବାଲିପାଟଣା ଛକରୁ ବାହାରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ବିଜେଡି ମହିଳା ଓ ଛାତ୍ର ସଙ୍ଗଠନ ସାମିଲ ହୋଇଥିଲେ। ସଙ୍ଗଠନର ନେତା ଓ କର୍ମୀମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା।

# ୨୪ରେ କାର୍ତ୍ତିକେଶ୍ୱରଙ୍କ ଭସାଣି ଉତ୍ସବ

ବାରଙ୍ଗ,୨୨।୧୧(ଡି.ଏନ୍.ଏ.)

ବାରଙ୍ଗ ଅଞ୍ଚଳର ପ୍ରସିଦ୍ଧ ପର୍ବ କାର୍ତ୍ତିକେଶ୍ୱର ପୂଜା କାର୍ତ୍ତିକ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଯାଇଛି। କରୋନା କଟକଣାରେ ଏହି ପୂଜା କରାଯାଉଥିବାରୁ କେବଳ ପରମ୍ପରାକୁ ବଞ୍ଚାଇରଖି ବିଧିବିଧାନରେ ଗ୍ରାମବାସୀ ପୂଜା କରୁଛନ୍ତି। କଟକଣା ଯୋଗୁ ଏଥର ସୁଉଚ୍ଚ ଗେଟ ଓ ରଙ୍ଗବେରଙ୍ଗର ଆଲୋକମାଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ବିକ୍ରିବଟାର ସମ୍ଭାର ହୋଇ ନାହିଁ। ଏଥିସହ ଆସନ୍ତା ୨୪ତାରିଖରେ କାର୍ତ୍ତିକେଶ୍ୱରଙ୍କ ଭସାଣି ଉତ୍ସବ କରାଯିବ ବୋଲି ପୂଜା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥର ବେଲଗଛିଆ, କୃଷ୍ଣଚନ୍ଦ୍ରପୁର କୈବର୍ତ୍ତସାହି, ସାମଲ ସାହି, ତ୍ରିଶୂଳିଆ, ଫକିରପଡା, ନରଣପୁର, କୁସିନ୍ଦା, ମୁଣ୍ଡମୁହାଣ, ମଧୁବନ, ମଧୁପୁର(ବୈଠକ), ବଛିପୁର ମୁଖ୍ୟ ମେଢ, ମା' ମଙ୍ଗଳା, ହରିଜନସାହି, ଫୁଲପୋଖରୀ ମୁଖ୍ୟମେଢ, ଗାନ୍ଧୀ ବଜାର, ମହାଦେବ ପୂଜା କମିଟି, ଖଣ୍ଡୁଆଳ ପୂଜା କମିଟି, ଦାଢାରେ ୧୩ଟି ପୂଜାମଣ୍ଡପକୁ ମିଶାଇ ସମୁଦାୟ ୪୬ଟି ମଣ୍ଡପରେ ପୂଜା ପାଉଛନ୍ତି କାର୍ତ୍ତିକେୟ ଓ ନୀଳେନ୍ଦ୍ରି, ଦୁର୍ଗା, ଶିବପାର୍ବତୀ। ପ୍ରାୟ କାର୍ତ୍ତିକ ପୂର୍ଣ୍ଣିମାଠାରୁ ପୂଜାରମ୍ଭ ହେଉଥିବାବେଳେ କେତେକ ସ୍ଥାନରେ ପଞ୍ଚକଠାରୁ ପୂଜାର୍ଚ୍ଚନା ହୋଇଛି। ହେଲେ ଏହି ପୂଜାର ବିଶେଷତ୍ୱ ହେଲା ଭସାଣି ଉତ୍ସବ। ଏହି ଭସାଣି ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରତିଯୋଗିତାମୂଳକ ଭାବେ ଗ୍ରାମବାସୀ ପାରମ୍ପରିକ ବାଦ୍ୟ ସହ ଆଧୁନିକ ବାଦ୍ୟକୁ ସାମିଲ କରିଥାନ୍ତି। କିନ୍ତୁ ଚଳିତବର୍ଷ କଟକଣା ଲାଗିରହିଥିବାରୁ ଭସାଣି ଉତ୍ସବ ମଧ ଫିକା ପଡିଯାଇଛି। ପ୍ରଶାସନର ନିଷ୍ପତ୍ତି ମୁତାବକ ନିର୍ଦ୍ଧାରିତ ସମୟ ମୁତାବକ ଓ ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରିବା ପାଇଁ ପୋଲସି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପିନୁ



@ ମନୋରଞ୍ଜନ



@ ଗୁଡୁ



@ ଉତ୍ତମ



@ ଦୀପକ



@ ସୁବ୍ରତ

# ମାଷ୍ଟରକ୍ୟାଣ୍ଟିନ ତାରିଣୀ ମନ୍ଦିର ଉଚ୍ଛେଦ ଆରମ୍ଭ

ଭୁବନେଶ୍ୱର, ୨୨।୧୧ (ବ୍ୟୁରୋ)

ସ୍ମାର୍ଟ ଜାନପଥ ପ୍ରକଳ୍ପର ଅଗ୍ରଗତିରେ ଏକ ପ୍ରମୁଖ ପ୍ରତିବନ୍ଧକ ସାଜିଥିବା ମାଷ୍ଟର କ୍ୟାଣ୍ଟିନ ଛକସ୍ଥିତ ତାରିଣୀ ମନ୍ଦିର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍, ବିଡିଏ ଏବଂ ବିଏମ୍‌ସିର ମିଳିତ ଟିମ୍ ପକ୍ଷରୁ ମନ୍ଦିର ପରିସରରେ ଥିବା ନିର୍ମାଣକୁ ଭାଙ୍ଗି ଦିଆଯାଇଛି। ତେବେ ମନ୍ଦିର ଉଚ୍ଛେଦକୁ ନେଇ ଆଇନଗତ ବିବାଦ ଚାଲିଥିବାବେଳେ କେବଳ ବାଉଁଶ ଗଛ ତଳେ ଥିବା ମନ୍ଦିରର ଗର୍ଭଗୃହକୁ ଛଡାଯାଇଛି। ଆସନ୍ତା ୭ଦିନ ମଧ୍ୟରେ ନୂତନ ସ୍ଥାନ ଚିହ୍ନଟ କରି ମା'ଙ୍କୁ ସ୍ଥାନାନ୍ତର ପରେ ୧୪ ଦିନ ମଧ୍ୟରେ ମୂଳ ମନ୍ଦିରକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବ ବୋଲି ସୂଚନା ଦିଆଯାଇଛି। ପୂର୍ବରୁ ମନ୍ଦିରର ଏକ ଅଂଶ ଓ ଯଜାତି ହୋଟେଲ ସମ୍ମୁଖରେ ଥିବା ଜବରଦଖଲ ସ୍ଥାନଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। ସୋମବାର ମନ୍ଦିର ନିକଟରେ ଥିବା ଛୋଟ ଧାର୍ମିକ ସଂରଚନା, ସିମେଣ୍ଟେଡ୍ ଫ୍ଲୋର୍ ଏବଂ ପ୍ରାୟ ୫ହଜାର ବର୍ଗଫୁଟ ପରିମିତ ଅନ୍ୟାନ୍ୟ ସଂରଚନାକୁ ଜବରଦଖଲ ମୁକ୍ତ କରାଯାଇଛି। ଏହାଦ୍ୱାରା ବ୍ୟସ୍ତବହୁଳ ଜନପଥ ମାର୍ଗରେ କମ୍ ଭିଡ଼ ସୃଷ୍ଟି ହେବ। ସ୍ମାର୍ଟ ଜନପଥରେ କାର୍ଯ୍ୟ ଗତିଶୀଳ ହେବା ସହ ଜନପଥ ନିର୍ମାଣରେ ଥିବା ସମସ୍ୟାଗୁଡ଼ିକ ଧୀରେ ଧୀରେ ସମାଧାନ ହେଉଛି।

ସୂଚନାଯୋଗ୍ୟ, ୨୦୧୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଶୁ ଭବନ ଛକରୁ ବାଣିବିହାର ଛକ ପର୍ଯ୍ୟନ୍ତ ରାସ୍ତାକୁ ସ୍ମାର୍ଟ ଜନପଥ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ୨ବର୍ଷ ଭିତରେ ଏହି ନିର୍ମାଣ କାର୍ଯ୍ୟ ସାରିବା ପାଇଁ ନିର୍ଦ୍ଦେଶ ମଧ ରହିଥିଲା। ମାତ୍ର ୩ବର୍ଷ ବିତି ଯାଇଥିଲେ ମଧ ବିଭିନ୍ନ କାରଣକୁ ଏହି ପକଳ୍ପ ନିର୍ମାଣ କାର୍ଯ୍ୟ ଏଯାବତ୍ ସରିନାହିଁ। ୭୯.୫୬କୋଟି ଟଙ୍କା ବ୍ୟୟ ବରାଦରେ ଚାଲିଥିବା ଏହି ପ୍ରକଳ୍ପ ଅନ୍ତର୍ଗତ ୫.୮ କିଲୋମିଟରର ରାସ୍ତାକୁ ସ୍ମାର୍ଟ ଜନପଥ କରିବାକୁ ଯୋଜନା ରହିଛି।



### ୧୪ଦିନ ମଧ୍ୟରେ ସରିବ ଉଚ୍ଛେଦ

# ସେ ଥିଲେ ଜନଜାତିଙ୍କ ଅସ୍ମିତା, ସ୍ୱାଭିମାନର ପ୍ରତୀକ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ଶହୀଦ ଲକ୍ଷ୍ମଣ ନାୟକଙ୍କ ଦେଶପ୍ରେମ, ବୀରତ୍ୱ ଓ ନେତୃତ୍ୱ ଥିଲା ଅତି ବଳିଷ୍ଠ। ସେ ଥିଲେ ଜନଜାତି ସମୁଦାୟଙ୍କ ପ୍ରତିନିଧି ଓ ତାଙ୍କ ନେତୃତ୍ୱରେ ଜନଜାତିଙ୍କ ମଧ୍ୟରେ ନୂତନ ଚେତନା ଜାଗ୍ରତ ହୋଇଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୋମବାର ଶହୀଦ ଲକ୍ଷ୍ମଣ ନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଲକ୍ଷ୍ମଣଙ୍କୁ ବୀରତ୍ୱ ଓ ବଳିଦାନ ଦେଶପ୍ରେମର ଅନନ୍ୟ ଉଦାହରଣ ବୋଲି କହିଛନ୍ତି। ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ଅରବିନ୍ଦ ଢାଲି, ସମ୍ମାନିତ ଅତିଥି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀ ପତି, ବିଶିଷ୍ଟ ଅତିଥି ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓଟା, ଅନ୍ୟତମ ସମ୍ମାନିତ ଅତିଥି ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି, ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ୍ ଡ. ହୃଦୟ ରଞ୍ଜନ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣ, ସୂଚନା ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମ ପରିଚାଳନା ଓ ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ୟୁନିଟ୍-୧ସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡିଆ ଓ କଳିଙ୍ଗ ହସ୍ପିଟାଲ ଛକସ୍ଥିତ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ପରିଷଦ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା।

### ଶହୀଦ ଲକ୍ଷ୍ମଣ ନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ





ନାରୀ ନିର୍ଯାତନା ଓ ହତ୍ୟା ଅଭିଯୁକ୍ତଙ୍କୁ କଠୋର ଶାସ୍ତି ଦେବା ସହ ଦରଦାମ ବୃଦ୍ଧିକୁ ପ୍ରତିବାଦରେ ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ ସୋମବାର ଭୁବନେଶ୍ୱରସ୍ଥିତ ଓୟୁଏଟି ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀରେ ସୋମବାର ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା।



ସୋମବାର ସନ୍ଧ୍ୟାରେ କଟକ ସହରରେ ହୋଇଥିବା ବର୍ଷା। ରାଜଧାନୀ ଭୁବନେଶ୍ୱରରେ ମଧ ବର୍ଷା ହୋଇଥିଲା। ଅପରାହ୍ଣରୁ ଝିପିଝିପି ହେବା ପରେ ସନ୍ଧ୍ୟାରେ ପ୍ରାୟ ୨ ଘଣ୍ଟା ଧରି ଜୋର୍‌ରେ ବର୍ଷିଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୧୧।୨୦୨୧

| | |
|---|---|
| ୩,୬୭,୫୩୭ ଟଙ୍କା | |
| ସୁନା | ମିଳି ନାହିଁ |
| ରୁପା | ମିଳି ନାହିଁ |

## ଆଜି କ'ଣ କେଉଁଠି

ପୁରୀ
- ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ବିରୋଧରେ ବିଜୁ ମହିଳା ଜନତା ଦଳର ଗଣଧାରଣା, ପୁରୀ ବ୍ଲକ୍ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।

# ମଣିଷକୁ ପ୍ରକୃତି ସହ ସୁସମ୍ପର୍କରେ ବଞ୍ଚିବାକୁ ପଡ଼ିବ

## ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଉଦ୍‌ଯାପିତ

କଟକ ଅଫିସ,୨୨।୧୧

ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସର ୨୨ତମ ଅଧିବେଶନର ଉଦ୍‌ଯାପନୀ ଉତ୍ସବ ରବିବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପରିବେଶ ସମିତି ଏବଂ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଆୟୋଜିତ ଏହି ଅଧିବେଶନର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବୈଷ୍ଣବ ଚରଣ ତ୍ରିପାଠୀ ଯୋଗଦେଇ ଶିଳ୍ପ ବିପ୍ଳବ ପରେ ପୃଥିବୀର ପ୍ରାକୃତିକ ପରିସଂସ୍ଥାର ଦୃଶ୍ୟ କିପରି ପରିବର୍ତ୍ତିତ ହୋଇଛି ଏବଂ ମଣିଷର ନକାରାତ୍ମକ ପ୍ରଭାବ ବିସ୍ତାର ହୋଇଛି ସେ ନେଇ ଆଲୋକପାତ କରିଥିଲେ। ଏଥିସହ ମଣିଷମାନଙ୍କୁ ପ୍ରକୃତି ସହିତ ସୁସମ୍ପର୍କରେ ବଞ୍ଚିବାର ମାନସିକତା ଗ୍ରହଣ କରିବାକୁ ପଡ଼ିବ ଏବଂ ବୈଜ୍ଞାନିକ ଅନୁସନ୍ଧାନର ଫଳାଫଳକୁ ମାନବଜାତିର ଉନ୍ନତି ସାଧନ ତଥା ପରିବେଶର ଗୁଣବତ୍ତା ସୁରକ୍ଷାରେ ବିନିଯୋଗ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବାସା ଯୋଗଦେଇ କହିଥିଲେ, ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ଅପବ୍ୟବହାର ସମାଜରେ ତଥା ପ୍ରକୃତିରେ ଅନେକ ସମସ୍ୟା ସୃଷ୍ଟିର କାରଣ ହୋଇଛି। ବୈଜ୍ଞାନିକମାନେ ସୃଜନଶୀଳ ଭାବରେ ଚିନ୍ତା କରିବା ଆବଶ୍ୟକ। ସାମ୍ପ୍ରତିକ ସମସ୍ୟାର ସମାଧାନ କିପରି କରିହେବ ଏବଂ ଏଥିନିମନ୍ତେ ସମ୍ମିଳିତ ଉଦ୍ୟମ କିପରି କାର୍ଯ୍ୟକାରୀ ହୋଇପାରିବ ବୋଲି ସେନେଇ ଉଦ୍ୟମ କରାଯିବା ଉଚିତ। ଏଥିସହ ବିଶ୍ୱବିଦ୍ୟାଳୟର ଆର୍ ଆଣ୍ଡ ଡି ମୁଖ୍ୟ ପ୍ରଫେସର ସ୍ମୃତିପ୍ରଭା ଦାସ ବିଜ୍ଞାନ ଓ ପରିବେଶ କଂଗ୍ରେସର ପଦକ୍ଷେପକୁ ପ୍ରଶଂସା କରି କହିଥିଲେ, ଏହି ପ୍ଲାଟଫର୍ମ ରାଜ୍ୟର ଯୁବ ଗବେଷକମାନଙ୍କୁ ସେମାନଙ୍କ ସାମର୍ଥ୍ୟକୁ ମଜଭୁତ କରିବାକୁ ସୁଯୋଗ ଦେବା ସହିତ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପରବର୍ତ୍ତୀ ମାନ୍ୟତା ହାସଲ ନିମନ୍ତେ ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି ସେ ପ୍ରକାଶ କରିଥିଲେ। ଏହି ଉତ୍ସବରେ ପ୍ରଫେସର ଲୁନା ସାମନ୍ତ, ପରିବେଶ ସମିତିର ଉପାଧ୍ୟକ୍ଷ ଡ. ଲାଲା ଏ.କେ. ସିଂହ, ଡ. ସଂଘମିତ୍ରା ପତି, ପ୍ରଫେସର ହରିବନ୍ଧୁ ପଣ୍ଡା, ପ୍ରଫେସର ପଙ୍କଜ କୁମାର ସା, ଡ. ନିବେଦିତା ଜେନା, ଡ. ଅମରେଶ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ଆବାହକ ଡ. ଜୟକୃଷ୍ଣ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।




କଟକସ୍ଥିତ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ସମ୍ମିଳନୀ କକ୍ଷରେ ଆୟୋଜିତ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସର ୨୨ତମ ଅଧିବେଶନର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ଡିଭାଇଡରରେ ପିଟି ହୋଇ ଯୁବକ ମୃତ

ପିପିଲି,୨୨।୧୧(ସ୍ୱ.ପ୍ର.)

ପିପିଲି ଥାନା ଅଧୀନ ମଙ୍ଗଳପୁର ଛକ ନିକଟରେ ଥିବା ଏକ ଡିଭାଇଡରରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଅଞ୍ଚଳର ଲିପୁନ ସାମଲ(୧୮)। ତେବେ ବାଇକ୍‌ରେ ବସିଥିବା ଅନ୍ୟ ଜଣେ ଯୁବକ ଗୁରୁତର ହୋଇ ଭୁବନେଶ୍ୱରର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ପିପିଲି ଆଇଆଇସି ଅଭିମନ୍ୟୁ ନାୟକ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଲିପୁନ ତାଙ୍କର ଜଣେ ସାଙ୍ଗଙ୍କ ଜନ୍ମଦିନ ପାଳନ କରିବା ପାଇଁ ନିଜ ଆକ୍ଟିଭା ସ୍କୁଟି (ଓଡି ୩୩ଭି ୧୦୬୩) ଯୋଗେ ତାଙ୍କର ଅନ୍ୟ ଜଣେ ସାଙ୍ଗଙ୍କ ସହ ପୁରୀ ଯାଇଥିଲେ। ପୁରୀରୁ ଫେରିବା ବାଟରେ ପିପିଲି ମଙ୍ଗଳପୁର ଛକ ନିକଟରେ ଭାରସାମ୍ୟ ହରାଇ ରାଜପଥ କଡରେ ଥିବା ଏକ ଡିଭାଇଡରରେ ପିଟି ହୋଇଥିଲେ। ଫଳରେ ଲିପୁନ ଓ ତାଙ୍କ ସାଙ୍ଗ ରାସ୍ତାରେ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ନିକଟ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଥିଲା। ସେଠାରେ ଡାକ୍ତର ଲିପୁନଙ୍କ ମୃତ ଘୋଷଣା କରିଥିଲେ। କିନ୍ତୁ ତାଙ୍କ ସାଙ୍ଗଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ପଠାଯାଇଥିଲା।

## ଲଜ୍‌ରୁ ଯୁବତୀ ଉଦ୍ଧାର, ୩ ଅଟକ

କୋଣାର୍କ,୨୨।୧୧(ଡି.ଏନ.ଏ.)

କୋଣାର୍କ ବଜାରରେ ନିର୍ଦ୍ଦିଷ୍ଟ କେତେକ ଲଜ୍‌ରେ ସନ୍ଧ୍ୟା ନଇଁଲେ ଦେହ ବ୍ୟବସାୟ ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏ ନେଇ କୋଣାର୍କ ଥାନା ପୋଲିସ ରବିବାର ବିଳମ୍ବିତ ରାତିରେ ସ୍ଥାନୀୟ ମାଧିପୁର ଛକରେ ଥିବା ଏକ ଲଜ୍‌ରେ ଟିମ୍ ସହ ଚଢ଼ାଉ କରିଥିଲେ। ଚଢ଼ାଉରେ ଜଣେ ଯୁବତୀଙ୍କୁ ଉଦ୍ଧାର କରିବା ସହ ୩ଜଣଙ୍କୁ ଅଟକ ରଖିଛନ୍ତି। ଅଟକଙ୍କ ମଧ୍ୟରୁ ଜଣେ ଲଜ୍ ପରିଚାଳକ ଓ ଅନ୍ୟ ୨ଜଣ ଗ୍ରାହକ ଥିବା ପୋଲିସ କହିଛି। ତେବେ ଯୁବତୀଙ୍କୁ ପଚରାଉଚରା ବେଳେ କାକଟପୁର ଥାନା ଅଞ୍ଚଳର ବୋଲି କହିବାରୁ କାକଟପୁର ଥାନା ପୋଲିସକୁ ହସ୍ତାନ୍ତର କରାଯାଇଛି। ଏପରିକି କାକଟପୁର ଥାନାରେ ଉକ୍ତ ଯୁବତୀଙ୍କ ନାମରେ ଏକ ମାମଲା ରହିଥିବା ପୋଲିସ କହିଛି। କାକଟପୁର ଥାନା ପୋଲିସ ୩ଜଣଙ୍କୁ ନିଜ ହେପାଜତରେ ନେଇ ଅଧିକ ପଚରାଉଚରା ଜାରି ରଖିଛି। ଏନେଇ କାକଟପୁର ପୋଲିସ ଏକ ମାମଲା (ନଂ.୨୫୧/୨୧) ରୁଜୁ କରି ତଦନ୍ତ ଚଳାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପିନୁ



@ ମନୋରଞ୍ଜନ



@ ଗୁଡୁ



@ ଉତ୍ତମ



@ ଦୀପକ



@ ସୁବ୍ରତ

## ପ୍ରତିଯୋଗିତାରେ ଭାଗନେଲେ ଛାତ୍ରୀଛାତ୍ର

**ପୁରୀ ଅଫିସ,୨୨।୧୧:** ଆଜାଦି କା ଅମୃତ ମହୋତ୍ସବ ଅବସରରେ ସାମାଜିକ ଅନୁଷ୍ଠାନ ସୁଧା ଏବଂ ରାଷ୍ଟ୍ରୀୟ ସାମ୍ପ୍ରଦାୟିକ ସଦ୍‌ଭାବନା ପ୍ରତିଷ୍ଠାନ ପକ୍ଷରୁ ପୁରୀ ସଂସ୍କୃତି ଭବନରେ ୨୦ ଉର୍ଦ୍ଧ୍ୱ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମ୍ପ୍ରଦାୟିକ ସଦ୍‌ଭାବନା ଓ ଐକ୍ୟ ବିଷୟରେ ବକ୍ତୃତା, ରଚନା, କୌତୁକ ପୋଷାକ, ନାଟକ, ନୃତ୍ୟନାଟିକା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମଭୂଷଣ ସୁଦର୍ଶନ ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ଚାରୁକଳା ମହାବିଦ୍ୟାଳୟର ଅଧକ୍ଷ ଦୁର୍ଗାମାଧବ କର, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଅବସରପ୍ରାପ୍ତ ପ୍ରଫେସର ଅଦ୍ୱୈତ ଚରଣ ଧଳ ଏବଂ ସଙ୍ଗଠକ ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଧା ଅନୁଷ୍ଠାନର ଅଧକ୍ଷ ସଞ୍ଜୟ କୁମାର ମିଶ୍ର ପରିଚାଳନା କରିଥିଲେ।

## ଛେଳିର କୃତ୍ରିମ ପ୍ରଜନନ ପ୍ରଶିକ୍ଷଣ ଶିବିର

**ସାକ୍ଷୀଗୋପାଳ,୨୨।୧୧ (ଡି.ଏନ.ଏ./ସ୍ୱ.ପ୍ର.):** ଦୁଗ୍ଧର ଅଧିକ ଚାହିଦା ପାଇଁ କୃତ୍ରିମ ଗୋ ପ୍ରଜନନ କରି ସଫଳତା ଲାଭ କରିବା ପରେ ମାଂସର ଆବଶ୍ୟକତା ପୂରଣ ଲକ୍ଷ୍ୟ ନେଇ ଛେଳିର କୃତ୍ରିମ ପ୍ରଜନନ ନିମନ୍ତେ ପ୍ରୟାସ ଆରମ୍ଭ ହୋଇଛି। ରାଜ୍ୟ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ସାକ୍ଷୀଗୋପାଳ ପ୍ରାଣୀ ଚିକିତ୍ସାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆତ୍ମା ଅଧକ୍ଷ ରାମଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମଣ୍ଡଳ ପ୍ରାଣୀ ଚିକିତ୍ସାଧିକାରୀ ଡ.ଜ୍ଞାନରଞ୍ଜନ ମିଶ୍ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଶିକ୍ଷକ ଭାବରେ ଚନ୍ଦନପୁର ପ୍ରାଣୀ ଚିକିତ୍ସାଳୟର ଚିକିତ୍ସକ ଡ. ଅନିଲ କୁମାର ଦାଶ ଓ ନିମାପଡାର ସହକାରୀ ପ୍ରାଣୀ ଚିକିତ୍ସକ ଡ.ଆକାଶ ମିଶ୍ର ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ଜିଲାରୁ ଯୋଗଦେଇଥିବା ୨୦ଜଣ ପ୍ରାଣୀଧନ ନିରୀକ୍ଷକଙ୍କୁ ଛେଳିଙ୍କର କୃତ୍ରିମ ପ୍ରଜନନ ସମ୍ପର୍କରେ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଶିବିରରେ ସାକ୍ଷୀଗୋପାଳ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ଏଲ.ଆଇ. ଭାଗ୍ୟଶ୍ରୀ ଦାଶ, ସିଦ୍ଧେଶ୍ୱର ମହାପାତ୍ର, ନୀହାର ରଞ୍ଜନ ମହାପାତ୍ର ଓ ସୁକାନ୍ତ ଗୋଚ୍ଛାୟତ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। କାର୍ଯ୍ୟାଳୟର କର୍ମଚାରୀ ବିଶ୍ୱଜିତ ଶତପଥୀ, କ୍ଷେତ୍ରମୋହନ ପାଇକରାୟ ଓ ଶିତିକଣ୍ଠ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ପରିକ୍ରମା ମାର୍ଗ ଭୂମି ପୂଜନ ପାଇଁ ଯଜ୍ଞ ଶୁଭାରମ୍ଭ

ପୁରୀ ଅଫିସ, ୨୨।୧୧

ଶ୍ରୀମନ୍ଦିର ଐତିହ୍ୟ କରିଡର ଯୋଜନା ଅଧୀନ ପରିକ୍ରମା ମାର୍ଗର ଭୂମିପୂଜନ ଉତ୍ସବ ପାଇଁ ସୋମବାରଠାରୁ ମହାଯଜ୍ଞ ଆରମ୍ଭ ହୋଇଛି। ଯଜ୍ଞଶାଳା ଓ ଶିଳାନ୍ୟାସ ସ୍ଥଳକୁ ସୁନ୍ଦର ଭାବେ ସଜ୍ଜିତ କରାଯିବା ସହ ସମ୍ପୂର୍ଣ୍ଣ ଅଞ୍ଚଳକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ରବିବାର ଗଜପତି ମହାରାଜା ଶ୍ରୀନଅରରେ ରାଜଗୁରୁଙ୍କୁ ଗୁଆ ଟେକିବା ପରେ ସନ୍ଧ୍ୟାରେ ଅଙ୍କୁରାରୋପଣ ନୀତି ସମ୍ପନ୍ନ ହୋଇଥିଲା। ସୋମବାର ଭୋରରୁ ପଞ୍ଚକର୍ମ, ବ୍ରାହ୍ମଣ ବରଣ, ସୂର୍ଯ୍ୟପୂଜା ପରେ ପୂର୍ବାହ୍ନ ୯ଟା ୩୦ରୁ ଯଜ୍ଞଶାଳାରେ ହୋମ ଯଜ୍ଞ ଆରମ୍ଭ ହୋଇଛି। ଗଜପତି ମହାରାଜାଙ୍କ ଦ୍ୱାରା ବରଣ ହୋଇଥିବା ୩୩ଜଣ ଶ୍ରୋତ୍ରୀୟ ବ୍ରାହ୍ମଣ, ମଠାଧୀଶ ଓ ବେଦପାଠକ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ନୀତି ନିର୍ଘଣ୍ଟ ଅନୁଯାୟୀ ୨୪ ତାରିଖ ସକାଳ ୯ଟା ୪୫ରୁ ୧୦ଟା ଶିଳାବିଜେ, ୧୦ଟା ୧୫ରୁ ୧୦ଟା ୩୦ ମଧ୍ୟରେ ଶିଳା ସ୍ଥାପନ ଓ ପୁଷ୍ପାଞ୍ଜଳି, ୧୦ଟା ୪୫ରୁ ୧୧ଟା ଭିତରେ ପୂର୍ଣ୍ଣାହୁତି ହେବ। ଭୂମିପୂଜନ ଉତ୍ସବର ମୁଖ୍ୟ କର୍ତ୍ତା ଭାବେ ଗଜପତି ମହାରାଜା ଯଜ୍ଞଶାଳାରେ ଉପସ୍ଥିତ ରହି ପୂର୍ଣ୍ଣାହୁତି ସମ୍ପନ୍ନ କରିବେ। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ବାହ୍ନ ୧୧ଟା ସୁଦ୍ଧା ପରିକ୍ରମା ମାର୍ଗର ଶିଳାନ୍ୟାସ କରିବେ। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଯୋଗଦେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ପ୍ରକଳ୍ପକୁ ଜମି ଦାନ କରିଥିବା ପୁରୀର ୧୩୬ ପରିବାର ଓ ୧୮ଟି ମଠକୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିବାର କାର୍ଯ୍ୟକ୍ରମ ରହିଛି।



ପୂଜାର୍ଚ୍ଚନା ଓ ଯଜ୍ଞ ଚାଲିଛି।

# 'ମଞ୍ଚରେ ପ୍ରଥମେ ଗୀତଗୋବିନ୍ଦ ଗାନ କରାଯାଉ'

## ପ୍ରତି ଜିଲାରେ ଓଡ଼ିଶୀ ସଙ୍ଗୀତ କର୍ମଶାଳା ହେଉ

ପୁରୀ ଅଫିସ,୨୨।୧୧

ଓଡ଼ିଶୀ ସଙ୍ଗୀତ ପରିବେଷିତ ହେଉଥିବା ମଞ୍ଚରେ ସଙ୍ଗୀତ ଗାୟକମାନେ ସର୍ବପ୍ରଥମେ ମହାପ୍ରଭୁଙ୍କ ଗୀତିଗୋବିନ୍ଦର ରଚୟତା ଜୟଦେବଙ୍କୁ ସମ୍ମାନ ଜଣାଇ ଗୀତଗୋବିନ୍ଦ ଗାନ କରାଯାଉ। ଏଥିପାଇଁ ନିଖିଳ ଉତ୍କଳ ଓଡ଼ିଶୀ ସଙ୍ଗୀତ ପ୍ରତିଷ୍ଠାନ ପୁରୀ ସଭାପତି ପଣ୍ଡିତ ଚିତ୍ତରଞ୍ଜନ ମିଶ୍ର ସମସ୍ତ ଗାୟକଙ୍କ ନିକଟରେ ଅନୁରୋଧ କରିଛନ୍ତି। ମିଶ୍ରଙ୍କ କହିବା ଅନୁଯାୟୀ, ପ୍ରାଚୀନ ଭାରତୀୟ ସଙ୍ଗୀତ, ଗ୍ରନ୍ଥ, ନାଟ୍ୟଶାସ୍ତ୍ର, ଶ୍ୟାମବେଦର ୫୬ ମୂର୍ଚ୍ଛନା ପ୍ରାଚୀନ ଉଡ୍ର ଓଡ଼ିଶା ସଙ୍ଗୀତର ପ୍ରମାଣ ମିଳିଥାଏ। ବହୁ ପୁରାତନକାଳରୁ ଓଡ଼ିଶାର ଉଡ୍ର ସଙ୍ଗୀତ ପରବର୍ତ୍ତୀ କାଳରେ ଓଡ଼ିଶୀ ସଙ୍ଗୀତ ଭାବରେ ପରିଚିତ। ତେଣୁ ଏହା ସମ୍ପୂର୍ଣ୍ଣ ଶାସ୍ତ୍ରୀୟ ୧୨ଶହ ଶତାବ୍ଦୀରେ ଉତ୍କଳୀୟ କବି ଜୟଦେବଙ୍କ ଗୀତିଗୋବିନ୍ଦ କାବ୍ୟରେ ରାଗ ଓ ତାଳର ଅପୂର୍ବ ପ୍ରୟୋଗ ବିଧି ଭାରତବର୍ଷ ସର୍ବପ୍ରଥମ ତଥା ସାରା ବିଶ୍ୱରେ ଆଦୃତ ହୋଇଆସୁଛି। ଏହା ସଂସ୍କୃତରେ ଲେଖା ହୋଇଥିଲେ ମଧ୍ୟ ଓଡ଼ିଆ ଭାଷାର ଭାଷା ପ୍ରବନ୍ଧ ଶ୍ରେଣୀର ଅଟେ। ୧୫ ଶତାବ୍ଦୀରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କଠାରୁ ଆରମ୍ଭ କରି ଅନ୍ୟ କବିମାନେ ଓଡ଼ିଆ ଭାଷାରେ ଯେଉଁ ସବୁ ସଙ୍ଗୀତ ରଚନା କରିଥିଲେ ତା' ଭିତରେ ରାଗ ଓ ତାଳର ପ୍ରୟୋଗ ଦେଖିବାକୁ ମିଳେ। ଓଡ଼ିଶୀ ଗାୟନରେ ୩୨ଟି ମେଳର ପ୍ରୟୋଗ ବିଧି ରହିଛି। କିନ୍ତୁ ବର୍ତ୍ତମାନ ୧୦ଟି ମେଳକୁ ଓଡ଼ିଶୀରେ ବ୍ୟବହାର କରାଯାଉଛି। ସୁତରାଂ ଓଡ଼ିଶୀ ସଙ୍ଗୀତ ଯେତିକି ପ୍ରାଚୀନ ସେତିକି ଶାସ୍ତ୍ରୀୟ। କେବଳ ଏହାର ପ୍ରଚାରପ୍ରସାର ସମଗ୍ର ଓଡ଼ିଶାରେ ରହିବା ସହ କଳା ବିକାଶର ଉନ୍ନତି ହେବା ଆବଶ୍ୟକ।

ଓଡ଼ିଶୀ ସଙ୍ଗୀତ କହିଲେ କଳ୍ପନା ସଙ୍ଗୀତ, ଚମ୍ପୁ ଛାନ୍ଦ, ଜଣାଣ ଓ ଚଉତିଶାକୁ ବୁଝାଇଥାଏ। ଓଡ଼ିଶା ତଥା ସାରା ବିଶ୍ୱରେ ଶ୍ରୀଜୟଦେବଙ୍କ ରଚିତ ସଙ୍ଗୀତମୟ ଗୀତାଗୋବିନ୍ଦ କାବ୍ୟ ଯେପରି ଆଦୃତ, ସେହିପରି ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା ସାରା ଭାରତ ବର୍ଷରେ ଗ୍ରହଣଯୋଗ୍ୟ ଓ ପ୍ରମାଣିତ। ଏହି କାରଣରୁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ, ଓଡ଼ିଶୀ ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ର ଉପଯୁକ୍ତ ପଦକ୍ଷେପ ନେବା ଆବଶ୍ୟକ। ରାଜ୍ୟର ପ୍ରତ୍ୟେକ ଜିଲାରେ ଓଡ଼ିଶୀ ସଙ୍ଗୀତର କର୍ମଶାଳା ହେବା ଆବଶ୍ୟକ। ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ମାନ୍ୟତା ପରିପ୍ରେକ୍ଷୀରେ ଓଡ଼ିଶା ସରକାର ରାଜ୍ୟ କ୍ୟାବିନେଟରେ ପାସ୍ କରାଇ କେନ୍ଦ୍ର ସରକାରଙ୍କ ପାଖକୁ ପଠାଇଥିଲେ। କିନ୍ତୁ ଦୁଃଖର ବିଷୟ କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ ସଙ୍ଗୀତ କ୍ଷେତ୍ରରେ କାହାକୁ ମାନ୍ୟତା ଦେଇନାହାନ୍ତି। ତେଣୁ ସମସ୍ତ କଳାକାର କଣ୍ଠଶିଳ୍ପୀ ଏବଂ ଓଡ଼ିଶୀ ସଙ୍ଗୀତ ପ୍ରତି ଆଗ୍ରହ ପ୍ରକାଶ କରୁଥିବା ବ୍ୟକ୍ତିବିଶେଷ ସଂଗୀତ ମଞ୍ଚସ୍ଥ କରିବା ସମୟରେ ପ୍ରଥମେ ଜୟଦେବଙ୍କୁ ସମ୍ମାନ ସୂଚକ ଭାବରେ ଗୀତିଗୋବିନ୍ଦ ଗାନ କରିବା ପାଇଁ ମିଶ୍ର ଅନୁରୋଧ କରିଛନ୍ତି।

# ଘର ଆଗରୁ ଟ୍ରାକ୍ଟର ଚୋରି

ଗୋପ,୨୨।୧୧(ଡି.ଏନ.ଏ.)

ଗୋପ ଥାନା ଅଧୀନ ବେଦପୁର ପାଟେଣାର ଘର ଆଗରେ ରଖାଯାଇଥିବା ଏକ ଟ୍ରାକ୍ଟର (ନଂ. ଓଡି-୦୨-ବିପି- ୬୫୪୭)କୁ ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଚୋରି କରିନେଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଏହି ଥାନା ଅଧୀନ ଭଇରିପୁର ଗ୍ରାମର ସୁବାସ ଚନ୍ଦ୍ର ରଥଙ୍କ ଏହି ଟ୍ରାକ୍ଟରଟି ରବିବାର ଚାଷ କାର୍ଯ୍ୟ ସାରି ବେଦପୁର ପାଟେଣା ଗ୍ରାମର ଲକ୍ଷ୍ମୀଧର ସାହୁଙ୍କ ଘର ନିକଟରେ ରଖିଥିଲେ। ହେଲେ ସୋମବାର ସକାଳୁ ଆସି ଦେଖିବା ବେଳେ ଗାଡ଼ିଟି ନ ଥିଲା। ଗାଡ଼ି ସମ୍ପର୍କରେ ଲକ୍ଷ୍ମୀଧରଙ୍କୁ ପଚାରିବା ସହ ଖୋଜାଖୋଜି କରି ନ ପାଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ପୋଲିସ ଘଟଣାର ତଦନ୍ତ କରୁଛି।




ଜମିପଟ୍ଟା ପ୍ରଦାନ ଦାବିରେ ପୁରୀ ବଳିଆପଣ୍ଡା ବସ୍ତିର ଲୋକେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।




ପୁରୀ ସଂସ୍କୃତି ଭବନରେ ସୁଧା ଓ ରାଷ୍ଟ୍ରୀୟ ସାମ୍ପ୍ରଦାୟିକ ସଦ୍‌ଭାବନା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସହ ଅତିଥି।




ଡେଲି ପାସେଞ୍ଜର ଟ୍ରେନ୍ ଚଳାଚଳ ଦାବିରେ ସୋମବାର ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୩ ନଭେମ୍ବର, ୨୦୨୧



## ସଂକ୍ଷେପରେ

### ୨.୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ବୃଦ୍ଧା ଗିରଫ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ): ବ୍ରାଉନସୁଗାର ବିକ୍ରି କରୁଥିବା ଅଭିଯୋଗରେ ଜଣେ ବୃଦ୍ଧାଙ୍କୁ ଅବକାରୀ ବିଭାଗ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ବଡ଼ଗଡ଼ ଥାନା ମଇଁଷିଖାଲ ବସ୍ତିର ଚିତ୍ତରା ବେହେରା(୬୦)। ତାଙ୍କଠାରୁ ୨ ଲକ୍ଷ ୫୦ ହଜାର ଟଙ୍କାର ବ୍ରାଉନସୁଗାର ଜବତ କରାଯାଇଛି। ସୂଚନା ଅନୁଯାୟୀ, ବୃଦ୍ଧା ଜଣକ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ଅବକାରୀ ନିକଟରେ ଅଭିଯୋଗ ହୋଇଆସୁଥିଲା। ସୋମବାର ସକାଳେ ଏକ ଟିମ୍ ତାଙ୍କ ଘରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ତାଙ୍କ ନାମରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି।

### ଜିଲା ଆଇନସେବା ପ୍ରାଧିକରଣ ଟିମ୍‌ର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ବାରଙ୍ଗ,୨୨।୧୧(ଡି.ଏନ୍.ଏ.): ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ବାସ୍ତବ ଚିତ୍ର ପରଖିବା ପାଇଁ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ୪ଜଣିଆ ଟିମ୍ ଗଠନ କରାଯାଇଛି। ତେବେ ଏହି ଟିମ୍ ଜିଲାରେ ପ୍ରଥମକରି ସୋମବାର ବାରଙ୍ଗ ପ୍ରାଥମିକ ସାସ୍ଥ୍ୟକେନ୍ଦ୍ର ଅଚାନକ ପରିଦର୍ଶନ କରିଥିଲେ। ଏହି ସମୟରେ କେନ୍ଦ୍ର ମୁଖ୍ୟ ଡାକ୍ତର, ଆୟୁଷ ଡାକ୍ତର, ଡ୍ରେସିଂ କର୍ମଚାରୀ ପ୍ରମୁଖ ଅନୁପସ୍ଥିତ ଥିଲେ। ଉକ୍ତ ଟିମ୍ ଅଚାନକ ଯାଞ୍ଚ ସମୟରେ ଡାକ୍ତରଙ୍କ ଅନୁପସ୍ଥିତିରେ ଫାର୍ମାସିଷ୍ଟ ରୋଗୀଙ୍କୁ ଦେଖୁଥିବା ଦେଖି ଟିମ୍ ଅସନ୍ତୁଷ୍ଟ ହୋଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ, ପରିମଳ, ପରିସ୍ରାଗାର ଓ ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଯଥେଷ୍ଟ ଡ୍ରଗ୍ସ, ରୋଗୀ ପ୍ରତୀକ୍ଷାଳୟ ଗୃହ, ସରଞ୍ଜାମ ଆଦି ଅନେକ ଦିଗପ୍ରତି ଉକ୍ତ ଟିମ୍ ଯାଞ୍ଚ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଯୋଗ ପାଇଁ ରହିଥିବା ସୁବିଧା, ସଂଯୋଗ ରାସ୍ତା ଓ ସାଧାରଣ ପରିବହନ ବ୍ୟବସ୍ଥା, ଜରୁରୀ ସ୍ଥିତିରେ ମୁକାବିଲା କରିବା ପାଇଁ ସାମର୍ଥ୍ୟ, ଟେଲିଫୋନ, ଇଣ୍ଟରନେଟ ସୁବିଧା, ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଆଦି ବିଷୟରେ ଅନୁଧ୍ୟାନ କରି ଏହାର ଭିଡିଓ ଗ୍ରାଫି କରିଥିଲେ। ସେହିପରି ପୂର୍ବରୁ ଗର୍ଭବତୀଙ୍କ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଜନନୀ ଏକ୍ସପ୍ରେସ ଗାଡ଼ି ଉପଲବ୍ଧ ରହିଥିଲା। ହେଲେ ଦୀର୍ଘ ଦିନ ହେବ ସ୍ୱାସ୍ଥ୍ୟକେନ୍ଦ୍ରରେ ଉକ୍ତ ଗାଡିଟିର ଦେଖା ମିଳୁ ନ ଥିବା ରୋଗୀମାନେ ଟିମ୍‌କୁ କହିଥିଲେ।

### ଶ୍ରମିକ ଶୋଷଣକୁ ବିରୋଧ

ଜଟଣୀ,୨୨।୧୧(ଡି.ଏନ୍.ଏ.): ଜଟଣୀ ବ୍ଲକ ଅଧୀନ ତାରାବୋଇ ଗ୍ରାମସ୍ଥିତ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଶ୍ରମିକ ସଂଘ ପକ୍ଷରୁ ହେଉଥିବା ଶ୍ରମିକ ମାରଣ ନୀତିରେ ରୋକ ଲଗାଇବା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ଆସୋସିଏଶନର ଉପଦେଷ୍ଟା ଯୋଗେଶ ନାୟକଙ୍କ ନେତୃତ୍ୱରେ ଶ୍ରମିକମାନେ ହେଉଥିବା ବିଭିନ୍ନ ଶୋଷଣ ବିଷୟରେ ଆଲୋଚନା କରାଯାଇଥିଲା। ଏନେଇ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏହି ଆଲୋଚନାରେ ସ୍ଥାନୀୟ ସରପଞ୍ଚ ସକିରା ଅବରାର, ଏମ.ଡି.ତହୁର, ଏମ.ଡି. ନୟୀମ ଆଖତର, ପ୍ରଦୀପ କୁମାର ଷଣ୍ଢ, କରିମ ମହମଦ, ଅମୀୟ କୁମାର ମହାପାତ୍ର, ରଘୁନାଥ ସେଠୀ, ସୌରୀ ଦାସ, ଜୟନ୍ତି ଦାସ, ଦୁଖୀ ମହାରଣା, ସାବିତ୍ରୀ ନାୟକ, ବିଳାସ ଦେଇ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜଧାନୀରେ ବାଇକ୍ ଚୋରି ଗ୍ୟାଙ୍ଗ ଧରାପଡ଼ିଲା

## ୩୪ ବାଇକ ଜବତ, ୫ ଗିରଫ

■ରାଜଧାନୀରୁ ଚୋରି କରି ବାହାରେ ବିକ୍ରି କରୁଥିଲେ
■୯ ବାଇକ୍ ମାଲିକଙ୍କୁ ହସ୍ତାନ୍ତର କଲା ପୋଲିସ
■ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା





ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ରାଜଧାନୀ ଓ ଆଖପାଖ ଅଞ୍ଚଳରେ ବାଇକ୍ ଚୋରି କରୁଥିବା ଏକ ଗ୍ୟାଙ୍ଗକୁ କମିଶନରେଟ ପୋଲିସ ଧରିଛି। ଗ୍ୟାଙ୍ଗର ୫ଜଣ ସଦସ୍ୟଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ୩୪ଟି ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜିଲା ସଦର ଥାନା ଅନ୍ତର୍ଗତ ଗୁରୁଜଙ୍ଗରେ ରହୁଥିବା ପ୍ରଶାନ୍ତ ଲେଙ୍କା(୨୬), ରମେଶ ନାୟକ(୨୮), ଜଟଣୀ ଥାନା କୁସୁମାଟି ଗ୍ରାମର ଦୀପକ ନାୟକ(୨୬), କଟକ ଜିଲା ଆଠଗଡ଼ ଇଚ୍ଛାପୁରର ଦୁଷ୍ମନ୍ତ ବେହେରା(୨୮) ଓ ବାଙ୍କୀ ଥାନା ମଣିପୁର ଗ୍ରାମର ବିଜୁ ନାୟକ(୨୨)। ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଗ୍ୟାଙ୍ଗରେ ଆଉ କେତେଜଣ ସଦସ୍ୟ ଥିବା ପୋଲିସ ଜାଣିବାକୁ ପାଇଛି। ସେମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଛି। ଗ୍ୟାଙ୍ଗ୍ ସମ୍ପର୍କରେ ଅଧିକ ତଥ୍ୟ ପାଇବାକୁ ଅଭିଯୁକ୍ତଙ୍କୁ ପୋଲିସ ରିମାଣ୍ଡରେ ଆଣିବାକୁ ଯୋଜନା କରୁଛି। ଅନ୍ୟପକ୍ଷରେ ଜବତ ହୋଇଥିବା ୩୪ ବାଇକ ମଧ୍ୟରୁ ୯ଟିକୁ ସେମାନଙ୍କ ପ୍ରକୃତ ମାଲିକଙ୍କୁ ପୋଲିସ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଏକ ଗ୍ୟାଙ୍ଗ ଗଢି ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରୁ ବାଇକ୍ ଚୋରି କରୁଥିଲେ। ବିଶେଷ କରି ପାର୍କ, ହସ୍ପିଟାଲ, କୋର୍ଟ ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ସକ୍ରିୟ ରହୁଥିଲେ। ପାର୍କିଂ ସ୍ଥାନରୁ ମାଷ୍ଟର ଚାବି ସାହାଯ୍ୟରେ ବାଇକ୍ ଖୋଲି ନେଇଯାଉଥିଲେ। ଏହି ଚୋରି ବାଇକଗୁଡିକୁ ସେମାନେ ଆଠଗଡ. ନୟାଗଡ, ବଡମ୍ବା ଓ ଢେଙ୍କାନାଳ ଆଦି ଅଞ୍ଚଳରେ ଅତି ସ୍ୱଳ୍ପ ମୂଲ୍ୟରେ ବିକ୍ରି କରି ଦେଉଥିଲେ। ଅକ୍ଟୋବର ୮ ସନ୍ଧ୍ୟାରେ କଳିଙ୍ଗ ବିହାରରେ ରହୁଥିବା ସୁମନ କୁମାର ବେହେରା ସ୍ଥାନୀୟ ଥାନା ଖାରବେଳ ପାର୍କ ସାମ୍ନାରେ ବାଇକକୁ ପାର୍କିଂ କରି ଭିତରକୁ ଯାଇଥିଲେ। ଫେରିବା ବେଳକୁ ତାଙ୍କ ବାଇକ୍ ଚୋରି ହୋଇଯାଇଥିଲା। ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ. ୫୪୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ପାର୍କ ନିକଟରେ ସବୁଦିନ ଚୋରି ହେଉଥିବାରୁ ପୋଲିସ ଟିମ୍ ଲୁଟେରାଙ୍କୁ ଧରିବାକୁ ରବିବାର ଅପରାହ୍ନରେ ଛକି ରହିଥିଲା। ଅଭିଯୁକ୍ତ ରମେଶ ଓ ପ୍ରଶାନ୍ତ ଏକ ବାଇକକୁ ଚୋରି କରିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଉଭୟଙ୍କୁ ମାଡି ବସିଥିଲା। ସେମାନଙ୍କୁ ପଚରାଉଚରା ପରେ ଅନ୍ୟ ୩ଜଣଙ୍କ ସମ୍ବନ୍ଧରେ ସେମାନେ ସୂଚନା ଦେଇଥିଲେ।

### ଘରେ ପଶି ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ଘରେ ପଶି ୭୦ହଜାର ଟଙ୍କା ଓ ସୁନା ଅଳଙ୍କାର ଚୋରି କରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ତମାଣ୍ଡୋ ଥାନା କଳିଙ୍ଗ ବିହାରରେ ରହୁଥିବା ନୟାଗଡ଼ ଜିଲା ରଣପୁର ଥାନାର ଗଣେଷ ସାହୁ(୨୭)। ତାଙ୍କଠାରୁ ନଗଦ ୩୦ ହଜାର ଟଙ୍କା ଓ ଚୋରି ଟଙ୍କାରେ କିଣିଥିବା ଏକ ବାଇକ୍ ଜବତ କରିଛି ପୋଲିସ। ଶନିବାର ମଧ୍ୟାହ୍ନରେ ଅଭିଯୁକ୍ତ ଗଣେଷ ସ୍ଥାନୀୟ ଥାନା ୟୁନିଟ-୩ କାଞ୍ଜିଆହୁଦା ବସ୍ତିରେ ରହୁଥିବା ଚିତ୍ତରଞ୍ଜନ ସାହୁଙ୍କ ଘରେ ପସି ଚୋରି କରିଥିଲେ। ଅଭିଯୋଗକ୍ରମେ ପୋଲିସ ମାମଲା (ନଂ. ୩୭୪/୨୧) ରୁଜୁ କରି ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଧରିଥିଲେ।



ଭାରତୀୟ ନୌସେନା ତାଲିମ କେନ୍ଦ୍ର ପରିସର ଚିଲିକାରେ ଅନୁଷ୍ଠିତ ଏନ୍‌ସିସି କ୍ୟାଡେଟ୍‌ଙ୍କ ନୌକା ପ୍ରତିଯୋଗିତା।

# ସର୍ବଭାରତୀୟ ନୌକା ପ୍ରତିଯୋଗିତା: ଓଡ଼ିଶା ଚାମ୍ପିୟନ

ବାଲୁଗାଁ,୨୨।୧୧(ଡି.ଏନ୍.ଏ.)

ଭାରତୀୟ ନୌସେନା ତାଲିମ କେନ୍ଦ୍ର ଚିଲିକା ଶାଖାରେ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ସର୍ବଭାରତୀୟ ନୌକା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗତ ୧୭ ତାରିଖରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିବା ବେଳେ ଏଥିରେ ସର୍ବଭାରତୀୟ ସ୍ତରରେ ଏନ୍‌ସିସିର ୧୭ଟି ନିର୍ଦ୍ଦେଶାଳୟ ଭାଗ ନେଇଥିଲେ। ୧୦୧ଜଣ କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ। ସୋମବାର ଅନୁଷ୍ଠିତ ଫାଇନାଲ ଦିବସର ଅନ୍ତିମ ପର୍ଯ୍ୟାୟରେ ଓଡ଼ିଶା ଏନ୍‌ସିସି କ୍ୟାଡେଟ୍ ଦଳ ଚାମ୍ପିୟନ ହୋଇଛି। କ୍ୟାଡେଟ କାହ୍ନୁ ଚରଣ ଗୌଡ଼, ଦୀପକ କୁମାର ସାହୁ, ତନୟା ମାଝୀ, ଶୁଭଶ୍ରୀ ପ୍ରଧାନ, ସୁସ୍ମିତା ପାୟଲ ସେଠୀ ଏବଂ ସନ୍ଦୀପ କୁମାର ବେହେରାଙ୍କ ପରିଶ୍ରମରେ ଓଡ଼ିଶା ଏହି ସଫଳତା ହାସଲ କରିଛି। ଏଥିସହ ପଞ୍ଜାବ କ୍ୟାଡେଟ୍ ଟିମ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ କର୍ଣ୍ଣାଟକ ତୃତୀୟ ସ୍ଥାନ ହାସଲ କରିଛି। ତାଲିମ କେନ୍ଦ୍ର ପରିସର ଅପ୍‌ସରା ଭବନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏନ୍‌ସିସି ନିର୍ଦ୍ଦେଶକ ବ୍ରିଗେଡିୟର ଅଜୟ କୁମାର ମହାଜନ ଏବଂ ଓଡ଼ିଶା ଉପ-ନିର୍ଦ୍ଦେଶକ କମୋଡର ସୋମେନ ବାନାର୍ଜୀ ଯୋଗଦେଇ ବିଜୟୀ ଟିମକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ଏଥିସହ ଆଇଏନ୍‌ଏସ୍ ଚିଲିକା କମୋଡର ଏନ୍‌ପି.ପ୍ରଦୀପ କୁମାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଏନ୍‌ସିସି ଭବାନୀପାଟଣାର କମାଣ୍ଡିଂ ଅଫିସର ଭି. ରବି ଯଦୁ ଏବଂ ସମ୍ବଲପୁର କଲୋନେଲ ଅମିତାଭ ରୟ ଶିବିର ପରିଚାଳନା କରିଥିଲେ। ତେବେ ବିଜୟ ଓଡ଼ିଶା ଟିମ୍‌ର କ୍ୟାଡେଟ୍‌ଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିବା ବାଣପୁର ଅଞ୍ଚଳର ପ୍ରଶିକ୍ଷକ ରଞ୍ଜିତ ରାଉତରାୟଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ଚିରସ୍ଥାୟୀ ଉଦ୍ୟୋଗୀକରଣ ପାଇଁ ଅତ୍ୟାଧୁନିକ କୃଷି ବ୍ୟବସ୍ଥାର ପ୍ରୟୋଗଶାଳା

ଭୁବନେଶ୍ୱର,୨୨।୧୧ (ବ୍ୟୁରୋ)

ପରିସରରେ ଚିରସ୍ଥାୟୀ ଉଦ୍ୟୋଗୀକରଣ ପାଇଁ ଅତ୍ୟାଧୁନିକ କୃଷି ବ୍ୟବସ୍ଥା ସମ୍ପର୍କିତ ଏକ ରାଜ୍ୟସ୍ତରୀୟ କର୍ମଶାଳା ଗତ ରବିବାର ଓୟୁଏଟିସ୍ଥିତ ଇମେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ହେଉଥିବା କୃଷି ଭିତ୍ତିକ ଯୋଜନା, କୃଷି କ୍ଷେତ୍ରରେ ଚିରସ୍ଥାୟୀ ଉଦ୍ୟୋଗୀକରଣ ସମ୍ପର୍କରେ କୃଷି ଓ ସଶକ୍ତିକରଣ ବିଭାଗର କମିଶନର ତଥା ସୁରେଶ କୁମାର ବରିଷ୍ଠ ଆଲୋଚନା କରିଥିଲେ। ରୋଟାରିଆନ୍ ମନ୍ମଥ କୁମାର ପାଣିଙ୍କ ଅଧକ୍ଷତାରେ ସଭା ଆୟୋଜିତ ହୋଇଥିଲା। କର୍ମଶାଳାର ଏପିକଲ୍‌ଚର ପରିଚାଳନା ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ରାଉଳ, ଭୁବନେଶ୍ୱର ରୋଟାରୀ କ୍ଲବ ହେରିଟେଜ୍‌ର ସଭାପତି ରୋଟାରିଆନ୍ ପି.ସି ଦାସ, ପରିଚାଳନା କମିଟି ଅଧକ୍ଷ ଆଶୁତୋଷ ସରକାର, ଆଇକାଡାର ଡ. ନିଗମାନନ୍ଦ ସ୍ୱାଇଁ, ଜଙ୍ଗଲ ଭିତ୍ତିକ କୃଷି ପ୍ରକଳ୍ପ ଅଧିକାରୀ ଡ. ରାଜେନ୍ଦ୍ର ଚୌଧୁରୀ ପ୍ରମୁଖଙ୍କ ସମେତ ଓୟୁଏଟିର ବୈଜ୍ଞାନିକ, ଛାତ୍ରୀଛାତ୍ର, ପୁରୀ ଓ କଟକ ଜିଲାର ସଫଳ କୃଷି ଉଦ୍ୟୋଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍‌ଏମ୍‌ସି କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ବାଲୁଗାଁ,୨୨।୧୧(ଡି.ଏନ୍.ଏ.)




ମହଙ୍ଗା ଭତ୍ତାରୁ ବଞ୍ଚିତ କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି।

ଦୀର୍ଘ ୧୦ବର୍ଷ ଧରି ବେତନ ବୃଦ୍ଧି ନ ହେବା ଏବଂ ରାଜ୍ୟ ସରକାରଙ୍କ ଷଷ୍ଠ ବେତନ କମିଶନ ସୁପାରିଶ ଅନୁଯାୟୀ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ଦିଆ ନ ଯିବା ପ୍ରତିବାଦରେ ସୋମବାର ବାଲୁଗାଁ ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି)ର କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ଧାରଣା ଦେଇଛନ୍ତି।

ସୂଚନା ମୁତାବକ, ଷଷ୍ଠ ବେତନ କମିଶନ ଅନୁଯାୟୀ ଗତ ୨୦୧୧ରୁ ମହଙ୍ଗା ଭତ୍ତା ୧୬୮ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ୧୦ବର୍ଷ ଧରି କାର୍ଯ୍ୟ କରିବା ପରେ ମଧ କର୍ମଚାରୀଙ୍କୁ ବର୍ତ୍ତମାନ ସୁଧା ୫୧ପ୍ରତିଶତ ମହଙ୍ଗା ଭତ୍ତା ମିଳିଥିବା ଅଭିଯୋଗରୁ ଜଣାଯାଇଛି। ଏନେଇ ପୂର୍ବରୁ କାର୍ଯ୍ୟରତ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ ଏଯାବତ୍ ସମସ୍ୟାର ସମାଧାନ ହୋଇପାରିନାହିଁ। କର୍ମଚାରୀଙ୍କ ଅନୁରୋଧକ୍ରମେ ଖୋର୍ଦ୍ଧା ଉପଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟିର ଅଧକ୍ଷ ଉକ୍ତ ସମସ୍ୟା ନେଇ କାର୍ଯ୍ୟାଳୟର ମୁଖ୍ୟ କିରାଣୀଙ୍କୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହା ମଧ୍ୟରେ ୨ବର୍ଷ ବିତି ଯାଇଥିଲେ ସୁଧା କମିଟି ସମ୍ପାଦକ ଏଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଗତ ମାସରେ ନିୟନ୍ତ୍ରିତ କମିଟିର କର୍ମଚାରୀମାନେ ପୁଣି ଉପଜିଲାପାଳଙ୍କୁ ଏନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପୂନର୍ବାର ଉକ୍ତ ଦାବି ସମ୍ପର୍କିତ ଫାଇଲକୁ ଉପଜିଲାପାଳଙ୍କ ନିକଟରେ ଦାଖଲ କରିବା ପାଇଁ କମିଟି ସମ୍ପାଦକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ସମ୍ପାଦକ ଏ ଦିଗରେ କୌଣସି ପଦକ୍ଷେପ ନ ନେବାରୁ କର୍ମଚାରୀଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇଛି। ବାରମ୍ବାର ଦାବି ସତ୍ତ୍ୱେ ସମ୍ପାଦକଙ୍କ ଅବହେଳା ଯୋଗୁ ସୋମବାର ଠାରୁ କର୍ମଚାରୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଡାକରା ସହ ଧାରଣାରେ ବସିଛନ୍ତି। ଏନେଇ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ପ୍ରବୋଧ କୁମାର ସାହୁ କହିଛନ୍ତି, ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଛି। ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନେଇ କର୍ମଚାରୀଙ୍କ ଦାବିକୁ ପୂରଣ କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ବେତନ ବୃଦ୍ଧି ନ ହେବା ଯାଏ ଆନ୍ଦୋଳନରୁ ହଟିବେ ନାହିଁ ବୋଲି କର୍ମଚାରୀମାନେ କହିଛନ୍ତି।

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank (Together for the better)
Oriental United
ମଣ୍ଡଳ କାର୍ଯ୍ୟାଳୟ : ଶିବ ଆର୍କେଡ, ୨ୟ ମହଲା, ଟାଟା ବେଞ୍ଚ ସ୍କୋୟାର, ବ୍ରହ୍ମପୁର, ପିନ୍-୭୬୦୦୦୫, ଜିଲ୍ଲା: ଗଞ୍ଜାମ, ଓଡ଼ିଶା
ଇ-ମେଲ୍: cobhm@pnb.co.in

ଅଫିସ୍ ନିମନ୍ତେ ଗୃହ ଆବଶ୍ୟକ

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ନିମ୍ନଲିଖିତ ସ୍ଥାନରେ ନୂତନ ଶାଖାଗୁଡିକ ନିମନ୍ତେ ବ୍ୟାବସାୟିକ ଗୃହ ଆବଶ୍ୟକ ହେତୁ ୨ଟି ବିଡ୍ ବ୍ୟବସ୍ଥା ମାଧ୍ୟମରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି । ତଳ ମହଲା ଗୃହ ପସନ୍ଦଯୋଗ୍ୟ।

| ସ୍ଥାନ | ଜିଲ୍ଲା | ଆନୁମାନିକ ଏରିଆ (ବର୍ଗଫୁଟ) |
|---|---|---|
| ବୁଗୁଡା | ଗଞ୍ଜାମ | ୧୧୩୦ ବର୍ଗଫୁଟ |
| ମୁନିଗୁଡା | ରାୟଗଡା | ୧୧୩୦ ବର୍ଗଫୁଟ |
| ଜୟପାଟଣା | କଳାହାଣ୍ଡି | ୧୧୩୦ ବର୍ଗଫୁଟ |
| ରାଜସୁନାଖଳା | ନୟାଗଡ଼ | ୧୦୧୦ ବର୍ଗଫୁଟ |

ଦ୍ରଷ୍ଟବ୍ୟ- ଫାଇନାନ୍‌ସିଆଲ ବିଡ୍ ଏବଂ ଟେକ୍ନିକାଲ୍ ବିଡ୍ ପୃଥକ ମୁଦ ଲଫାପା ମାଧ୍ୟମରେ ପଠାଇବା ଆବଶ୍ୟକ। ଲଫାପା ଉପରେ "ମଣ୍ଡଳ କାର୍ଯ୍ୟାଳୟ, ବ୍ରହ୍ମପୁର" ସହିତ ଫାଇନାନ୍‌ସିଆଲ୍ ବିଡ୍ / ଟେକ୍ନିକାଲ୍ ବିଡ୍" ଉଲ୍ଲେଖ ରହିବା ଆବଶ୍ୟକ। ଦରଖାସ୍ତ ଫର୍ମ ଆମର କାର୍ଯ୍ୟାଳୟ ୱେବ୍‌ସାଇଟ୍ www.pnbindia.in (Tender/ Empanelment)ରୁ ଡାଉନ୍‌ଲୋଡ୍ କରିପାରିବେ କିମ୍ବା ମଣ୍ଡଳ କାର୍ଯ୍ୟାଳୟ, ବ୍ରହ୍ମପୁରରୁ ସଂଗ୍ରହ କରିପାରିବେ ଏବଂ ସମସ୍ତ ଦିଗରୁ ସମ୍ପୂର୍ଣ୍ଣଭାବେ ପୂରଣ ହୋଇଥିବା ଦରଖାସ୍ତ ମଣ୍ଡଳ କାର୍ଯ୍ୟାଳୟ, ବ୍ରହ୍ମପୁରରେ ତା. ୦୬.୧୨.୨୦୨୧ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ପହଁଞ୍ଚିବା ଆବଶ୍ୟକ। ବ୍ୟାଙ୍କ କୌଣସି କାରଣ ନଦର୍ଶାଇ କୌଣସି କିମ୍ବା ସମସ୍ତ ପ୍ରାପ୍ତ ପ୍ରସ୍ତାବକୁ ନାକଚ / ଗ୍ରହଣ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି ।
ମୁଖ୍ୟ ପ୍ରବନ୍ଧକ

# ପରିକ୍ରମା ମାର୍ଗ ଭୂମି ପୂଜନ ପାଇଁ ଯଜ୍ଞ ଶୁଭାରମ୍ଭ

ପୁରୀ ଅଫିସ, ୨୨।୧୧



ପୂଜାର୍ଚ୍ଚନା ଓ ଯଜ୍ଞ ଚାଲିଛି।

ଶ୍ରୀମନ୍ଦିର ଐତିହ୍ୟ କରିଡର ଯୋଜନା ଅଧୀନ ପରିକ୍ରମା ମାର୍ଗର ଭୂମିପୂଜନ ଉତ୍ସବ ପାଇଁ ସୋମବାରଠାରୁ ମହାଯଜ୍ଞ ଆରମ୍ଭ ହୋଇଛି। ଯଜ୍ଞଶାଳା ଓ ଶିଳାନ୍ୟାସ ସ୍ଥଳକୁ ସୁନ୍ଦର ଭାବେ ସଜ୍ଜିତ କରାଯିବା ସହ ସମ୍ପୂର୍ଣ୍ଣ ଅଞ୍ଚଳକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ରବିବାର ଗଜପତି ମହାରାଜା ଶ୍ରୀନଅରରେ ରାଜଗୁରୁଙ୍କୁ ଗୁଆ ଟେକିବା ପରେ ସନ୍ଧ୍ୟାରେ ଅଙ୍କୁରାରୋପଣ ନୀତି ସମ୍ପନ୍ନ ହୋଇଥିଲା। ସୋମବାର ଭୋରରୁ ପଞ୍ଚକର୍ମ, ବ୍ରାହ୍ମଣ ବରଣ, ସୂର୍ଯ୍ୟପୂଜା ପରେ ପୂର୍ବାହ୍ନ ୯ଟା ୩୦ରୁ ଯଜ୍ଞଶାଳାରେ ହୋମ ଯଜ୍ଞ ଆରମ୍ଭ ହୋଇଛି। ଗଜପତି ମହାରାଜାଙ୍କ ଦ୍ୱାରା ବରଣ ହୋଇଥିବା ୩୩ଜଣ ଶ୍ରୋତ୍ରୀୟ ବ୍ରାହ୍ମଣ, ମଠାଧୀଶ ଓ ବେଦପାଠକ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ନୀତି ନିର୍ଘଣ୍ଟ ଅନୁଯାୟୀ ୨୪ ତାରିଖ ସକାଳ ୯ଟା ୪୫ରୁ ୧୦ଟା ଶିଳାବିଜେ, ୧୦ଟା ୧୫ରୁ ୧୦ଟା ୩୦ ମଧ୍ୟରେ ଶିଳା ସ୍ଥାପନ ଓ ପୁଷ୍ପାଞ୍ଜଳି, ୧୦ଟା ୪୫ରୁ ୧୧ଟା ଭିତରେ ପୂର୍ଣ୍ଣାହୁତି ହେବ। ଭୂମିପୂଜନ ଉତ୍ସବର ମୁଖ୍ୟ କର୍ତ୍ତା ଭାବେ ଗଜପତି ମହାରାଜା ଯଜ୍ଞଶାଳାରେ ଉପସ୍ଥିତ ରହି ପୂର୍ଣ୍ଣାହୁତି ସମ୍ପନ୍ନ କରିବେ। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ବାହ୍ନ ୧୧ଟା ସୁଦ୍ଧା ପରିକ୍ରମା ମାର୍ଗର ଶିଳାନ୍ୟାସ କରିବେ। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଯୋଗଦେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଅବସରରେ ପ୍ରକଳ୍ପକୁ ଜମି ଦାନ କରିଥିବା ପୁରୀର ୧୩୬ ପରିବାର ଓ ୧୮ଟି ମଠକୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିବାର କାର୍ଯ୍ୟକ୍ରମ ରହିଛି।

PUBLIC NOTICE

The public in general and film trade in particular are hereby requested to take note that our clients are in the process of acquiring the following rights in the Film as more particularly given in the table below (a) Exclusive Linear and Non Liner Rights for distribution and redistribution via any and all means including but not limited to through satellite, cable, DTH, IPTV, terrestrial, internet, mobile etc., (b) Catch up TV rights, (c) Syndication Rights for rights granted, (d) Sub-tiling rights in all languages, (e) Dubbing rights in all languages, (f) All other rights not specifically mentioned herein(Collectively referred to as the "Rights"): for multiple telecasts for the territory of the entire world for perpetual term, commencing from the Start Date as detailed herein below:

| Sr. No. | Film | Star Cast | Language Granted | Term |
|---|---|---|---|---|
| 1 | Jor Ka Jhatka | Deepak, Pinky, Hari har Mohapatra, Pragyan, Guddu, Mihir Das, Trupti Sinha, Sritam Das, Prativa Panda, Sankar & Pradyumna Lenka | Odia | 20th November, 2021 to Perpetuity |
| 2 | Akhi Bujideli Tu | Pupindarr, Dipika, Jyotirmayee Bal, Samresh Routray, George Tiadi, Gudu, Suman, Jiban Panda, Late Rabi Mishra | Odia | 20th November, 2021 to Perpetuity |
| 3 | Pratyaghat | Ankit Kumar, Prakuti Mishra, Chinmay Mishra, Chiranjib Biswal, Sonam Dash, Biju Badajena, Khusi Kishore, Raja & Premanjan Parida | Odia | 20th November, 2021 to Perpetuity |

The Films are free from any encumbrances, claims or demands, whatsoever. However, should any person(s) have claim against, to, or in respect of the Film mentioned herein above whether by way of any sale, license, assignment or otherwise, such person(s) are hereby required to make the same known in writing to us at our office at **B-116, MITTAL TOWERS, NARIMAN POINT, MUMBAI – 400 021,** within ten (10) days from the date of publication hereof, failing which the transaction will be completed without reference to such claim and the same, if any, will be deemed to have been waived.

**Place: Mumbai**
**Date:**
**From:**
**Naik Naik& Co., B-116, Mittal Towers, Nariman Point, Mumbai 400 021**

GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA**
**WORKS DEPARTMENT**
E-mail: rbcirclekhurda@gmail.com
**1st Corrigendum to Tender Call Notice**
**Bid Identification No.CCE-Khordha (R&B) Circle-08/2021-22 dt.06.11.2021**
No. B-645:- The following changes are made in respect of the Bid Identification No. CCE-Khordha (R&B) Circle-08/2021-22.
1) Date and Time of sale and receipt of Bids: From 10.00 AM of Dt. 26.11.2021, to 5.00 PM of Dt. 07.12.2021 instead of from 10.00 AM of dt 15.11.2021 to 05.00 PM of dt 29.11.2021.
2) Last Date for Submission of Bid: 5.00PM of Dt. 07.12.2021 instead of from 05.00 PM of dt 29.11.2021.
3) Date of Opening of the Bid: 11.30 AM of 08.12.2021 instead of from 11.30 AM of dt 30.11.2021.
The other terms & conditions stipulated in the Original tender call notice for all other works remain unchanged.
Sd./- Er. A.K. Satapathy, Chief Construction Engineer, Khordha (R&B) Circle, Khordha
OIPR-34127/11/0010/2122

**OFFICE OF THE SUPERINTENDING ENGINEER**
**GHATAGAON (R&B) DIVISION, GHATAGAON - 758027 (ODISHA)**
Email ID: eeghatagaon2015@gmail.com, Phone No. 06733-299903
**1st Corrigendum to Bid Id No. S.E., GTN (R&B) - 11/2021-22**
Letter No. 6366 Dt.18.11.2021
No. B-653: The date & time of availability of bids in portal, last date/ time for receipt of bids & opening of Bid for the work "Construction of Mission Shakti Bhawan (Block Level) at Hatadihi Block in the distirct of Keonjhar for the year 2021-22" vide bid identification No. S.E., GTN (R&B) - 11/2021-22 and Tender ID: 2021_EICCL_72586_1 are hereby modified as follows.
1. Availability of bid document in portal - From 11.30 A.M. of 23.11.2021 to 5 P.M. of 29.11.2021.
2. Last date/time for receipt bids in portal - 5 P.M. of 29.11.2021.
3. Date of Opening of Bids - 11.00 A.M. of 30.11.2021.
All other terms & conditions remain unchanged.
Sd./- Superintending Engineer
Ghatagaon (R&B) Division
OIPR-34140/11/0008/2122

# ରାଜଧାନୀରେ ବାଇକ୍ ଚୋରି ଗ୍ୟାଙ୍ଗ ଧରାପଡ଼ିଲା

## ୩୪ ବାଇକ୍ ଜବତ, ୫ ଗିରଫ

■ରାଜଧାନୀରୁ ଚୋରି କରି ବାହାରେ ବିକ୍ରି କରୁଥିଲେ
■୯ ବାଇକ୍ ମାଲିକଙ୍କୁ ହସ୍ତାନ୍ତର କଲା ପୋଲିସ
■ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା





ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ରାଜଧାନୀ ଓ ଆଖପାଖ ଅଞ୍ଚଳରେ ବାଇକ୍ ଚୋରି କରୁଥିବା ଏକ ଗ୍ୟାଙ୍ଗକୁ କମିଶନରେଟ ପୋଲିସ ଧରିଛି। ଗ୍ୟାଙ୍ଗର ୫ଜଣ ସଦସ୍ୟଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ୩୪ଟି ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜିଲା ସଦର ଥାନା ଅନ୍ତର୍ଗତ ଗୁରୁଜଙ୍ଗରେ ରହୁଥିବା ପ୍ରଶାନ୍ତ ଲେଙ୍କା(୨୬), ରମେଶ ନାୟକ(୨୮), ଜଟଣୀ ଥାନା କୁସୁମାଟି ଗ୍ରାମର ଦୀପକ ନାୟକ(୨୬), କଟକ ଜିଲା ଆଠଗଡ଼ ଇଚ୍ଛାପୁରର ଦୁଷ୍ମନ୍ତ ବେହେରା(୨୮) ଓ ବାଙ୍କୀ ଥାନା ମଣିପୁର ଗ୍ରାମର ବିଜୁ ନାୟକ(୨୨)। ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଗ୍ୟାଙ୍ଗରେ ଆଉ କେତେଜଣ ସଦସ୍ୟ ଥିବା ପୋଲିସ ଜାଣିବାକୁ ପାଇଛି। ସେମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଛି। ଗ୍ୟାଙ୍ଗ୍ ସମ୍ପର୍କରେ ଅଧିକ ତଥ୍ୟ ପାଇବାକୁ ଅଭିଯୁକ୍ତଙ୍କୁ ପୋଲିସ ରିମାଣ୍ଡରେ ଆଣିବାକୁ ଯୋଜନା କରୁଛି। ଅନ୍ୟପକ୍ଷରେ ଜବତ ହୋଇଥିବା ୩୪ ବାଇକ ମଧ୍ୟରୁ ୯ଟିକୁ ସେମାନଙ୍କ ପ୍ରକୃତ ମାଲିକକୁ ପୋଲିସ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଏକ ଗ୍ୟାଙ୍ଗ ଗଢି ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରୁ ବାଇକ୍ ଚୋରି କରୁଥିଲେ। ବିଶେଷ କରି ପାର୍କ, ହସ୍ପିଟାଲ, କୋର୍ଟ ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ସକ୍ରିୟ ରହୁଥିଲେ। ପାର୍କିଂ ସ୍ଥାନରୁ ମାଷ୍ଟର ଚାବି ସାହାଯ୍ୟରେ ବାଇକ୍ ଖୋଲି ନେଇଯାଉଥିଲେ। ଏହି ଚୋରି ବାଇକଗୁଡ଼ିକୁ ସେମାନେ ଆଠଗଡ଼, ନୟାଗଡ, ବଡମ୍ବା ଓ ଢେଙ୍କାନାଳ ଆଦି ଅଞ୍ଚଳରେ ଅତି ସ୍ୱଳ୍ପ ମୂଲ୍ୟରେ ବିକ୍ରି କରି ଦେଉଥିଲେ। ଅକ୍ଟୋବର ୮ ସନ୍ଧ୍ୟାରେ କଳିଙ୍ଗ ବିହାରରେ ରହୁଥିବା ସୁମନ କୁମାର ବେହେରା ସ୍ଥାନୀୟ ଥାନା ଖାରବେଳ ପାର୍କ ସାମ୍ନାରେ ବାଇକକୁ ପାର୍କିଂ କରି ଭିତରକୁ ଯାଇଥିଲେ। ଫେରିବା ବେଳକୁ ତାଙ୍କ ବାଇକ୍ ଚୋରି ହୋଇଯାଇଥିଲା। ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ. ୫୪୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ପାର୍କ ନିକଟରେ ସବୁଦିନ ଚୋରି ହେଉଥିବାରୁ ପୋଲିସ ଟିମ୍ ଲୁଟେରାଙ୍କୁ ଧରିବାକୁ ରବିବାର ଅପରାହ୍ନରେ ଛକି ରହିଥିଲା। ଅଭିଯୁକ୍ତ ରମେଶ ଓ ପ୍ରଶାନ୍ତ ଏକ ବାଇକକୁ ଚୋରି କରିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଉଭୟଙ୍କୁ ମାଡି ବସିଥିଲା। ସେମାନଙ୍କୁ ପଚରାଉଚରା ପରେ ଅନ୍ୟ ୩ଜଣଙ୍କ ସମ୍ବନ୍ଧରେ ସେମାନେ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ବିଧାୟକଙ୍କ ଦ୍ୱାରା ୫ ସ୍କୁଲ ଗୃହ ଉଦ୍‌ଘାଟିତ

**କଣାସ,୨୨।୧୧(ସ୍ୱ.ପ୍ର.):** କଣାସ ବ୍ଲକର କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଦ୍ୱାରା ମୋ ସ୍କୁଲ ଅଭିଯାନ ଦ୍ୱାରା ନିର୍ମିତ ଏକ ନୂତନ ଗୃହ ସହ ବିଦ୍ୟାଳୟ ପରିସରରେ ନବନିର୍ମିତ ୪ଟି ଶ୍ରେଣୀଗୃହ ଉଦ୍‌ଘାଟନ ହୋଇଯାଇଛି। ଏହି ସମୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସାଗର ବେହେରା, କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ଲୋଚନ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ଜେନା, ବୁଦ୍ଧିଜୀବୀ ଉମ୍ବରୁଧର ଛୁଆଲସିଂହ, ମହେନ୍ଦ୍ର ରଣସିଂହ, ସଞ୍ଜୟ ଛୁଆଲସିଂହ, ପ୍ରଧାନ ଶିକ୍ଷକ ନାରାୟଣ ପଣ୍ଡା ଓ ବିଦ୍ୟାଳୟ ଶିକ୍ଷା କମିଟିର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ବିଦ୍ୟାଳୟଟି ଦୟାନଦୀ କୂଳରେ ହୋଇଥିବାରୁ ନଦୀବଢ଼ି ସମୟରେ ବିଦ୍ୟାଳୟ ପରିସର ବୁଡ଼ିଯାଉଥିବା ହେତୁ ବିଦ୍ୟାଳୟ ପରିସର ପୋତିବା ପାଇଁ ଶିକ୍ଷା କମିଟିର କର୍ମକର୍ତ୍ତାମାନେ ବିଧାୟକଙ୍କୁ ଅନୁରୋଧ କରିଥିଲେ। ଏଥିସହିତ ବିଦ୍ୟାଳୟର ନିଜସ୍ୱ ଖେଳପଡ଼ିଆ ନ ଥିବାରୁ ଏକ ଖେଳପଡିଆ ନିର୍ମାଣ କରିବା, ବିଦ୍ୟାଳୟଟି ସର୍ବପୁରାତନ ହୋଇଥିଲେ ମଧ ୨୦୨୩ରେ ବିଦ୍ୟାଳୟ ପ୍ରତିଷ୍ଠାର ୭୫ବର୍ଷ ପୂର୍ଣ୍ଣହେଉଥିବାରୁ ହୀରକ ଜୟନ୍ତୀ ପାଳନ ଏବଂ ବିଦ୍ୟାଳୟର ପ୍ରତିଷ୍ଠାତା, ସମ୍ପାଦକ ଦିବଂଗତ ବିଶ୍ୱନାଥ ପରିଡ଼ାଙ୍କ ନାମରେ ଏକ ପାଠାଗାର ନିର୍ମାଣ, ଏକ ସଭାଗୃହ ନିର୍ମାଣ ପାଇଁ ବିଧାୟକଙ୍କୁ ଶିକ୍ଷା କମିଟି ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

### ବନାଖଣ୍ଡି ସରପଞ୍ଚ ପ୍ରାର୍ଥୀ ଚୟନ କଲା ଭାଜପା

**କୋଣାର୍କ,୨୨।୧୧(ଡି.ଏନ.ଏ.):** କୋଣାର୍କ ଥାନା ଅଧୀନ ବନାଖଣ୍ଡି ପଞ୍ଚାୟତର ଭାଜପା ପକ୍ଷରୁ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଏକ ସାଂଗଠନିକ ବୈଠକ ମାଧମରେ ସରପଞ୍ଚ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଚୂଡ଼ାନ୍ତ କରାଯାଇଛି। ଖବରରୁ ପ୍ରକାଶ ଯେ କୋଣାର୍କସ୍ଥିତ ମା ଭଗବତୀପୀଠରେ ବନାଖଣ୍ଡି ପଞ୍ଚାୟତ ଭାଜପା ସଭାପତି ବିଜୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବତନ ବିଧାୟକ ରବି ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ବନାଖଣ୍ଡିକୁ ଏକ ବିକଶିତ ପଞ୍ଚାୟତ ଭାବେ ଗଢ଼ିତୋଳିବା ପାଇଁ ସାମଗ୍ରିକ ପ୍ରୟାସ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଏଥିପାଇଁ କର୍ମୀମାନେ ଘରକୁ ଘର ବୁଲି ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଜନହିତକର ଯୋଜନା ଓ କାର୍ଯ୍ୟକ୍ରମକୁ ଲୋକଙ୍କୁ ଜଣାଇବାକୁ ଉପସ୍ଥିତ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବୈଠକରେ ନାରୀନେତ୍ରୀ ପ୍ରଜ୍ଞାପରମିତା ନାୟକଙ୍କୁ ସର୍ବସମ୍ମତିକ୍ରମେ ଭାଜପା ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଭାବେ ମନୋନୀତ କରାଯାଇଛି। ବୈଠକରେ ବାଲିକପିଳେଶ୍ୱର ମଣ୍ଡଳର ପ୍ରଭାରୀ ସୁରେନ ପାଲ, ପୂର୍ବତନ ମଣ୍ଡଳ ସଭାପତି ଗଜରାଜ ଜେନା, ରଞ୍ଜିତ ରାଉତରାୟ, ପ୍ରବାସ ରାଉତରାୟ, ସମ୍ପାଦକ ଅକ୍ଷୟ ପ୍ରଧାନ ଓ ନେତା ଦୁର୍ଯ୍ୟୋଧନ ବରାଳ ପ୍ରମୁଖ ଯୋଗଦେଇ ମନୋନୀତ ସରପଞ୍ଚ ପ୍ରାର୍ଥୀଙ୍କୁ ବିଜୟ କରିବା ପାଇଁ ମିଳିତ ଉଦ୍ୟମ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ବୈଠକକୁ ନିରଞ୍ଜନ ସ୍ୱାଇଁ, ଲିଙ୍ଗରାଜ ସ୍ୱାଇଁ, ଗିରିଜା ଶଙ୍କର ବେହୁରା, ବ୍ରଜବନ୍ଧୁ ପ୍ରଧାନ ଓ ବାବାଜୀ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

### ପ୍ରଣବ ପଟ୍ଟନାୟକ ପାଇଲେ 'ଶାନ୍ତନୁ ସମ୍ମାନ'

ଭୁବନେଶ୍ୱର, ୨୨।୧୧ (ବ୍ୟୁରୋ)

ଶାନ୍ତନୁ ମହାପାତ୍ର ଫାଉଣ୍ଡେଶନ ଓ ଏମ୍‌ଜିଏମ୍‌ଆର୍‌ଏଲ୍ ଫାଉଣ୍ଡେଶନ ପକ୍ଷରୁ ସୋମବାର ରବୀନ୍ଦ୍ରମଣ୍ଡପରେ ସଙ୍ଗୀତ ନିର୍ଦ୍ଦେଶକ ଡ. ଶାନ୍ତନୁ ମହାପାତ୍ରଙ୍କ ସ୍ମୃତିରେ 'ଶାନ୍ତନୁ ଜୟନ୍ତୀ' ପାଳିତ ହୋଇଯାଇଛି। ଉତ୍ସବକୁ ଅଭିନେତା ପ୍ରଶାନ୍ତ ନନ୍ଦ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବରିଷ୍ଠ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକଙ୍କୁ 'ଶାନ୍ତନୁ ସମ୍ମାନ' ପ୍ରଦାନ କରାଯାଇଥିଲା। ଏମ୍‌ଜିଏମ୍‌ଆର୍‌ଏଲ୍ ଫାଉଣ୍ଡେଶନ ପକ୍ଷରୁ ଅଭିନେତା ତଥା ସାମାଜିକକର୍ମୀ ସବ୍ୟସାଚୀ ମିଶ୍ରଙ୍କୁ 'ଏମ୍‌ଜିଏମ୍‌ଆର୍‌ଏଲ୍ ଉତ୍କର୍ଷ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଶିଳ୍ପପତି ତଥା ଏମ୍‌ଜିଏମ୍‌ଆର୍‌ଏଲ୍ ପ୍ରତିଷ୍ଠାତା ରାଜୀବ ଲୋଚନ, ଅନନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତନୁ ଫାଉଣ୍ଡେଶନ ଅଧ୍ୟକ୍ଷ କୌଶିକ୍ ମହାପାତ୍ର ସ୍ୱାଗତ ଭାଷଣ ଓ ତନୁଜ୍ ମହାନ୍ତି ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ।



ଭାରତୀୟ ନୌସେନା ତାଲିମ କେନ୍ଦ୍ର ପରିସର ଚିଲିକାରେ ଅନୁଷ୍ଠିତ ଏନ୍‌ସିସି କ୍ୟାଡେଟ୍‌ଙ୍କ ନୌକା ପ୍ରତିଯୋଗିତା।

### ଉପବାଚସ୍ପତିଙ୍କ ଇସ୍ତଫା ଦାବି କଲା ଭାଜପା

ପୁରୀ ଅଫିସ, ୨୨।୧୧

ବିଧାନସଭା ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ମୁଖ୍ୟମନ୍ତ୍ରୀଙ୍କୁ ଠାକୁର କହି ବିବାଦ ଘେରରେ ଛନ୍ଦି ହୋଇଛନ୍ତି। ଏ ନେଇ ସୋମବାର ପୁରୀ ନଗର ଭାଜପା ପକ୍ଷରୁ ଟାଉନ ଥାନା ସମ୍ମୁଖରେ ଉପବାଚସ୍ପତିଙ୍କ କୁଶପୁତ୍ତଳିକା ଦାହ କରାଯିବା ସହ ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ଦାବି କରାଯାଇଛି। ଭାଜପା କର୍ମକର୍ତ୍ତା ଅଭିଯୋଗ କରିଛନ୍ତି ଯେ, ଉପବାଚସ୍ପତି ନିଜ ପଦ ମର୍ଯ୍ୟାଦାର ଅପବ୍ୟବହାର କରିଛନ୍ତି। ସେ ଚାଟୁକାରିତାର ସୀମା ଅତିକ୍ରମ କରିଛନ୍ତି। ଓଡ଼ିଶାବାସୀଙ୍କ ଠାକୁର ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ମାତ୍ର ଉପବାଚସ୍ପତି ମୁଖ୍ୟମନ୍ତ୍ରୀଙ୍କୁ ଠାକୁର କହି ଜଗନ୍ନାଥପ୍ରେମୀଙ୍କୁ ଆଘାତ ଦେଇଛନ୍ତି। ତେଣୁ ସେ ନିଜ ପଦ ମର୍ଯ୍ୟାଦାକୁ ଦୃଷ୍ଟିରେ ରଖି ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ଉଚିତ ବୋଲି ଭାଜପା କହିଛି।

### ପୋଷ୍ୟ ସଚେତନତା ରଥ ଉଦ୍‌ଘାଟିତ

ପୁରୀ ଅଫିସ, ୨୨।୧୧

ଅନ୍ତର୍ଜାତୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ପାଳନ ଅବସରରେ ସୋମବାର ଠାରୁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହା ଏକ ସପ୍ତାହ ଧରି ଚାଲିବ। ସଚେତନତା ପାଇଁ ପ୍ରଶାସନର ପକ୍ଷରୁ ଏକ ରଥ ଜିଲା ପରିକ୍ରମା କରିବ। ଜିଲାପାଳ ସମର୍ଥ ବର୍ମା ପତାକା ଦେଖାଇ ରଥର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ମହାପାତ୍ର, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲା ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ ଏବଂ ସଦସ୍ୟା ସୁଚେତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନ ପୁରୀ ସହରାଞ୍ଚଳରେ ରଥ ପରିକ୍ରମା କରିଛି। ଏହି ରଥ ସମସ୍ତ ବ୍ଲକ ପରିକ୍ରମା କରିବ। ଜନସାଧାରଣଙ୍କୁ ପୋଷ୍ୟ ସନ୍ତନ ଗ୍ରହଣ ଆଇନ ସମ୍ପର୍କରେ ଭିଡିଓ ମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯିବ। ସେହିପରି ପତ୍ରିକା ବଣ୍ଟନ, ପଥପ୍ରାନ୍ତ ସଭା ମାଧ୍ୟମରେ ପୋଷ୍ୟ ସନ୍ତାନ ଗ୍ରହଣ ନିୟମାବଳୀ ଏବଂ ଏ ସଂକ୍ରାନ୍ତ ବ୍ୟବସ୍ଥା ଆଦି ସମ୍ପର୍କିତ ସୂଚନା ପ୍ରଦାନ କରାଯିବ।

# ଧାରଣା ଦେଲେ, ଚୁଲିରେ ରୋଷେଇ କଲେ



ପୁରୀ ପୌରକାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ପକ୍ଷରୁ ଧାରଣା ଦିଆଯାଇଛି।

**ପେଟ୍ରୋଲ, ଡିଜେଲ ଓ ରନ୍ଧନଗ୍ୟାସ୍ ଦର ବୃଦ୍ଧିର ପ୍ରତିବାଦ**

ପୁରୀ ଅଫିସ, ୨୨।୧୧

ପେଟ୍ରୋଲ, ଡିଜେଲ ଓ ରନ୍ଧନଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ସୋମବାର ପୁରୀ ଜିଲା ଯୁବ, ଛାତ୍ର ଓ ମହିଳା ବିଜେଡି ପକ୍ଷରୁ ପୌର କାର୍ଯ୍ୟାଳୟ ଏବଂ କଚେରୀ ଛକ ନିକଟରେ ପ୍ରତିବାଦ କରାଯାଇଛି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଆଛେଦିନ ଏବେ ଦେଶବାସୀଙ୍କ ଦୁଃଖର କାରଣ ପାଲଟିଛି। ଭାଜପା ସରକାର ସମୟରେ ଉଜ୍ଜଳା ଯୋଜନାରେ ମହିଳାଙ୍କୁ ମାଗଣାରେ ଗ୍ୟାସ ସିଲିଣ୍ଡର ଯୋଗାଇବାର ଡିଣ୍ଡିମ ପିଟୁଥିବା ବେଳେ ପେଟ୍ରୋଲ ଲିଟର ପିଛା ୧୦୨ ଓ ଗ୍ୟାସ୍ ସିଲିଣ୍ଡର ୯୬୦ଟଙ୍କା ହୋଇଛି। ଏହା ଲୋକଙ୍କୁ ବହୁତ ବାଧୁଛି। ତେଣୁ କେନ୍ଦ୍ର ସରକାର ତୁରନ୍ତ ରନ୍ଧନ ଗ୍ୟାସ ଓ ପେଟ୍ରୋଲ, ଡିଜେଲ ଦର ହ୍ରାସ କରନ୍ତୁ। ଏହି ଅବସରରେ ଯୁବ ବିଜେଡି ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ସୁଭାଷ ବୋଷ ଛକଠାରୁ ଶୋଭାଯାତ୍ରା ବାହାରି ପୌରସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ବିଜେଡି କର୍ମୀ ଧାରଣା ଦେଇଥିଲେ। ମହିଳା ବିଜେଡି ପକ୍ଷରୁ ଚୁଲିରେ ରୋଷେଇ କରାଯାଇ ଅଭିନବ ପ୍ରତିବାଦ କରାଯାଇଥିଲା। ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା। ସେହିପରି ଯୁବ ବିଜେଡି ଉପସଭାପତି ସୁନିଲ ମହାନ୍ତିଙ୍କ ନେତୃତ୍ୱରେ କଚେରୀ ଛକରେ ଜିଲା ବିଜେଡି ନେତାମାନେ ଏକାଠି ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ।

### ମାଗଣା ଚକ୍ଷୁ ଚିକିତ୍ସା ଶିବିର

ପୁରୀ ଅଫିସ, ୨୨।୧୧

ଭାରତ ବିକାଶ ପରିଷଦ, ଶ୍ରୀଜଗନ୍ନାଥ ଧାମ ଶାଖା ପକ୍ଷରୁ ପୁରୀ ସେନାପତି ବଗିଚାସ୍ଥିତ ଶ୍ରୀମହାବୀର ମନ୍ଦିର ପ୍ରାଙ୍ଗଣରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଭାରତ ବିକାଶ ପରିଷଦ ରାଷ୍ଟ୍ରୀୟ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ପ୍ରାନ୍ତୀୟ ସଙ୍ଗଠନ ସଚିବ ସୌମେନ୍ଦ୍ର ଦାସ, ଶାଖା ଅଧ୍ୟକ୍ଷ ମୁକ୍ତିକାନ୍ତ ଦାସ, ସଚିବ ଗୋବିନ୍ଦ ଚନ୍ଦ୍ର ଷଡ଼ଙ୍ଗୀ, ମହାବୀର ଉନ୍ନୟନ କମିଟି ଅଧ୍ୟକ୍ଷ ଶରତ ଚନ୍ଦ୍ର ତ୍ରିପାଠୀ ଏବଂ ପ୍ରିୟମ୍ବଦା ଚକ୍ଷୁ ଚିକିତ୍ସାଳୟର ଚକ୍ଷୁ ସହାୟକ କିଶୋର ଚନ୍ଦ୍ର ସାହୁ ଯୋଗଦେଇଥିଲେ। ଶିବିରରେ ଶତାଧିକ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇ ମାଗଣାରେ ଔଷଧ ଓ ଚିକିତ୍ସା ପରାମର୍ଶ ଦିଆଯାଇଥିଲା। ପ୍ରିୟମ୍ବଦା ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଏହି ଶିବିର ହୋଇଥିଲା। ଆଗାମୀ ଦିନରେ ନିଶୁଳ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିର ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ରାମଚନ୍ଦ୍ର ଦଳାଇ, ସୁପ୍ରୀତି ରଥ, ନିମାଇଁ ଚରଣ ସାହୁ, ମୀରା ମହାରଣା, ପଦ୍ମଲୋଚନ ମହାପାତ୍ର, ଟି.ବାନାମ୍ବର ପାତ୍ର, ବୁଦ୍ଧଦେବ ମହାପାତ୍ର, କୃଷ୍ଣଚନ୍ଦ୍ର ରଥ, ହରିହର ତ୍ରିପାଠୀ, ମୋନାଲିସା ପଟ୍ଟନାୟକ, ରାଜେଶ୍ୱର ମହାରଣା, ଶରତ ଜୟସିଂହ, ପିତାମ୍ବର ମିଶ୍ର, ରବି ସାହୁ, ସୁଭାଷ ଚନ୍ଦ୍ର ବରାଳ, ଜୟଦେବ ମହାରଣା, ସଚ୍ଚିଦାନନ୍ଦ ମହାନ୍ତି ଏବଂ ବିପଦ ରଞ୍ଜନ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗ୍ୟାସ ଦର ବୃଦ୍ଧି ନେଇ ବିଜେଡିର ବିକ୍ଷୋଭ

**କଣାସ/ପିପିଲି/ନିମାପଡ଼ା/ସାକ୍ଷୀଗୋପାଳ/ଡେଲାଙ୍ଗ,୨୨।୧୧(ସ୍ୱ.ପ୍ର./ଡି.ଏନ୍.ଏ.):** ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦ୍ର ସରକାରଙ୍କ ଗ୍ୟାସର ବୃଦ୍ଧିକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜେଡିର ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ବାହାରି କେନ୍ଦ୍ର ସରକାରଙ୍କ ଜନମାରଣ ନୀତିକୁ ସମାଲୋଚନା କରିବା ସହ ନାନା ସ୍ଲୋଗାନ ଦେବା ପରେ ବକୁ ସରପଞ୍ଚ ସୁରେଶ ସାହୁଙ୍କ ଅଧକ୍ଷତାରେ ଏକ ପ୍ରତିବାଦ ସଭା ହୋଇଥିଲା। ଏଥିରେ ବସନ୍ତ ଜେନା, ରବିନାରାୟଣ ଦାଶ, ଲିଙ୍ଗରାଜ ସ୍ୱାଇଁ, ସଞ୍ଜୟ ଭୋଳ, ଜିଲା ପରିଷଦ ସଭ୍ୟ ନୀଳମଣି ବେହେରା, ଉଲ୍ଲାସ ସାମନ୍ତରାୟ, କାଦମ୍ବିନୀ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ଲୋଚନ ଦାସଙ୍କୁ ପ୍ରଦାନ କରିଥିଲେ। ସେହିପରି ପିପିଲି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ କର୍ମୀ, ନେତା ପିପିଲି ବ୍ଲକ ଆଗରେ ଧାରଣା ଦେଇଥିଲେ। ଏଥିରେ ଜ୍ୟୋସ୍ନାରାଣୀ ପୃଷ୍ଟି, ସୌମ୍ୟରଞ୍ଜନ ମହାପାତ୍ର, ରଶ୍ମି ରଞ୍ଜନ ବିଶ୍ୱାଳ, ନାରାୟଣ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା କଳ୍ପନା ସାମନ୍ତରାୟ, ବ୍ଲକ ଉପାଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ଧରଣୀଧର ସାହୁ, କିଶୋର ଛୋଟରାୟ, ତପନ ନାୟକ, ଝୁନାମଣି ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ପରେ ଏକ ସ୍ମାରକପତ୍ର ବିଡିଓ ରଶ୍ମିତା ନାଥଙ୍କୁ ପ୍ରଦାନ କରାଯାଇଥିଲା। ନିମାପଡ଼ା ବିଜେଡି ପକ୍ଷରୁ ବ୍ଲକ ଓ ଏନ୍‌ଏସି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଇଥିଲା। ଏଥିରେ ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର, ଅଶୋକ ସାହୁ, ସତ୍ୟଜିତ ଆଚାର୍ଯ୍ୟ, ପ୍ରଦୀପ୍ତ ଖଟୋଇ, କୌଶଲ୍ୟା ସାହୁ ପ୍ରମୁଖ ଯୋଗଦେଇଥିଲେ। ପରେ ଦାବିପତ୍ର ବିଡିଓ ବସନ୍ତ ମଲ୍ଲିକ ଓ ଏନ୍‌ଏସିର ମୁଖ୍ୟ କିରାଣି ଶରତଚନ୍ଦ୍ର ନନ୍ଦଙ୍କୁ ଦିଆଯାଇଥିଲା। ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି କର୍ମକର୍ତ୍ତାମାନେ ଧାରଣା ଦେଇଥିଲେ। ଏଥିରେ ମହିଳା ସଭାପତି ହରପ୍ରିୟା ବେହେରା, ଶରତ ରାଉତରାୟ, ବିଶ୍ୱଜିତ ପରିଡ଼ା, ପ୍ରମୋଦ ରାଉତରାୟ, ରାମଚନ୍ଦ୍ର ମହାନ୍ତି, ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ଧ୍ରୁବଚରଣ ଦାଶ, ପ୍ରଭାସିନୀ ମିଶ୍ର ଓ ଶଙ୍କର ପ୍ରଧାନ ପ୍ରମୁଖ ସାମିଲ ଥିଲେ। ପରେ ଏକ ସ୍ମାରକପତ୍ର ବିଡିଓ କ୍ଷୀରୋଦ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ହୋଇଯାଇଛି। ଏଥିରେ ବୈରାଗୀ ଜେନା, ଉପାଧ୍ୟକ୍ଷା ସ୍ୱପ୍ନାରାଣୀ ବଳବନ୍ତରାୟ, ବାସନ୍ତୀ ସାହୁ, ଜିଲା ପରିଷଦ ସଭ୍ୟ ଦେବାଶିଷ ନନ୍ଦ, ପର୍ଯ୍ୟବେକ୍ଷକ ପ୍ରମୋଦ ସାମଲ, ନାରାୟଣ ସ୍ୱାଇଁ, ସୁଧାକର ମାର୍ଥା, ସରପଞ୍ଚ ବାଲୁଙ୍କେଶ୍ୱର ମହାପାତ୍ର, ପ୍ରସନ୍ନ ଜେନା, ଜ୍ୟୋତିର୍ମୟୀ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ। ପରେ ବିଡିଓ ଦିଲୀପ ଷଡ଼ଙ୍ଗୀଙ୍କୁ ପ୍ରଦାନ କରିଥିଲେ।


ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ | pnb punjab national bank (Together for the better)
Oriental United
ମଣ୍ଡଳ କାର୍ଯ୍ୟାଳୟ : ଶିବ ଆର୍କେଡ, ୨ୟ ମହଲା, ଟାଟା ବେଞ୍ଚ ସ୍କୋୟାର, ବ୍ରହ୍ମପୁର, ପିନ୍-୭୬୦୦୦୫, ଜିଲ୍ଲା: ଗଞ୍ଜାମ, ଓଡ଼ିଶା
ଇ-ମେଲ୍: cobhm@pnb.co.in

**ଅଫିସ୍ ନିମନ୍ତେ ଗୃହ ଆବଶ୍ୟକ**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ନିମ୍ନଲିଖିତ ସ୍ଥାନରେ ନୂତନ ଶାଖାଗୁଡିକ ନିମନ୍ତେ ବ୍ୟବସାୟିକ ଗୃହ ଆବଶ୍ୟକ ହେତୁ ୨ଟି ବିଡ୍ ବ୍ୟବସ୍ଥା ମାଧ୍ୟମରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି । ତଳ ମହଲା ଗୃହ ପସନ୍ଦଯୋଗ୍ୟ।

| ସ୍ଥାନ | ଜିଲ୍ଲା | ଆନୁମାନିକ ଏରିଆ (ବର୍ଗଫୁଟ) |
|---|---|---|
| ବୁଗୁଡା | ଗଞ୍ଜାମ | ୧୧୩୦ ବର୍ଗଫୁଟ |
| ମୁନିଗୁଡା | ରାୟଗଡା | ୧୧୩୦ ବର୍ଗଫୁଟ |
| ଜୟପାଟଣା | କଳାହାଣ୍ଡି | ୧୧୩୦ ବର୍ଗଫୁଟ |
| ରାଜସୁନାଖଳା | ନୟାଗଡ଼ | ୧୦୧୦ ବର୍ଗଫୁଟ |

ଦ୍ରଷ୍ଟବ୍ୟ- ଫାଇନାନ୍ସିଆଲ ବିଡ୍ ଏବଂ ଟେକ୍ନିକାଲ୍ ବିଡ୍ ପୃଥକ ମୁଦ ଲଫାପା ମାଧ୍ୟମରେ ପଠାଇବା ଆବଶ୍ୟକ। ଲଫାପା ଉପରେ "ମଣ୍ଡଳ କାର୍ଯ୍ୟାଳୟ, ବ୍ରହ୍ମପୁର" ସହିତ ଫାଇନାନ୍ସିଆଲ୍ ବିଡ୍ / ଟେକ୍ନିକାଲ୍ ବିଡ୍" ଉଲ୍ଲେଖ ରହିବା ଆବଶ୍ୟକ। ଦରଖାସ୍ତ ଫର୍ମ ଆମର କାର୍ଯ୍ୟାଳୟ ୱେବ୍‌ସାଇଟ୍ www.pnbindia.in (Tender/ Empanelment)ରୁ ଡାଉନଲୋଡ୍ କରିପାରିବେ କିମ୍ବା ମଣ୍ଡଳ କାର୍ଯ୍ୟାଳୟ, ବ୍ରହ୍ମପୁରରୁ ସଂଗ୍ରହ କରିପାରିବେ ଏବଂ ସମସ୍ତ ଦିଗରୁ ସମ୍ପୂର୍ଣ୍ଣଭାବେ ପୂରଣ ହୋଇଥିବା ଦରଖାସ୍ତ ମଣ୍ଡଳ କାର୍ଯ୍ୟାଳୟ, ବ୍ରହ୍ମପୁରରେ ତା. ୦୬.୧୨.୨୦୨୧ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବ୍ୟାଙ୍କ କୌଣସି କାରଣ ନଦର୍ଶାଇ କୌଣସି କିମ୍ବା ସମସ୍ତ ପ୍ରାପ୍ତ ପ୍ରସ୍ତାବକୁ ନାକଚ / ଗ୍ରହଣ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି ।

ମୁଖ୍ୟ ପ୍ରବନ୍ଧକ



**PUBLIC NOTICE**

The public in general and film trade in particular are hereby requested to take note that our clients are in the process of acquiring the following rights in the Film as more particularly given in the table below (a) Exclusive Linear and Non Liner Rights for distribution and redistribution via any and all means including but not limited to through satellite, cable, DTH, IPTV, terrestrial, internet, mobile etc., (b) Catch up TV rights, (c) Syndication Rights for rights granted, (d) Sub-tiling rights in all languages, (e) Dubbing rights in all languages, (f) All other rights not specifically mentioned herein(Collectively referred to as the "Rights"): for multiple telecasts for the territory of the entire world for perpetual term, commencing from the Start Date as detailed herein below:

| Sr. No. | Film | Star Cast | Language Granted | Term |
|---|---|---|---|---|
| 1 | Jor Ka Jhatka | Deepak, Pinky, Hari har Mohapatra, Pragyan, Guddu, Mihir Das, Trupti Sinha, Sritam Das, Prativa Panda, Sankar & Pradyumna Lenka | Odia | 20th November, 2021 to Perpetuity |
| 2 | Akhi Bujideli Tu | Pupindarr, Dipika, Jyotirmayee Bal, Samresh Routray, George Tiadi, Gudu, Suman, Jiban Panda, Late Rabi Mishra | Odia | 20th November, 2021 to Perpetuity |
| 3 | Pratyaghat | Ankit Kumar, Prakuti Mishra, Chinmay Mishra, Chiranjib Biswal, Sonam Dash, Biju Badajena, Khusi Kishore, Raja & Premanjan Parida | Odia | 20th November, 2021 to Perpetuity |

The Films are free from any encumbrances, claims or demands, whatsoever. However, should any person(s) have claim against, to, or in respect of the Film mentioned herein above whether by way of any sale, license, assignment or otherwise, such person(s) are hereby required to make the same known in writing to us at our office at **B-116, MITTAL TOWERS, NARIMAN POINT, MUMBAI – 400 021,** within ten (10) days from the date of publication hereof, failing which the transaction will be completed without reference to such claim and the same, if any, will be deemed to have been waived.

**Place: Mumbai**
**Date:**

**From:**
**Naik Naik& Co., B-116, Mittal Towers, Nariman Point, Mumbai 400 021**



GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA**
**WORKS DEPARTMENT**
E-mail: rbcirclekhurda@gmail.com

**1st Corrigendum to Tender Call Notice**
**Bid Identification No.CCE-Khordha (R&B) Circle-08/2021-22 dt.06.11.2021**

No. B-645:- The following changes are made in respect of the Bid Identification No. CCE-Khordha (R&B) Circle-08/2021-22.
1) Date and Time of sale and receipt of Bids: From 10.00 AM of Dt. 26.11.2021, to 5.00 PM of Dt. 07.12.2021 instead of from 10.00 AM of dt 15.11.2021 to 05.00 PM of dt 29.11.2021.
2) Last Date for Submission of Bid: 5.00PM of Dt. 07.12.2021 instead of from 05.00 PM of dt 29.11.2021.
3) Date of Opening of the Bid: 11.30 AM of 08.12.2021 instead of from 11.30 AM of dt 30.11.2021.

The other terms & conditions stipulated in the Original tender call notice for all other works remain unchanged.

Sd./- Er. A.K. Satapathy, Chief Construction Engineer, Khordha (R&B) Circle, Khordha
OIPR-34127/11/0010/2122



**OFFICE OF THE SUPERINTENDING ENGINEER**
**GHATAGAON (R&B) DIVISION, GHATAGAON - 758027 (ODISHA)**
Email ID: eeghatagaon2015@gmail.com, Phone No. 06733-299903
**1st Corrigendum to Bid Id No. S.E., GTN (R&B) - 11/2021-22**

Letter No. 6366 Dt.18.11.2021

No. B-653: The date & time of availability of bids in portal, last date/ time for receipt of bids & opening of Bid for the work "Construction of Mission Shakti Bhawan (Block Level) at Hatadihi Block in the distirct of Keonjhar for the year 2021-22" vide bid identification No. S.E., GTN (R&B) - 11/2021-22 and Tender ID: 2021_EICCL_72586_1 are hereby modified as follows.
1. Availability of bid document in portal - From 11.30 A.M. of 23.11.2021 to 5 P.M. of 29.11.2021.
2. Last date/time for receipt bids in portal - 5 P.M. of 29.11.2021.
3. Date of Opening of Bids - 11.00 A.M. of 30.11.2021.

All other terms & conditions remain unchanged.

Sd./- Superintending Engineer
Ghatagaon (R&B) Division
OIPR-34140/11/0008/2122

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୩ ନଭେମ୍ବର ୨୦୨୧

## ଅଢେଇ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ବୃଦ୍ଧା ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ବ୍ରାଉନସୁଗର ବିକ୍ରି କରୁଥିବା ଅଭଯୋଗରେ ଜଣେ ବୃଦ୍ଧାଙ୍କୁ ଅବକାରୀ ବିଭାଗ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବଡ଼ଗଡ଼ ଥାନା ମଇଁଷିଖାଲ ବସ୍ତିର ଚିତରା ବେହେରା(୬୦)। ତାଙ୍କଠୁ ୨ ଲକ୍ଷ ୫୦ ଟଙ୍କାର ବ୍ରାଉନସୁଗର ଜବତ କରାଯାଇଛି। ସୂଚନା ଅନୁଯାୟୀ, ବୃଦ୍ଧା ଜଣକ ବ୍ରାଉନସୁଗର ବିକ୍ରି କରୁଥିବା ନେଇ ଅବକାରୀ ନିକଟରେ ଅଭିଯୋଗ ହୋଇଆସୁଥିଲା। ସୋମବାର ସକାଳେ ଏକ ଟିମ୍ ତାଙ୍କ ଘରେ ଚଢାଉ କରି ତାଙ୍କୁ କାବୁ କରିଥିଲା। ତାଙ୍କ ନାମରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରିଥିଲା।



# ରାଜଧାନୀରେ ବାଇକ୍ ଚୋରି ଗ୍ୟାଙ୍ଗ ଧରାପଡ଼ିଲା

## ୩୪ ବାଇକ୍ ଜବତ, ୫ ଗିରଫ

- ■ରାଜଧାନୀରୁ ଚୋରି କରି ବାହାରେ ବିକ୍ରି କରୁଥିଲେ
- ■୯ ବାଇକ୍ ମାଲିକଙ୍କୁ ହସ୍ତାନ୍ତର କଲା ପୋଲିସ
- ■ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା





ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ରାଜଧାନୀ ଓ ଆଖପାଖ ଅଞ୍ଚଳରେ ବାଇକ୍ ଚୋରି କରୁଥିବା ଏକ ଗ୍ୟାଙ୍ଗକୁ କମିଶନରେଟ ପୋଲିସ ଧରିଛି। ଗ୍ୟାଙ୍ଗର ୫ଜଣ ସଦସ୍ୟଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ୩୪ଟି ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜିଲା ସଦର ଥାନା ଅନ୍ତର୍ଗତ ଗୁରୁଜଙ୍ଗରେ ରହୁଥିବା ପ୍ରଶାନ୍ତ ଲେଙ୍କା(୨୬), ରମେଶ ନାୟକ(୨୮), ଜଟଣୀ ଥାନା କୁସୁମାଟି ଗ୍ରାମର ଦୀପକ ନାୟକ(୨୬), କଟକ ଜିଲା ଆଠଗଡ଼ ଇଚ୍ଛାପୁରର ଦୁଷ୍ମନ୍ତ ବେହେରା(୨୮) ଓ ବାଙ୍କୀ ଥାନା ମଣିପୁର ଗ୍ରାମର ବିଜୁ ନାୟକ(୨୨)। ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଗ୍ୟାଙ୍ଗରେ ଆଉ କେତେଜଣ ସଦସ୍ୟ ଥିବା ପୋଲିସ ଜାଣିବାକୁ ପାଇଛି। ସେମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଛି। ଗ୍ୟାଙ୍ଗ ସମ୍ପର୍କରେ ଅଧିକ ତଥ୍ୟ ପାଇବାକୁ ଅଭିଯୁକ୍ତଙ୍କୁ ପୋଲିସ ରିମାଣ୍ଡରେ ଆଣିବାକୁ ଯୋଜନା କରୁଛି। ଅନ୍ୟପକ୍ଷରେ ଜବତ ହୋଇଥିବା ୩୪ ବାଇକ ମଧ୍ୟରୁ ୯ଟିକୁ ସେମାନଙ୍କ ପ୍ରକୃତ ମାଲିକଙ୍କୁ ପୋଲିସ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଏକ ଗ୍ୟାଙ୍ଗ ଗଢି ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରୁ ବାଇକ୍ ଚୋରି କରୁଥିଲେ। ବିଶେଷ କରି ପାର୍କ, ହସ୍ପିଟାଲ, କୋର୍ଟ ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ସକ୍ରିୟ ରହୁଥିଲେ। ପାର୍କିଂ ସ୍ଥାନରୁ ମାଷ୍ଟର ଚାବି ସାହାଯ୍ୟରେ ବାଇକ୍ ଖୋଲି ନେଇଯାଉଥିଲେ। ଏହି ଚୋରି ବାଇକଗୁଡିକୁ ସେମାନେ ଆଠଗଡ. ନୟାଗଡ, ବଡମ୍ବା ଓ ଢେଙ୍କାନାଳ ଆଦି ଅଞ୍ଚଳରେ ଅତି ସ୍ୱଳ୍ପ ମୂଲ୍ୟରେ ବିକ୍ରି କରି ଦେଉଥିଲେ। ଅକ୍ଟୋବର ୮ ସନ୍ଧ୍ୟାରେ କଳିଙ୍ଗ ବିହାରରେ ରହୁଥିବା ସୁମନ କୁମାର ବେହେରା ସ୍ଥାନୀୟ ଥାନା ଖାରବେଳ ପାର୍କ ସାମ୍ନାରେ ବାଇକକୁ ପାର୍କିଂ କରି ଭିତରକୁ ଯାଇଥିଲେ। ଫେରିବା ବେଳକୁ ତାଙ୍କ ବାଇକ୍ ଚୋରି ହୋଇଯାଇଥିଲା। ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ. ୫୪୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ପାର୍କ ନିକଟରେ ସବୁଦିନ ଚୋରି ହେଉଥିବାରୁ ପୋଲିସ ଟିମ୍ ଲୁଟେରାଙ୍କୁ ଧରିବାକୁ ରବିବାର ଅପରାହ୍ନରେ ଛକି ରହିଥିଲା। ଅଭିଯୁକ୍ତ ରମେଶ ଓ ପ୍ରଶାନ୍ତ ଏକ ବାଇକକୁ ଚୋରି କରିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଉଭୟଙ୍କୁ ମାଡି ବସିଥିଲା। ସେମାନଙ୍କୁ ପଚରାଉଚରା ପରେ ଅନ୍ୟ ୩ଜଣଙ୍କ ସମ୍ବନ୍ଧରେ ସେମାନେ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ଅଞ୍ଜଳି ଅନ୍ତର୍ଜାତୀୟ ଶିଶୁ ଏବଂ ଯୁବ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୨୨।୧୧ (ବ୍ୟୁରୋ): ଅନ୍ତର୍ଜାତୀୟ ଶିଶୁ ଏବଂ ଯୁବ ମହୋତ୍ସବ 'ଅଞ୍ଜଳି' ୨୦ ବର୍ଷ ପୂରଣ କରିଛି। ଏହାର ଉଦ୍‌ଯାପନୀ ସମାରୋହ ସ୍ୱାଭିମାନୀ କାର୍ଯ୍ୟାଳୟରେ ଭର୍ଚୁଆଲରେ ଅନୁଷ୍ଠିତ ହୋଇଥିଲା। କି ବୋର୍ଡ ପ୍ଲେୟାର୍ ସାର୍ଥକ ଦ୍ୱିବେଦୀ, ଅଭିନେତ୍ରୀ ଅନୁ ଚୌଧୁରୀ, ଶିଳ୍ପପତି ଦେବାଶିଷ ପଟ୍ଟନାୟକ ଓ କର୍ପୋରେଟ୍ ଲିଡର୍ ପ୍ରିୟଦର୍ଶୀ ମହାପାତ୍ର ଉପସ୍ଥିତ ରହିଥିଲେ। ସ୍ୱାଭିମାନର ପରାମର୍ଶଦାତା ଦ୍ୟୁତି ଗୁପ୍ତା ଏବଂ ପରିଚାଳକ ତନ୍ମୟୀ ସାହୁ ମହୋତ୍ସବ ସମ୍ପର୍କରେ କହିଥିଲେ। ଅଞ୍ଜଳିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ମୁଖ୍ୟ ସଂଯୋଜକ ଡ. ଶ୍ରୁତି ମହାପାତ୍ର କହିଲେ, ଅଞ୍ଜଳି ହେଉଛି ଭାରତର ପ୍ରଥମ ତଥା ଏକମାତ୍ର ଅନ୍ତର୍ଜାତୀୟ ଶିଶୁ ଏବଂ ଯୁବ ମହୋତ୍ସବ, ଯାହା ଦିବ୍ୟାଙ୍ଗ ପିଲାମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇବା ସହିତ, ସେମାନଙ୍କ ଅନ୍ତର୍ନିହିତ ଗୁଣାବଳିର ପ୍ରଦର୍ଶନ, ବିକାଶ ଏବଂ ବାଲ୍ୟକାଳ ପୁନରୁଦ୍ଧାର ପାଇଁ ଲକ୍ଷ୍ୟ ରଖିଛି। ଏହି ଅବସରରେ ରଶ୍ମିରେଖା ସାହୁ, ଆଦ୍ୟାଶା ସାହୁ ଏବଂ କିରଣ ବେହେରାଙ୍କ ଦ୍ୱାରା ସମସାମୟିକ ନୃତ୍ୟ, ପାର୍ଥ ସାରଥୀ ନାୟକଙ୍କ ଦ୍ୱାରା ବଲିଉଡ୍ ନୃତ୍ୟ ପରିବେଷଣ ହୋଇଥିଲା। ବିଭିନ୍ନ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ କମନୱେଲ୍‌ଥ ଭିନ୍ନକ୍ଷମ ପିପୁଲ୍ସ ଫୋରମର ଚେୟାରମ୍ୟାନ ସାରା ମୁଥୋନି କୁମାଉ ଯୋଗଦେଇ ସ୍ୱାଭିମାନ ପରିବାରକୁ ଧନ୍ୟବାଦ ଦେଇଥିଲେ। ତନ୍ମୟୀ ସାହୁ ସଭା ପରିଚାଳନା କରିଥିବାବେଳେ କୋଷାଧ୍ୟକ୍ଷ ମିହିର ମହାନ୍ତି ସହଯୋଗ କରିଥିଲେ।

### ଜିଲା ଆଇନସେବା ପ୍ରାଧିକରଣ ଟିମ୍‌ର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ବାରଙ୍ଗ,୨୨।୧୧(ଡି.ଏନ୍.ଏ.): ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ବାସ୍ତବ ଚିତ୍ର ପରଖିବା ପାଇଁ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ୪ଜଣିଆ ଟିମ୍ ଗଠନ କରାଯାଇଛି। ତେବେ ଏହି ଟିମ୍ ଜିଲାରେ ପ୍ରଥମକରି ସୋମବାର ବାରଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଚାନକ ପରିଦର୍ଶନ କରିଥିଲେ। ଏହି ସମୟରେ କେନ୍ଦ୍ର ମୁଖ୍ୟ ଡାକ୍ତର, ଆୟୁଷ ଡାକ୍ତର, ଡ୍ରେସିଂ କର୍ମଚାରୀ ପ୍ରମୁଖ ଅନୁପସ୍ଥିତ ଥିଲେ। ଉକ୍ତ ଟିମ୍ ଅଚାନକ ଯାଞ୍ଚ ସମୟରେ ଡାକ୍ତରଙ୍କ ଅନୁପସ୍ଥିତିରେ ଫାର୍ମାସିଷ୍ଟ ରୋଗୀଙ୍କୁ ଦେଖୁଥିବା ଦେଖି ଟିମ୍ ଅସନ୍ତୁଷ୍ଟ ହୋଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ, ପରିମଳ, ପରିସ୍ରାଗାର ଓ ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଯଥେଷ୍ଟ ଡ୍ରଗ୍ସ, ରୋଗୀ ପ୍ରତୀକ୍ଷାଳୟ ଗୃହ, ସରଞ୍ଜାମ ଆଦି ଅନେକ ଦିଗପ୍ରତି ଉକ୍ତ ଟିମ୍ ଯାଞ୍ଚ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଯୋଗ ପାଇଁ ରହିଥିବା ସୁବିଧା, ସଂଯୋଗ ରାସ୍ତା ଓ ସାଧାରଣ ପରିବହନ ବ୍ୟବସ୍ଥା, ଜରୁରୀ ସ୍ଥିତିରେ ମୁକାବିଲା କରିବା ପାଇଁ ସାମର୍ଥ୍ୟ, ଟେଲିଫୋନ, ଇଣ୍ଟରନେଟ ସୁବିଧା, ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଆଦି ବିଷୟରେ ଅନୁଧାନ କରି ଏହାର ଭିଡିଓ ଗ୍ରାଫି କରିଥିଲେ। ସେହିପରି ପୂର୍ବରୁ ଗର୍ଭବତୀଙ୍କ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଜନନୀ ଏକ୍ସପ୍ରେସ ଗାଡ଼ି ଉପଲବ୍ଧ ରହିଥିଲା। ହେଲେ ଦୀର୍ଘ ଦିନ ହେବ ସ୍ୱାସ୍ଥ୍ୟକେନ୍ଦ୍ରରେ ଉକ୍ତ ଗାଡିଟିର ଦେଖା ମିଳୁ ନ ଥିବା ରୋଗୀମାନେ ଟିମ୍‌କୁ କହିଥିଲେ।

## ବିଏମ୍‌ସି ଏସ୍‌ୟୁଏଚ୍‌ର ବୃଦ୍ଧାବୃଦ୍ଧଙ୍କୁ ପୁନଃ ଥଇଥାନ ଆରମ୍ଭ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳର ବିଭିନ୍ନ ଆଶ୍ରୟସ୍ଥଳ(ଏସୟୁଏଚ)ରେ ଥିବା ବୃଦ୍ଧାବୃଦ୍ଧଙ୍କୁ ବୃଦ୍ଧାଶ୍ରମରେ ପୁନଃଥଇଥାନ ପ୍ରକ୍ରିୟା ଆରମ୍ଭ ହୋଇଛି। ନିରାଶ୍ରିତଙ୍କୁ ସ୍ଥାନାନ୍ତର ପାଇଁ ଖୋର୍ଦ୍ଧା ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ତଦ୍‌ନୁଯାୟୀ ପ୍ରଥମେ ସୋମବାର ଗଙ୍ଗାନଗର ଏସ୍‌ୟୁଏଚ୍‌ରୁ ସ୍ଥାନାନ୍ତର ଆରମ୍ଭ ହୋଇଛି। ସରକାରଙ୍କ ଅଧୀନରେ ବୃଦ୍ଧାଶ୍ରମ ପ୍ରକଳ୍ପ ଚଳାଉଥିବା ଦୁଇଟି ଏନ୍‌ଜିଓ କାର୍ଡସ୍ ଏବଂ ଭିଜେଏସ୍‌ଏସ୍ ନିର୍ଦ୍ଦେଶାବଳୀ ଅନୁଯାୟୀ ଏସ୍‌ୟୁଏଚ୍‌ରୁ ବୃଦ୍ଧାବୃଦ୍ଧଙ୍କୁ ଗ୍ରହଣ କରିଛନ୍ତି। ଭିଜେଏସ୍‌ଏସ୍ ୧୩ଜଣ ଓ କାର୍ଡସ୍ ୩ ଜଣ ବୃଦ୍ଧାବୃଦ୍ଧଙ୍କୁ ଗ୍ରହଣ କରିଛି। ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀଙ୍କ ଚିଠି ଅନୁଯାୟୀ, ବିଏମ୍‌ସି ଏସ୍‌ୟୁଏଚ୍‌ରେ ଅଛନ୍ତି, ଯେଉଁମାନଙ୍କୁ ଯତ୍ନ ଓ ସୁରକ୍ଷାର ଆବଶ୍ୟକତା ରହିଛି।




ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିସ୍ ୱାର୍କର୍ସ ଆସୋସିଏସନ ଏକାମ୍ର ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ଭୁବନେଶ୍ୱରସ୍ଥିତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି।

## ଭୁବନେଶ୍ୱରରେ ଆଲେନ ଗ୍ଲୋବାଲ ଷ୍ଟଡିଜ ସେଣ୍ଟର

ଭୁବନେଶ୍ୱର,୨୨।୧୧

ମେଡିକାଲ ଓ ଇଞ୍ଜିନିୟରିଂ ଭଳି ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷା ପାଇଁ କୋଚିଂ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ଆଲେନ। ଓଡିଶାର ପିଲାଙ୍କ ଚାହିଦା ଓ ଅତ୍ୟାଧୁନିକ ପ୍ରବେଶିକା ପ୍ରସ୍ତୁତି ପାଇଁ ଭୁବନେଶ୍ୱରରେ ଆଲେନ୍ ଗ୍ଲୋବାଲ ଷ୍ଟଡିଜ୍ ସେଣ୍ଟରର ଶୁଭାରମ୍ଭ କରାଯାଇଛି। ସୋମବାର ସ୍ଥାନୀୟ ମୈତ୍ରୀ ବିହାରଠାରେ ଅବସ୍ଥିତ ଇନଷ୍ଟିଚ୍ୟୁଟର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଉକ୍ତ ସେଣ୍ଟରର ଉଦ୍‌ଘାଟନ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଜେଇଇ-ଆଡଭାନ୍ସର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସମାରୋହର ଆୟୋଜନ କରାଯାଇଥିଲା। ଏକ ନୂଆ ଆଶା ଓ ଭରସା ନେଇ ଗତ ୨ବର୍ଷ ତଳେ ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ୍ ଭୁବନେଶ୍ୱରରେ ପ୍ରତିଷ୍ଠା ହୋଇଥିଲା। ଇତିମଧ୍ୟରେ ଇନଷ୍ଟିଚ୍ୟୁଟ ଉଭୟ ଛାତ୍ର ଏବଂ ଅଭିଭାବକଙ୍କ ମଧ୍ୟରେ ଏକ ଭିନ୍ନ ଚିତ୍ର ସୃଷ୍ଟି କରିପାରିଛି। ନିକଟରେ ପ୍ରକାଶ ପାଇଥିବା ଚଳିତ ବର୍ଷର ଜେଇଇ ଆଡଭାନ୍ସର ଫଳାଫଳରେ ଆଲେନ୍ ଛାତ୍ର ଓମ୍ ଅଗ୍ରୱାଲ (କୋଟା ସେଣ୍ଟର) ସର୍ବ ଭାରତୀୟ ସ୍ତରରେ ୪୩ ତମ ର୍‍ୟାଙ୍କ୍‌ରେ ରହିଛନ୍ତି। ଏହି ଅବସରରେ ଆଲେନ୍ ଗ୍ଲୋବାଲ ଷ୍ଟଡିଜ୍ ଡିଭିଜନ୍‌ର ପରିଚାଳନା ନିର୍ଦ୍ଦେଶକ ଏବଂ ହୋଲ ଟାଇମ୍ ଏକ୍ସିକ୍ୟୁଟିଭ କେଶବ ମାହେଶ୍ୱରୀ, ଆଲେନ୍‌ର ଭାଇସ୍ ପ୍ରେସିଡେଣ୍ଟ ପଙ୍କଜ ବିର୍ଲା ଏବଂ ଆଲେନ୍ ଭୁବନେଶ୍ୱରର ଶାଖା ମୁଖ୍ୟ ଅନୁରାଗ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଲେନ୍ ଓଡିଶାର ଛାତ୍ରୀଛାତ୍ରଙ୍କୁ ଉନ୍ନତ ମାନର ଶିକ୍ଷା ପ୍ରଦାନ କରିବା ସହ ରାଜ୍ୟରେ ଗୁଣାତ୍ମକ ଶିକ୍ଷାର ଅଭାବକୁ ଦୂର କରି ଏକ ସମାଧାନର ରାସ୍ତା ବାହାର କରିପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭୁବନେଶ୍ୱରରେ ଏହି ସେଣ୍ଟର ଆରମ୍ଭ ହେବା ଫଳରେ ଛାତ୍ରୀଛାତ୍ରମାନେ ଅନ୍ତର୍ଜାତୀୟ ସ୍ତରର ବିଶ୍ୱବିଦ୍ୟାଳୟ ତଥା ଶିକ୍ଷାନୁଷ୍ଠାନରେ ପ୍ରବେଶିକା ପରୀକ୍ଷା ପାଇଁ ଆବଶ୍ୟକ ପ୍ରସ୍ତୁତି କରିପାରିବେ। ଶେଷରେ ଓମ୍ ଅଗ୍ରୱାଲଙ୍କ ସମେତ ଅନ୍ୟ କୃତି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବର୍ତ୍ତମାନର ଛାତ୍ରୀଛାତ୍ରଙ୍କ ସହିତ ଅଭିଭାବକ ଓ ଆଲେନର ଅଧ୍ୟାପକମାନେ ଏବଂ କର୍ମଚାରୀ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ।

## ମଣିଷକୁ ପ୍ରକୃତି ସହ ସୁସମ୍ପର୍କରେ ବଞ୍ଚିବାକୁ ପଡ଼ିବ

### ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଉଦ୍‌ଯାପିତ




କଟକ ଅଫିସ,୨୨।୧୧

ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସର ୨୨ତମ ଅଧିବେଶନର ଉଦ୍‌ଯାପନୀ ଉତ୍ସବ ରବିବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପରିବେଶ ସମିତି ଏବଂ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଆୟୋଜିତ ଏହି ଅଧିବେଶନର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବୈଷ୍ଣବ ଚରଣ ତ୍ରିପାଠୀ ଯୋଗଦେଇ ଶିଳ୍ପ ବିପ୍ଲବ ପରେ ପୃଥିବୀର ପ୍ରାକୃତିକ ପରିସଂସ୍ଥାର ଦୃଶ୍ୟ କିପରି ପରିବର୍ତ୍ତିତ ହୋଇଛି ଏବଂ ମଣିଷର ନକାରାତ୍ମକ ପ୍ରଭାବ ବିସ୍ତାର ହୋଇଛି ସେ ନେଇ ଆଲୋକପାତ କରିଥିଲେ। ଏଥିସହ ମଣିଷମାନଙ୍କୁ ପ୍ରକୃତି ସହିତ ସୁସମ୍ପର୍କରେ ବଞ୍ଚିବାର ମାନସିକତା ଗ୍ରହଣ କରିବାକୁ ପଡ଼ିବ ଏବଂ ବୈଜ୍ଞାନିକ ଅନୁସନ୍ଧାନର ଫଳାଫଳକୁ ମାନବଜାତିର ଉନ୍ନତି ସାଧନ ତଥା ପରିବେଶର ଗୁଣବତ୍ତା ସୁରକ୍ଷାରେ ବିନିଯୋଗ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବାସା ଯୋଗଦେଇ କହିଥିଲେ, ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ଅପବ୍ୟବହାର ସମାଜରେ ତଥା ପ୍ରକୃତିରେ ଅନେକ ସମସ୍ୟା ସୃଷ୍ଟିର କାରଣ ହୋଇଛି। ବୈଜ୍ଞାନିକମାନେ ସୃଜନଶୀଳ ଭାବରେ ଚିନ୍ତା କରିବା ଆବଶ୍ୟକ। ସାମ୍ପ୍ରତିକ ସମସ୍ୟାର ସମାଧାନ କିପରି କରିହେବ ଏବଂ ଏଥିନିମନ୍ତେ ସମ୍ମିଳିତ ଉଦ୍ୟମ କିପରି କାର୍ଯ୍ୟକାରୀ ହୋଇପାରିବ ବୋଲି ସେନେଇ ଉଦ୍ୟମ କରାଯିବା ଉଚିତ। ଏଥିସହ ବିଶ୍ୱବିଦ୍ୟାଳୟର ଆର୍ ଆଣ୍ଡ ଡି ମୁଖ୍ୟ ପ୍ରଫେସର ସ୍ମୃତିପ୍ରଭା ଦାସ ବିଜ୍ଞାନ ଓ ପରିବେଶ କଂଗ୍ରେସର ପଦକ୍ଷେପକୁ ପ୍ରଶଂସା କରି କହିଥିଲେ, ଏହି ପ୍ଲାଟଫର୍ମ ରାଜ୍ୟର ଯୁବ ଗବେଷକମାନଙ୍କୁ ସେମାନଙ୍କ ସାମର୍ଥ୍ୟକୁ ମଜଭୁତ କରିବାକୁ ସୁଯୋଗ ଦେବା ସହିତ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପରବର୍ତ୍ତୀ ମାନ୍ୟତା ହାସଲ ନିମନ୍ତେ ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି ସେ ପ୍ରକାଶ କରିଥିଲେ। ଏହି ଉତ୍ସବରେ ପ୍ରଫେସର ଲୁନା ସାମନ୍ତ, ପରିବେଶ ସମିତିର ଉପାଧ୍ୟକ୍ଷ ଡ. ଲାଲା ଏ.କେ. ସିଂହ, ଡ. ସଂଘମିତ୍ରା ପତି, ପ୍ରଫେସର ହରିବନ୍ଧୁ ପଣ୍ଡା, ପ୍ରଫେସର ପଙ୍କଜ କୁମାର ସା, ଡ. ନିବେଦିତା ଜେନା, ଡ. ଅମରେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କଂଗ୍ରେସର ଆବାହକ ଡ. ଜୟକୃଷ୍ଣ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ଚିରସ୍ଥାୟୀ ଉଦ୍ୟୋଗୀକରଣ ପାଇଁ ଅତ୍ୟାଧୁନିକ କୃଷି ବ୍ୟବସ୍ଥାର ପ୍ରୟୋଗଶାଳା

ଭୁବନେଶ୍ୱର,୨୧।୧୧ (ବ୍ୟୁରୋ)

ପରିସରରେ ଚିରସ୍ଥାୟୀ ଉଦ୍ୟୋଗୀକରଣ ପାଇଁ ଅତ୍ୟାଧୁନିକ କୃଷି ବ୍ୟବସ୍ଥା ସମ୍ପର୍କିତ ଏକ ରାଜ୍ୟସ୍ତରୀୟ କର୍ମଶାଳା ଗତ ରବିବାର ଓୟୁଏଟିସ୍ଥିତ ଇମେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ହେଉଥିବା କୃଷି ଭିତ୍ତିକ ଯୋଜନା, କୃଷି କ୍ଷେତ୍ରରେ ଚିରସ୍ଥାୟୀ ଉଦ୍ୟୋଗୀକରଣ ସମ୍ପର୍କରେ କୃଷି ଓ ସଶକ୍ତିକରଣ ବିଭାଗର କମିଶନର ତଥା ସୁରେଶ କୁମାର ବରିଷ୍ଠ ଆଲୋଚନା କରିଥିଲେ। ରୋଟାରିଆନ୍ ମନ୍ମଥ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା। କର୍ମଶାଳାର ଏପିକଲ୍‌ଚର ପରିଚାଳନା ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ରାଉଳ, ଭୁବନେଶ୍ୱର ରୋଟାରୀ କ୍ଲବ ହେରିଟେଜ୍‌ର ସଭାପତି ରୋଟାରିଆନ୍ ପି.ସି ଦାସ, ପରିଚାଳନା କମିଟି ଅଧ୍ୟକ୍ଷ ଆଶୁତୋଷ ସରକାର, ଆଇକାଡାର ଡ. ନିଗମାନନ୍ଦ ସ୍ୱାଇଁ, ଜଙ୍ଗଲ ଭିତ୍ତିକ କୃଷି ପ୍ରକଳ୍ପ ଅଧିକାରୀ ଡ. ରାଜେନ୍ଦ୍ର ଚୌଧୁରୀ ପ୍ରମୁଖଙ୍କ ସମେତ ଓୟୁଏଟିର ବୈଜ୍ଞାନିକ, ଛାତ୍ରୀଛାତ୍ର, ପୁରୀ ଓ କଟକ ଜିଲାର ସଫଳ କୃଷି ଉଦ୍ୟୋଗୀ ପ୍ରମୁଖ ଉପସ୍ଥିତ ଥିଲେ।

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank (Together for the better)
Oriental United

ମଣ୍ଡଳ କାର୍ଯ୍ୟାଳୟ : ଶିବ ଆର୍କେଡ, ୨ୟ ମହଲା, ଟାଟା ବେଞ୍ଚ ସ୍କୋୟାର, ବ୍ରହ୍ମପୁର, ପିନ୍-୭୬୦୦୦୫, ଜିଲ୍ଲା: ଗଞ୍ଜାମ, ଓଡ଼ିଶା
ଇ-ମେଲ୍: cobhm@pnb.co.in

ଅଫିସ୍ ନିମନ୍ତେ ଗୃହ ଆବଶ୍ୟକ

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ନିମ୍ନଲିଖିତ ସ୍ଥାନରେ ନୂତନ ଶାଖାଗୁଡିକ ନିମନ୍ତେ ବ୍ୟବସାୟିକ ଗୃହ ଆବଶ୍ୟକ ହେତୁ ୨ଟି ବିଡ୍ ବ୍ୟବସ୍ଥା ମାଧ୍ୟମରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି । ତଳ ମହଲା ଗୃହ ପସନ୍ଦଯୋଗ୍ୟ।

| ସ୍ଥାନ | ଜିଲ୍ଲା | ଆନୁମାନିକ ଏରିଆ (ବର୍ଗଫୁଟ) |
|---|---|---|
| ବୁଗୁଡା | ଗଞ୍ଜାମ | ୧୧୩୦ ବର୍ଗଫୁଟ |
| ମୁନିଗୁଡା | ରାୟଗଡା | ୧୧୩୦ ବର୍ଗଫୁଟ |
| ଜୟପାଟଣା | କଳାହାଣ୍ଡି | ୧୧୩୦ ବର୍ଗଫୁଟ |
| ରାଜସୁନାଖଳା | ନୟାଗଡ଼ | ୧୦୧୦ ବର୍ଗଫୁଟ |

ଦ୍ରଷ୍ଟବ୍ୟ- ଫାଇନାନ୍‌ସିଆଲ ବିଡ୍ ଏବଂ ଟେକ୍ନିକାଲ୍ ବିଡ୍ ପୃଥକ ମୁଦ ଲଫାପା ମାଧ୍ୟମରେ ପଠାଇବା ଆବଶ୍ୟକ। ଲଫାପା ଉପରେ "ମଣ୍ଡଳ କାର୍ଯ୍ୟାଳୟ, ବ୍ରହ୍ମପୁର" ସହିତ ଫାଇନାନ୍‌ସିଆଲ୍ ବିଡ୍ / ଟେକ୍ନିକାଲ୍ ବିଡ୍" ଉଲ୍ଲେଖ ରହିବା ଆବଶ୍ୟକ। ଦରଖାସ୍ତ ଫର୍ମ ଆମର କାର୍ଯ୍ୟାଳୟ ୱେବ୍‌ସାଇଟ୍ www.pnbindia.in (Tender/ Empanelment)ରୁ ଡାଉନ୍‌ଲୋଡ୍ କରିପାରିବେ କିମ୍ବା ମଣ୍ଡଳ କାର୍ଯ୍ୟାଳୟ, ବ୍ରହ୍ମପୁରରୁ ସଂଗ୍ରହ କରିପାରିବେ ଏବଂ ସମସ୍ତ ଦିଗରୁ ସମ୍ପୂର୍ଣ୍ଣଭାବେ ପୂରଣ ହୋଇଥିବା ଦରଖାସ୍ତ ମଣ୍ଡଳ କାର୍ଯ୍ୟାଳୟ, ବ୍ରହ୍ମପୁରରେ ତା. ୦୬.୧୨.୨୦୨୧ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ପହଁଞ୍ଚିବା ଆବଶ୍ୟକ। ବ୍ୟାଙ୍କ କୌଣସି କାରଣ ନଦର୍ଶାଇ କୌଣସି କିମ୍ବା ସମସ୍ତ ପ୍ରାପ୍ତ ପ୍ରସ୍ତାବକୁ ନାକଚ / ଗ୍ରହଣ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି ।
ମୁଖ୍ୟ ପ୍ରବନ୍ଧକ

## ରାଜଧାନୀବାସୀଙ୍କଠାରୁ ୟୁଜର୍ସ ଫି' ଆଦାୟ କରୁଛନ୍ତି ଘରୋଇ ସଂସ୍ଥା

- ■କାରଣ ଦର୍ଶାଅ ନୋଟିସ ଜାରି
- ■କେବଳ ବିଏମ୍‌ସିକୁ ଫି' ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୨।୧୧ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳର ଲୋକମାନେ ନିୟମିତ ଭାବେ ୟୁଜର୍ସ ଫି' ଦେବା ପାଇଁ ନଗର ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହାର ସୁଯୋଗ ନେଇ କେତେକ ଘରୋଇ ସଂସ୍ଥା ଲୋକଙ୍କ ଠାରୁ ୟୁଜର୍ସ ଫି' ଆଦାୟ କରୁଛନ୍ତି। ଏନେଇ ସୂଚନା ମିଳିବା ପରେ ସମ୍ପୃକ୍ତ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି କରିବା ପାଇଁ ବିଏମ୍‌ସି କମିଶନର ନିର୍ଦ୍ଦେଶ ଦେଇଛନ୍ତି। ବିଏମ୍‌ସିରେ ପରିମଳ ସେବା ଯୋଗାଉଥିବା ଚୁକ୍ତିଭିତ୍ତିକ ସଂସ୍ଥା ନାଗରିକ ଏବଂ ଅନୁଷ୍ଠାନଗୁଡ଼ିକଠାରୁ ୟୁଜର୍ସ ଫି' ଆଦାୟ କରୁଥିବା ନଜରକୁ ଆସିବା ପରେ ବିଏମ୍‌ସି ତତ୍ପର ହୋଇଉଠିଛି। ସାଧାରଣ ନାଗରିକ ଦେଉଥିବା ୟୁଜର ଫି ଯେପରି ବିଏମ୍‌ସିକୁ ମିଳିବ ସେଥିପାଇଁ ସଚେତନ କରାଯାଉଛି। ନାଗରିକମାନେ ଯେପରି ବିଏମ୍‌ସି ବ୍ୟତୀତ ଅନ୍ୟ କୌଣସି ଘରୋଇ ସଂସ୍ଥାକୁ ୟୁଜର୍ସ ଫି' ନ ଦିଅନ୍ତି ସେଥିପ୍ରତି ଦୃଷ୍ଟି ଦିଆଯାଉଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ସହରରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସେବା ଯୋଗାଇ ଦିଆଯାଉଥିବାରୁ ବ୍ୟବହାରକାରୀଙ୍କଠାରୁ ୟୁଜର୍ସ ଫି' ଆଦାୟ କରିବାକୁ ବିଏମ୍‌ସି ପକ୍ଷରୁ ଗତ ୨୦୧୯ ଅକ୍ଟୋବର ୧୮ରେ ନୋଟିସ୍ ଜାରି କରାଯାଇଥିଲା। ଏହାକୁ ଦୋହରାଇବା ସହ ନାଗରିକ ଏବଂ ବର୍ଜ୍ୟ ଉତ୍ପନ୍ନକାରୀ ସଂସ୍ଥାଗୁଡିକୁ ଅବଗତ କରାଇବା ଉଦ୍ଦେଶ୍ୟରେ ବିଏମ୍‌ସି ପକ୍ଷରୁ ନୂତନ ବିଜ୍ଞପ୍ତି ଜାରି କରାଯାଇଛି। ମ୍ୟୁନିସିପାଲ୍ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ-୨୦୧୮ର ଅଧ୍ୟାୟ ୧୩ (XIII)ରେ ୟୁଜର୍ସ ଫି ଆଦାୟ ବାବଦରେ କୁହାଯାଇଛି। ଏହା ଅନୁଯାୟୀ ବିଏମ୍‌ସି ବର୍ଜ୍ୟ ଉତ୍ପନ୍ନକାରୀଙ୍କୁ ସେବା ଯୋଗାଇବା ବାବଦରେ ଉକ୍ତ ଅଧିନିୟମର ତାଲିକା-୫ରେ ଥିବା ପ୍ରଦତ୍ତ ଦର ଏବଂ ଏହାର ସମୟାନୁକ୍ରମିକ ସଂଶୋଧନ ଅନୁସାରେ ୟୁଜର୍ସ ଫି ଆଦାୟ କରିବେ।

PUBLIC NOTICE

The public in general and film trade in particular are hereby requested to take note that our clients are in the process of acquiring the following rights in the Film as more particularly given in the table below (a) Exclusive Linear and Non Liner Rights for distribution and redistribution via any and all means including but not limited to through satellite, cable, DTH, IPTV, terrestrial, internet, mobile etc., (b) Catch up TV rights, (c) Syndication Rights for rights granted, (d) Sub-tiling rights in all languages, (e) Dubbing rights in all languages, (f) All other rights not specifically mentioned herein(Collectively referred to as the "Rights"): for multiple telecasts for the territory of the entire world for perpetual term, commencing from the Start Date as detailed herein below:

| Sr. No. | Film | Star Cast | Language Granted | Term |
|---|---|---|---|---|
| 1 | Jor Ka Jhatka | Deepak, Pinky, Hari har Mohapatra, Pragyan, Guddu, Mihir Das, Trupti Sinha, Sritam Das, Prativa Panda, Sankar & Pradyumna Lenka | Odia | 20th November, 2021 to Perpetuity |
| 2 | Akhi Bujideli Tu | Pupindarr, Dipika, Jyotirmayee Bal, Samresh Routray, George Tiadi, Gudu, Suman, Jiban Panda, Late Rabi Mishra | Odia | 20th November, 2021 to Perpetuity |
| 3 | Pratyaghat | Ankit Kumar, Prakuti Mishra, Chinmay Mishra, Chiranjib Biswal, Sonam Dash, Biju Badajena, Khusi Kishore, Raja & Premanjan Parida | Odia | 20th November, 2021 to Perpetuity |

The Films are free from any encumbrances, claims or demands, whatsoever. However, should any person(s) have claim against, to, or in respect of the Film mentioned herein above whether by way of any sale, license, assignment or otherwise, such person(s) are hereby required to make the same known in writing to us at our office at **B-116, MITTAL TOWERS, NARIMAN POINT, MUMBAI – 400 021,** within ten (10) days from the date of publication hereof, failing which the transaction will be completed without reference to such claim and the same, if any, will be deemed to have been waived.

**Place: Mumbai**
**Date:**

**From:**
**Naik Naik& Co., B-116, Mittal Towers, Nariman Point, Mumbai 400 021**

GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA WORKS DEPARTMENT**
E-mail: rbcirclekhurda@gmail.com
**1st Corrigendum to Tender Call Notice**
**Bid Identification No.CCE-Khordha (R&B) Circle-08/2021-22 dt.06.11.2021**
No. B-645:- The following changes are made in respect of the Bid Identification No. CCE-Khordha (R&B) Circle-08/2021-22.
1) Date and Time of sale and receipt of Bids: From 10.00 AM of Dt. 26.11.2021, to 5.00 PM of Dt. 07.12.2021 instead of from 10.00 AM of dt 15.11.2021 to 05.00 PM of dt 29.11.2021.
2) Last Date for Submission of Bid: 5.00PM of Dt. 07.12.2021 instead of from 05.00 PM of dt 29.11.2021.
3) Date of Opening of the Bid: 11.30 AM of 08.12.2021 instead of from 11.30 AM of dt 30.11.2021.
The other terms & conditions stipulated in the Original tender call notice for all other works remain unchanged.
Sd./- Er. A.K. Satapathy, Chief Construction Engineer, Khordha (R&B) Circle, Khordha
OIPR-34127/11/0010/2122

**OFFICE OF THE SUPERINTENDING ENGINEER**
**GHATAGAON (R&B) DIVISION, GHATAGAON - 758027 (ODISHA)**
Email ID: eeghatagaon2015@gmail.com, Phone No. 06733-299903
**1st Corrigendum to Bid Id No. S.E., GTN (R&B) - 11/2021-22**
Letter No. 6366 Dt.18.11.2021
No. B-653: The date & time of availability of bids in portal, last date/ time for receipt of bids & opening of Bid for the work "Construction of Mission Shakti Bhawan (Block Level) at Hatadihi Block in the distirct of Keonjhar for the year 2021-22" vide bid identification No. S.E., GTN (R&B) - 11/2021-22 and Tender ID: 2021_EICCL_72586_1 are hereby modified as follows.
1. Availability of bid document in portal - From 11.30 A.M. of 23.11.2021 to 5 P.M. of 29.11.2021.
2. Last date/time for receipt bids in portal - 5 P.M. of 29.11.2021.
3. Date of Opening of Bids - 11.00 A.M. of 30.11.2021.
All other terms & conditions remain unchanged.
Sd./- Superintending Engineer
Ghatagaon (R&B) Division
OIPR-34140/11/0008/2122